# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 114 | ଭାଗ ୩୩ | ସଂଖ୍ୟା ୧୧୪ | Bhubaneswar | Tuesday 15 July 2025 | Page 8 Rs. 4.00 | ● ଭୁବନେଶ୍ୱର ମଙ୍ଗଳବାର ୧୫ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା




ସିନ୍ନର ଜିତିଲେ ୱିମ୍ବଲଡନ୍ ଓପନ୍ ପୃଷ୍ଠା ୬

▶ ଡବଲ୍ ଲଘୁଚାପ ପରେ ଆଇଏମ୍‌ଡିର ଚେତାବନୀ

## ବଢ଼ିବ ୪ ନଦୀ ଜଳ ସ୍ତର, ବନ୍ୟା ଆଶଙ୍କା



ନୂଆଦିଲ୍ଲୀ,୧୪।୭(ସଂଚାର ବ୍ୟୁରୋ): ଗତ କିଛିଦିନ ହେଲା ରାଜ୍ୟରେ ଲଘୁଚାପଜନିତ ବର୍ଷା ଜାରି ରହିଥିବା ବେଳେ ବିଭିନ୍ନ ନଦୀର ଜଳ ସ୍ତର କ୍ରମଶଃ ବଢ଼ିବାରେ ଲାଗିଛି। ଏପରି ସ୍ଥିତିରେ ଆଗକୁ ଆହୁରି ଦୁଇଟି ଲଘୁଚାପ ସୃଷ୍ଟି ନେଇ ପୂର୍ବାନୁମାନ କରାଯାଇଥିବାରୁ ଏହା ରାଜ୍ୟରେ ବନ୍ୟା ସ୍ଥିତି ସୃଷ୍ଟି କରିବାର ସମ୍ଭାବନା ପ୍ରକଟ କରିଛି ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି)। ବିଭାଗର ମହାନିର୍ଦ୍ଦେଶକ ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି ଯେ ଲଘୁଚାପ ପ୍ରଭାବରେ ଆସନ୍ତାକାଲି ରାଜ୍ୟର ପଶ୍ଚିମାଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ। ଆଜି ଉତ୍ତର ଓଡ଼ିଶାର ଅନେକ ସ୍ଥାନରେ ବର୍ଷା ହୋଇଛି। ଏପରିକି କେତେକ ସ୍ଥାନରେ ୨୦ ସେମିରୁ ଅଧିକ ବର୍ଷା ହେବାର ସମ୍ଭାବନା ରହିଛି। ଫଳସ୍ୱରୂପ ବିଭିନ୍ନ ନଦୀର ଜଳ ସ୍ତର ବଢ଼ିବା ସହ କେତେକ ସ୍ଥାନରେ ବନ୍ୟା ସ୍ଥିତି ସୃଷ୍ଟି ହେବା ଏକରକମ ନିଶ୍ଚିତ ବୋଲି ଶ୍ରୀ ମହାପାତ୍ର କହିଛନ୍ତି। ବିଶେଷକରି ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ମହାନଦୀ ଓ ବ୍ରାହ୍ମଣୀ ପରି ପ୍ରମୁଖ ନଦୀରେ ବନ୍ୟା ଆଶଙ୍କା ରହିଥିବାରୁ ତଟବର୍ତ୍ତୀ ଅଞ୍ଚଳର ଲୋକମାନେ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ଏହାଛଡ଼ା ପାରାଦୀପରୁ ସମ୍ବଲପୁର ପର୍ଯ୍ୟନ୍ତ ବର୍ଷା ପ୍ରଭାବରେ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ରହିଛି। ଏପରି ➪ପୃଷ୍ଠା-୬

### ଭୁବନେଶ୍ୱର ଏମ୍ସର ସମାବର୍ତ୍ତନ ସମାରୋହରେ ରାଷ୍ଟ୍ରପତି

## ଡାକ୍ତରୀ ବୃତ୍ତି ନୁହେଁ, ଏକ ବ୍ରତ

- ଏମ୍ସର ସଫଳତାରେ ଖୁସି ପ୍ରକଟ କଲେ
- ମେଦବହୁଳତାର ବ୍ୟାପକତା ନେଇ ଉଦ୍‌ବେଗ
- ସୁସ୍ଥ ଜୀବନଶୈଳୀ ପାଇଁ ସଚେତନତା ଜରୁରୀ
- ଆଦିବାସୀଙ୍କ ଚିକିତ୍ସା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱର ଏମ୍ସର ପଞ୍ଚମ ସମାବର୍ତ୍ତନ ସମାରୋହରେ ଯୋଗଦେଇଥିଲେ। ସମାରୋହରେ ଉଦବୋଧନ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଡାକ୍ତରୀ ପେସା ଏକ ବୃତ୍ତି ନୁହେଁ, ଏହା ଏକ ବ୍ରତ। ଜଣେ ଡାକ୍ତର ନିଜର ଡ୍ୟୁଟିକୁ ୧୦ରୁ ୫ ଭିତରେ ସୀମିତ ରଖିଲେ ଚଳିବ ନାହିଁ। ତାଙ୍କୁ ଅହର୍ନିଶି କାମ କରିବାକୁ ପଡ଼ିବ। ଆଉ ଏଥିରୁ ସେମାନଙ୍କୁ ଯେଉଁ ଆତ୍ମସନ୍ତୋଷ ମିଳିବ, ତାହା ଅନନ୍ୟ। ତା'ଛଡ଼ା ଗାଁଗହଳିରେ ଲୋକମାନେ ଡାକ୍ତରଙ୍କୁ ଭଗବାନ ବୋଲି ମାନନ୍ତି। ତେଣୁ ଡାକ୍ତରମାନେ ସେମାନଙ୍କ ବିଶ୍ୱାସଭାଜନ ହେବା ଦରକାର ବୋଲି ରାଷ୍ଟ୍ରପତି କହିଛନ୍ତି। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ଏବଂ ସ୍ୱର୍ଣ୍ଣ ପଦକ ରାଷ୍ଟ୍ରପତି ପ୍ରଦାନ କରିଥିଲେ। ଏହି ଅବସରରେ ସେ କହିଥିଲେଯେ ଗତ ୧୨ ବର୍ଷ ମଧ୍ୟରେ ଏମ୍ସ ଭୁବନେଶ୍ୱର ଉଲ୍ଲେଖନୀୟ ପ୍ରଗତି ହାସଲ କରିବା ଖୁସିର ବିଷୟ। ରୋଗୀ ସେବା, ସ୍ୱାସ୍ଥ୍ୟଗତ ଗବେଷଣା କିମ୍ବା ସମାଜ ➪ପୃଷ୍ଠା-୬

### ଡାକ୍ତରୀ ଶିକ୍ଷାର ହବ ହେବ ଓଡ଼ିଶା



ଓଡ଼ିଶାକୁ ଦେଶର ଡାକ୍ତରୀ ଶିକ୍ଷାର ହବ କରିବାକୁ ଲକ୍ଷ୍ୟ ରଖିଛନ୍ତି ରାଜ୍ୟ ସରକାର। ଏଥିପାଇଁ ରାଜ୍ୟ ସରକାର ରାଜ୍ୟରେ ମେଡିକାଲ ପାଠ୍ୟକ୍ରମ, ସ୍ୱାସ୍ଥ୍ୟ ଭିତ୍ତିଭୂମି ସହ ଏ ସମ୍ବନ୍ଧୀୟ ଗବେଷଣାକୁ ଗୁରୁତ୍ୱ ଦେଉଛନ୍ତି। ଏମ୍ସ ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ➪ପୃଷ୍ଠା-୬

### କର୍ତ୍ତବ୍ୟ ପ୍ରତି ସଚେତନ ହୁଅନ୍ତୁ: ଧର୍ମେନ୍ଦ୍ର



ଡାକ୍ତରମାନେ କର୍ତ୍ତବ୍ୟ ପ୍ରତି ଅଧିକ ସଚେତନ ହେବା ଦରକାର । ଆକାଂକ୍ଷୀ ସମାଜର ଯତ୍ନ ନେବା ସହ ଓଡ଼ିଶାରେ ସେବା କରିବା ଦରକାର। ସୋମବାର ଏମ୍ସ ଭୁବନେଶ୍ୱରର ପଞ୍ଚମ ସମାବର୍ତ୍ତନ ସମାରୋହ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ➪ପୃଷ୍ଠା-୬

### ଏଫ୍‌ଏମ୍ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା

## ପୀଡ଼ିତାଙ୍କୁ ଭେଟିଲେ ରାଷ୍ଟ୍ରପତି ; ଅଧ୍ୟକ୍ଷ ଗିରଫ

▶ ରିପୋର୍ଟ ମାଗିଲେ ରାଜ୍ୟପାଳ ▶ ଅଧ୍ୟକ୍ଷଙ୍କ ଅବହେଳା ସ୍ପଷ୍ଟ: କୁଳପତି ▶ ସାଙ୍ଘାତିକ ଅଭିଯୋଗ ଆଣିଲେ ମା'





ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଆତ୍ମାହୁତି ଉଦ୍ୟମ କରିଥିବା ଛାତ୍ରୀ ଜଣଙ୍କ ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସୋମବାର ଏମସ ସମାବର୍ତ୍ତନ ଉତ୍ସବକୁ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କାର୍ଯ୍ୟକ୍ରମ ସାରି ବର୍ଣ୍ଣ ୟୁନିଟ ଯାଇ ପୀଡିତାଙ୍କୁ ଭେଟିଛନ୍ତି। ରାଷ୍ଟ୍ରପତିଙ୍କ କାର୍ଯ୍ୟକ୍ରମ ସିଡ୍ୟୁଲରେ ଏହା ନଥିବା ସତ୍ତ୍ୱେ ସେ ନିଜେ ସମୟ ବାହାର କରି ପୀଡ଼ିତାଙ୍କୁ ଭେଟିଛନ୍ତି। ଏଥିସହ ସେ ଡାକ୍ତରଙ୍କ ସହ ଆଲୋଚନା କରି ପୀଡ଼ିତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରିଛନ୍ତି। ପୀଡ଼ିତାଙ୍କ ବାପା ମା'ଙ୍କୁ ଭେଟି ସମବେଦନା ➪ପୃଷ୍ଠା-୬

### ଉତ୍ତମ ଚିକିତ୍ସା ପ୍ରାଥମିକତା: ଧର୍ମେନ୍ଦ୍ର

ଭୁବନେଶ୍ୱର: ବାଲେଶ୍ୱର ଛାତ୍ରୀ ଆତ୍ମାହୁତୀ ଘଟଣାରେ ପ୍ରତିକ୍ରିୟା ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ପୀଡିତା ଏବେ କ୍ରିଟିକାଲ କେୟାର ସେଣ୍ଟରରେ ଅଛନ୍ତି। ପୀଡ଼ିତା ପରିବାରକୁ ଭେଟି ସମବେଦନା ଦେଲି। ଡାକ୍ତରଙ୍କ ସହ ଆଲୋଚନା କଲି। ସେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ। ଏହା ହିଁ ଆମ କାମନା। ରାଜ୍ୟ ସରକାର ସଠିକ ପଦକ୍ଷେପ ନେଇଛନ୍ତି। ଏହା ଏକ ଅତି ଦୁର୍ଭାଗ୍ୟଜନକ ଘଟଣା, ଯେତେ ନିନ୍ଦା କଲେ ବି କମ୍ ହେବ। ଶିକ୍ଷକ-ଶିକ୍ଷାର୍ଥୀ ସମ୍ପର୍କରେ ଅବମୂଲ୍ୟାୟନ ହୋଇଛି, ସାମ୍ନା କରିବାକୁ ପଡ଼ିବ। ଆଗକୁ ରାଜ୍ୟ ସରକାର ଆଇନ ଅନୁସାରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ➪ପୃଷ୍ଠା-୬

### ଆଇସିସିର କାର୍ଯ୍ୟକାରିତା ନେଇ ସରକାର କଠୋର

## ୨୪ ଘଣ୍ଟାରେ ରିପୋର୍ଟ ଦାଖଲ ପାଇଁ ନିର୍ଦ୍ଦେଶ

ବାଲେଶ୍ୱର ଫକୀର ମୋହନ ମହାବିଦ୍ୟାଳୟର ବିଇଡି ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମହତ୍ୟା ଉଦ୍ୟମ କରିଥିବା ବେଳେ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏହି ଘଟଣାରେ ରାଜ୍ୟ ସରକାର ପୂର୍ବରୁ ସମ୍ପୃକ୍ତ କଲେଜର ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟଙ୍କୁ ନିଲମ୍ବନ କରିଥିବା ବେଳେ ପୁଲିସ୍ ଉଭୟଙ୍କୁ ଗିରଫ ମଧ୍ୟ କରିସାରିଛି। ଏହି ଅଘଟଣ ଉପୁଜିବାରେ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି)ର ଅବହେଳାକୁ ସବୁ ମହଲରେ ଦାୟୀ କରାଯାଉଥିବା ବେଳେ ଆଗାମୀ ଦିନରେ ଯେପରି ଏପରି ଅଘଟଣର ପୁନରାବୃତ୍ତି ନ ଘଟେ, ସେଥିପାଇଁ ସରକାର ଆଜି ଠୋସ୍ ପଦକ୍ଷେପ ନେଇଛନ୍ତି। ଆଜି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏହା ଅଧୀନରେ କାର୍ଯ୍ୟ କରୁଥିବା ସମସ୍ତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟର ଆଇସିସିର କାର୍ଯ୍ୟକାରିତା ସମ୍ବନ୍ଧରେ ୨୪ ଘଣ୍ଟା ମଧ୍ୟରେ ସବିଶେଷ ରିପୋର୍ଟ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ସମସ୍ତ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନେ ଏପରି ରିପୋର୍ଟ ଦାଖଲ ଦିଗରେ ପଦେକ୍ଷପ ନେବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହିତ ଆଇସିସିର ସମସ୍ତ ସଦସ୍ୟଙ୍କ ନାମ ଓ ଫୋନ୍ ନମ୍ବରକୁ ଉଚ୍ଚଶିକ୍ଷା ବିଭାଗ ଏଜୁକେଶନ୍ ଇନଫର୍ମେସନ୍ ମ୍ୟାନେଜ୍‌ମେଣ୍ଟ୍ ସିଷ୍ଟମ୍ (ହିମ୍ସ) ପୋର୍ଟାଲରେ ଅପଲୋଡ୍ କରିବା ସହ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସରରେ ରହିଥିବା ପ୍ରମୁଖ ସ୍ଥାନରେ ଏହାକୁ ପ୍ରଦର୍ଶିତ କରିବା ପାଇଁ ମଧ୍ୟ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ➪ପୃଷ୍ଠା-୬

> କମିଟି ସଦସ୍ୟଙ୍କ ନାମ ଓ ଫୋନ୍ ନମ୍ବର ଅପଲୋଡ୍ ହେବ
>
> ସଚେତନତା ସୃଷ୍ଟି ଉପରେ ଗୁରୁତ୍ୱ

## ବିକ୍ରି ହୋଇଗଲା ଡାକ୍ତର ବାଞ୍ଛାରୀ

- ଜମିଦାରଙ୍କ ଜମିରେ ଗଢ଼ି ଉଠିଥିଲା ଗାଁ
- ବିକିଦେଇଛନ୍ତି ଜମିଦାରଙ୍କ ଉତ୍ତରାଧିକାରୀ
- ଜିଲ୍ଲା ପ୍ରଶାସନ ଅସହାୟ



ଗଜପତି,୧୪।୭(ସଂଚାର ବ୍ୟୁରୋ): ୧୦୦ ବର୍ଷ ଧରି ତିନି ପିଢି ଧରି ୬୦ରୁ ଅଧିକ ପରିବାର ରହୁଥିବା ଗାଁ ବିକ୍ରି ହୋଇଯାଇଛି। ଗଜପତି ଜିଲ୍ଲା ଗୋଷାଣୀ ବ୍ଲକ ପର୍ଶୁରାମପୁର ମୌଜାରେ ଏମିତି ଏକ ଘଟଣା ସାରା ରାଜ୍ୟରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗଜପତି ଗୋଷାଣୀ ବ୍ଲକ୍ ପର୍ଶୁରାମପୁର ମୌଜାର ଡାକ୍ତର ବାଞ୍ଛାରୀ ଗାଁ ପ୍ରାୟ ୧୦୦ ବର୍ଷ ତଳେ ପ୍ରତିଷ୍ଠା ହୋଇଥିଲା। ଗାଁରେ ସରକାରୀ ପ୍ରାଥମିକ ସ୍କୁଲ ଅଛି, ପିଲାଙ୍କ ପାଇଁ ଅଙ୍ଗନବାଡ଼ି କେନ୍ଦ୍ର ବି ଅଛି।

କିନ୍ତୁ ଏ ପଡ଼ା ଗାଁର ମାଲିକ ଏଇ ଗ୍ରାମବାସୀ ନୁହଁନ୍ତି। ପ୍ରାୟ ୩ ପୁରୁଷ ଧରି ରହୁଥିବା ଗାଁ ଲୋକେ ଏବେ ଜାଣୁଛନ୍ତି ଯେ, ସେମାନେ ରହୁଥିବା ଗାଁ ସେମାନଙ୍କର ନୁହେଁ। ଏହା ଜଣଙ୍କର ବ୍ୟକ୍ତିଗତ ଜମି। ଜମି ମାଲିକ ସେମାନଙ୍କ ଘରଦ୍ୱାର, ଜମିବାଡ଼ି, ସରକାରୀ ସୁବିଧା ସୁଯୋଗ ଯୋଗାଉଥିବା ➪ପୃଷ୍ଠା-୬

## ରଥଯାତ୍ରାରେ ବିଦ୍ୱେଷ ସୃଷ୍ଟି ଚକ୍ରାନ୍ତ

➪ ଟୋରଣ୍ଟୋ ରଥଯାତ୍ରାରେ ଭକ୍ତଙ୍କୁ ଅଣ୍ଡାମାଡ଼

➪ ସୋସିଆଲ ମିଡିଆରେ ଏଆରଆଇଙ୍କ ଉଦବେଗ

➪ ନିନ୍ଦା କଲା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): କାନାଡାର ଟୋରଣ୍ଟୋରେ ରଥଯାତ୍ରା ପାଳନ ସମୟରେ ଭକ୍ତଙ୍କ ଉପରେ ଅଣ୍ଡା ଫିଙ୍ଗାଯିବା ଘଟଣାକୁ ନେଇ ଉଦବେଗ ପ୍ରକାଶ ପାଇଛି। ଇନଷ୍ଟାଗ୍ରାମ ୟୁଜର୍ସ ସାଙ୍ଗନା ବଜାଜ ରଥଯାତ୍ରା ଏବଂ ଫୁଟପାଥରେ ଭଙ୍ଗା ଅଣ୍ଡା ପଡିଥିବାର ଏକ ଭିଡିଓ ସେୟାର କରିଥିଲେ। ଯାହା ଏକପ୍ରକାର ଜାତିଭେଦ ଅଭିଯୋଗ ଆଣିଥିଲା।

ସେ କହିଛନ୍ତି ଯେ ରଥଯାତ୍ରାକୁ ବନ୍ଦ କରିବା ପାଇଁ କେହି ଭକ୍ତଙ୍କ ଉପରକୁ ନିକଟସ୍ଥ ଏକ ବିଲ୍ଡିଂରୁ ଅଣ୍ଡା ଫିଙ୍ଗିଥିଲେ। ଏହି ଘଟଣାକୁ ନେଇ ଆମେ ସ୍ତବ୍ଧ ହୋଇଯାଇଥିଲୁ, କିନ୍ତୁ ଆମେ ରଥଯାତ୍ରାକୁ ବନ୍ଦ କରିନଥିଲୁ। କାରଣ ଘୃଣା କେବେ ବିଶ୍ୱାସକୁ ପରାସ୍ତ କରିପାରିବ ନାହିଁ। ଯେତେବେଳେ ପ୍ରଭୁ ଜଗନ୍ନାଥ ରାସ୍ତାରେ ଥାଆନ୍ତି, କୌଣସି ଘୃଣା ଆମକୁ ଦୋହଲାଇ ପାରିବ ନାହିଁ। ଏହା କେବଳ ଏକ ଉତ୍ସବ ନୁହେଁ, ଏହା ଅଟଳ ବିଶ୍ୱାସ ବୋଲି ଟୋରଣ୍ଟୋରେ ରହୁଥିବା ଏନଆରଆଇ ସୋସିଆଲ ମିଡିଆରେ ଲେଖିଛନ୍ତି। ଏନିଇ ସୋସିଆଲ ମିଡିଆ 'ଏକ୍ସ'ରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହାକୁ ନିନ୍ଦା କରିବା ସହ କହିଛନ୍ତି ଯେ ଏପରି ଘଟଣାଗୁଡ଼ିକ କେବଳ ବିଶ୍ୱବ୍ୟାପୀ ପ୍ରଭୁ ଜଗନ୍ନାଥଙ୍କ ଭକ୍ତଙ୍କ ଭାବନାକୁ ଗୁରୁତର ଆଘାତ ଦେଉନାହିଁ, ବରଂ ଓଡ଼ିଶାବାସୀଙ୍କ ପାଇଁ ଗଭୀର ଯନ୍ତ୍ରଣା ସୃଷ୍ଟି କରିଛି, ଯେଉଁମାନଙ୍କ ପାଇଁ ଏହି ପର୍ବ ଗଭୀର ଭାବପ୍ରବଣ ଏବଂ ସାଂସ୍କୃତିକ ମହତ୍ତ୍ୱ ରଖିଥାଏ।

ଏହି ଘଟଣାକୁ ନେଇ ଓଡିଶାରେ ଓ ବିଦେଶରେ ରହୁଥିବା ଶ୍ରୀଜଗନ୍ନାଥପ୍ରେମୀଙ୍କ ➪ପୃଷ୍ଠା-୬

## ଟ୍ରକ ତଳେ ଚାପି ହୋଇ ୯ ଶ୍ରମିକ ମୃତ



ହାଇଦ୍ରାବାଦ୍,୧୪।୭: ଆନ୍ଧ୍ର ପ୍ରଦେଶର ଅନ୍ନମୟା ଜିଲ୍ଲାରେ ମର୍ମନ୍ତୁଦ ଦୁର୍ଘଟଣା । ଆମ୍ବ ଭର୍ତ୍ତି ଏକ ଟ୍ରକ ଓଲଟିବା ଯୋଗୁଁ ୯ ଶ୍ରମିକଙ୍କ ଜୀବନ ଚାଲିଯାଇଥିବା ବେଳେ ଅନ୍ୟ ୧୦ ଜଣ ଆହତ ହୋଇଛନ୍ତି । ମୃତକଙ୍କ ମଧ୍ୟରେ ୫ ମହିଳା ସାମିଲ ରହିଛନ୍ତି । ଆହତଙ୍କୁ ରାଜମପେଟ ସରକାରୀ ହସପିଟାଲରେ ଭର୍ତ୍ତି କରାଯାଇଛି। ଖବର ମୁତାବକ, ଦୁର୍ଘଟଣା ପୁଲ୍ଲମପେଟା ମଣ୍ଡଳ ରେଡ୍ଡୀ ଚେରୁବୁ କଟ୍ଟାରେ ହୋଇଛି । ଆମ୍ବ ଭର୍ତ୍ତି ଟ୍ରକଟି ଓଲଟି ପଡିବା ଯୋଗୁଁ ଏହା ଉପରେ ବସିଥିବା ଶ୍ରମିକ ଆମ୍ବ ତଳେ ଚାପି ହୋଇଯାଇଥିଲେ । ଫଳରେ ସେମାନଙ୍କର ଜୀବନ ଚାଲିଯାଇଥିଲା ବୋଲି ପୋଲିସ କହିଛି । ଏହି ଘଟଣାରେ ଟ୍ରକ ଚାଳକଙ୍କ ଜୀବନ ବଞ୍ଚିଯାଇଛି। ➪ପୃଷ୍ଠା-୬



## ସାମ୍ବାଦିକ ଆବଶ୍ୟକ

ଇଚ୍ଛୁକ ଓ ଅଭିଜ୍ଞ ବ୍ୟକ୍ତି ଆବେଦନ କରନ୍ତୁ

ଯୋଗାଯୋଗ
ପ୍ଲଟ୍ ନଂ.୩୧୨,
ଫ୍ଲାଟ୍ ନଂ.୦୦୩,
ଗ୍ରୀନ୍ ହାଇ ଆପାର୍ଟମେଣ୍ଟ,
ଖାରବେଳ ନଗର,
ଭୁବନେଶ୍ୱର-୭୫୧୦୦୧
ମୋ-୯୪୩୭୨୨୭୭୭୭

email: sancharodisha@gmail.com

'ସଂଚାର' ପାଇଁ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ସାମ୍ବାଦିକ ଆବଶ୍ୟକ। ଏଥିପାଇଁ ସର୍ବନିମ୍ନ ୩ ବର୍ଷର ଅଭିଜ୍ଞତା ଥିବା ଜରୁରୀ। ଅଭିଜ୍ଞ ପ୍ରାର୍ଥୀ ବାୟୋଡାଟା ସହ ଉପରୋକ୍ତ ନମ୍ବରରେ ହ୍ୱାଟ୍ସଆପ୍ କରିପାରିବେ।



ବି.ଦ୍ର.: ସମ୍ପ୍ରତି କୌଣସି ସ୍ଥାନରେ 'ସଂଚାର'ର ସାମ୍ବାଦିକ ନାହାନ୍ତି। ତେଣୁ କେହି ବି ନିଜକୁ 'ସଂଚାର'ର ପ୍ରତିନିଧି ବୋଲି ଦାବି କରୁଥିଲେ କିମ୍ବା କୌଣସି ପ୍ରକାର ବ୍ୟାବସାୟିକ ଫାଇଦା ନେଉଥିଲେ, ସେମାନଙ୍କଠାରୁ ସତର୍କ ରହିବା ସହ ଉପରୋକ୍ତ ଠିକଣାରେ ସୂଚନା ଦେବାକୁ ନିବେଦନ।




### କାନ ଡେରିଆ

ରିଚାର୍ଜ ସରିଲେ ଜିଓ ସମସ୍ତଙ୍କୁ
ବସେଇ ଉଠେଇ ଦେଉନି
ପଇସା ପକାଅ କହିକହି ସିଏ
ମୁଣ୍ଡକୁ ଖରାପ କଲାଣି
ନେଟୱର୍କ କିନ୍ତୁ ରହୁନି...
ଆଉ କିଏ ତାଙ୍କ ବାହାହେବ ବୋଲି
ରେଟ ବଢ଼ାଇ ଦେଲାଣି।

■ ଦେବାଶିଷ

## ବଦଳିବ ଲୋକସେବା ଭବନର କାର୍ଯ୍ୟଶୈଳୀ

- ସବୁ ବିଭାଗରେ ରହିବେ ଏଷ୍ଟାବ୍ଲିସମେଣ୍ଟ ଅଫିସର
- ଏଏସଓ ଓ ଏସଓଙ୍କ କାର୍ଯ୍ୟ ଦକ୍ଷତାର ହେବ ସମୀକ୍ଷା



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଲୋକସେବା ଭବନ ବା ସଚିବାଳୟରେ ସରକାରୀ କର୍ମଚାରୀଙ୍କ କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆସିବ। ଏନେଇ ରାଜ୍ୟ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। କେନ୍ଦ୍ରୀୟ ଢାଞ୍ଚାରେ ସବୁ ବିଭାଗରେ ଜଣେ ଜଣେ ସ୍ୱତନ୍ତ୍ର ସଚିବ ବା ଅତିରିକ୍ତ ସଚିବ ପାହ୍ୟାର ଅଫିସରଙ୍କୁ ଏଷ୍ଟାବ୍ଲିସମେଣ୍ଟ ଅଫିସର ଭାବେ ଦାୟିତ୍ୱ ଦିଆଯିବ। ଏଥିସହ ବିଭିନ୍ନ ବିଭାଗରେ ସହକାରୀ ସେକ୍ସନ ଅଫିସର (ଏଏସଓ) ଏବଂ ସେକ୍ସନ ଅଫିସର (ଏସଓ)ଙ୍କ କାର୍ଯ୍ୟଦକ୍ଷତାର ହେବ ପୁନଃସମୀକ୍ଷା। ଏନେଇ ଆଜି ସାଧାରଣ ପ୍ରଶାସନ ଓ ପେନସନ ଅଭିଯୋଗ ବିଭାଗ ପକ୍ଷରୁ ସବୁ ବିଭାଗୀୟ ମୁଖ୍ୟଙ୍କୁ ଚିଠି ଲେଖାଯାଇଛି। କେନ୍ଦ୍ର କାର୍ମିକ ବିଭାଗ ଶୈଳୀରେ ଏଷ୍ଟାବ୍ଲିସମେଣ୍ଟ ଅଫିସରମାନେ ଅର୍ଥ ଓ ଗୃହ ବିଭାଗ ଭଳି କ୍ୟାଡର ନିୟନ୍ତ୍ରଣ କରୁଥିବା ବିଭାଗ ସହ ଯୋଗାଯୋଗରେ ରହି ବଦଳି, ପଦୋନ୍ନତି, ବିଭାଗୀୟ ପଦୋନ୍ନତି କମିଟି ବୈଠକ, ବିଭାଗୀୟ ପ୍ରୋସିଡିଂ, ପେନସନ, ଗ୍ରେଡେସନ ଲିଷ୍ଟ ପ୍ରସ୍ତୁତି ଆଦି କାର୍ଯ୍ୟକୁ ତଦାରଖ କରିବେ। ସାଧାରଣ ପ୍ରଶାସନ ବିଭାଗ ପ୍ରତି ଦୁଇ ମାସରେ ଥରେ ଏଷ୍ଟାବ୍ଲିସମେଣ୍ଟ ଅଫିସରଙ୍କ ସହ ବୈଠକ କରି ପେନସନ, ପଦୋନ୍ନତି, ବିଭାଗୀୟ ପ୍ରୋସିଡିଂ ଆଦିର ସମୀକ୍ଷା କରି ଆବଶ୍ୟକ ପଦକ୍ଷେପ ନେବେ। ସେହିଭଳି ବିଭିନ୍ନ ବିଭାଗରେ ଏଏସଓ ଓ ଏସଓମାନଙ୍କ କାର୍ଯ୍ୟକୁ ନେଇ ମଧ୍ୟ ଏଣିକି ନିୟମିତ ତଦାରଖ କରାଯିବ। କାରଣ କିଛି ବିଭାଗରେ ଅଫିସର ଖୁବ କମ ସଂଖ୍ୟାରେ ଫାଇଲ ଓଏସଓ୍‌ବାସରେ ଅପଲୋଡ କରୁଥିବା ବେଳେ କିଛି ବିଭାଗରେ ଏଏସଓ ଓ ଏସଓମାନଙ୍କ ଉପରେ ମାତ୍ରାଧିକ କାର୍ଯ୍ୟଭାର ରହୁଛି। କିଛି କିଛି ବିଭାଗରେ ଏଏସଓ ଓ ଏସଓମାନେ ଦୈନିକ ଦୁଇଟିରୁ ଅଧିକ ଫାଇଲ କ୍ଲିୟର କରିପାରୁନାହାଁନ୍ତି। ତେଣୁ ବିଭାଗୀୟ ➪ପୃଷ୍ଠା-୬

# ଲୁଣାନଦୀ ବନ୍ଧ ସଫେଇ ଧର୍ମକୁ ଆଖିଠାର



**ଡେରାବିଶ,୧୪।୭ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀ ବାମ ପାର୍ଶ୍ୱର ବନ୍ଧ ସଫେଇ କାମ ଧର୍ମକୁ ଆଖିଠାର ସଦୃଶ ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ ବସପୁର କାର୍ଯ୍ୟାଳୟ

## ଠିକାଦାର ମାଲେମାଲ୍

ପକ୍ଷରୁ ଲୁଣାନଦୀର ଡେରାବିଶ ବ୍ଲକ୍ ଅନ୍ତର୍ଗତ ଦାନପୁର ଲକ୍‌ଠାରୁ ବସପୁର ଲକ୍ ପର୍ଯ୍ୟନ୍ତ ବନ୍ଧ ସଫେଇ କାର୍ଯ୍ୟ କରିବା ନିମନ୍ତେ ଜଣେ ଠିକାଦାରଙ୍କୁ ଦାୟିତ୍ୱ ଦିଆଯାଇଛି। ଏହି ଠିକାଦାର ଜେସିବି ମେସିନ୍ ସହାୟତାରେ ବନ୍ଧ ଉପରେ ଥିବା ଅନାବନା ଘାସ ଓ ଛୋଟଛୋଟ ଗଛକୁ ନାଁକୁ ମାତ୍ର ସଫା କରି ବନ୍ଧ କଡ଼କୁ ପକାଇ ଦିଆଯାଉଛି। ସ୍ଥାନୀୟ ଲୋକେ ସମ୍ପୃକ୍ତ ଠିକାଦାରଙ୍କୁ ବନ୍ଧ ତଳ ପର୍ଯ୍ୟନ୍ତ ସଫେଇ କରିବାକୁ କହିଥିଲେ ମଧ ଠିକାଦର ଏହାକୁ ମନା କରିଦେଇଥିଲେ।

ଠିକାଦାରଙ୍କ କହିବା କଥା ତାଙ୍କୁ କେବଳ ବନ୍ଧ ଉପର ରାସ୍ତା ସଫେଇ କରିବା ପାଇଁ କୁହାଯାଇଛି । କାରଣ ବନ୍ୟା ସମୟରେ ଏହି ରାସ୍ତା ଦ୍ୱାରା ବନ୍ଧକୁ ଅଧିକାରୀ ସୁରୁଖୁରୁରେ ବନ୍ୟା ତଦାରଖ କରିପାରିବେ । ବନ୍ଧର ଦୁଇ ପାର୍ଶ୍ୱର ବନ୍ଧ ତଳ ପର୍ଯ୍ୟନ୍ତ ବହୁ ବଡ଼ ବଣବୁଦା ଭର୍ତ୍ତି ହୋଇରହିଛି। ଯାହାକି ବନ୍ଧର ଉଭୟପଟ କଡ଼କୁ ଆଚ୍ଛାଦିତ କରି ରଖୁଛି। ଆସନ୍ତା ବନ୍ୟାରେ ଯଦି ଏହି ବଣବୁଦା ଭିତରେ କୌଣସି ସ୍ଥାନରେ ନଦୀରୁ ଘଳିଆ ପଡ଼େ, ତେବେ ତାହାକୁ କୌଣସି ଅଧିକାରୀ କିମ୍ବା କୌଣସି ବ୍ୟକ୍ତି ଚିହ୍ନଟ କରିବା କଷ୍ଟକର ହୋଇପଡ଼ିବ। ଯାହାକି ସ୍ଥାନୀୟ ଅଞ୍ଚଳରେ ବନ୍ୟାର ଆଶଙ୍କାକୁ ବଢ଼ାଇ ଦେବ। ବିଭାଗ ପକ୍ଷରୁ ଏହାକୁ ଖରାଦିନେ ସଫେଇ ନ କରି ଆଷାଢ଼ ମାସରେ ବର୍ଷାଦିନେ ତରବରିଆ ଭାବେ ର' ଠ' ଭାବେ କରି ସଫେଇ କରିବା ଘଟଣା ବିଭାଗର କେବଳ ଠିକାଦର ପ୍ରୀତି ବୋଲି ଲୋକେ ଅଭିଯୋଗ କରିଛନ୍ତି । ତୁରନ୍ତ ନଦୀବନ୍ଧର ମୂଳଠାରୁ ଉପର ପର୍ଯ୍ୟନ୍ତ ରହିଥିବା ଜଙ୍ଗଲକୁ ସଫା କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।



# ଭିତରକନିକାରେ ୧୧୭ କୁମ୍ଭୀର ବସା ଚିହ୍ନଟ

▶ ଶାଗୁଣାଚର ନିକଟରୁ ୪୨ଟି କୁମ୍ଭୀର ଅଣ୍ଡା ସଂଗ୍ରହ

**ରାଜନଗର,୧୪।୭ (ସଂଚାର ବ୍ୟୁରୋ):** ଭିତରକନିକା ଜାତୀୟ ଉଦ୍ୟାନର ନଦୀ, ନାଳ ମାନଙ୍କରେ ବସବାସ କରୁଥିବା ବିରଳ ବଉଳା କୁମ୍ଭୀର ୧୧୭ଟି ବସା ତିଆରି କରି ଅଣ୍ଡା ଦେଇଛନ୍ତି। ଭିତରକନିକା ନଦୀର ଶାଗୁଣାଚେର କ୍ରୀକ ନିକଟରୁ ଜୁଆର ମାଡରେ କ୍ଷତିଗ୍ରସ୍ତ କୁମ୍ଭୀର ବସାରୁ ୪୨ଟି ଅଣ୍ଡା ସଂଗ୍ରହ କରାଯାଇଛି। ଡାଙ୍ଗମାଳସ୍ଥିତ କୁମ୍ଭୀର ପ୍ରଜନନ କେନ୍ଦ୍ରରେଏହି ୪୨ଟି ଅଣ୍ଡା ରଖାଯାଇ କୃତ୍ରିମ ଉପାୟରେ ଛୁଆ ଫୁଟାଇବା ପାଇଁ ପକ୍ରିୟା ଆରମ୍ଭ ହୋଇଛି।

ପ୍ରତିବର୍ଷ ମଇ ୧ ତାରିଖ ଠାରୁ ଜୁଲାଇ ୩୧ ତାରିଖ ଯାଏଁ ଦୀର୍ଘ ୩ମାସ ଧରି ବିରଳ ବଉଳା କୁମ୍ଭୀରଙ୍କ ପ୍ରଜନନ ପକ୍ରିୟା ଜାରି ରହିଥାଏ। ମାଆ କୁମ୍ଭୀର ଅନ୍ତସତ୍ୱା ହେବା ପରେ ଅଣ୍ଡା ଦେବା ପାଇଁ ନିରାପଦ ସ୍ଥାନ ଖୋଜିଥାଏ। ନାଳ ଠୁଁ ଉଚ୍ଚା ସ୍ଥାନରେ ବସା କରିଥାଏ। ଖରଖରି ପତ୍ର ଓ କାଠି କୁଟକୁ ସଂଗ୍ରହ କରି ୨ ଫୁଟ ଉଚ୍ଚର ଗଦା କରିଥାଏ। ଗଦା ଉପରେ କୁମ୍ଭୀର ଅଣ୍ଡା ଦେବା ପରେ ତା' ଉପରେ ପୁଣି ଖରଖରି ପତ୍ର ଓ କାଠି କୁଟା ଘୋଡାଇ ଦେଇଥାଏ। ଏହି କାରଣରୁ ବନବିଭାଗ ପକ୍ଷରୁ ପ୍ରତିବର୍ଷ ମଇ ୧ ତାରିଖରୁ ଜୁଲାଇ ୩୧ ତାରିଖ ଯାଏଁ ୩ମାସ ଧରି ଭିତରକନିକାକୁ ଦେଶ ବିଦେଶର ପର୍ଯ୍ୟଟକଙ୍କ ପାଇଁ ବନ୍ଦ ରଖାଯାଇଥାଏ।

ଗତ ବର୍ଷ ଭିତରକନିକାରେ ୧୧୪ଟି କୁମ୍ଭୀର ମାନଙ୍କ ବସା ଚିହ୍ନଟ ହୋଇଥିବା ବେଳେ ଚଳିତ ବର୍ଷ ୧୧୭ଟି କୁମ୍ଭୀର ବସା ଚିହ୍ନଟ ହୋଇଛି। ଚଳିତ ବର୍ଷ ଚିହ୍ନଟ ହୋଇଥିବା ୧୧୭ ଟି କୁମ୍ଭୀର ବସା ମଧ୍ୟରୁ କନିକା ରେଂଜରେ ୧୦୪ ଟି କୁମ୍ଭୀର ବସା ଚିହ୍ନଟ ହୋଇଥିବା ବେଳେ ରାଜନଗର ରେଂଜରେ ୧୧ଟି, ଗହୀରମଥା ରେଂଜ ଅଞ୍ଚଳରେ ୧ଟି, ମହାକାଳପଡା ରେଂଜ ଅଞ୍ଚଳରେ ୧ଟି କୁମ୍ଭୀର ବସା ଚିହ୍ନଟ କରାଯାଇଛି। ଭିତରକନିକା ଜାତୀୟ ଉଦ୍ୟାନ ବାହାରେ କିଛି କୁମ୍ଭୀର ବସା ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଭିତରକନିକା ଜାତୀୟ ଉଦ୍ୟାନର ଡାଙ୍ଗମାଳ ଠାରେ ବଉଳା କୁମ୍ଭୀର ମାନଙ୍କର ବଂଶରକ୍ଷା, ବଂଶବୃଦ୍ଧି ଓ ଗବେଷଣା ପାଇଁ କୁମ୍ଭୀର ପ୍ରଜନନ କେନ୍ଦ୍ର ରହିଛି। ୧୯୭୫ ମସିହାରୁ ଏହା କାର୍ଯ୍ୟକାରୀ ହେଉଛି। ପ୍ରତିବର୍ଷ ନଷ୍ଟ ହୋଇଯାଇଥିବା କୁମ୍ଭୀର ବସାରୁ ଅଣ୍ଡା ସଂଗ୍ରହ କରାଯାଇ ପ୍ରାକୃତିକ ଉପାୟରେ ଉଦ୍ଧାର ଅଣ୍ଡାରୁ ଛୁଆ ଫୁଟା ଯାଇଥାଏ।

# ବତୀଘର ପଞ୍ଚାୟତରେ ସୌର ପ୍ରକଳ୍ପ ଅଚଳ

## ଅଭିଯୋଗକୁ ଗୁରୁତର ସହ ନେଲା ବିଭାଗୀୟ କାର୍ଯ୍ୟାଳୟ

## ୧୫ ଦିନ ମଧ୍ୟରେ ପଦକ୍ଷେପ ଗ୍ରହଣ କରି ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

**ମହାକାଳପଡ଼ା,୧୪।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ବ୍ଲକ୍ ବତୀଘର ପଞ୍ଚାୟତରେ ସୌର ପାନୀୟ ଜଳ ପ୍ରକଳ୍ପ ଅଚଳ ହୋଇ ପଡିଛି। କିଛି ପ୍ରକଳ୍ପ ବନ୍ଦ୍ ହୋଇ ପଡିଥିବା ବେଳେ ଆଉ କିଛି ପ୍ରକଳ୍ପରୁ ପୋକ ବାହାରୁଛି। ନଳକୂପରୁ ଲୁଣି ପାଣି ବାହାରୁଛି। ନା ପ୍ରଶାସନ ଶୁଣୁଛି ନା ବିଭାଗୀୟ ଅଧିକାରୀ ଦୃଷ୍ଟି ଦେଉଛନ୍ତି। ଯାହା ଫଳରେ ପିଇବା ପାଣି ଟୋପେ ପାଇଁ ଲୋକେ ବିପଦ ସଙ୍କୁଳ ଅବସ୍ଥାରେ ଭେଳା ସାହାଯ୍ୟରେ ୨ କିଲୋମିଟର ନଦୀ ପାର ହେଉଛନ୍ତି। ଏମିତି ଏକ ସମ୍ବେଦନଶୀଳ ଘଟଣା ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇବା ପରେ ମହାକାଳପଡ଼ା ବ୍ଲକର ସାମାଜିକ କର୍ମୀ ତଥା ମହାକାଳପଡ଼ା ୟୁଥ୍ ଗ୍ରୁପ୍ ସଦସ୍ୟ ସୁବ୍ରତ ସେଠୀ ଏହାକୁ ବିଭାଗୀୟ ଅଧିକାରୀଙ୍କୁ ମେଲ୍ ଯୋଗେ ଜୁଲାଇ ୨ ତାରିଖରେ ଜଣାଇଥିଲେ। ସୁବ୍ରତଙ୍କ ଅଭିଯୋଗକୁ ଗୁରୁତର ସହ ନେଇଛନ୍ତି ସଚିବ ଶ୍ରୀ ଗିରିଶ ଏସ ଏନ୍। ଏନେଇ ବିଭାଗୀୟ ମୁଖ୍ୟ ଯନ୍ତ୍ରୀଙ୍କୁ ସେ ଅଭିଯୋଗ ପଠାଇଛନ୍ତି। ବିଭାଗୀୟ ମୁଖ୍ୟ ଯନ୍ତ୍ରୀ ଅବଗତ ପରେ କେନ୍ଦ୍ରାପଡ଼ା ଜିଲ୍ଲା ଗ୍ରାମ୍ୟ ପାନୀୟଜଳ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀଙ୍କୁ ୧୫ ଦିନ ମଧ୍ୟରେ ଘଟଣାରେ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ସହିତ ସବିଶେଷ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏବେ ଦେଖିବାକୁ ବାକି କେନ୍ଦ୍ରାପଡ଼ା ପ୍ରଶାସନ କଣ ପଦକ୍ଷେପ ଗ୍ରହଣ କରୁଛି।

# ଅଗ୍ନିବିପନ୍ନ ପରିବାରକୁ ସହାୟତା

**ମହାକାଳପଡା,୧୪।୭ (ସଂଚାର ବ୍ୟୁରୋ):** ମହାକାଳପଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜୟଚନ୍ଦ୍ରପୁର ଗ୍ରାମପଞ୍ଚାୟତ ଜୟଚନ୍ଦ୍ରପୁର ଗ୍ରାମର ପ୍ରମୋଦ କୁମାର ଦାସଙ୍କ ଘରେ ଗତକାଲି ଅଗ୍ନିକାଣ୍ଡ ଘଟି ସମସ୍ତ ଆସବାବପତ୍ର ଓ ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ସମ୍ପୂର୍ଣ୍ଣ ଜଳି ପୋଡ଼ି ନଷ୍ଟ ହୋଇଯାଇଛି। ଏ ସମ୍ପର୍କରେ ସୂଚନା ପାଇ ରାଷ୍ଟ୍ରୀୟ ଉପସଭାପତି ତଥା କେନ୍ଦ୍ରାପଡ଼ା ସାଂସଦ ଶ୍ରୀଯୁକ୍ତ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଉକ୍ତ ପରିବାରକୁ ସମବେଦନା ଜଣାଇବା ସହିତ ବ୍ୟକ୍ତିଗତ ସହାୟତା ଯୋଗାଇ ଦେଇଛନ୍ତି। ପ୍ରଶାନ୍ତ ସେଠୀ, ପ୍ରଦୀପ ବେହେରା,ବାବାଜୀ ବେହେରା, ସରସ ଦାସ, ସାଗର ସାମଲ, ବିଜ୍ଞାନ ସାମଲ ଅଗ୍ନି ବିପନ୍ନ ପରିବାରକୁ ଭେଟିବା ସହିତ ଆର୍ଥିକ ସହାୟତା, ଶୁଖିଲା ଖାଦ୍ୟ ଓ ରାସନ୍ ସାମଗ୍ରୀ ପ୍ରଦାନ କରିଛନ୍ତି।




# ଚକ୍ରୋଡା ମିଶନଶକ୍ତିର ରେଜିଷ୍ଟ୍ରାର ଓ ଚେକ ବୁକ୍ ଜବରଦସ୍ତି ରଖିଥିବା ଅଭିଯୋଗ



**କେନ୍ଦ୍ରାପଡ଼ା,୧୪।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅଧିନ ଚକ୍ରୋଡା ମିଶନଶକ୍ତିର କାର୍ଯ୍ୟକାରୀ ସଦସ୍ୟାମାନେ ଓଡିଶା ଜୀବିକା ମିଶନ (ଓଏଲଏମ୍) ବିପିଏମ୍ ମ୍ୟାଡାମଙ୍କ ବିରୋଧରେ ଏକ ଅଭିଯୋଗ ପତ୍ର ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି । ସେମାନଙ୍କ ଅଭିଯୋଗ ମୁତାବକ ମହାସଂଘର ନିଷ୍ପତି ଅନୁଯାଇ ୫ ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ସିଆଇଏଫ୍ ଋଣ ପ୍ରଦାନ କରାଯିବା ନିମନ୍ତେ ବ୍ୟବସ୍ଥା କରାଯାଇଥିଲା । ସେହି ୫ଗୋଟି ସ୍ୱୟଂ ସହାୟିକା ଗୋଷ୍ଠୀର ପ୍ରପୋଜାଲ ଓ ଚେକ୍ ବୁକ୍ ଓଡିଶା ଜୀବିକା ମିଶନ ବିଏଲସିଙ୍କ କାଉଣ୍ଟର ସିଗନେଚର ପାଇଁ ପଠା ଯାଇଥିବା ବେଳେ ଓଡିଶା ଜୀବିକା ମିଶନ ର ବିପିଏମ୍ ମ୍ୟାଡାମ ରେଜିଷ୍ଟାର ଓ ଚେକ ବୁକ୍‌କୁ ଜବରଦସ୍ତି ନିଜ ପାଖରେ ରଖିଥିବା ବିଡିଓଙ୍କ ନିକଟରେ ସଭାନେତ୍ରୀ ସରୋଜିନୀ ରାଉତ, ସଂପାଦିକା ଅନ୍ନପୂର୍ଣ୍ଣା ଦାସଙ୍କ ସମେତ ରଶ୍ମିତା ପଣ୍ଡା, ମମତା ଜେନା, ରଶ୍ମିତା ରାଉତ, ରେଣୁକା ନାୟକ, ସଂଯୁକ୍ତା ମଲିକ, ରଶ୍ମିତା ବେହୁରା ପ୍ରମୁଖଙ୍କ ସମେତ ଶତାଧିକ ସଭ୍ୟାମାନେ ଅଭିଯୋଗ କରିଛନ୍ତି ।

# କେନାଲ ବନ୍ଧରେ ଚାରାରୋପଣ

**ସାଲେପୁର,୧୪।୭ (ସଂଚାର ବ୍ୟୁରୋ):** ବାଲିସାହି ପଞ୍ଚାୟତର ଗୋଲଡେନ୍ ଆଥଲେଟିକ୍ କ୍ଲବ୍ ପକ୍ଷରୁ ବନ ମହୋତ୍ସବ ଅବସରରେ ସାଲେପୁରଠାରେ କେନ୍ଦ୍ରାପଡ଼ା କେନାଲ ବନ୍ଧରେ ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ବିଭିନ୍ନ ପ୍ରକାର ବୃକ୍ଷରୋପଣ କରାଯାଇଥିବା ଜଣାଯାଇଛି। ସାଲେପୁର ଅଟୋନମସ୍ କଲେଜର ବସନ୍ତ କୁମାର ଲେଙ୍କା, ପ୍ରାଧାପିକା ଜୟନ୍ତୀବାଳା ପରିଜା, ବାଲିସାହି ସରପଞ୍ଚ ପବିତ୍ର କୁମାର ସାମଲ, ବାହାରପଡ଼ା ସରକାରୀ ଉଚ୍ଚ ପ୍ରାଥମିକ ସ୍କୁଲର କ୍ରୀଡ଼ା ଶିକ୍ଷକ ମାନସ ରଞ୍ଜନ ପତିଙ୍କ ନେତୃତ୍ୱରେ ବାଲିସାହି ପଞ୍ଚାୟତ ଗୋଲଡେନ୍ ଆଥ୍‌ଲେଟିକ୍ କ୍ଲବ୍‌ର ସଦସ୍ୟମାନେ ଉପସ୍ଥିତ ରହି କେନ୍ଦ୍ରାପଡ଼ା କେନାଲବନ୍ଧର ସାଲେପୁର କଲେଜ ପୋଲ ଠାରୁ ବିଶେଶ୍ୱର ମହାଦେବ ମନ୍ଦିର ପର୍ଯ୍ୟନ୍ତ କେନାଲବନ୍ଧର ଉଭୟ ପାର୍ଶ୍ୱରେ ବିଭିନ୍ନ ପ୍ରକାରର ପ୍ରାୟ ୭ଶହରୁ ଉର୍ଦ୍ଧ୍ୱ ବୃକ୍ଷରୋପଣ କରିଥିବା ଜଣାଯାଇଛି। ଆଥ୍‌ଲେଟିକ୍ କ୍ଲବ୍‌ର ଏଭଳି କାର୍ଯ୍ୟକୁ ସାଧାରଣରେ ପ୍ରଶଂସା କରାଯାଇଛି।



# ବାର୍ଦ୍ଧକ୍ୟ ଭତ୍ତା ପାଇବାକୁ ବୃଦ୍ଧା ହଟହଟା

**ମାହାଙ୍ଗା,୧୪।୭ (ସଂଚାର ବ୍ୟୁରୋ):** ମାହାଙ୍ଗା ବ୍ଲକ ଭଦ୍ରେଶ୍ୱର ପଞ୍ଚାୟତ ଅନ୍ତର୍ଗତ ଝାଡେଶ୍ୱରପୁର ଗ୍ରାମର କୁନ୍ତଳା ଦିବ୍ୟା ୯୮ ବର୍ଷ। ନା ଆଖିକୁ ଭଲ ଭାବେ ଦେଖାଯାଉଛି ନା ଆଙ୍ଗୁଳିର ଛାପ ଉଠୁଛି। ଯାହାଫଳରେ ତାଙ୍କର ଆଧାର କାର୍ଡ ହୋଇ ପାରୁନାହିଁ। ସେ ଭଦ୍ରେଶ୍ୱର ପଞ୍ଚାୟତ କାର୍ଯ୍ୟାଳୟ ଅଧିନରେ ସେ ବାର୍ଦ୍ଧକ୍ୟ ଭତ୍ତା ବ୍ୟାଙ୍କ ମାଧମରେ ପାଉଥିଲେ। ଗତ ଦୁଇ ମାସ ହେଲା ତାଙ୍କର ବାର୍ଦ୍ଧକ୍ୟ ଭତ୍ତା ଅର୍ଥ ବ୍ୟାଙ୍କକୁ ଯାଉ ନାହିଁ। ଯାହାକୁ ନେଇ ସେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ଏ ସମ୍ପର୍କରେ ସେ ପଞ୍ଚାୟତ କାର୍ଯ୍ୟାଳୟର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେ କହୁଛନ୍ତି ଯେ ବ୍ଲକ କାର୍ଯ୍ୟାଳୟରେ ଯାଇ ଏକ ଦରଖାସ୍ତ ବିଡିଓଙ୍କୁ ଦେଲେ ଆମେ ତାଙ୍କର ବାର୍ଦ୍ଧକ୍ୟ ଭତ୍ତାକୁ ପ୍ରତିମାସରେ ପଞ୍ଚାୟତ କାର୍ଯ୍ୟାଳୟରେ ପ୍ରଦାନ କରିବୁ।

ଏଠାରେ ପ୍ରଶ୍ନ ଉଠୁଛି ଯେ ସମ୍ପୃକ୍ତ ମହିଳା ଜଣକ ଶତାୟୁ ହୋଇଥିବାରୁ ସେ ଠିକ୍ ଭାବରେ ଚାଲି ପାରୁନାହାଁନ୍ତି କି ଗାଡିରେ ବସିପାରୁନାହାଁନ୍ତି। ଏ ପରିସ୍ଥିତିରେ କିଭଳି ଭାବେ ତାଙ୍କୁ ବ୍ଲକ କାର୍ଯ୍ୟାଳୟକୁ ନିଆଯିବ ଏପରିକି ପ୍ରତିମାସରେ କିପରି ପଞ୍ଚାୟତ କାର୍ଯ୍ୟାଳୟରୁ ସେ ଭତ୍ତା କିପରି ପାଇବେ ସେ ନେଇ ଚିନ୍ତାରେ ପରିବାର ଲୋକେ ଅଛନ୍ତି। ଏଣୁ ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ କୁନ୍ତଳା ଦିବ୍ୟାଙ୍କ ସମସ୍ୟା କିଭଳି ସମାଧାନ ହୋଇ ପାରିବ ସେଥିପ୍ରତି ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।



# ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା କରି କଂଗ୍ରେସର ସାମୁହିକ ଦୀପଦାନ



**ସାଲେପୁର,୧୪।୭ (ସଂଚାର ବ୍ୟୁରୋ):** ବାଲେଶ୍ୱରେ ଆତ୍ମହତ୍ୟା ଉଦ୍ୟମ କରିବା ଛାତ୍ରୀଙ୍କର ସ୍ୱାସ୍ଥ୍ୟ ଅବସ୍ଥା ସଂକଟାପନ୍ନ ରହିଥିବାବେଳେ ତାଙ୍କର ଆଶୁ ଆରୋଗ୍ୟ କାମନା କରି ଆଜି ସାଲେପୁର କଂଗ୍ରେସ କମିଟି ପକ୍ଷରୁ ସାମୁହିକ ଦୀପଦାନ କରାଯାଇଛି। ଫକିର ମୋହନ କଲେଜରେ ଜଣେ ଅଧ୍ୟାପକଙ୍କର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ସହିନପାରି ଶେଷରେ ଛାତ୍ରୀ ଜଣକ ନିଜକୁ ଜାଳି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଏହି ଘଟଣାରେ ଛାତ୍ରୀ ଜଣକର ଶରୀରର ୯୫ଭାଗ ପୋଡ଼ିଯାଇଥିବା ବେଳେ ତାଙ୍କର ଅବସ୍ଥା ସଂକଟାପନ୍ନ ରହିଅଛି। ସମ୍ପୃକ୍ତ ଛାତ୍ରୀ ଜଣକର ଆଶୁ ଆରୋଗ୍ୟ କାମନା କରି କଂଗ୍ରେସ ନେତା ଆକ୍ୟୁବ୍ ଖାଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆଜି ସାଲେପୁର କଂଗ୍ରେସର ଶତାଧିକ କର୍ମୀ ସାଲେପୁର ମା' ସାହେଶ୍ୱରୀ ପୀଠରେ ସମୂହ ଦୀପଦାନ କରିଥିବା ଜଣାଯାଇଛି। ଏଥିରେ ଟାଙ୍ଗୀ-ସାଲେପୁର ନିର୍ବାଚନ ମଣ୍ଡଳୀ ଯୁବ କଂଗ୍ରେସ କମିଟି ସଭାପତି ବିସ୍ମୟ ରଞ୍ଜନ ଭୂୟାଁ, ୪୬ନଂ ଜୋନ୍ ସଭାପତି ସେକ ସୁରଜ, ରୂପକ କୁମାର ଭୂୟାଁ, ସୁଦାମ ବାରିକ, ସରୋଜ କୁମାର କର, ସେକ୍ ପୀର ବକ୍ସ, ପ୍ରସନ୍ନ ଭୂୟାଁ, ସଫିଉଲ୍ ଆଲାମ, ଲୋକନାଥ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ମା'ସାହେଶ୍ୱରୀଙ୍କ ନିକଟରେ ସମ୍ପୃକ୍ତା ଛାତ୍ରୀଙ୍କ ଆଶୁଆରୋଗ୍ୟ କାମନା କରି ସମୂହ ଦୀପଦାନ କରିଥିଲେ।

# ଡେରାବିଶ ବ୍ଲକରେ ଜନଅଭିଯୋଗ ଶୁଣାଣି



## ୩୯ଟି ଅଭିଯୋଗ ପଞ୍ଜିକୃତ

**କେନ୍ଦ୍ରାପଡ଼ା,୧୪।୭ (ସଂଚାର ବ୍ୟୁରୋ):** ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣୀ ଆଜି ଡେରାବିଶ ବ୍ଲକ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଆଜିର ଅଭିଯୋଗ ଶୁଣାଣୀରେ ମୋଟ ୩୯ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା । ସେଥିମଧ୍ୟରୁ ୩୩ ଟି ବ୍ୟକ୍ତିଗତ ଥିବାବେଳେ ୬ଟି ସାମୂହିକ ରହିଥିଲା । ୨ ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୬ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଅଭିଯୋଗ ଶୁଣାଣୀରେ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କଟାରିଆ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ)ନବକ୍ରିଷ୍ଟ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକର ବିଡ଼ିଓ, ତହସିଲଦାର ସମେତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ । ଜିଲ୍ଲାପାଳ ଶ୍ରୀ ପ୍ରଧାନ ପଞ୍ଜିକୃତ ଅଭିଯୋଗ ଗୁଡିକର ତୁରନ୍ତ ସମାଧାନ କରିବା ଉପରେ ପଦକ୍ଷେପ ନେବାପାଇଁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ସୂଚନା ଯୋଗ୍ୟ ଯେ, ଆସନ୍ତା ୨୧ ଜୁଲାଇରେ ଗରଦପୁର ପଂଚାୟତ ସମିତି ଏବଂ ୨୮ ତାରିଖ ଦିନ ରାଜନଗର ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅଭିଯୋଗ ଶୁଣାଣୀ ଅନୁଷ୍ଠିତ ହେବ ।




# ଷଷ୍ଠ ଓଡ଼ିଶା ୱାକୋ କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ କେନ୍ଦ୍ରାପଡ଼ା ଖେଳାଳୀଙ୍କ ଚମକ

**କେନ୍ଦ୍ରାପଡ଼ା,୧୪।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାର ସ୍ପୋର୍ଟସ୍ କିକ୍‌ବକ୍ସିଂ ଆସୋସିଏସନ୍‌ର ଖେଳାଳିମାନେ ୧୦ରୁ ୧୩ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ଟିଟି, ଅନୁଗୁଳରେ ଅନୁଷ୍ଠିତ ଷଷ୍ଠ ୱାକୋ ଓଡ଼ିଶା ରାଜ୍ୟ କିକ୍ ବକ୍ସିଂ ଚାମ୍ପିଅନସିପରେ ୧୨ ପଦକ ମଧ୍ୟରେ ୫ ସ୍ୱର୍ଣ୍ଣ, ୧ ରୌପ୍ୟ, ୬ କାଂସ୍ୟ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ପଦକ ବିଜେତାଙ୍କ ମଧ୍ୟରେ ସୌଭାଗ୍ୟ ଲକ୍ଷ୍ମୀ ପାତ୍ର ୨ ସ୍ୱର୍ଣ୍ଣ, ୧ କାଂସ୍ୟ ପଦକ ଜିତିଥିବା ବେଳେ ବିଘ୍ନେସ୍ କୁମାର ପାତ୍ର ୨ ସ୍ୱର୍ଣ୍ଣ, ବିଜୟଲକ୍ଷ୍ମୀ ପାତ୍ର ୧ ରୌପ୍ୟ,ପ୍ରଦୀପ୍ତ ଦାସ ୧ କାଂସ୍ୟ, ନଳିନୀକାନ୍ତ ଦାସ ୨ କାଂସ୍ୟ ଏବଂ ପୃଥୀରାଜ ଦାସ ୧ ସ୍ୱର୍ଣ୍ଣ, ୨ କାଂସ୍ୟ ହାସଲ କରିଛନ୍ତି । ସଭାପତି ଲକ୍ଷ୍ମୀପ୍ରିୟା ଦାସ, ସଚିବ ସଦାସିବା ପାତ୍ରଙ୍କ ନେତୃତ୍ୱରେ ଏବଂ ରାଜକିଶୋର ନାୟକ ଏବଂ ପ୍ରଦୀପ୍ତ ଦାସଙ୍କ ପ୍ରଶିକ୍ଷିତ ଦଳ ପ୍ରଶଂସନୀୟ ପ୍ରତିଭା ପ୍ରଦର୍ଶନ କରିଥିଲା। ଏହି ଅବସରରେ ମୁଖ୍ୟ ପ୍ରଶିକ୍ଷକ ଓ ଉପଦେଷ୍ଟା ହିମାଂଶୁ ଭୂଷଣ ଦାସ ପ୍ରତିଯୋଗୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ସମାଜସେବୀଙ୍କ ପରଲୋକ



**ରାଜନଗର,୧୪।୭ (ସଂଚାର ବ୍ୟୁରୋ):** ରାଜନଗର ଥାନ ଅନ୍ତର୍ଗତ ଘଡିଆମାଳ ଗାଁର ଗୋବର୍ଦ୍ଧନ ଧଳଙ୍କର ୫୫ ବର୍ଷ ବୟସରେ ଆଜି ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସ୍ୱର୍ଗତ ଧଳ ତିନି ମାସ ତଳେ କୌଣସି କାମ ପାଇଁ ଘରୁ ଯାଉଥିବା ସମୟରେ ରାଜନଗର ଭିତରକନିକା ରାସ୍ତାରେ ଦୁର୍ଘଟଣା ଘଟିଥିଲା। ଦୁର୍ଘଟଣାରେ ସେ ଗୁରୁତର ଅବସ୍ଥାରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ହେଉଥିଲେ। ଆଜି ତାଙ୍କର ସେଠାରେ ମୃତ୍ୟୁ ଘଟିଛି। ଖବର ପାଇ ରାଜନଗର ବିଧାୟକ ଧ୍ରୁବ ସାହୁ ହସ୍ପିଟାଲରେ ପହଁଚି ତାଙ୍କର ଶେଷ ଦର୍ଶନ କରିବା ସହ ପରିବାର ଲୋକଙ୍କୁ ସମବେଦନା ଜଣାଇଛନ୍ତି। ସ୍ୱର୍ଗତ ଧଳଙ୍କ ଘରେ ସ୍ତ୍ରୀ, ଗୋଟିଏ ପୁଅ ଝିଅ ଅଛନ୍ତି। ତାଙ୍କର ମୃତ୍ୟୁରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁରେ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧକ୍ଷ୍ୟା ପ୍ରତିଭା ପାତ୍ର, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଯୁବନେତା ରାକେଶ କୁମାର ନାୟକ ପ୍ରମୁଖ ଗଭୀର ଶୋକ ବ୍ୟକ୍ତ କରିଛନ୍ତି।

# ଜଙ୍ଗଲୀ ବାରହା ଉଜାଡୁଛନ୍ତି ଚାଷଜମି

● ଚିନ୍ତାରେ ଚାଷୀ, ଶୋଇଛି ବନ ବିଭାଗ

**ଆଳି,୧୪।୭ (ସଂଚାର ବ୍ୟୁରୋ):** ଆଳି ଅଞ୍ଚଳରେ ଗତ କିଛିଦିନ ହେବ ଜଙ୍ଗଲୀ ବାରହା ଆତଙ୍କ ଖେଳାଇଛନ୍ତି । କେତେ ବେଳେ ଲୋକଙ୍କୁ ଆକ୍ରମଣ କରୁଛନ୍ତି ତ କେତେ ବେଳେ ଚାଷୀଙ୍କ ଚାଷ କରିଥିବା କ୍ଷେତକୁ ନଷ୍ଟ କରିଛନ୍ତି। ନଦୀରେ ବନ୍ୟା ଆସିବା ଯୋଗୁଁ ବାରହା ଗୁଡିକ ନିଜ ବାସସ୍ଥାନ ଛାଡି ଗାଁ ମୁହାଁ ହୋଇଛନ୍ତି । ବାରହା ଗୁଡିକ ଗାଁ ମୁହାଁ ହେବା ଯୋଗୁଁ କଳସପୁର ଓ ବଡ଼ମଙ୍ଗ ଅୟତପୁର ଅଞ୍ଚଳରେ ଥିବା ଚାଷ ଜମିରେ ବାରହା ପଲ ପଶି ଧାନ ତଳି ନଷ୍ଟ କରିବା ସହିତ ଗାଁ ମୁହାଁ ହୋଇ ଆଳି ଭେଡାରେ ପ୍ରବେଶ କରିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ବାରହା ଆକ୍ରମଣ ଓ ଫସଲ ନଷ୍ଟକୁ ନେଇ ଗାଁରେ କୋକୁଆ ଭୟ ଖେଳିଯିବା ସହ ଚିନ୍ତାରେ ଚାଷୀ । ଅନ୍ୟପଟେ ବନ ବିଭାଗକୁ ଜଣାଇବା ସତ୍ତ୍ୱେ ବନ ବିଭାଗର ଦେଖାନଥିବା ବେଳେ କ୍ଷତିପୂରଣ ପାଇଁ ଦାବି କରିଛନ୍ତି ଗ୍ରାମର ବାସୁଦେବ ମଳିକ, ଗୋରାଚାନ୍ଦ ରାଉତ, ଅଭି ରାଉତ, ମୃଷା ପରିଡା, ଗୌରାଙ୍ଗ ପରିଡା, ନରହରି ପ୍ରଧାନ ପ୍ରମୁଖ ଚାଷୀ।



# ବୁଲା ଗାଈଗୋରୁଙ୍କ କବ୍‌ଜାରେ ପଟ୍ଟାମୁଣ୍ଡାଇ ସହର

## ଟ୍ରାଫିକ ସମସ୍ୟା ଗୁରୁତର

## ବଢୁଛି ଦୁର୍ଘଟଣା

**ପଟ୍ଟାମୁଣ୍ଡାଇ,୧୪।୭ (ସଂଚାର ବ୍ୟୁରୋ):** ସମ୍ପ୍ରତି ପଟ୍ଟାମୁଣ୍ଡାଇ ସହର ବୁଲା ଷଣ୍ଢ, ଗାଈଗୋରୁ, ଛେଳି, ମେଣ୍ଢା ଓ କୁକୁରମାନଙ୍କ କବ୍‌ଜାରେ ରହିଛି। ଯାହାଫଳରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇ ଛୋଟ ବଡ଼ ଦୁର୍ଘଟଣା ଘଟୁଛି । ଏମାନଙ୍କୁ ହଟାଇବାରେ ପଟ୍ଟାମୁଣ୍ଡାଇ ପୌରପରିଷଦ ବହୁ ଉଦ୍ୟମ କରିଥିଲେ ମଧ ସଫଳ ହୋଇ ପାରି ନାହିଁ। ପଟ୍ଟାମୁଣ୍ଡାଇ ସହର ମଧ୍ୟରୁ ବୁଲା ଗାଈଗୋରୁ, ଛେଳି ମେଣ୍ଢା ହଟାଇ ଅଟକ ରଖିବା ପାଇଁ ଥିବା କାଞ୍ଜିଆହୁଦା ଏବେ ଅକାମି ହୋଇପଡିଛି। ଏହି ପଶୁଗୁଡିକୁ ଧରି ମୋଟା ଅଙ୍କର ଜୋରିମାନା କରିବା କିମ୍ବା ନିଲାମ କରି ବିକି ଦେଲେ ମାଲିକମାନଙ୍କ ମଧ୍ୟରେ ଛନକା ପଶିବ ବୋଲି ସାଧାରଣରେ ମତପ୍ରକାଶ ପାଉଥିଲେ ମଧ ବସ୍ତୁତଃ କିଛି ନକରି ପୌର ପ୍ରଶାସନ ଚୁପ ରହିଛି ।



ପଟ୍ଟାମୁଣ୍ଡାଇ ସହରକୁ ପୌରାଞ୍ଚଳ ଘୋଷଣା କରାଯିବାର ୩୪ବର୍ଷ ଅତିକ୍ରାନ୍ତ ପରେ ବିଭିନ୍ନ ସମସ୍ୟାରେ ଲୋକମାନେ ଛନ୍ଦି ହୋଇ ପଡିଛନ୍ତି। ସହରର ମୁଖ୍ୟ ସମସ୍ୟା ଜଳ ନିଷ୍କାସନ ଏବେବି ଅସମାହିତ । ସମ୍ପ୍ରତି ବୁଲାଷଣ୍ଢ, ଗାଈଗୋରୁ, ଛେଳି ମେଣ୍ଢା, କୁକୁରମାନେ ପଟ୍ଟାମୁଣ୍ଡାଇ ସହରକୁ କବଜା କରି ନେଇଛନ୍ତି। ଏହି ପଶୁଗୁଡ଼ିକ ସହର ମଧ୍ୟରେ ଦିନରାତି ଅବାଧରେ ବିଚରଣ କରୁଥିବା ଦେଖାଯାଉଛି। ଯାହାଫଳରେ ଘଣ୍ଟାଘଣ୍ଟା ଧରି ରାସ୍ତା ଜାମ ରହିବା ସହ ଦୁର୍ଘଟଣାମାନ ଘଟୁଛି। ଫଳରେ ଜନସାଧାରଣ ନାହିଁ ନଥିବା ଦୁର୍ଦ୍ଦଶା ଭୋଗ କରୁଛନ୍ତି। ସନ୍ଧ୍ୟା ପରେ ଏହି ସମସ୍ୟା ଉତ୍କଟ ରୂପ ଧାରଣ କରୁଛି। ଯାହାଫଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଉତ୍କଟ ହେଉ ଥିବାରୁ ଏ ନେଇ ସାଧାରଣରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଏପରିକି ଜରୁରୀକାଳୀନ ସେବାରେ ନିଯୋଜିତ ଦମକଳ ଓ ଆମ୍ବୁଲାନ୍ସ ଗାଡି ଗୁଡିକ ଯିବାରେ ମଧ ବାଧା ସୃଷ୍ଟି ହୋଇଛି।

ପଟ୍ଟାମୁଣ୍ଡାଇ ସହରର ବିପର୍ଯ୍ୟସ୍ତ ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ପ୍ରଶାସନ ପକ୍ଷରୁ ବାରମ୍ବାର ବୈଠକ ହୋଇଛି ସତ ମାତ୍ର ଫଳ ଶୂନ। ତେବେ ପ୍ରାପ୍ତ ସୂଚନାରୁ ଜଣାପଡିଛି ଯେ ବୁଲା ଗାଈ ଗୋରୁ ଛେଳି ମେଣ୍ଢାଙ୍କୁ ଧରିବା ପାଇଁ ପଟ୍ଟାମୁଣ୍ଡାଇ ପୌରପରିଷଦ ପକ୍ଷରୁ ଏକ ଗାଡି କିଣାଯାଇଥିଲେ ମଧ ଏହାକୁ ସଠିକ ଭାବେ କାର୍ଯ୍ୟରେ ଲଗାନଯାଉଥିବା ଅଭିଯୋଗ ହୋଇଛି। ତେଣୁ ପୌର କର୍ତ୍ତୃପକ୍ଷ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଅବିଳମ୍ବେ ଫଳପ୍ରଦ ପଦକ୍ଷେପ ନନେଲେ ସାଧାରଣରେ ସୃଷ୍ଟି ହୋଇଥିବା ତୀବ୍ର ଅସନ୍ତୋଷ ଆଗାମୀ ଭବିଷ୍ୟତରେ ଉଗ୍ର ରୂପ ଧାରଣ କରିବାର ସମ୍ଭାବନା ରହିଛି ।

# ୫୦ ବର୍ଷ ଆଗକୁ ଦେଖୁଛନ୍ତି ସରକାର: ରାଜସ୍ୱ ମନ୍ତ୍ରୀ



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ପୂର୍ବ ସରକାରର ଭୁଲ ପାଇଁ ନିଷ୍କାସନ ହୋଇପାରୁନି ବର୍ଷା ଜଳ। ରାଜ୍ୟର ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ବୃଦ୍ଧିକୁ ନେଇ ରାଜସ୍ୱ ମନ୍ତ୍ରୀ ପୂର୍ବ ସରକାରକୁ ଦାୟୀ କରିଛନ୍ତି। ଜଳବନ୍ଦୀ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଅଷ୍ଟ ଭିତ୍ତିକ ରାଜ୍ୟ ସରକାର । ବିଭିନ୍ନ ନଦୀର ଗତିପଥକୁ ସଫା କରିବା ପାଇଁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଖୁବଶୀଘ୍ର ନଦୀ ସଫେଇ ଅଭିଯାନ ଆରମ୍ଭ ହେବ। ବିଭିନ୍ନ କାରଣରୁ ନଦୀର ଗତିପଥ ଅବରୋଧ ହୋଇଥିବାରୁ ଉଭୟ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବଢ଼ି ଚାଲିଛି ଜଳ ନିଷ୍କାସନ ସମସ୍ୟା । ଏହାର ସ୍ଥାୟୀ ସମାଧାନ ପାଇଁ ରାଜ୍ୟ ସରକାର ଆଗାମୀ ୫୦ ବର୍ଷକୁ ଆଖି ଆଗରେ ରଖି ଯୋଜନା କରୁଛନ୍ତି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଅନ୍ୟପକ୍ଷରେ ଆସୁଥିବା ବଡ଼ ବର୍ଷା ପାଇଁ ପ୍ରସ୍ତୁତି ବୈଠକ ସରିଛି। ଆଗାମୀ ୪୮ ଘଣ୍ଟାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି ରାଜ୍ୟ ସରକାର। ପ୍ରବଳ ବର୍ଷା ହେଲେ ବି ରାଜ୍ୟରେ ବନ୍ୟା ସ୍ଥିତି ଉପୁଜିବ ନାହିଁ ବୋଲି ବୈଠକ ପରେ କହିଛନ୍ତି ରାଜସ୍ୱ ମନ୍ତ୍ରୀ। ନଦୀଗୁଡ଼ିକ ବିପଦ ସଙ୍କେତଠାରୁ ତଳେ ରହିଛି। ଆସୁଥିବା ବଡ଼ ବର୍ଷା ଦ୍ୱାରା କିଛି ସ୍ଥାନରେ ପାଣି ପଶିବାର ସମ୍ଭାବନା ରହିଛି। ବିଶେଷକରି ବର୍ଷା ସମୟରେ ସହରାଞ୍ଚଳ ଲୋକେ ସତର୍କ ରହିବାର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ କହିଛନ୍ତି। ଏପଟେ ବଙ୍ଗୋପସାଗରରେ ସୃଷ୍ଟି ହେଲା ଲଘୁଚାପ। ଆଗାମୀ ୨୪ ଘଣ୍ଟାରେ ଅବପାତ ସମ୍ଭାବନା। ଯୋଡ଼ା ଲଘୁଚାପ ପ୍ରଭାବରେ ସାରା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ପୂର୍ବ ଭାଗରେ ଉତ୍ତର ବଙ୍ଗୋପସାଗରର ପାର୍ଶ୍ୱବର୍ତ୍ତୀ ବାଂଲାଦେଶ, ପଶ୍ଚିମବଙ୍ଗ ଓ ଉତ୍ତର ଓଡିଶା ଉପକୂଳରେ ଗତକାଲି ଏକ ଲଘୁଚାପ ସୃଷ୍ଟି ହୋଇଛି। ସେହିପରି ଉତ୍ତର ପଶ୍ଚିମ ମଧ୍ୟପ୍ରଦେଶ ଏବଂ ତାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଅନ୍ୟ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଆଜି ପ୍ରବଳରୁ ଅତି ପ୍ରବଳ ବର୍ଷା ପାଇଁ ୬ ଜିଲ୍ଲାକୁ ଅରେଞ୍ଜ ଆଲର୍ଟ ଜାରି ହୋଇଛି। ସେହିପରି ପ୍ରବଳ ବର୍ଷା ନେଇ ୧୯ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି କରିଛି ପାଣିପାଗ କେନ୍ଦ୍ର।

# ଏଫ୍ଏମ୍ କଲେଜ ସମ୍ମୁଖରେ ବିଜୁ ଛାତ୍ର ଓ ଯୁବ ଜନତା ଦଳର ପ୍ରତିବାଦ

ବାଲେଶ୍ୱର,୧୪।୭(ସଂଚାର ବ୍ୟୁରୋ): ଏଫଏମ କଲେଜ ଆଗରେ ବିଜୁ ଛାତ୍ର ଓ ଯୁବ ଜନତାଦଳର ପ୍ରତିବାଦ। ଆତ୍ମାହୁତି କରିଥିବା ଛାତ୍ରୀଙ୍କ ପ୍ରତି ନ୍ୟାୟ ଦାବିରେ ବିକ୍ଷୋଭ ହୋଇଛି। ସରକାର ଛାତ୍ରୀଙ୍କୁ ସୁରକ୍ଷା ନ ଦେବା ଦୁର୍ଭାଗ୍ୟଜନକ ବୋଲି ଦଳ ପକ୍ଷରୁ କୁହାଯାଇଛି। ଏଥିସହ ଏହି ଘଟଣାରେ ଛାତ୍ରୀଙ୍କ ଆତ୍ମହତ୍ୟା ପାଇଁ କିଏ ପ୍ରବର୍ତ୍ତାଇଛି, ତାଙ୍କୁ କିଏ ପେଟ୍ରୋଲ ଦେଲା ଆଦି ଘଟଣାର ତଦନ୍ତ ପାଇଁ ମଧ୍ୟ ଦାବି କରାଯାଇଛି।



## ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ବିଜେତାଙ୍କ ବିଶେଷ ପ୍ରଶିକ୍ଷଣ

# ୨୦ରେ ରାଜ୍ୟସ୍ତରୀୟ ସେମି ଓ ୨୨ରେ ଫାଇନାଲ



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ରାଜ୍ୟର ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନଙ୍କ ମଧ୍ୟରେ ଆୟୋଜନ ହୋଇଛି ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା । ଇତିମଧ୍ୟରେ ଏହି ପ୍ରତିଯୋଗିତାର ଦୁଇଟି ସୋପାନ ଯଥା ବ୍ଲକ ଓ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ସରିଯାଇଛି। ତିରିଶ ଗୋଟି ଜିଲ୍ଲା ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସ୍ୱୟଂ ସହାୟକ ଗୋଷ୍ଠୀର ମା ଭଉଣୀମାନେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଭୁବନେଶ୍ୱରରେ ଆସି ପହଞ୍ଚିଛନ୍ତି । ଏହି ପରିପ୍ରେକ୍ଷୀରେ ଆଜିଠୁ ଜୁଲାଇ ୨୦ ତାରିଖ ପର୍ଯ୍ୟନ୍ତ ସମସ୍ତ ବିଜେତାଙ୍କୁ ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱରରେ ଖାଦ୍ୟ ପ୍ରସ୍ତୁତି ସମ୍ବନ୍ଧରେ ସାତଦିନିଆ ପ୍ରଶିକ୍ଷଣ ଦିଆଯିବ । ପ୍ରଶିକ୍ଷଣ ପରେ ଜିଲ୍ଲାସ୍ତରୀୟ ବିଜେତାମାନଙ୍କ ମଧ୍ୟରେ ଆସନ୍ତା ୨୦ ତାରିଖରେ ରାଜ୍ୟସ୍ତରୀୟ ସୁଭଦ୍ରା ଶକ୍ତି ପାରମ୍ପରିକ ଖାଦ୍ୟ ପ୍ରତିଯୋଗିତା ସେମିଫାଇନାଲ ଓ ୨୨ ତାରିଖରେ ଏହାର ଗ୍ରାଣ୍ଡ ଫାଇନାଲ ଅନୁଷ୍ଠିତ ହେବ। ଆଜି ପ୍ରଶିକ୍ଷଣର ପ୍ରଥମ ଦିବସରେ ଇନଷ୍ଟିଚ୍ୟୁଟ୍ ଅଫ ହୋଟେଲ ମ୍ୟାନେଜମେଣ୍ଟ, ଭୁବନେଶ୍ୱରରେ ପ୍ରତିଯୋଗୀମାନଙ୍କ ସ୍ୱାଗତ ଉତ୍ସବ ଅବସରରେ ମାଷ୍ଟର ସେଫ ଇଣ୍ଡିଆର ଷଷ୍ଠ ସଂସ୍କରଣ ବିଜେତା ସେଫ ଅବିନାଶ ନାୟକ, ହୋଟେଲ ମେ ଫେୟାର ଲାଗୁନର ଏକ୍ସକ୍ୟୁଟିଭ ସେଫ ସୁଜନ, ଇନଷ୍ଟିଚ୍ୟୁଟ୍ ଅଧ୍ୟକ୍ଷ ଶାରଦା ଘୋଷ, ମିଶନ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ ତଥା କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ମୂଳ ଲକ୍ଷ୍ୟ ହେଲା ଆଗାମୀ ଦିନରେ ଅଧିକରୁ ଅଧିକ ମହିଳା ଖାଦ୍ୟ ପ୍ରସ୍ତୁତ କ୍ଷେତ୍ରରେ ଉଦ୍ୟୋଗୀ ହେବାର ସ୍ୱପ୍ନ ପୂରଣ କରିବା ସହ ନିଜକୁ ଆର୍ଥିକ ସ୍ୱାବଲମ୍ବୀ କରି ଲକ୍ଷପତି ଦିଦି ହୋଇପାରିବେ। କାର୍ଯ୍ୟକ୍ରମ ମାଧ୍ୟମରେ ରାଜ୍ୟର ଆଞ୍ଚଳିକ, ପାରମ୍ପରିକ ଓ ବିସ୍ମୃତ ଖାଦ୍ୟ ଯଥା ମିଲେଟ, ମୁଢ଼ି ମାଂସ, ମାଣ୍ଡିଆ ଚକୁଳି, ସିଆ ପିଠା, ଛେନା ଝିଲ୍ଲୀ ଆଦି ସ୍ୱାଦିଷ୍ଟ ଓ ପୁଷ୍ଟିକର ଖାଦ୍ୟ ଲୋକଲୋଚନକୁ ମଧ୍ୟ ଆସିପାରିବ। ଫାଇନାଲରେ ବିଚାରକଙ୍କ ଦ୍ୱାରା ଚୟନିତ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ବିଜେତାଙ୍କୁ ଯଥାକ୍ରମେ ୨ ଲକ୍ଷ, ଦେଢ଼ ଲକ୍ଷ ଓ ୧ ଲକ୍ଷ ଟଙ୍କାର ପୁରସ୍କାର ପ୍ରଦାନ କରାଯିବ।

# ହୀନ ରାଜନୀତି ନ କରି ଭରସା ରଖନ୍ତୁ ବିରୋଧୀ: ବିରଞ୍ଚି



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଏଫ୍ଏମ୍ କଲେଜରେ ଘଟିଥିବା ଅଘଟଣ ଅତ୍ୟନ୍ତ ଦୁଃଖଦାୟକ ଓ ହୃଦୟ ବିଦାରକ। ଏହା ସମସ୍ତଙ୍କୁ ଦୁଃଖ ଦେଇଛି। ରାଜନୈତିକ ଦଳ ହିସାବରେ ବିଜେପି ହେଉ କିମ୍ବା ସରକାର, ସମସ୍ତେ ଏଥିରେ ବ୍ୟଥିତ। କିନ୍ତୁ ଏଭଳି ସମ୍ବେଦନଶୀଳ ପ୍ରସଙ୍ଗରେ ବିରୋଧୀ କଂଗ୍ରେସ ଓ ବିଜେଡି ହୀନ ରାଜନୀତି କରୁଛନ୍ତି ବୋଲି ଅଭିଯୋଗ କରିଛନ୍ତି ବିଜେପି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ। ଆଜି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ତ୍ରିପାଠୀ କହିଛନ୍ତି ଯେ ରାଜ୍ୟ ସରକାରଙ୍କ ଉପରକୁ ଅଙ୍ଗୁଳି ନିର୍ଦ୍ଦେଶ କରିବାର ଅଧିକାର କଂଗ୍ରେସର ନାହିଁ। କାରଣ ଏହି ସରକାର ଅମଳରେ ଦେଶର ବହୁଚର୍ଚ୍ଚିତ ଛବିରାଣୀ ହତ୍ୟାକାଣ୍ଡଠାରୁ ଆରମ୍ଭ କରି ଅଞ୍ଜନା ମିଶ୍ର ଗଣଦୁଷ୍କର୍ମ, ଦିଲ୍ଲୀର ନୈନା ସାହାଣୀ ଭଳି ଅଘଟଣ ଘଟିଛି। ଏହା କଂଗ୍ରେସ ଶାସନର କଳଙ୍କିତ ଇତିହାସ। କିନ୍ତୁ ସେତେବେଳେ କଂଗ୍ରେସ ଏସବୁ ସମ୍ବେଦନଶୀଳ ଘଟଣାକୁ ଗୁରୁତର ସହ ନେଇ ନ ଥିଲା। କିନ୍ତୁ ବାଲେଶ୍ୱର ଛାତ୍ରୀଙ୍କ ଘଟଣାରେ ବିଜେପି ସରକାର ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଘଟଣାର ୬ ଘଣ୍ଟା ଭିତରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଅଧ୍ୟାପକ ଓ କଲେଜ ଅଧ୍ୟକ୍ଷଙ୍କୁ ନିଲମ୍ବିତ କରାଯିବା ସହ ଗିରଫ ବି କରାଯାଇଛି। ମୁଖ୍ୟମନ୍ତ୍ରୀ ନିଜେ ଦିଲ୍ଲୀରୁ ଫେରବା କ୍ଷଣି ବିମାନବନ୍ଦରରେ ଅଧିକାରୀଙ୍କ ସହ ଆଲୋଚନା କରିବା ସହ ଏମ୍ସରେ ପହଞ୍ଚି ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ଡାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି। ପୀଡ଼ିତାଙ୍କ ପରିବାରକୁ ଭେଟି ଆଶ୍ୱାସନା ବି ଦେଇଛନ୍ତି। ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମଧ୍ୟ ଘଟଣାସ୍ଥଳରେ ପହଞ୍ଚି ପୀଡ଼ିତାଙ୍କୁ ଏମ୍ସ ସ୍ଥାନାନ୍ତରରେ ସହଯୋଗ କରିବା ସହ ନିରପେକ୍ଷ ତଦନ୍ତ ପାଇଁ ଉଦ୍ୟମ କରିଛନ୍ତି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଏଥିସହ ଏହି ସମ୍ବେଦନଶୀଳ ଘଟଣାରେ ଆତ୍ମାହୁତି ପଛରେ ଛାତ୍ର କଂଗ୍ରେସର ନେତାଙ୍କ ଭୂମିକା ସନ୍ଦେହ ଘେରକୁ ଆସିଛି। ସେମାନେ ଛାତ୍ରୀଙ୍କୁ ଉସକାଇଥିବାର ପ୍ରମାଣ ସୋସିଆଲ୍ ମିଡିଆରେ ରହିଛି। ଛାତ୍ର କଂଗ୍ରେସର ଜଣେ କର୍ମୀ ତାଙ୍କୁ ଆତ୍ମହତ୍ୟା କର ବୋଲି ଲେଖିଥିଲେ। କିନ୍ତୁ ଦଳ ଏବେ ପକ୍ଷ ପରିବର୍ତ୍ତନ କରି ପୀଡ଼ିତାଙ୍କ ପରିବାର ସହ ଠିଆ ହେବା ପରିବର୍ତ୍ତେ ଦିଲ୍ଲୀରେ ହୀନ ରାଜନୀତି କରୁଛି ବୋଲି ସେ ଅଭିଯୋଗ କରିଛନ୍ତି। ଏଥିସହ ଏପରି ଘଟଣାରେ ହୀନ ରାଜନୀତି ନ କରି ବିରୋଧୀ ଦଳମାନେ ସରକାରଙ୍କ ଉପରେ ଭରସା ରଖିବାକୁ ଶ୍ରୀ ତ୍ରିପାଠୀ କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୁବ ମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ଉପସ୍ଥିତ ଥିଲେ।

## ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା

# ଏନ୍‌ସିଡବ୍ଲ୍ୟୁଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଲେ ଅଲକା



ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଏଫଏମ କଲେଜରେ ଛାତ୍ରୀ ଆତ୍ମାହୁତି ଉଦ୍ୟମ ଘଟଣାରେ ଜାତୀୟ ମହିଳା କମିଶନ୍ (ଏନ୍‌ସିଡବ୍ଲ୍ୟୁ)ଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇଛି କଂଗ୍ରେସ। ଆଜି ନୂଆଦିଲ୍ଲୀସ୍ଥିତ ଏଆଇସିସି କାର୍ଯ୍ୟାଳୟରେ ଦଳ ପକ୍ଷରୁ ଏନ୍‌ସିଡବ୍ଲ୍ୟୁଙ୍କ ସହ ରାଜ୍ୟ ସରକାରଙ୍କୁ ମଧ୍ୟ ଦଳ ପକ୍ଷରୁ ସମାଲୋଚନା କରାଯାଇଛି। ସର୍ବଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା ଲାମ୍ବା ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଶ୍ରୀମତୀ ଲାମ୍ବା ଏନ୍‌ସିଡବ୍ଲ୍ୟୁ କ'ଣ ପାଇଁ ଭୁବନେଶ୍ୱର ଯାଉନାହାନ୍ତି ବୋଲି ପ୍ରଶ୍ନ କରିଛନ୍ତି। ଏଥିସହ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ କଟକ-ବାରମାଟୀ ବିଧାୟିକା ସୋଫିଆ ଫିର୍ଦ୍ଦୋସ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀମତୀ ଲାମ୍ବା କହିଛନ୍ତି ଯେ ଏଫ୍ଏମ୍ କଲେଜର ବିଇଡି ଛାତ୍ରୀ ଜଣଙ୍କୁ ବିଭାଗୀୟ ମୁଖ୍ୟ ସମୀର ସାହୁ ସେକ୍ସୁଆଲ ଫେଭର ପାଇଁ ଚାପ ପକାଇଆସୁଥିଲେ। ଏପରିକି ତାଙ୍କୁ ସହଯୋଗ ନ କଲେ ସେ ତାଙ୍କ କ୍ୟାରିଅର୍ ବରବାଦ କରିଦେବାକୁ ମଧ୍ୟ ଧମକ ଦେଇଆସୁଥିଲେ। ଏ ସମ୍ପର୍କରେ ସମ୍ପୃକ୍ତା ଛାତ୍ରୀ ଜଣଙ୍କ କଲେଜର ଅଧ୍ୟକ୍ଷଙ୍କ ସହ ଶିକ୍ଷା ବିଭାଗକୁ ମଧ୍ୟ ଅବଗତ କରାଇଥିଲେ। କିନ୍ତୁ ଏହି ମାମଲାରେ ଅଭିଯୁକ୍ତ ଅଧ୍ୟାପକଙ୍କ ବିରୋଧରେ ପ୍ରମାଣ ଦେଇ ନ ପାରିଲେ ତାଙ୍କୁ କାର୍ଯ୍ୟାନୁଷ୍ଠାନର ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଧମକ ଦିଆଯାଇଥିଲା। ଏପରି ଏକ ସମ୍ବେଦନଶୀଳ ମାମଲାରେ ଏନ୍‌ସିଡବ୍ଲ୍ୟୁ କେବଳ ରିପୋର୍ଟ ତଲବ କରିଛନ୍ତି। କିନ୍ତୁ ଆୟୋଗ କ'ଣ ପାଇଁ ଭୁବନେଶ୍ୱର ଯାଇ ଘଟଣାର ସରଜମିନ୍ ତଦନ୍ତ କରୁନାହାନ୍ତି ବୋଲି ଶ୍ରୀମତୀ ଲାମ୍ବା ପ୍ରଶ୍ନ କରିଛନ୍ତି। ସେହିପରି ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରି ଶ୍ରୀମତୀ ଲାମ୍ବା କହିଛନ୍ତି ଯେ ରାଜ୍ୟରେ କ୍ଷମତାସୀନ ବିଜେପି ସହ ଜଡ଼ିତ ଆର୍‌ଏସ୍‌ଏସ୍ ଦ୍ୱାରା ପରିଚାଳିତ ଛାତ୍ର ସଂଗଠନ ଏବିଭିପି ସହ ମଧ୍ୟ ସମ୍ପୃକ୍ତା ଛାତ୍ରୀ ଜଣଙ୍କ ଜଡ଼ିତ ଥିଲେ। କିନ୍ତୁ ତାଙ୍କୁ ରାଜ୍ୟ ସରକାର ସୁରକ୍ଷା ଦେଇନପାରିବା ଓ ତାଙ୍କ ଦୀର୍ଘକାଳୀନ ସମସ୍ୟାର ସମାଧାନ କରିବା ଦୁଃଖଦାୟକ ଘଟଣା ବୋଲି ସେ କହିଛନ୍ତି। ଏହାଛଡ଼ା ସ୍ଥାନୀୟ ସାଂସଦଙ୍କୁ ମଧ୍ୟ ଛାତ୍ରୀ ଜଣଙ୍କ ସମସ୍ୟା ନେଇ ଭେଟିବା ସହ ଅବଗତ କରାଇଥିଲେ। ସେ ଚିଠି ଲେଖିଥିଲେ ମଧ୍ୟ କଲେଜ ଅଧ୍ୟକ୍ଷ ତାଙ୍କ ନିର୍ଦ୍ଦେଶକୁ ଖାତିର୍ କରିନଥିଲେ। ତା'ଛଡ଼ା ନିକଟରେ ଓଡ଼ିଶା ଗସ୍ତରେ ଆସିଥିବା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ମଧ୍ୟ ସୌମ୍ୟାଶ୍ରୀ ଭେଟିବା ସକାଶେ ଉଦ୍ୟମ କରିଥିଲେ ହେଁ ତାଙ୍କୁ ଏହି ସୁଯୋଗ ଦିଆଯାଇନଥିଲା ବୋଲି ଶ୍ରୀମତୀ ଲାମ୍ବା କହିଛନ୍ତି।

■ ଏଫ୍ଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ପ୍ରସଙ୍ଗ

# ନ୍ୟାୟିକ ତଦନ୍ତ ଦାବିକଲା କଂଗ୍ରେସ




ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ): ବାଲେଶ୍ୱର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ କେବଳ ସମ୍ପୃକ୍ତ ଦୋଷୀ ଅଧ୍ୟାପକ ନୁହେଁ, ମୂଳରୁ ଚୂଳ ଯାଏ ସମସ୍ତେ ଚରମ ଦାୟିତ୍ୱହୀନତା ଦେଖାଇଛନ୍ତି। ଏହି ସମ୍ବେଦନଶୀଳ ପ୍ରସଙ୍ଗରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ୩ ଜଣ ଅଧ୍ୟାପକ, କଲେଜର ଭାରପ୍ରାପ୍ତ ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ରାଜ୍ୟ ଶିକ୍ଷାମନ୍ତ୍ରୀ ଏପରିକି ଖୋଦ ମୁଖ୍ୟମନ୍ତ୍ରୀ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବା ଉଚିତ ବୋଲି କଂଗ୍ରେସ ପକ୍ଷରୁ କୁହାଯାଇଛି। ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଦଳ ଉକ୍ତ ଘଟଣାର ନ୍ୟାୟିକ ତଦନ୍ତ ପାଇଁ ଦାବି କରାଯାଇଛି। ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା କହିଛନ୍ତି ଯେ ରାଜ୍ୟ ସରକାର ମହିଳା ଆୟୋଗ ଗଠନ କରିଥିଲେ, ଆଜି ଏପରି ଦୁର୍ଭାଗ୍ୟଜନକ ଘଟଣା ଘଟିନଥାନ୍ତା। ସେହିପରି ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି ଯେ ସମ୍ପୃକ୍ତ ଅଧ୍ୟାପକଙ୍କର କଳଙ୍କିତ ଅତୀତ ରହିଥିବାରୁ ଏହି ଘଟଣାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ଥିଲା। ତା'ଛଡ଼ା ଜଣେ ଏବିଭିପି କାର୍ଯ୍ୟକର୍ତ୍ତାଙ୍କ ପ୍ରତି ହୋଇଥିବା ଅତ୍ୟାଚାରକୁ ବିଜେପିର ସାଂସଦ କି ବିଧାୟକ କେହି ରୋକିପାରିଲେ ନାହିଁ। ଏହାଛଡ଼ା ରାଜ୍ୟରେ ମହିଳାଙ୍କ ପ୍ରତି ବଢୁଥିବା ନିର୍ଯାତନା ଘଟଣା ବିରୋଧରେ କଂଗ୍ରେସ ତା'ର ଆନ୍ଦୋଳନ ଜାରି ରଖିବ ବୋଲି ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି। ଏହାଛଡ଼ା ବିଧାୟକ ଦଳ ନେତା ରାମଚନ୍ଦ୍ର କଡ଼ାମ କହିଛନ୍ତି ଯେ ବିଧାନସଭାରେ ମହିଳା ନିର୍ଯାତନା ପ୍ରସଙ୍ଗ ଉଠାଇବାରୁ ବାଚସ୍ପତି ଆମକୁ ନିଲମ୍ବନ କଲେ। ଏଥିରୁ ରାଜ୍ୟ ସରକାରଙ୍କ ଆଭିମୁଖ୍ୟ ସ୍ପଷ୍ଟ ବୋଲି ଶ୍ରୀ କାଡାମ କହିଛନ୍ତି।

# ଶ୍ରୀମନ୍ଦିରକୁ ୩ ବର୍ଷରେ ମିଳିଛି ୧୨ କେଜି ସୁନା, ୨୧୪ କେଜି ରୁପା



ପୁରୀ,୧୪।୭ (ସଂଚାର ବ୍ୟୁରୋ) : ଗତ ୩ ଆର୍ଥିକ ବର୍ଷରେ ଶ୍ରୀମନ୍ଦିରକୁ ମିଳିଛି ୧୧୬ କୋଟି ଟଙ୍କାରୁ ଅଧିକ ଦାନ । ଏହାଛଡ଼ା ୧୨ କେଜିରୁ ଅଧିକ ସୁନା ଓ ୨୧୪ କେଜିରୁ ଅଧିକ ରୁପା ମଧ୍ୟ ଦାନରେ ମିଳିଛି । ନିକଟରେ ଏକ ତଥ୍ୟରୁ ଏହା ଜଣାପଡ଼ିଛି । ସୂଚନା ମୁତାବକ, ୨୦୨୧-୨୨, ୨୦୨୨-୨୩ ଏବଂ ୨୦୨୩-୨୪ ଆର୍ଥିକ ବର୍ଷରେ ହୁଣ୍ଡିରୁ ୪୦ କୋଟି ୬୧ ଲକ୍ଷ ୬୭ ହଜାର ୨୫୩ ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ୫୯ କୋଟି ୭୯ ଲକ୍ଷ ୯୯ ହଜାର ୯୫ ଟଙ୍କା ଓ ଅନ୍ୟାନ୍ୟ ସୂତ୍ରରୁ ୧୨ କୋଟି ୬୦ ଲକ୍ଷ ୮୯ ହଜାର ୫୪୧ ଟଙ୍କା ମିଳିଥିଲା। ୩ ବର୍ଷରେ ମୋଟ ୧୧୬ କୋଟି ୨ ଲକ୍ଷ ୫୬ ହଜାର ୩୧୨ ଟଙ୍କା ମିଳିଥିବା ବେଳେ ବ୍ୟାଙ୍କ ଆକାଉଣ୍ଟ ମାଧ୍ୟମରେ ଅଧିକ ଦାନ ସୂତ୍ରରେ ମିଳିଛି । ସେହିପରି ଗତ ୩ ବର୍ଷ ଭିତରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୧୨ କେଜି ୨୮୪ ଗ୍ରାମ ୪୨୪ ମିଲିଗ୍ରାମ ସୁନା ମିଳିଛି। ୨୦୨୧-୨୨ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୩ କେଜି ୫୦୯ ଗ୍ରାମ ୭୪୦ ମିଲିଗ୍ରାମ ସୁନାରୁ ୧ କେଜି ୭୦୧ ଗ୍ରାମ ୪୫୮ ମିଲିଗ୍ରାମ ବ୍ୟବହାର ହୋଇଛି । ଶ୍ରୀପୟର ମରାମତି, କୃଷ୍ଣ ଓ ବାବନ ମୂର୍ତ୍ତି ତିଆରିରେ ଏହି ସୁନା ବ୍ୟବହାର ହୋଇଛି। ୨୦୨୨-୨୩ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୩ କେଜି ୭୩୬ ଗ୍ରାମ ୮୯୪ ମିଲିଗ୍ରାମ ସୁନାରୁ ୮୮୦ ଗ୍ରାମ ୯୯୮ ଗ୍ରାମ ସୁନା ବ୍ୟବହାର ବା ଖର୍ଚ୍ଚ ହୋଇଛି । କୃଷ୍ଣ ଓ ବାବନ ମୂର୍ତ୍ତି ତିଆରି ନିମନ୍ତେ, ମା' ସୁଭଦ୍ରାଙ୍କ କିରିଟ, ମା' ଲକ୍ଷ୍ମୀଙ୍କ ହାର ତିଆରିରେ ଏହି ସୁନା ଲାଗିଛି । ୨୦୨୩-୨୪ରେ ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ୫ କେଜି ୩୭ ଗ୍ରାମ ୭୯୦ ମିଲିଗ୍ରାମ ସୁନା ମିଳିଥିଲା । ଯେତେବେଳେ କି ୧ ଗ୍ରାମ ୪୫୮ ମିଲିଗ୍ରାମ ସୁନା ଖର୍ଚ୍ଚ ହୋଇଛି । କୃଷ୍ଣ ଓ ବାବନ ମୂର୍ତ୍ତି ତିଆରି ନିମନ୍ତେ ଏହି ସୁନା ଖର୍ଚ୍ଚ ହୋଇଥିବା ତଥ୍ୟରୁ ଜଣାପଡ଼ିଛି । ସେହିପରି ଗତ ୩ ବର୍ଷ ଭିତରେ ୨୧୪ କେଜି ୧୨୯ ଗ୍ରାମ ୬୩୫ ମିଲିଗ୍ରାମ ରୁପା ହୁଣ୍ଡି ଓ ଅନ୍ୟାନ୍ୟ ଉତ୍ସରୁ ମିଳିଥିଲା । ଯେତେବେଳେ କି ୧୪୭ କେଜି ୧୦୩ ଗ୍ରାମ ୮୧୧ ମିଲିଗ୍ରାମ ରୁପା ବିଭିନ୍ନ କାର୍ଯ୍ୟରେ ବ୍ୟବହାର ବା ଖର୍ଚ୍ଚ ହୋଇଛି ।

# ନୂତନ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଯୋଗଦାନ



କୋରାପୁଟ ,୧୪।୭ (ସଂଚାର ବ୍ୟୁରୋ) : ନୂତନ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜିଙ୍କ ଯୋଗଦାନ । ପୁଣି ସୁଯୋଗ ମିଳିଛି ଅପରାଧିଙ୍କୁ ଛଡାଯିବନି । ସାଧାରଣ ଲୋକ ପୋଲିସର ସେବା ପାଇବେ ଏଭଳି କହିଛନ୍ତି ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଇଜି ଡକ୍ଟର କନୱର ବିଶାଲ ସିଂ । କୋରାପୁଟରେ ଯୋଗ ଦେଲେ ଡାକ୍ତର କନୱାର ୱିଶାଲ ସିଂ। ଡିଆଇଜି କାର୍ଯ୍ୟାଳୟରେ ପହଞ୍ଚିବା ପରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା। ପୂର୍ବରୁ କୋରାପୁଟ ଏସପି ଭାବେ ମାଓ ଦମନ ଠୁ ଆରମ୍ଭ କରି ଗଞ୍ଜେଇ ଚୋରା ଚାଲାଣ ସହ ଆଇନ ଶୃଙ୍ଖଳା କ୍ଷେତ୍ରରେ ଅନେକ ସଫଳତା ପାଇଥିଲେ । ଦକ୍ଷିଣ ପଶ୍ଚିମାଞ୍ଚଳର ୬ଟି ଯାକ ଜିଲ୍ଲାର ଏସପିଙ୍କ ସହ ଆଲୋଚନା କରିଛନ୍ତି । ଲୋକଙ୍କ ସୁରକ୍ଷା ଓ ଅପରାଧରେ ରୋକ ଲଗାଯିବ ବୋଲି ଡିଆଇଜି କନୱାର ୱିଶାଲ ସିଂ କହିଛନ୍ତି । ପୋଲିସ ଓ ସାଧାରଣ ଜନତାଙ୍କ ମଧ୍ୟରେ ସୁସମ୍ପର୍କ ଗଠନ କରାଯାଇ ପାରିବ ସେ ଦିଗରେ ଅଧିକ ଧ୍ୟାନ ଦିଆଯିବ ବୋଲି ଡିଆଇଜି କହିଛନ୍ତି ।

# ବାଇକ ଚାଳକଙ୍କୁ ଚାପିଦେଲା ଆମ ବସ୍, ଘଟଣାସ୍ଥଳରେ ଯୁବକ ମୃତ

ବାରଙ୍ଗ,୧୪।୭ (ସଂଚାର ବ୍ୟୁରୋ) : ବାଇକ ଚାଳକଙ୍କୁ ଚାପିଦେଲ ଆମ ବସ୍ । ଘଟଣାସ୍ଥଳରେ ଯୁବକ ମୃତ । ବାରଙ୍ଗ ବ୍ଲକ ଛକ ନିକଟରେ ଭୁବନେଶ୍ୱରରୁ କଟକ ଯାଇଥିବା ବେଳେ ଅଘଟଣ । ଉତ୍ୟକ୍ତ ଲୋକେ କଲେ ବସ ଭଙ୍ଗାରୁଜା । ଖବର ଅନୁସାରେ ଯୁବକ ଜଣକ ଭୁବନେଶ୍ୱର ପଟୁ କଟକ ଅଭିମୁଖେ ଯାଉଥିଲେ । ୧୮ ନଂ ରୁଟ ଆମ ବସ୍ ଧକ୍କାରେ ଏଭଳି ଦୂର୍ଘଟଣା ହୋଇଛି । ଆମ ବସ୍ ଟି ବାଇକକୁ ଧକ୍କା ଦେଇ ଯୁବକଙ୍କ ଉପରେ ଚଢ଼ି ଯାଇଥିଲା । ମୃତ ଯୁବକ ଜଣକ ହେଲେ ଶୁଭେନ୍ଦୁ ପରିଡ଼ା। ସେ କଟକ ରାଣୀହାଟ ବେହେରା ସାହି ଅଞ୍ଚଳର ବୋଲି ସୂଚନା ମିଳିଛି ।

# ଜଳ ଯୋଗାଣ ପାଇପ ଫାଟି ୫୦ ଫୁଟ ଉଚ୍ଚରେ ଉଠୁଛି ପାଣି

ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ) : ଜୟଦେବ ଭବନ ଆଗରେ ପାନୀୟ ଜଳ ଯୋଗାଣ ପାଇପ ସୋମବାର ଫାଟିଛି। ମୁଖ୍ୟ ପାଇପ ଫାଟିବାରୁ ୫୦ ଫୁଟ ଉଚ୍ଚରେ ପାଣି ଉଠୁଛି। ଉପରେ ୩୦ କେଭି ବିଦ୍ୟୁତ ତାର ଥିବାରୁ ଲୋକେ ଆତଙ୍କିତ ଅଛନ୍ତି।

# ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ



ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ) : ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ପ୍ରଖ୍ୟାତ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଏକ ରାଜ୍ୟସ୍ତରୀୟ ଆଲୋଚନାଚକ୍ର ଓ ସଂଗୀତ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ବରିଷ୍ଠ ଶିକ୍ଷାବିତ୍ ତଥା ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ସଦସ୍ୟ ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ କବି ବିଦ୍ୟୁତ୍‌ପ୍ରଭାଙ୍କ ସାହିତ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ। ନାରୀବାଦ, ନାରୀ ଶସକ୍ତିକରଣ, ସାମାଜିକ ନ୍ୟାୟ ଓ ନାରୀ ସ୍ୱାଧୀନତାକୁ ବିଦ୍ୟୁତ୍‌ପ୍ରଭା ଦେବୀ ନିଜ କବିତାରେ ଗୁରୁତ୍ୱ ଦେବା ସମ୍ପର୍କରେ ସେ ବକ୍ତବ୍ୟ ରଖିଥିଲେ। ବିଶିଷ୍ଟ ସାହିତ୍ୟିକ ତଥା ଗବେଷିକା ପ୍ରଫେସର ସଂଘମିତ୍ରା ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ କାବ୍ୟ ସାହିତ୍ୟକୁ ବିଦ୍ୟୁତ୍‌ପ୍ରଭାଙ୍କ ଅତୁଳନୀୟ ଅବଦାନ ତଥା ତାଙ୍କ କବିତାର ଅନନ୍ୟ ରଚନାଶୈଳୀ ଓ ଶବ୍ଦ ସଂଯୋଜନା ସମ୍ପର୍କରେ ସୁବିସ୍ତୃତ ଆଲୋଚନା କରିଥିଲେ। ଚେୟାର ପ୍ରଫେସର ପ୍ରେମାନନ୍ଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇ କବି ବିଦ୍ୟୁତ୍‌ପ୍ରଭାଙ୍କ ଜୀବନୀ ଓ ତାଙ୍କର ସାମଗ୍ରିକ ସାହିତ୍ୟକୃତି ବିଷୟରେ ବିଶଦ ଆଲୋଚନା କରିଥବଲେ। କୁଳପତି ପ୍ରଫେସର ସ୍ୱାଇଁ ତାଙ୍କ ସଭାପତିତ୍ୱ ବକ୍ତବ୍ୟରେ କବି ବିଦ୍ୟୁତ୍‌ପ୍ରଭା ଦେବୀଙ୍କ ରଚନା ପରମ୍ପରା ଓ ଆଧୁନିକତାର ମିଶ୍ରଣରେ ଏକ ନୂତନ କାବ୍ୟିକ ଧାରା ସୃଷ୍ଟିପାରିଥିଲା ବୋଲି କହିଥିଲେ। ଆଧୁନିକତା ପ୍ରତି ଉନ୍ମୁଖ ଓ ବ୍ୟାପକ ପ୍ରସାରିତ ଦୃଷ୍ଟିକୋଣ କବି ବିଦ୍ୟୁତ୍‌ପ୍ରଭାଙ୍କ କବିତା ସମୂହରେ ପ୍ରତିଫଳିତ ହୋଇ ତାଙ୍କ ସାରସ୍ୱତ ସାଧନାକୁ ଋଦ୍ଧିମନ୍ତ କରିଥିଲା ବୋଲି ସେ ମତବ୍ୟକ୍ତ କରିଥିଲେ। ସହଯୋଗୀ ପ୍ରଫେସର ଡ. ଧୀରଜ କୁମାର ମହାପାତ୍ରଙ୍କ ନିର୍ଦ୍ଦେଶନାରେ କବି ବିଦ୍ୟୁତ୍‌ପ୍ରଭାଙ୍କ ରଚନାରୁ ଓଡ଼ିଶୀ କଣ୍ଠ ସଂଗୀତ ବିଭାଗର ଛାତ୍ରୀମାନେ ବୃନ୍ଦ ସଂଗୀତ ପରିବେଷଣ କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଡ. ଜ୍ଞାନରଞ୍ଜନ ପଣ୍ଡା ସଂଯୋଜନା କରିଥିଲେ। ଏହି ଅବସରରେ କବି ବିଦ୍ୟୁତ୍‌ପ୍ରଭାଙ୍କ ରଚନାରୁ ଛାତ୍ରଛାତ୍ରୀମାନେ କବିତା ଆବୃତ୍ତି କରିଥିଲେ।

# ପୁନର୍ଗଠିତ ହେବ ରାଜ୍ୟ ମହିଳା କମିଶନ, ଆଶାୟୀଙ୍କ ଲମ୍ବା ଧାଡ଼ି




ଭୁବନେଶ୍ୱର,୧୪।୭: ରାଜ୍ୟ ମହିଳା କମିଶନ ଓ ଶିଶୁ ସୁରକ୍ଷା ଅଧିକାର କମିଶନର ପୁନର୍ଗଠନ ଖୁବ୍‌ଶୀଘ୍ର କରାଯାଇ ଏହି ଗୁରୁତ୍ୱପୂର୍ଣ୍ଣ କମିଶନ ଦୁଇଟିର ଅଧ୍ୟକ୍ଷ ଓ ସଦସ୍ୟମାନଙ୍କୁ ନିଯୁକ୍ତି ଦିଆଯାଇପାରେ। ଏ ସଂକ୍ରାନ୍ତରେ ରାଜନୈତିକ ସ୍ତରରେ ଆଲୋଚନା ଚାଲିଛି।

ପୂର୍ବ ବିଜେଡି ସରକାର ଅମଳରେ ଯେଉଁମାନଙ୍କୁ ଏହି ଦୁଇ ଗୁରୁତ୍ୱପୂର୍ଣ୍ଣ କମିଶନ ପଦପଦବୀରେ ନିଯୁକ୍ତି ଦିଆଯାଇଥିଲା ନୂଆ ବିଜେପି ସରକାର ସେମାନଙ୍କୁ ବିଦା କରିଦେଇ ସରକାରୀ ଅଧିକାରୀମାନଙ୍କ ନିୟନ୍ତ୍ରଣରେ ପ୍ରାୟ ୬ମାସ ଧରି ଏହି କମିଶନ ସବୁକୁ ରଖିଛନ୍ତି। ଯେଉଁ ଅଧିକାରୀମାନଙ୍କୁ କମିଶନ ଦାୟିତ୍ୱରେ ରଖାଯାଇଛି ସେମାନେ ବିଭାଗୀୟ ଶାସନ ସଚିବ ସହିତ ଅନ୍ୟ ବହୁ ଦାୟିତ୍ୱ ଅତିରିକ୍ତ ଭାବେ ତୁଲାଉଥିବାରୁ କମିଶନଙ୍କ ଦପ୍ତରକୁ ମଧ୍ୟ ନିୟମିତ ଆସିପାରୁନାହାନ୍ତି। ଏଭଳି ସ୍ଥିତିରେ ରାଜ୍ୟରେ ମହିଳାଙ୍କ ପ୍ରତି ନିର୍ଯାତନା ବଢ଼ି ଚାଲୁଥିବା ବେଳେ ନିର୍ଯାତିତାମାନେ ରାଜ୍ୟ କମିଶନ ପାଖରୁ ନ୍ୟାୟ ପାଇବା ସମ୍ଭାବନା କମି କମି ଯାଉଛି।

ଅନ୍ୟପକ୍ଷରେ ଓଡ଼ିଶା ବ୍ୟାପାରରେ ଜାତୀୟ ମହିଳ କମିଶନ ଓ ଜାତୀୟ ଶିଶୁ ଅଧିକାର ସୁରକ୍ଷା କମିଶନ ବାରମ୍ବାର ହସ୍ତକ୍ଷେପ କରି ନିଜ ଆଡୁ ନୋଟିସ ଜାରି କରୁଛନ୍ତି। ନିକଟରେ ବାଲେଶ୍ୱରସ୍ଥିତ ଫକିରମୋହନ ମହାବିଦ୍ୟାଳୟର ଜଣେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ କରିବା ଘଟଣାରେ ହଇଚଇ ସୃଷ୍ଟି ହୋଇଥିବାବେଳ ଜାତୀୟ ମହିଳା କମିଶନ ଏହି ବ୍ୟାପାରକୁ ଗମ୍ଭୀରତାର ସହ ନେଇ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ରିପୋର୍ଟ ଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଅଥଚ ରାଜ୍ୟ ମହିଳା କମିଶନ ଏ ବ୍ୟାପାରରେ ମୁହଁ ଖୋଲୁନାହାନ୍ତି।

ପ୍ରାୟ ମାସେ ତଳେ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗଣମାଧ୍ୟମରେ ସୂଚନା ଦେଇଥିଲେ ଯେ ମହିଳା କମିଶନ ପୁନର୍ଗଠନ ସମ୍ପର୍କରେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ତାଙ୍କ ସରକାରର ବର୍ଷ ପୂର୍ତ୍ତି ଅବସରରେ ରାଜ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ବିଭିନ୍ନ କମିଶନ, ନିଗମ, ବୋର୍ଡ ଆଦିରେ ଖୁବ୍‌ଶୀଘ୍ର ନିଯୁକ୍ତି ଦିଆଯିବ ବୋଲି କହିଥିଲେ। ଏମିତିକି ମନମୋହନ ସାମଲ ପୁନର୍ବାର ରାଜ୍ୟ ବିଜେପି ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବା ପରେ ମଧ୍ୟ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ ଅନ୍ୟାନ୍ୟ ସଂସ୍ଥାରେ ନିଯୁକ୍ତି ଦିଆଯିବ ବୋଲି ଘୋଷଣା କରିଥିଲେ।

ଓଡ଼ିଶାରେ ଗତ କିଛିବର୍ଷ ମଧ୍ୟରେ ମହିଳା ଓ ଶିଶୁମାନଙ୍କ ପ୍ରତି ନିର୍ଯାତନା ବଢ଼ି ଚାଲିଛି । ଦେଶର ଅନେକ ରାଜ୍ୟରେ ବି ଏଭଳି ସମସ୍ୟା ଲାଗି ରହିଛି। ଏହି ପ୍ରସଙ୍ଗକୁ ସବୁବେଳେ ବିରୋଧୀ ଦଳମାନେ ଉଠାଇ ସରକାର ଉପରେ ଆକ୍ରମଣ କରିଥାନ୍ତି । ଫଳରେ ବସ୍ତୁତଃ ଏହି ଅପରାଧିକ ମାମଲା ରାଜନୈତିକ ପ୍ରସଙ୍ଗରେ ପରିଣତ ହୋଇଯାଇଥାଏ। ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନ ଏକ ପ୍ରକାର ଅଚଳ ଅବସ୍ଥାରେ ରହିଥିବା ବେଳେ କେବଳ କର୍ମଚାରୀଙ୍କ ଭତ୍ତା, ବେତନ ଓ ଦପ୍ତର ପରିଚାଳନା ପାଇଁ ବିପୁଳ ଅର୍ଥ କିନ୍ତୁ ବ୍ୟୟ ହେଉଛି। ଏଥିରୁ ପୀଡ଼ିତାମାନେ କିଛି ଉପଶମ ପାଇପାରୁନାହାନ୍ତି।

ଏବେ ବାଲେଶ୍ୱର ଘଟଣାକୁ ନେଇ ବିଭିନ୍ନ ରାଜନୈତିକ ଦଳ ସକ୍ରିୟ ହୋଇପଡିଥିବା ବେଳେ ଜାତୀୟ ମହିଳା କମିଶନଙ୍କ ହସ୍ତକ୍ଷେପ ସେମାନଙ୍କ ଲାଗି ଅମୋଘ ଅସ୍ତ୍ର ହୋଇଛି। ପୂର୍ବରୁ ପଟ୍ଟାମୁଣ୍ଡାଇ ଅଞ୍ଚଳରେ ଜଣେ ଯୁକ୍ତ ଦୁଇ ଛାତ୍ରୀ ପରୀକ୍ଷା ପରିଚାଳନା ଦାୟିତ୍ୱରେ ଥିବା ଅଧ୍ୟାପକଙ୍କ ଅସଦାଚରଣର ଶିକାର ହୋଇ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ସେହିଭଳି ବ୍ରହ୍ମପୁର ସହରରେ ଜଣେ ରାଜନେତା ନାବାଳିକା ଦୁଷ୍କର୍ମ ଅଭିଯୋଗରେ ବନ୍ଧା ହୋଇଥିବା ବେଳେ ବିଭିନ୍ନ ସ୍ଥାନରୁ ମାଳମାଳ ଅଭିଯୋଗମାନ ଆସୁଛି। ଏହି ପରିପ୍ରେକ୍ଷୀରେ ଖୁବ୍‌ଶୀଘ୍ର ରାଜ୍ୟ ମହିଳା କମିଶନ ଓ ଶିଶୁ ଅଧିକାର ସୁରକ୍ଷା କମିଶନ କାର୍ଯ୍ୟକ୍ଷମ ହୋଇପାରେ ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଚାଲିଥିବା ବେଳେ ଏଥିରେ ଥଇଥାନ ହେବା ଲାଗି ଆଶାୟୀମାନେ ପୂରା ଦମ୍‌ରେ ଲାଗିପଡ଼ିଛନ୍ତି। ତେବେ କେବେ ସୁଦ୍ଧା ଏହି କମିଶନରେ ନିଯୁକ୍ତି ମିଳିବ ସେଥିନେଇ କିନ୍ତୁ ସ୍ପଷ୍ଟ ସମୟ ସୀମା କେହି ଦେଇପାରୁନାହାନ୍ତି। (ତଥ୍ୟ)

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live



# ପ୍ରତିରକ୍ଷା ଉତ୍ପାଦନରେ ସଫଳତା

ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଏକଚାଟିଆ ନିଷ୍ପତ୍ତି ଏବଂ ତାରିଫ ବୃଦ୍ଧି ପରେ ଅନେକ ଦେଶର ବୁଦ୍ଧି ପଶିଛି। ଆଜି ଟ୍ରମ୍ପ ତାରିଫ ବୃଦ୍ଧି କଲେ, କାଲି ସାମରିକ ସହାୟତା ବନ୍ଦ କରିଦେଇପାରନ୍ତି କିମ୍ବା ଏହାର ମୂଲ୍ୟ ୪ଗୁଣ ବୃଦ୍ଧି କରିପାରନ୍ତି। ଏହି ପରିସ୍ଥିତିରେ ଭାରତ ନିଜସ୍ୱ ଜ୍ଞାନ କୌଶଳ ପୟୋଗ କରି ପ୍ରତିରକ୍ଷା ସାମଗ୍ରୀ ନିର୍ମାଣ କରିବା ଉଚିତ। ଏହା ଦ୍ୱାରା ପ୍ରତିରକ୍ଷା କ୍ଷେତ୍ରରେ ଭାରତ ଆତ୍ମନିର୍ଭରଶୀଳ ହୋଇପାରିବ ଏବଂ ଏହା ସହିତ ବିଦେଶକୁ ଏହା ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଉପାର୍ଜନ କରିପାରିବ। ଚଳିତ ବର୍ଷ ଭାରତର ବାଣିଜ୍ୟିକ ରପ୍ତାନୀରେ ଏକ ନୂଆ ସଫଳତା ମିଳିଛି। ଶିଳ୍ପ ଏବଂ କୃଷି ଜାତ ସାମଗ୍ରୀ ସହ ଖଣିଜ ରପ୍ତାନୀ ଅନେକ ବର୍ଷ ହେବ ଚାଲିଆସୁଛି। ଜେମ୍ସ ଆଣ୍ଡ ଜୁଏଲାରୀ ରପ୍ତାନୀ ମଧ ବଢ଼ୁଛି। ଏବେ ଅଳ୍ପ କିଛି ବର୍ଷ ହେବ ଭାର ବିପୁଳ ପରିମାଣର ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ଏ ବାବଦରେ ପ୍ରଚୁର ବୈଦେଶିକ ମୁଦ୍ରା ଉପାର୍ଜନ କରୁଛି। ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ଭାରତ ଧିରେ ଧିରେ ଆତ୍ମନିର୍ଭରଶୀଳତା ଦିଗରେ ଗତି କରୁଛି। ଏହା ଫଳରେ ଭାରତକୁ ସବୁ ସାମଗ୍ରୀ ପାଇଁ ବିଦେଶ ଉପରେ ନିର୍ଭର କରିବାକୁ ପଡ଼ୁନି। ଭାରତ ଅନେକ ପ୍ରତିରକ୍ଷା ସାମଗ୍ରୀ ସ୍ୱଦେଶୀଜ୍ଞାନ କୌଶଳରେ ନିର୍ମାଣ କରିପାରୁଛି। ଏହା ଦ୍ୱାରା କେବଳ ଭାରତ ସାମରିକ ଦୃଷ୍ଟିରୁ ସଶକ୍ତ ହୋଇନି, ଏହା ମଧ ପ୍ରତିରକ୍ଷା ସାମଗ୍ରୀ ରପ୍ତାନୀ କରି ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଏହା ମୋଦି ସରକାରଙ୍କର ଏକ ବଡ଼ ସଫଳତା। ନିକଟରେ ଭାରତ ଆର୍ମେନିଆକୁ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଶକ୍ତିଶାଳି କ୍ଷେପଣାସ୍ତ୍ର ପିନାକ ରପ୍ତାନୀ କରିଛି। ଏସିଆ, ୟୁରୋପ, ଆଫ୍ରିକାର ଅନେକ ଦେଶ ଏବେ ଭାରତରୁ କ୍ଷେପଣାସ୍ତ୍ର ଏବଂ ଅନ୍ୟ ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହା ହେଉଛି ଆତ୍ମନିର୍ଭର ଭାରତର ପ୍ରମାଣ। ଭାରତ ଆଜି ବିଶ୍ୱର ଏକ ଶକ୍ତିଶାଳି ଦେଶ ଭାବେ ଗର୍ବର ସହ ମୁଣ୍ଡଟେକି ଠିଆ ହୋଇଛି । ଏଥିପାଇଁ ମୋଦିଙ୍କ ଦୂରଦୃଷ୍ଟିକୁ ତାରିଫ କରିବାକୁ ପଡ଼ିବ। ଆମେରିକା ଓ ଚୀନ ଭଳି ଦେଶର ଆର୍ôଥିକ ସମୃଦ୍ଧିର ଏକ ବଡ଼ କାରଣ ହେଲା ଏମାନେ ଅନେକ କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଏବଂ ବିଦେଶରୁ ଏସବୁ କ୍ରୟ କରିବାକୁ ପଡ଼ୁନାହିଁ। କେବଳ ଖାଦ୍ୟ ସାମଗ୍ରୀ ନୁହେଁ, ପ୍ରତିରକ୍ଷା ସାମଗ୍ରୀ ଉତ୍ପାଦନରେ ମଧ ଚୀନ ଓ ଆମେରିକା ଏପରିକି ରଷିଆ ମଧ ଆତ୍ମନିର୍ଭରଶୀଳ। ଭାରତ ଏସବୁ ସାମଗ୍ରୀ ଆମଦାନୀ ବାବଦରେ ବିପୁଳ ବୈଦେଶିକ ମୁଦ୍ରା ବ୍ୟୟ କରୁଛି। ଏବେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ କେନ୍ଦ୍ର ସରକାର ଏଥିରୁ ନିସ୍ତାର ପାଇବାକୁ ଚିନ୍ତା କରୁଛନ୍ତି ଏବଂ ତଦନୁଯାୟୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହା ବହୁ ବର୍ଷ ତଳୁ ହେବାର ଥିଲା। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳ ଭାରତ ଗଠନ ଲକ୍ଷ୍ୟ ଆଗକୁ ଭାରତୀୟ ଅର୍ଥନୀତିରେ ଗେମ ଚେଞ୍ଜର ହୋଇପାରେ। ଏହା ଉଭୟ ବୈଦେଶିକ ମୁଦ୍ରେ ଉପାର୍ଜନ ସହ ଭାରତର ପ୍ରତିରକ୍ଷା ସାମର୍ଥ୍ୟକୁ ବୃଦ୍ଧି କରିବ। ଇତିମଧରେ ଭାରତୀୟ ବାୟୁସେନା ଆଉ କିଛି ଲଢ଼ୁଆ ବିମାନ କିଣିବାକୁ ଯାଉଛି। ପ୍ରତିରକ୍ଷା ସଂକ୍ରାନ୍ତୀୟ କ୍ୟାବିନେଟ କମିଟି ଏହାକୁ ଅନୁମୋଦନ କରିଛି। ଏଥିରେ କେବଳ ହାଲ ନୁହେଁ, ଅନେକ ଭାରତୀୟ ଶିଳ୍ପ ସଂସ୍ଥା ଉପକୃତ ହେବେ। ପ୍ରତିରକ୍ଷା କ୍ଷେତ୍ରରେ ଆତ୍ମନିର୍ଭରଶୀଳତା ଦିଗରେ ଏହା ଆଉ ଏକ ମହତ୍ୱପୂର୍ଣ୍ଣ ପଦକ୍ଷେପ ହେବ। କେନ୍ଦ୍ରରେ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ବିଜେପି କ୍ଷମତାକୁ ଆସିବା ପରେ ଭାରତ ପ୍ରତିରକ୍ଷା କ୍ଷେତ୍ରରେ ଅଧିକ ଶକ୍ତିଶାଳି ହୋଇଛି, ଏହାକୁ ସ୍ୱୀକାର କରିବାକୁ ପଡ଼ିବ। ଆମେରିକା, ରୁଷ ଏବଂ ଫ୍ରାନ୍ସ ଭଳି ଦେଶରୁ ଭାରତ ବହୁ ଶକ୍ତିଶାଳି ପ୍ରତିରକ୍ଷା ସାମଗ୍ରୀ କ୍ରୟ କରିଛି, ଆଉ କିଛି କ୍ରୟ କରିବାକୁ ଚୁକ୍ତି ସ୍ୱାକ୍ଷର କରିଛି। ପ୍ରଧାନମନ୍ତ୍ରୀ ମୋଦିଙ୍କ ସଫଳ ବୈଦେଶିକ ନୀତି ଏବଂ କୂଟନୀତି ବଳରେ ଏହା ସମ୍ଭବ ହୋଇପାରିଛି। ଏବେ ଭାରତ ଆଉ ପାକିସ୍ତାନକୁ ନିଜର ପ୍ରତିଦ୍ୱନ୍ଦ୍ୱି ଭାବେ ବିଚାର କରୁନି। ଏବେ ଚୀନ ହେଉଛି ଭାରତର ଟାର୍ଗେଟ। ଭାରତ ତୁଳନାରେ ଚୀନ ପ୍ରତିରକ୍ଷା କ୍ଷେତ୍ରରେ ବହୁ ଆଗରେ। ତେଣୁ ଚୀନ ସହ ସମ୍ଭାବ୍ୟ ସାମରିକ ମୁକାବିଲାକୁ ଭାରତ ସର୍ବାଧିକ ଗୁରୁତ୍ୱ ଦେଉଛି। ଯାହା ୫୦ ବର୍ଷ ତଳୁ କରିବାର ଥିଲା ତାହା ଏବେ ହେଉଛି। ତେଣୁ ଚୀନ ସହ ସମକକ୍ଷ ହେବାକୁ ଭାରତକୁ ଆହୁରି ୫୦ ବର୍ଷ ଲାଗିଯିବ। ଯାହା ବି ହେଉ ଏବେ ଅନ୍ତତଃ ପକ୍ଷେ ଚୀନର ମୁକାବିଲା ନିମନ୍ତେ ଭାରତୀୟ ସେନାର ମନୋବଳ ବୃଦ୍ଧି ପାଇଛି। କେବଳ ଚୀନ ନୁହେଁ, ଭବିଷ୍ୟତରେ ଯଦି କେବେ ଚୀନ ଏବଂ ପାକିସ୍ତାନ ମିଳିତ ଭାବେ ଭାରତ ସହ ଯୁଦ୍ଧରେ ଅବତୀର୍ଣ୍ଣ ହୁଅନ୍ତି ତେବେ ଏହାର ମୁକାବିଲା ନିମନ୍ତେ ଭାରତୀୟ ସେନା ପ୍ରସ୍ତୁତ ବୋଲି ସେନା ମୁଖ୍ୟ କହିଛନ୍ତି। ମନମୋହନ ସିଂହଙ୍କ ଶାସନ କାଳରେ ଭାରତ ଫ୍ରାନ୍ସରୁ ରାଫେଲ ବିମାନ କିଣିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ବିଭିନ୍ନ କାରଣରୁ ଏହା ଅଟକି ରହିଥିଲା। ନିଷ୍ପତ୍ତି କାର୍ଯ୍ୟକାରୀ ହୋଇପାରୁନଥିଲା। ନରେନ୍ଦ୍ର ମୋଦି କ୍ଷମତାକୁ ଆସିବା ପରେ ଏହାକୁ ତତ୍କାଳ କାର୍ଯ୍ୟକାରୀ କରାଗଲା। ଫ୍ରାନ୍ସରୁ ଭାରତ ୩୬ଟି ରାଫେଲ ବିମାନ କ୍ରୟ କରିଛି। ଏଲଏସିରେ ଏବେ ରାଫେଲ ମୁତୟନ ହୋଇଛି। ଏହା ସହିତ ଆମେରିକାରୁ ମଧ ଭାରତ ଶକ୍ତିଶାଳି ହେଲିକପ୍ଟର, ମିଶାଇଲ ସିଷ୍ଟମ, ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର କ୍ରୟ କରିଛି। ଏବେ ନିକଟରେ ପ୍ରଧାନମନ୍ତ୍ରୀ ମୋଦି ଆମେରିକା ଗସ୍ତରେ ଯାଇଥିବା ବେଳେ ଉଭୟ ଦେଶ ମଧରେ ଏକ ଗୁରୁତ୍ୱପୂର୍ଣ୍ଣ ସାମରିକ ଚୁକ୍ତି ହୋଇଛି। ଏହି ଚୁକ୍ତି ଅନୁଯାୟୀ ଭାରତ ଆମେରିକାରୁ ପ୍ରିଡେଟର ଡ୍ରୋନ କ୍ରୟ କରିବ। ସେହିପରି ଫ୍ରାନ୍ସ ସହ ମଧ ଭାରତ ସାମରିକ ଚୁକ୍ତି କରିଛି। ଏହି ଚୁକ୍ତି ଅନୁଯାୟୀ ଭାରତୀୟ ନୌସେନା ନିମନ୍ତେ ଫ୍ରାନ୍ସରୁ ଆଉ ୨୬ଟି ରାଫେଲ ଏବଂ ୩ଟି ସବମେରିନ କ୍ରୟ କରାଯିବ। ଏହା ଫଳରେ ଭାରତୀୟ ନୌସେନାର ଶକ୍ତି ବହୁଗୁଣ ବୃଦ୍ଧି ପାଇବ। ସାମରିକ କ୍ଷେତ୍ରରେ ଭାରତକୁ ଆତ୍ମନିର୍ଭରଶୀଳ କରିବାକୁ ନରେନ୍ଦ୍ର ମୋଦି ସଙ୍କଳ୍ପ ନେଇଛନ୍ତି। ତଦନୁଯାୟୀ ଭାରତରେ ଅନେକ ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଲଢ଼ୁଆ ବିମାନ, ସବମେରିନ ଏବଂ ଏୟାରକ୍ରାଫ୍ଟ କ୍ୟାରିୟର ନିର୍ମାଣ କରାଯାଉଛି। ଏହା ଦ୍ୱାରା କେବଳ ଭାରତୀୟ ସେନା ଶକ୍ତିଶାଳି ହେଉନି, ଏହାକୁ ଅନ୍ୟ ଦେଶକୁ ବିକ୍ରି କରି ଭାରତ ବିପୁଳ ବୈଦେଶିକ ମୁଦ୍ରା ଅର୍ଜନ କରିପାରୁଛି। ଡିଆରଡିଏ ଏବଂ ହାଲ ଭଳି ରାଷ୍ଟ୍ରାୟତ ସଂସ୍ଥା ଏହା ଦ୍ୱାରା ଆର୍ôଥକ ଦୃଷ୍ଟିରୁ ସମ୍ପନ୍ନ ହେଉଛି। କିଛି ମାସ ତଳେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଆଇଏନଏସ ବିକ୍ରାନ୍ତ ଜଳାବତରଣ କରିଛି। ଫ୍ରାନ୍ସରୁ ଯେଉଁ ସବମେରିନ କ୍ରୟ କରାଯିବ ତାହା ବାସ୍ତବରେ ମାଜାଗାଓଁରେ ନିର୍ମିତ ହେବ। ଭାରତୀୟ ବାୟୁ ସେନା ନିମନ୍ତେ ସ୍ୱଦେଶୀ ଜ୍ଞାନ କୌଶଳରେ ନିର୍ମିତ ଲଢ଼ୁଆ ବିମାନ ତେଜସ ଆଜି ପ୍ରତିରକ୍ଷା କ୍ଷେତ୍ରରେ ଭାରତର ଆତ୍ମନିର୍ଭରଶୀଳତାକୁ ପ୍ରମାଣିତ କରୁଛି। ନିକଟରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ଅଧକ୍ଷତାରେ ପ୍ରତିରକ୍ଷା ସାମଗ୍ରୀ କ୍ରୟ ଲାଗି ଗଠିତ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ୧ ଲକ୍ଷ କୋଟି ଟଙ୍କାରୁ ଅଧିକ ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ କ୍ରୟ ପ୍ରସ୍ତାବକୁ ଅନୁମୋଦନ କରିଛି। ଏହାର ସିଂହଭାଗ ଭାରତରେ ନିର୍ମିତ ହେବ। ଦେଶର ସେନା ବାହିନୀକୁ ସଶକ୍ତ କରିବାକୁ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱାଧିନ ସରକାର ଯେପରି ତ୍ୱରାନ୍ୱିତ ନିଷ୍ପତ୍ତି ନେଉଛନ୍ତି ତାହା ବାସ୍ତବରେ ପ୍ରଶଂସନୀୟ ଏବଂ ଉଦାହରଣଯୋଗ୍ୟ। ଯଦି ଅତୀତରେ କେନ୍ଦ୍ର ସରକାର ଏଭଳି ତ୍ୱରିତ ନିଷ୍ପତ୍ତି ନେଇଥାନ୍ତେ ଏବଂ ଭାରତୀୟ ସେନାକୁ ଚୀନର ସମକକ୍ଷ କରିବାକୁ ଉଦ୍ୟମ କରିଥାନ୍ତେ ତେବେ ଆଜି ଭାରତୀୟ ସୀମା ଉପରେ ଚୀନ ଲୋଲୁପ ଦୃଷ୍ଟି ପକାଇବାକୁ ସାହସ କରିନଥାନ୍ତା। ଭାରତ ସରକାର ମାତ୍ରାଧିକ ଟିକସ ଆଦାୟ କରୁଛନ୍ତି ବୋଲି କେତେକ ଅଭିଯୋଗ କରୁଛନ୍ତି। କିନ୍ତୁ ଯଦି ଟିକସ ଆଦାୟ ନହେବ ତେବେ ଭାରତୀୟ ସେନା କିପରି ଶକ୍ତିଶାଳି ହେବ? ଅତ୍ୟାଧୁନୀକ ଅସ୍ତ୍ରଶସ୍ତ୍ର, ଟ୍ୟାଙ୍କ, ସବମେରିନ, ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର କେଉଁଠୁ ଆସିବ? ଭାରତ ନିଜସ୍ୱ ଜ୍ଞାନ କୌଶଳରେ ଆଜି ଦୂରଗାମୀ କ୍ଷେପଣାସ୍ତ୍ର ନିର୍ମାଣରେ ସଫଳ ହୋଇଛି। ଆଜି ଭାରତୀୟ ସେନାର କ୍ଷେପଣାସ୍ତ୍ର ଲକ୍ଷ୍ୟ ଭେଦ କ୍ଷମତା ଚୀନର ରାଜଧାନୀ ବେଜିଂ ପର୍ଯ୍ୟନ୍ତ ସମ୍ପ୍ରସାରିତ ହୋଇଛି। ଆମେରିକାରୁ ଅତ୍ୟାଧୁନୀକ ଡ୍ରୋନ ଆସିବା ଦ୍ୱାରା ଏଲଏସିରେ ଚୀନ ସେନାର ଗତିବିଧି ଉପରେ ଏହା ନଜର ରଖିପାରିବ। ଏହା ଭାରତ ସରକାରଙ୍କ ଦୂରଦୃଷ୍ଟିକୁ ପ୍ରମାଣିତ କରୁଛି। ସୀମା ସୁରକ୍ଷିତ ରହିଲେ ଭାରତର ସାର୍ବଭୌମତ୍ୱ ସୁରକ୍ଷିତ ରହିବ, ଆମେ ସୁରକ୍ଷିତ ରହିପାରିବା

# ସ୍ୱାଗତମ୍ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ




ହୃଷିକେଶ ପୁହାଣ


ରାଇରଙ୍ଗପୁର ପରି ଏକ ଆଦିବାସୀ ଉପାନ୍ତ ଓ କହିବାକୁଗଲେ ଭୂଗୋଳ ପୋଥିପତ୍ରରେ ନାଁ ନଥିବା ଆଦିବାସୀ ପଡ଼ାରୁ ରାଇସିନା ହଲ!! କମ ବାଟ ନୁହେଁ, କମ ତ୍ୟାଗ ନୁହେଁ, କମ ସଂଘର୍ଷ ନୁହେଁ। କେବଳ ଓଡ଼ିଶାର ନୁହେଁ ଭାରତର ଗର୍ବ ଓ ଗୌରବ ଯଶସ୍ୱୀ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତାଙ୍କ ଜନ୍ମମାଟି ଓଡ଼ିଶାକୁ ଆସୁଛନ୍ତି ସ୍ୱାଗତମ୍ ସୁସ୍ୱାଗତମ୍। ଚାରିକୋଟି ଓଡ଼ିଆଙ୍କ ପକ୍ଷରୁ ଏହି ଲେଖକ ଅତି ବିନମ୍ର ଭାବେ ହୃଦୟର ସହ ସ୍ୱାଗତ ଜଣାଉଛି ପ୍ରିୟ ରାଷ୍ଟ୍ରପତି ଓ ମହାନ ବିଭୁତି ଦ୍ରୌପଦୀ ମୁର୍ମୁଙ୍କୁ। କୋଟି କୋଟି ଓଡ଼ିଆଙ୍କ ପାଇଁ ସେ ଗର୍ବ ଓ ଗୌରବର ପ୍ରତୀକ ଏହିଥି ପାଇଁ ଯେ ସେ ଜନଜାତି ସମ୍ପ୍ରଦାୟର ପ୍ରତିନିଧିତ୍ୱ କରୁଥିବାବେଳେ ସେ ହେଉଛନ୍ତି ପନ୍ଦରତମ ରାଷ୍ଟ୍ରପତି ଏବଂ ସର୍ବୋପରି ସମାଜର କହୁଯାଉଥିବା ତଳ ବର୍ଗର, ଉପେକ୍ଷିତ, ଗରିବ ମହିଳା ଆଦିବାସୀ ସମାଜ ପାଇଁ ଏକ ହୀରକ ସଦୃଶ। ତାଙ୍କ ନାମ ଯେତେବେଳେ ରାଷ୍ଟ୍ରପତି ପଦ ପାଇଁ ଘୋଷିତ ହୋଇଥିଲା ହିମାଳୟରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ସମସ୍ତଙ୍କ ଭିତରେ ଖେଳିଯାଇଥିଲା ଆନନ୍ଦ ସ ଅଫୁରନ୍ତ ଉଲ୍ଲାସ। ସ୍ୱାଧିନତା ପରବର୍ତ୍ତୀ କାଳରେ ରାଜନୈତିକ କ୍ଷେତ୍ରରେ କ୍ୱଚିତ ଓ ଶ୍ରେଷ୍ଠ ସଫଳତା ହାସଲ କରିଥିବା ରାଜନେତାଙ୍କ ମଧରେ ତାଙ୍କ ନାମ ଶୀର୍ଷରେ ରହିବ।

ରାଜନୀତିରେ ଅନେକ ଅଭିଜ୍ଞତା ରଖିଥିବା ଦ୍ରୌପଦୀ ମୁର୍ମୁଙ୍କୁ ୨୦୧୫ ମସିହା ମେ ୧୮ ତାରିଖରେ ଝାଡ଼ଖଣ୍ଡର ରାଜ୍ୟପାଳ ଭାବେ ନିଯୁକ୍ତି କରାଯାଇଥିଲା। ୨୦୨୧ ମସିହା ଜୁଲାଇ ୬ ପର୍ଯ୍ୟନ୍ତ ସେ ରାଜ୍ୟପାଳ ଭାବେ ଦାୟିତ୍ୱ ତୁଲାଇଥିଲେ। କାର୍ଯ୍ୟକାଳ ସରିବା ପରେ ଶ୍ରୀମତୀ ମୁର୍ମୁ ୨୦୨୧ ମସିହା ଜୁଲାଇ ୧୨ ତାରିଖରେ ନିଜ ଘର ରାଇରଙ୍ଗପୁର ମହୁଲଡିହାକୁ ଫେରିଥିଲେ। ସେଠାରେ ସେ ସାନଭାଇ ତରଣୀ ସେନ ଟୁଡୁ ଓ ଭାଉଜ ସାକ୍ରମଣି ଟୁଡୁଙ୍କ ସହ ସାଧାରଣ ଜୀବନ ଅତିବାହିତ କରୁଥିଲେ। ଏମିତିରେ ସାଧାସିଧା, ସରଳ ଜୀବନ ତାଙ୍କର ପସନ୍ଦ। ରାଜ୍ୟପାଳ ଭଳି ଏତେ ବଡ଼ ସାମ୍ବିଧାନିକ ପଦରେ ଥିଲେ ମଧ ତାଙ୍କ ପାଖରେ ଅହଙ୍କାର କିମ୍ବା କ୍ଷମତା ଲାଳସା କେବେ ଦେଖିବାକୁ ମିଳିନଥିଲା। ଏବେ ବି ସେ ସରଳ ଓ ଶାନ୍ତ ସ୍ୱଭାବର ମୂର୍ତ୍ତିମନ୍ତ ପ୍ରତୀକଟିଏ।

ଦ୍ରୌପଦୀ ମୁର୍ମୁଙ୍କ ପୁତ୍ର ବିୟୋଗ ଘଟଣା ପରେ ସେ ମାନସିକ ସ୍ତରରେ କିଛିଟା ବିଚଳିତ ହୋଇ ପଡ଼ିଥିଲେ। ଏଭଳି ସ୍ଥିତିରେ ସେ ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆସିଥିଲେ। ଏବଂ ନିୟମିତ ରାଜଯୋଗ ଅଭ୍ୟାସ ଆରମ୍ଭ କରିଥିଲେ। ଅନେକ ହୁଏତ ଜାଣିନଥିବେ ମୟୂରଭଞ୍ଜ ଜିଲ୍ଲାରେ ଜନ୍ମ ହୋଇଥିବ ଦ୍ରୌପଦୀ ମୁର୍ମୁଙ୍କ ଉଚ୍ଚଶିକ୍ଷା ଭୁବନେଶ୍ୱରରେ ହୋଇଥିଲା। ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟ, ରମାଦେବୀ ମହିଳା ମହାବିଦ୍ୟାଳୟରୁ ଶିକ୍ଷା ଗ୍ରହଣ କରିଥିଲେ। ମୟୂରଭଞ୍ଜ ରାଜାଙ୍କ ଦରବାରରେ ରାଜ କର୍ମଚାରୀ ଥିବା ବିରଞ୍ଚି ନାରାୟଣ ଟୁଡୁଙ୍କ ଝିଅ ଦ୍ରୌପଦୀ ଉପରବେଡ଼ା ପ୍ରାଥମିକ ବିଦ୍ୟାଳୟରୁ ସପ୍ତମ ଶ୍ରେଣୀ ପାସ କରିଥିଲେ। ଏହାପରେ କଣ କରିବେ ସେ ନେଇ ଚିନ୍ତାରେ ବି ଥିଲେ। ଇଛା ଥିଲେ ଉପାୟ ଆପେ ଆପେ ଆସିବା ନ୍ୟାୟରେ ତାଙ୍କ ଦାଦା ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ମାଝୀ ସେତେବେଳେ ମନ୍ତ୍ରୀ ଥିବାରୁ ସେ ତାଙ୍କ ଦାୟିତ୍ୱରେ ୟୁନିଟ-୨ ବାଳିକା ଉଚ୍ଚ ବିଦ୍ୟାଳୟରେ ନାମ ଲେଖାଇଥିଲେ। ଆଦିବାସୀ ଛାତ୍ରୀ ନିବାସରେ ରହି ୧୯୭୦ରୁ ୧୯୭୪ ପର୍ଯ୍ୟନ୍ତ ହାଇସ୍କୁଲ ଶିକ୍ଷା ଗ୍ରହଣ କରିଥିଲେ।



ସଫଳତାର ସହ ହାଇସ୍କୁଲ ଶିକ୍ଷା ଶେଷ କରିଥିଲେ ମଧ କଲେଜରେ ପଢ଼ିବାର ସୁଯୋଗ ପାଇପାରି ନଥିଲେ। କାରଣ କଲେଜରେ ପଢ଼ିବାକୁ ଆବେଦନ କରିବା ତାଙ୍କୁ ଜଣା ନଥିଲା। ଆଉ ଜାଣିଲା ବେଳକୁ ଆବେଦନର ସମୟ ସୀମା ଶେଷ ହୋଇଯାଇଥାଏ। ତେଣୁ ଗୋଟିଏ ବର୍ଷର ଶିକ୍ଷା ନଷ୍ଟ ହୋଇଗଲା। ପର ବର୍ଷ କିନ୍ତୁ ରମାଦେବୀ ମହିଳା ମହାବିଦ୍ୟାଳୟରେ ପଢ଼ିବାର ସୁଯୋଗ ମିଳିଲା। ଇନ୍ଦିରା ଗାନ୍ଧୀ ଆଦିବାସୀ ଛାତ୍ରୀନିବାସରେ ରହିବା ସହ ମନଧାନ ଦେଇ ପାଠ ପଢ଼ିଲେ। ଚାରି ବର୍ଷର ଶିକ୍ଷା ମଧରେ କେବେ ଫେଲ ହୋଇନଥିଲେ। ଆଦିବାସୀ ଝିଅ ହୋଇଥିଲେ ମଧ ଠିକ୍ କଥାରେ କେବେ ବି ପଛଘୁଞ୍ଚା ଦେଉନଥିଲେ। ମୁହେଁ ମୁହେଁ ଜବାବ ଦେଉଥିଲେ। ସେତେବେଳର ଆଦିବାସୀ ହଷ୍ଟେଲ ମାଟ୍ରନ ବ୍ରଜେଶ୍ୱରୀ ମିଶ୍ରଙ୍କ ସ୍ନେହ, ଅର୍ଥନୀତି ଅଧାପିକା କାନନ ମଞ୍ଜରୀ ମିଶ୍ରଙ୍କ ପାଠପଢ଼ା ଶୈଳୀକୁ ସେ ସର୍ବଦା ପ୍ରଶଂସା କରିଛନ୍ତି। ହଷ୍ଟେଲ ମେସର ପରିଚାଳନା ଦାୟିତ୍ୱରେ ବି ସେ ରହିଥିଲେ। ପାଠ ପଢ଼ିବା ଲାଗି ତାଙ୍କ ଜୀବନ ଥିଲା ସଂଘର୍ଷମୟ। ବାପା ମାସକୁ ମାତ୍ର ୧୦ ଟଙ୍କା ପଠାଉଥିଲେ। ଶସ୍ତା ଯୁଗରେ ମଧ ସେତିକି ନଗଣ୍ୟ ଥିଲା। ଘୋର ଆର୍ଥିକ ଅନଟନ ମଧରେ ଦିନ କାଟୁଥିଲେ। ସାଙ୍ଗମାନେ ଡାକିଲେ ବି ସେ କଲେଜ କ୍ୟାଣ୍ଟିନ ଆଦୌ ଯାଉ ନଥିଲେ। କାରଣ ସାଙ୍ଗଙ୍କ ଠାରୁ ଖାଇବା ସହଜ ଥିଲା ମାତ୍ର ଖୁଆଇବା ତାଙ୍କ ପକ୍ଷେ ଅସମ୍ଭବ ଥିଲା। ଆଠ ବର୍ଷ ଧରି ଭୁବନେଶ୍ୱରରେ ରହି ପାଠ ପଢ଼ିଥିଲେ ମଧ ବଜାର ବୁଲିବା, ସିନେମା ଦେଖିବା ତାଙ୍କ ପାଇଁ ଅପହଞ୍ଚ ହୋଇପଡ଼ିଥିଲା। ସେ ସମୟରେ ରବି ଟକିଜ ଗୋଟିଏ ମାତ୍ର ସିନେମା ହଲ ରହିଥିଲା। ଯେଉଁଠାରେ ସେ କେବଳ 'ଗପ ହେଲେ ବି ସତ' ସିନେମା ଦେଖିଥିଲେ। ବିଏ ପାସ କରିବା ପରେ ଅଧିକ ପଢ଼ିବା ଲାଗି ତାଙ୍କ ପାଖରେ ଆଉ ସମ୍ଭବ ନଥିଲା। ଏହି ସମୟରେ ସଚିବାଳୟରେ ତାଙ୍କୁ ଚାକିରି ମିଳି ଯାଇଥିଲା। ୧୯୭୯ରେ ବିବାହ ହୋଇଥିଲା। ବ୍ୟାଙ୍କ ଅଫିସର ଶ୍ୟାମଚରଣ ମୁର୍ମୁଙ୍କ ସହ ତାଙ୍କର ବିବାହ ପରେ ସେ ଦ୍ରୌପଦୀ ଟୁଡୁରୁ ମୁର୍ମୁ ହୋଇଗଲେ। ମାତ୍ର ସଚିବାଳୟରେ ବେଶି ଦିନ ଚାକିରି କରିବା ତାଙ୍କ ଭାଗ୍ୟରେ ନଥିଲା। ପରେ ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଶିକ୍ଷକତା କରିବାର ସୁଯୋଗ ମିଳିଲା ଏବଂ ୧୯୯୪ରୁ ୧୯୯୭ ପର୍ଯ୍ୟନ୍ତ ଚାକିରି କରିଥିଲେ। ପରବର୍ତ୍ତୀ ସମୟରେ ସେ ଆସିଥିଲେ ରାଜନୀତିକୁ ଏବଂ ତୃଣମୂଳ ବିଜେପି ସଂଗଠନ ସହ ସେ ଜଡ଼ିତ ହୋଇ ପରବର୍ତ୍ତୀ ସମୟରେ ମନ୍ତ୍ରୀ ଭାବେ ମଧ ସେ ବେଶ ସୁଚାରୁରୂପେ ଦାୟିତ୍ୱ ନିର୍ବାହ କରିଥିଲେ।

ଝାଡ଼ଖଣ୍ଡର ରାଜ୍ୟପାଳ ଥିଲାବେଳେ ତାଙ୍କରି ଦିଗଦର୍ଶନରେ ତତ୍କାଳୀନ ସରକାର ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା କାର୍ଯ୍ୟକାରୀ କରିଥିଲେ। ଏହା କୋଟି କୋଟି ଝାଡ଼ଖଣ୍ଡବାସୀଙ୍କ ହୃଦୟକୁ ଛୁଇଁପାରିଥିଲା। ଓଡ଼ିଶାର ତମାମ ଜନସାଧାରଣଙ୍କ ମଧରୁ ପରିସଂଖ୍ୟାନର ତଥ୍ୟ ଅନୁଯାୟୀ ୨୨ ପ୍ରତିଶତ ହେଉଛନ୍ତି ଆଦିବାସୀ ସମ୍ପ୍ରଦାୟର। ଆମ ରାଜ୍ୟରେ ୬୨ ପ୍ରକାର ଜନଜାତି ବର୍ଗର ଜନସାଧାରଣ ନିଜ ଜୀବନ ଜୀବିକାକୁ ନେଇ ବେଶ ଖୁସିରେ ଅଛନ୍ତି। ଓଡ଼ିଶାରେ ଏହି ପ୍ରାଚୀନତମ ଜନଜାତିଙ୍କ ସଙ୍ଗୀତ ଠାରୁ ହସ୍ତଶିଳ୍ପ, ପାରମ୍ପରିକ ଉତ୍ସବ ଠାରୁ ନୃତ୍ୟ, ସବୁ କ୍ଷେତ୍ରରେ ସେମାନେ ସ୍ୱତନ୍ତ୍ରତା ରଖିଛନ୍ତି। ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାନ୍ତାଳି ଜନଜାତି ଗୋଷ୍ଠୀର ଗୌରବାମହ ପରମ୍ପରାର। ମହାମହିମ ରାଷ୍ଟ୍ରପତିଙ୍କ ଓଡ଼ିଶା ଆଗମନ ସମୟରେ ଓଡ଼ିଶାବାସୀ ତାଙ୍କୁ ଭବ୍ୟ ସ୍ୱାଗତ କରୁଛନ୍ତି ଓ ତାଙ୍କରି ମାର୍ଗଦର୍ଶନରେ ଭାରତ ଆଜି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ରେ ମୋଦିଜୀଙ୍କୁ ବିଶ୍ୱଗୁରୁ ଭାବେ ମର୍ଯ୍ୟାଦା ପାଇଛି। ମୋଦିଜୀଙ୍କ ପୂର୍ବ ଭାରତର ବିକଶିତ ପୂର୍ବୋଦୟର ପ୍ରକୃଷ୍ଟ କ୍ଷେତ୍ର ଆଜି ଓଡ଼ିଶା ପାଲଟିଛି। ସୁସ୍ୱାଗତମ୍ ଅଭିନନ୍ଦନମ୍ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ।


**ଥାଇଲୋ, ଅଲିକଣ୍ଡା, ବାଲିକୁଦା, ଜଗତସିଂହପୁର-୭୫୪୧୦୮**

**ମୋବାଇଲ୍: ୭୦୦୮୪୩୮୯୫୯**


# ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ଯଥାର୍ଥ




ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)


ଭୋଟ ଅଧିକାର ଏବଂ ଭୋଟଦାନର ସ୍ୱାଧୀନତା ହେଉଛି ଏକ ସଫଳ ଗଣତନ୍ତ୍ରର ଅତ୍ୟାବଶ୍ୟକୀୟ ବୈଶିଷ୍ଟ୍ୟ। ଆହୁରି ମଧ ନିର୍ବାଚନ ଫଳାଫଳରେ ଲୋକପ୍ରିୟ ଜନାଦେଶର ପ୍ରତିଫଳନ ପାଇଁ ଏସବୁ ହେଉଛି ଆନୁସଙ୍ଗିକ ଆବଶ୍ୟକତା। ନିର୍ବାଚନ ପ୍ରକିୟାରେ ପବିତ୍ରତା ରକ୍ଷା କରିବା ହେଉ ଭାରତର ନିର୍ବାଚନ କମିଶନ (ଇସିଆଇ)ଙ୍କ ଦାୟିତ୍ୱ। ଏହାର ଅର୍ଥ ହେଉଛି ଯେ, ଭାରତର ଜଣେ ନାଗରିକ, ଯେ କି ଭୋଟଦାନ ପାଇଁ ଯୋଗ୍ୟ। ଭୋଟର ତାଲିକାରୁ ଯେପରି ବାଦ ନପଡନ୍ତି କିମ୍ବା ଜଣେ ଅଣ-ଭାରତୀୟ ଯେପରି ଭୋଟର ତାଲିକା ଭୁକ୍ତ ନହୁଅନ୍ତି। ଏହି ଉଦ୍ଦେଶ୍ୟରେ ନିର୍ବାଚନ କମିଶନ ନିର୍ଦ୍ଦିଷ୍ଟ ସମୟରେ ଭୋଟର ତାଲିକା ସଂଶୋଧନ କରିଥାନ୍ତି। ଯାହାକି ଏକ ନିୟମିତ ପ୍ରକ୍ରୀୟା। ତେଣୁ ନିର୍ବାଚନ ପୂର୍ବରୁ ଭୋଟ ଅଧିକାରକୁ ସୁନିଶ୍ଚିତ କରିବା ପାଇଁ କମିଶନ ଭୋଟର ତାଲିକା ସଂଶୋଧନ କରିଥାନ୍ତି। ଏଥିଲାଗି ବିହାର ବିଧାନସଭା ନିର୍ବାଚନ ପୂର୍ବରୁ ନିର୍ବାଚନ କମିଶନ ଏବେ ଭୋଟର ତାଲିକା ସମୀକ୍ଷା ପାଇଁ ସ୍ପେଶାଲ ଇଟେଂନସିଭ ରିଭିଜନ (ଏସଆଇଆର) ଆରମ୍ଭ କରିଛନ୍ତି। ଯାହାକୁ ଦେଶର ବିରୋଧି ଦଳଗୁଡିକ ବିରୋଧ କରି ସୁପ୍ରିମକୋର୍ଟର ଦ୍ୱାରସ୍ତ ହୋଇଥିଲେ। କେବଳ ବିରୋଧି ଦଳ ନୁହଁନ୍ତି, ବହୁ ସଂଗଠନ ଏବଂ ବ୍ୟକ୍ତି ବିଶେଷ ମଧ ସୁପ୍ରିମକୋର୍ଟରେ ପିଟିସନ ଦାୟର କରିଥିଲେ। ପିଟିସନଗୁଡିକର ଶୁଣାଣୀ କରି ସୁପ୍ରିମକୋର୍ଟ ବିହାରରେ ଏସଆଇଆର ଜାରି ରଖିବାକୁ ନିର୍ବାଚନ କମିଶନଙ୍କୁ ଅନୁମତି ଦେଇଛନ୍ତି। ଏହା ସମ୍ଭବତଃ ଇସିଆଇଙ୍କ ପାଇଁ ଆଶ୍ୱସ୍ତି ଆଣିଦେଇଛି। କିନ୍ତୁ ସର୍ବୋଚ୍ଚ ନ୍ୟାୟାଳୟ ଦେଇଥିବା କେତେକ ମନ୍ତବ୍ୟ ନିର୍ବାଚନ କମିଶନଙ୍କ ମୁହଁରେ ଅଣ୍ଡାମାଡ ସଦୃଶ ହୋଇଥିବା ମନେହୁଏ। ଉଦାହରଣ ସ୍ୱରୁପ, ଭୋଟଦାତାଙ୍କ ପାଇଁ ସର୍ବଦା ଆଧାର, ଭୋଟର ପରିଚୟ ପତ୍ର ଓ ରାସନ କାର୍ଡ ସମେତ ୧୧ଟି ପ୍ରମାଣପତ୍ରକୁ କମିଶନ ଗ୍ରହଣ କରିଥିବାବେଳେ ଭୋଟର ତାଲିକାର ଏସଆଇଆର ପାଇଁ ଲୋକଙ୍କ ଆଧାର, ଭୋଟର ପରିଚୟପତ୍ର ଏବଂ ରାସନକାର୍ଡକୁ ବାଦ୍ ଦେବା ସମ୍ପର୍କରେ ଅଦାଲତ ପ୍ରଶ୍ନ କରିବା ସଙ୍ଗେ ସଙ୍ଗେ ସେଗୁଡିକୁ ଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ନାଗରିକତ୍ୱ ନିଷ୍ପତି ପ୍ରସଙ୍ଗ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ, ନିର୍ବାଚନ କମିଶନରଙ୍କର ନୁହେଁ ବୋଲି ସର୍ବୋଚ୍ଚ ଅଦାଲତ ସ୍ମରଣ କରାଇଦେଇଛନ୍ତି। କିନ୍ତୁ ଏଥିରେ କମିଶନ କାହିଁ ମୁଣ୍ଡ ପୁରାଉଛନ୍ତି ବୋଲି ସୁପ୍ରିମକୋର୍ଟ ପ୍ରଶ୍ନ କରିଛନ୍ତି। ଆହୁରି ମଧ ଏସଆଇର ସମୟକୁ ନେଇ ସର୍ବୋଚ୍ଚ ଅଦାଲତ ପ୍ରଶ୍ନ କରିଛନ୍ତି। ବିହାର ଏକ ବନ୍ୟା ପ୍ରବଣ ରାଜ୍ୟ ହୋଇଥିବାବେଳେ ବର୍ତ୍ତମାନ ବର୍ଷା ଋତୁ ହୋଇଥିବାରୁ ମାତ୍ର ମାସକ ମଧରେ ଏସଆଇଆରର ଉଦ୍ଦେଶ୍ୟ କଣ? ଉଲ୍ଲେଖଯୋଗ୍ୟ ଯେ, ବିଧାନସଭା ନିର୍ବାଚନ ଆହୁରି କିଛି ମାସ ବାକି ଥିବାବେଳେ ଏବେ ଭୋଟର ତାଲିକା ପ୍ରସ୍ତୁତି ପେଇଁ ଏସଆଇଆର ଲୋକଙ୍କ ମନରେ କେବଳ ସନ୍ଦେହ ଓ ଆଶଙ୍କା ଉଦ୍ରୋକ କରିବ। କାହିଁକି ବହୁ ପୂର୍ବରୁ ଏସଆଇଆର କାହିଁକି କରାଗଲା ନାହିଁ, ଯାହାକି ରାଜ୍ୟର ୭୦କୋଟି ୯୦ହଜାର ଭୋଟଦାତା ଯାଞ୍ଚ ଅଧିକ ସମୟ ପାଇପାରିଥାନ୍ତେ। ଏ ନେଇ କମିଶନଙ୍କୁ ସ୍ପଷ୍ଟୀକରଣ ଦେବାକୁ ହେବ। ଏହା ନିସନ୍ଦେହ ଯେ, ଭୋଟର ତାଲିକା ସଂଶୋଧନ ପାଇଁ ଏସଆଇଆର ଲାଗି ଆଧାର, ଭୋଟର ପରିଚୟ ପତ୍ର ଏବଂ ରାସନ କାର୍ଡ ଗ୍ରହଣ ଲାଗି କମିଶନଙ୍କୁ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶ ନିଶ୍ଚିତ ଭାବେ ବିହାରର ଅଗଣିତ ଭୋଟର ସ୍ୱାଗତ କରିଥିବେ ନିଶ୍ଚିତ। କାରଣ ସେମାନେ ଏହାକୁ ସହଜରେ ପ୍ରଦର୍ଶିତ କରିପାରିବେ। ଆହୁରି ମଧ ଆମ ଦେଶରେ ଗ୍ରାମାଚଂଳ ଲୋକଙ୍କର ରେକର୍ଡ ସାଇତି ରଖିବା ଅଭ୍ୟାସ ଅତି ଦୁର୍ବଳ। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ବିହାରର ପାଟନା ସହ କେତେକ ଅଞ୍ଚଳରେ 'ଆଧାର' ଗ୍ରହଣଯୋଗ୍ୟ ହୋଇଥିବାବେଳେ ସୀମାଚଂଳ ସମେତ ବହୁ ଅଞ୍ଚଳରେ ଗ୍ରହଣଯୋଗ୍ୟ ନୁହେଁ। ଆଧାର ନେଇ ନିର୍ବାଚନ କମିଶନଙ୍କ ଦୋମୁହାଁ ନୀତିର ଅର୍ଥ କଣ କିଛି ବୁଝାପଡୁନାହିଁ। ଉଲ୍ଲେଖଯୋଗ୍ୟ ଯେ, ବିହାରରେ ୨୦୦୭ରେ ଜନ୍ମ ନେଇଥିବା ଯୁବକଯୁବତୀ ହିଁ ପ୍ରଥମ ଥର ପାଇଁ ଭୋଟର ତାଲିକାଭୁକ୍ତ ହୋଇପାରିବେ। କିନ୍ତୁ ୨୦୦୭ରେ ଜନ୍ମ ଗ୍ରହଣ କରିଥିବା ମୋଟ ଶିଶୁଙ୍କ ମଧରୁ ମାତ୍ର ୨୬.୨ ପ୍ରତିଶତଙ୍କ ଜନ୍ମ ପ୍ରମାଣପତ୍ର ରହିଛି। ସେହିପରି ୨୦୧୧ ଜନଗଣନା ଅନୁଯାୟୀ ମାତ୍ର ୨୩ପ୍ରତିଶତ ସ୍କୁଲ ପ୍ରମାଣପତ୍ର ଥିବାବେଳେ ମାତ୍ର ୪.୫ ପ୍ରତିଶତ ନିକଟରେ ନିଯୁକ୍ତି ପ୍ରମାଣ ପତ୍ର ଓ ପେନସନ ପ୍ରମାଣପତ୍ର ରହିଛି। ସେହିପରି ୧୧୪ ମିଲିଅନଙ୍କ ଆଧାର ଥିବାବେଳେ ୮୩ ମିଲିଅନଙ୍କ ନିକଟରେ ରାଶନ କାର୍ଡ ରହିଛି। ଏଥିରେ ଦ୍ୱିରୁକ୍ତି ନାହିଁ ଯେ, ଏସଆଇଆର ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ଯାହାକି ଏକ ସାମ୍ବିଧାନିକ କର୍ତ୍ତବ୍ୟ। ନିର୍ବାଚନ କମିଶନ ସର୍ବୋଚ୍ଚ ଅଦାଲତଙ୍କ ପରାମର୍ଶକୁ ସମ୍ମାନ ଦେଇ ଭୋଟର ତାଲିକା ପ୍ରସ୍ତୁତ କରିବା ଆବଶ୍ୟକ।


ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,

ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨

ମୋବାଇଲ ନଂ-୭୯୭୮୬୬୬୪୦୩


# ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ସୃଷ୍ଟିର ସର୍ବଶ୍ରେଷ୍ଠ ପ୍ରାଣୀ




ଡକ୍ଟର ଅମୂଲ୍ୟ କୁମାର ପଣ୍ଡା


ପ୍ରାଚୀନ ଭାରତୀୟ ଦାର୍ଶନିକତା ଅନୁସାରେ, ପ୍ରକୃତି କେବଳ ଏକ ଭୌତିକ ସତ୍ତା ନୁହେଁ, ବରଂ ଏହା ଜୀବନ ଓ ବ୍ରହ୍ମାଣ୍ଡର ମୂଳ ଧାରା। ପଞ୍ଚ ଭୂତ — ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ — ଏହି ପାଞ୍ଚ ତତ୍ତ୍ୱ ମାନବ ଶରୀର, ବୃହତ୍ତର ପ୍ରକୃତି ଓ ସମଗ୍ର ବ୍ରହ୍ମାଣ୍ଡର ଗଠନର ଆଧାର। ପୃଥିବୀ ଦେଉଛି ଭୂମିକ ଆଧାର, ଜଳ ଜୀବନ ଧାରଣ କରେ, ଅଗ୍ନି ଶକ୍ତି ଓ ପରିଣତିର ସୂଚକ, ବାୟୁ ହେଉଛି ଗତିର ଶ୍ୱାସ, ଓ ଆକାଶ ଅଟଳ ଶୂନ୍ୟର ଚିହ୍ନ। ଯଦି ପ୍ରକୃତି ହିଁ ସମସ୍ତଙ୍କ ମୂଳ ଆଧାର, ତେବେ ମନୁଷ୍ୟ, ପଶୁ, ପକ୍ଷୀ, ଗଛ-ଗଛାଳି — ସମସ୍ତେ ପଞ୍ଚଭୂତର ଏକତା ମଧରୁ ଜନ୍ମିଥିବା ପ୍ରତିଫଳ। ତେବେ ଏହି ପ୍ରଶ୍ନ ଉଠୁଛି — ଆମେ କିଏ? ଏବଂ ଆମେ କାହିଁକି ଅନ୍ୟ ପ୍ରାଣୀଙ୍କୁ ଅଲଗା ଭାବେ ଦେଖୁଛୁ ? ଆଜି ଆମେ ଆଲୋଚନା କରିବା ପୃଥିବୀର ସବୁଠାରୁ ଉପକାରୀ ପ୍ରାଣୀ ଓ ସନାତନ ଧର୍ମର ପବିତ୍ର ଓ ଦେବ ପ୍ରାଣୀ ଗୋମାତାଙ୍କ ବିଷୟରେ ଗୋ' ଶବ୍ଦର ଅନେକ ଅର୍ଥ ଅଛି। ଯଥା- ଗୋବଂଶ, ପୃଥିବୀ, ଦିଗ, ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ। ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା। ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି। ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ। ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ। ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ(କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ସାହାଯ୍ୟ କରିଥାଏ। ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ। ଗୋମାତା ଏକାଦଶ ରୁଦ୍ରଙ୍କର ମାତା, ଅଷ୍ଟବସୁଙ୍କର୍ କନ୍ୟା ଓ ଦ୍ୱାଦଶ ଆଦିତ୍ୟଙ୍କର ଭଗିନୀ, ଯିଏ ଅମୃତରୂପୀ ଦୁଗ୍ଧ ପ୍ରଦାନ କରନ୍ତି। ବେଦର ନିର୍ଦ୍ଦେଶ ଅନୁଯାୟୀ ଯଦି କେହି ଏହି ମାୟା-ରାଜ୍ୟରେ ସମସ୍ତ ପ୍ରକାର ବୈଭବ ପ୍ରାପ୍ତ କରିବାକୁ ଚାହେଁ ତେବେ ଗୋମାତାଙ୍କର ସେବା କରିବା ଆବଶ୍ୟକ।

ସମଗ୍ର ସୃଷ୍ଟି ପଞ୍ଚମହାଭୂତକୁ ନେଇ ଗଠିତ। ଯଥା- କ୍ଷିତି(ମାଟି), ଅପ୍(ଜଳ), ତେଜ(ଅଗ୍ନି), ମରୁତ୍(ବାୟୁ), ବ୍ୟୋମ(ଆକାଶ)। ଅତ୍ୟାଧୁନିକତାର ପ୍ରଭାବରେ ଏସବୁ ଆଜି ବିଷାକ୍ତ ଓ ପ୍ରଦୂଷିତ। ଫଳତଃ ଦିନକୁ ଦିନ ମନୁଷ୍ୟ ସମେତ ସମଗ୍ର ଜୀବଜଗତ ରୋଗାକ୍ରାନ୍ତ। ଏହାର କୁପ୍ରଭାବରେ ଅନେକ ପ୍ରାଣୀ ଏ ଧରାପୃଷ୍ଠରୁ ନିଶ୍ଚିହ୍ନ ହୋଇଗଲେଣି। ମନୁଷ୍ୟର ଲୋଭ ଭୟଙ୍କର ରୂପ ଧାରଣକରିଛି ଓ କ୍ରୁର ଆଚରଣ କରିବାରେ ଲାଗିଛି। ଗୋବଂଶ ଏହି ପ୍ରଦୂଷଣକୁ ଅନେକ ମାତ୍ରାରେ ରୋକିବାରେ ସମର୍ଥ ବୋଲି ସାଧୁସନ୍ଥ ଓ ଆଧୁନିକ ବୈଜ୍ଞାନିକଗଣଙ୍କ ମତ। ଅଧିକ ଅମଳ ଲୋଭରେ ବିଚାରଶୂନ୍ୟ ହୋଇ ରାସାୟନିକ ସାର ଓ କୀଟନାଶକର ବହୁଳ ପ୍ରୟୋଗଦ୍ୱାରା ଚାଷଜମି ନଷ୍ଟ ହୋଇଛି। କଳକାରଖାନାରୁ ନିର୍ଗତ ହେଉଥିବା ବର୍ଜ୍ୟବସ୍ତୁ ଭୂମିକୁ ପ୍ରଦୂଷିତ କରିଛି। ଗୋବର ଓ ଗୋମୂତ୍ର ଏହି ପ୍ରଦୂଷଣକୁ ରୋକିବାରେ ସମର୍ଥ। ଗୋବର ଓ ଗୋମୂତ୍ରକୁ ବ୍ୟବହାର କରି ଜମି ଉର୍ବର ହେବା ସହ ଭଲ ଫସଲ ଉତ୍ପାଦନ ହୋଇପାରିବ। ଯାହା ଧରାପୃଷ୍ଠକୁ ସବୁଜିମାରେ ପୂର୍ଣ୍ଣ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ପ୍ରଦାନ କରିବାରେ ସହାୟକ।

କଳକାରଖାନାରୁ ନିର୍ଗତ ବିଷାକ୍ତ ଜଳ ଓ ବର୍ଷା ସମୟରେ ଚାଷ ଜମିରୁ ରାସାୟନିକ ସାର ଓ କୀଟନାଶକ ମିଶ୍ରିତ ଜଳ ନଦୀ, ପୋଖରୀରେ ମିଶିବାଦ୍ୱାରା ଜଳ ପ୍ରଦୂଷଣ ବହୁଳ ଭାବରେ ବୃଦ୍ଧି ପାଇଛି। କୃଷି ଓ ପ୍ରଯୁକ୍ତି ବିଭାଗର ତଥ୍ୟ ଅନୁସାରେ ଗୋବରଦ୍ୱାରା ଜଳ ବିଶୋଧନ କରାଯାଇପାରୁଛି। ଗୋବର ଘଷି ଓ ଗୋବର ଗ୍ୟାସ୍ଦ୍ୱାରା ରୋଷେଇ କରିବା ସଙ୍ଗେସଙ୍ଗେ



ଦେଶୀ ଗାଈ ଘିଅରେ ଦୀପ ଜାଳିବାଦ୍ୱାରା ଅଗ୍ନି ଶୁଦ୍ଧ ହେବା ସହ ପରିବେଶ ବିଶୁଦ୍ଧ ହୋଇଥାଏ। ଗୋବର, ଗୋମୂତ୍ର ଓ ଘିଅ ଦୀପ ବାୟୁ ବିଶୋଧକ। ଶାସ୍ତ୍ର ଅନୁଯାୟୀ ଯେଉଁଠାରେ ଗୋ-ବଂଶ ଆନନ୍ଦରେ ବାସ କରନ୍ତି ଓ ଶାନ୍ତିରେ ଶ୍ୱାସ ନିଅନ୍ତି, ସେ ସ୍ଥାନର ବାୟୁ ଓ ପରିବେଶ ଶୁଦ୍ଧ ହୁଏ। ଆକାଶ ତତ୍ତ୍ୱ ଶବ୍ଦ ସହିତ ସମ୍ପର୍କିତ। ପ୍ରାଣୀଜଗତ ବିଶେଷତଃ ଗୋଜାତି ଉପରେ ଦିନକୁ ଦିନ ବଢ଼ୁଥିବା ଅତ୍ୟାଚାର ଓ ସେମାନଙ୍କ ଆକୁଳ କ୍ରନ୍ଦନ ପରିବେଶକୁ ଅଶାନ୍ତ କରିଛି। ତେଣୁ ଜୀବଜଗତର ସୁରକ୍ଷା ସହିତ ଗୋବଂଶଙ୍କର ବିଶେଷ ଯତ୍ନ ଆବଶ୍ୟକ। ଗୋ-ରବ ଶାନ୍ତି ଓ ଆନନ୍ଦ ବର୍ଦ୍ଧକ।ଗୋ' ଶବ୍ଦର ଅନେକ ଅର୍ଥ ଅଛି। ଯଥା- ଗୋବଂଶ, ପୃଥିବୀ, ଦିଗ, ବାଣୀ, ଇନ୍ଦ୍ରିୟ, ଦୃଷ୍ଟି, କିରଣ, ଜଳ, ଚନ୍ଦ୍ର ଓ ଆହୁରି ଅନେକ। ସୃଷ୍ଟିର ସବୁଠାରୁ ଉପକାରୀ ପ୍ରାଣୀ ଗୋମାତା। ଦ୍ୱାପର ଯୁଗରେ ସ୍ୱୟଂ ଭଗବାନ୍ କୃଷ୍ଣ ଗୋପାଳ ଭାବରେ ଅବତାର ନେଇ ଗୋ-ମହିମାକୁ ପ୍ରଚାର କରିଛନ୍ତି। ଭାରତୀୟ ଧର୍ମ ଶାସ୍ତ୍ରରେ ଗୋ-ମହିମା ଓ ଉପାସନାର ବର୍ଣ୍ଣନା ଅନେକ। ବୈଦିକ କାଳରୁ ଋଷି, ମୁନିଙ୍କଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ପର୍ଯ୍ୟନ୍ତ ସଭିଏ ନିଜର ଭରଣ ପୋଷଣ ନିମନ୍ତେ ମୁଖ୍ୟତଃ କୃଷି ଓ ଗୋ-ପାଳନ ଉପରେ ନିର୍ଭର କରୁଥିଲେ। ଗାଈଠାରୁ ଦୁଗ୍ଧ ଆଦି ପଞ୍ଚଗବ୍ୟ (କ୍ଷୀର, ଘିଅ, ଦହି, ଗୋବର ଓ ଗୋମୂତ୍ର ) ମିଳୁଥିବା ବେଳେ ବଳଦ ଚାଷ ଓ ପରିବହନରେ ମଧ ସାହାଯ୍ୟ କରିଥାଏ। ତେଣୁ ଗୋଜାତିକୁ ଗୋସମ୍ପଦ ବୋଲି କୁହାଯାଏ।

ବିଭିନ୍ନ ପୁରାଣରେ ଗୋମାତା ବିଷୟରେ ବିଭିନ୍ନ ତତ୍ତ୍ୱ କଥା ଲେଖା ହୋଇଛି ଜାଲ L ତନ୍ମଧ୍ୟରୁ ସ୍କନ୍ଦ ପୁରାଣ ଅନୁସାରେ, ଗୋଭିର୍ବିପ୍ରୈଶ୍ଚ ବେଦୈଶ୍ଚ ସତୀଭିଃ ସତ୍ୟବାଦିଭିଃ L ଅଲୁବ୍ଧୈର୍ଦାନଶୀଳୈଶ୍ଚ ସପ୍ତଭିର୍ଧାର୍ଯ୍ୟତେ ମହୀ।। ଅର୍ଥାତ୍ ଗୋ, ବିପ୍ର, ବେଦ, ସତୀ, ସତ୍ୟବାଦୀ, ନିର୍ଲୋଭୀ ଓ ଦାନୀ ଏହି ସାତ ମହାଶକ୍ତି ଉପରେ ପୃଥିବୀ ତିଷ୍ଠି ରହିଛି। ଏ ସମସ୍ତଙ୍କ ମଧରେ ଗୋବଂଶଙ୍କର ଭୂମିକା ସର୍ବାଗ୍ରେ। ପଦ୍ମ ପୁରାଣ ଅନୁସାରେ ଗୋମାତାଙ୍କ ମୁଖରେ ଷଡଙ୍ଗ ଓ ପଦକ୍ରମ ସହିତ ଚାରି ବେଦ ରହିଥାନ୍ତି। ଶିଙ୍ଗର ଅଗ୍ରଭାଗରେ ଇନ୍ଦ୍ର ଓ ଦୁଇ ଶିଙ୍ଗରେ ଭଗବାନ୍ ଶଙ୍କର ଓ କେଶବ ରହନ୍ତି। ଉଦରରେ ସ୍କନ୍ଦ, ମୁଣ୍ଡରେ ବ୍ରହ୍ମା, ଲଲାଟରେ ବୃଷଭଧ୍ୱଜ, ଦୁଇ କାନରେ ଅଶ୍ୱିନୀ କୁମାର, ଦୁଇ ନେତ୍ରରେ ଚନ୍ଦ୍ରମା ଓ ସୂର୍ଯ୍ୟ, ଦାନ୍ତରେ ଗରୁଡ, ଜୀଭରେ ସରସ୍ୱତୀ, ଅପାନରେ ସମସ୍ତ ତୀର୍ଥ, ଗୋ-ମୂତ୍ରରେ ଜାହ୍ନବୀ ଗଙ୍ଗା, ଲୋମକୂପ ସମୂହରେ ଋଷୀଗଣ, ମୁଖରେ ଉପର ଆଡକୁ ଯମ, ଡାହାଣ ପାର୍ଶ୍ୱକୁ କୁବେର ତଥା ଗରୁଡ, ବାମ ପଟକୁ ତେଜସ୍ୱୀ ଯକ୍ଷଗଣ, ମୁଖ ମଧରେ ଗନ୍ଧର୍ବ, ନାସିକାରେ ନାଗ, ଚାରି ଖୁରାର ପଶ୍ଚାତ୍ ଭାଗରେ ଅପସରାଗଣ, ଗୋବରରେ ଲକ୍ଷ୍ମୀ, ଗୋମୂତ୍ରରେ ସର୍ବମଙ୍ଗଳା ଦେବୀ, ପାଦର ଅନ୍ୟ ଭାଗରେ ସିଦ୍ଧାଦି ଖେଚର, ହମ୍ବା ରଡିରେ ପ୍ରଜାପତି ଓ ଚାରି ପହ୍ନାରେ ଚାରି ସମୁଦ୍ର ରହିଥାନ୍ତି। ଯେ ପ୍ରତିଦିନ ଗାଈକୁ ସ୍ପର୍ଶ କରନ୍ତି, ସେ ଏହି ସମୁଦ୍ରରେ ସ୍ନାନ କରିନିଅନ୍ତି। ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ୍। ଏତଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି। ତେଣୁ ମନୁଷ୍ୟ ନିଜର ପୁଷ୍ଟି ସାଧନ ପାଇଁ ଗୋମାତାଙ୍କୁ ସ୍ପର୍ଶ କରିବା ଉଚିତ୍। ଏତଦ୍ୱାରା ସେ ସମସ୍ତ ପାପରୁ ମୁକ୍ତ ହୋଇଯାନ୍ତି। ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ। ଗୋମାତାଙ୍କ ଖୁରାଦ୍ୱାରା ଉଡୁଥିବା ଧୂଳିକୁ ମସ୍ତକରେ ଧାରଣ କରୁଥିବା ମନୁଷ୍ୟ ମଧ ସମସ୍ତ ତୀର୍ଥର ଜଳରେ ସ୍ନାନ କରିବା ସଙ୍ଗେ ସମାନ ଓ ସେ ସମସ୍ତ ପାପରୁ ମୁକ୍ତହୁଏ। ପଣ୍ଡିତ ଗୋପବନ୍ଧୁ ଦାସ ୧୯୨୨ ମସିହାରେ ବନ୍ଦୀ ଜୀବନ କାଟୁଥିବା ସମୟରେ 'ଗୋ ମାହାତ୍ମ୍ୟ' ନାମରେ ଏକ କାବ୍ୟ ଗ୍ରନ୍ଥ ରଚନା କରିଥିଲେ। ଦେଶରେ ଗୋଜାତିର ଶୋଚନୀୟ ଅବସ୍ଥା ଦେଖି ତାଙ୍କ ପ୍ରାଣ କାନ୍ଦି ଉଠିଥିଲା। ଗୋସେବା ହିଁ ପରମ ଧର୍ମ। ଗୋଜାତିର ଦୁର୍ଗତିରେ ଦେଶର ଦୁର୍ଗତି।


**ଅରଙ୍ଗାବାଦ ବରୀ ଯାଜପୁର**

**ମୋବାଇଲ: ୯୯୩୮୯୦୭୦୭୦**

# ନିମିଷା ପ୍ରିୟାଙ୍କୁ ଫାଶୀରୁ ରକ୍ଷା କରିବା ଆଶା ମଳିନ



**ନୂଆଦିଲ୍ଲୀ,୧୪।୭:** ୟେମେନରେ ଏକ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା କେରଳ ନର୍ସ ନିମିଷା ପ୍ରିୟାଙ୍କ ମୃତ୍ୟୁଦଣ୍ଡ ସମ୍ପର୍କରେ କେନ୍ଦ୍ର ସରକାର ସୋମବାର ସୁପ୍ରିମକୋର୍ଟକୁ ସୂଚନା ଦେଇଛନ୍ତି। କେନ୍ଦ୍ର ସରକାର ସୁପ୍ରିମକୋର୍ଟକୁ କହିଛନ୍ତି ଯେ, ୟେମେନରେ ନିମିଷା ପ୍ରିୟାଙ୍କ ଫାଶୀକୁ ରୋକିବା ପାଇଁ, ଏହା ବହୁତ କିଛି କରିପାରିବ ନାହିଁ। ନର୍ସଙ୍କୁ ଜୁଲାଇ ୧୬ରେ ଫାଶୀ ଦିଆଯିବାର ଅଛି। ବିଚାରପତି ଜଷ୍ଟିସ ବିକ୍ରମ ନାଥ ଏବଂ ବିଚାରପତି ଜଷ୍ଟିସ ସନ୍ଦୀପ ମେହେଟ୍ଟାଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଥିଲେ। ଆଟର୍ଣ୍ଣି ଜେନେରାଲ ଆର୍ ଭେଙ୍କଟରମଣି ଖଣ୍ଡପୀଠ ସମ୍ମୁଖରେ ଯୁକ୍ତି ଦର୍ଶାଇଥିଲେ ଯେ, ସରକାର ଏହି ପ୍ରସଙ୍ଗରେ ଅଧିକ କିଛି କରିପାରିବେ ନାହିଁ। ସେ ଆହୁରି କହିଛନ୍ତି ଯେ, "ୟେମେନର ସମ୍ବେଦନଶୀଳତାକୁ ଦୃଷ୍ଟିରେ ରଖି... ଏହାକୁ କୂଟନୈତିକ ଭାବେ ସ୍ୱୀକୃତି ଦିଆଯାଇନାହିଁ... ଏହା ଏକ ବ୍ୟକ୍ତିଗତ ଚୁକ୍ତି।" କେନ୍ଦ୍ରର ଓକିଲ ଖଣ୍ଡପୀଠକୁ କହିଛନ୍ତି ଯେ, ସରକାର ଯେଉଁ ସୀମା ପର୍ଯ୍ୟନ୍ତ ଯାଇପାରିବେ, ସରକାର ସେହି ସୀମାରେ ପହଞ୍ଚି ସାରିଛନ୍ତି। ଆଟର୍ଣ୍ଣି ଜେନେରାଲ ଯୁକ୍ତି ଦେଇଥିଲେ ଯେ, ୟେମେନ ବିଶ୍ୱର ଅନ୍ୟ କୌଣସି ଅଂଶ ପରି ନୁହେଁ ଏବଂ ସରକାର ସାର୍ବଜନୀନ ବିବୃତ୍ତି ଦେଇ ପରିସ୍ଥିତିକୁ ଜଟିଳ କରିବାକୁ ଚାହୁଁନାହାନ୍ତି । ସେ ଜୋର୍ ଦେଇ କହିଥିଲେ ଯେ, ବେସରକାରୀ ସ୍ତରରେ ପ୍ରୟାସ କରାଯାଉଛି। ସୁପ୍ରିମକୋର୍ଟ ଖଣ୍ଡପୀଠ କହିଛନ୍ତି ଯେ, ଚିନ୍ତାର ପ୍ରକୃତ କାରଣ ହେଉଛି, ଘଟଣା କିପରି ଘଟିଲା ଏବଂ ଯଦି ସେ ତାଙ୍କର ଜୀବନ ହରାଉଛନ୍ତି ତେବେ ଏହା ଅତ୍ୟନ୍ତ ଦୁଃଖଦାୟକ ହେବ। ଖଣ୍ଡପୀଠ ସରକାରଙ୍କ ଓକିଲଙ୍କୁ କହିଛନ୍ତି ଯେ, ଆବେଦନକାରୀ କେବଳ ଆଲୋଚନା ପାଇଁ ଅନୁରୋଧ କରୁଛନ୍ତି। ଆବେଦନକାରୀଙ୍କ ଓକିଲ ଖଣ୍ଡପୀଠ ସମ୍ମୁଖରେ ଯୁକ୍ତି କରିଥିଲେ ଯେ, ନର୍ସ ନିମିଷା ପ୍ରିୟାଙ୍କୁ ମୃତ୍ୟୁଦଣ୍ଡ ଦିଆଯିବା ଉଚିତ୍ ନୁହେଁ। ଖଣ୍ଡପୀଠ ପଚାରିଥିଲେ, ଏହା କିପରି ଏହି ନିର୍ଦ୍ଦେଶ ଦେଇପାରିବ ଏବଂ ଏହି ନିର୍ଦ୍ଦେଶକୁ କିଏ ପାଳନ କରିବ। ଆବେଦନକାରୀଙ୍କ ଓକିଲ ଯୁକ୍ତି ଦେଇଥିଲେ ଯେ, ଅର୍ଥ ଆଲୋଚନାରେ ବାଧା ସୃଷ୍ଟି କରିବା ଉଚିତ୍ ନୁହେଁ। ଖଣ୍ଡପୀଠ କହିଛନ୍ତି ଯେ, ଏହା ଏକ ଅନୌପଚାରିକ ଆଲୋଚନା ହୋଇପାରେ। ଯୁକ୍ତି ଶୁଣିବା ପରେ ଖଣ୍ଡପୀଠ ଶୁକ୍ରବାର ଶୁଣାଣି ପାଇଁ ମାମଲାକୁ ପୁନଃ ତାଲିକାଭୁକ୍ତ କରିଛନ୍ତି।

# ସ୍ପେଶ ଷ୍ଟେସନରୁ ଡ୍ରାଗନର ଅନଡକିଂ ସଫଳ ; ପୃଥିବୀ ଅଭିମୁଖେ ଶୁଭାଂଶୁ



**ନୂଆଦିଲ୍ଲୀ,୧୪।୭:** ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନ (ISS)ରୁ ସ୍ପେଶଏକ୍ସର ଡ୍ରାଗନ ସ୍ପେଶକ୍ରାଫ୍ଟ ବା ମହାକାଶଯାନର ଅନଡକିଂ ପ୍ରକ୍ରିୟା ସଫଳ ହୋଇଛି । ଏହାରି ସହିତ ଭାରତୀୟ ମହାକାଶଚାରୀ ଶୁଭାଂଶୁ ଶୁକ୍ଲା ନିଜ ୧୮ ଦିନିଆ ମହାକାଶ ଯାତ୍ରାକୁ ଶେଷ କରି ଆଜି ପୃଥିବୀ ଅଭିମୁଖେ ବାହାରିଛନ୍ତି। ଆସନ୍ତାକାଲି ଭାରତୀୟ ସମୟ ଅନୁସାରେ ଅପରାହ୍ଣ ୩ଟାରେ ସେ ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରି କାଲିଫର୍ଣ୍ଣିଆ ଉପକୂଳରେ ଅବତରଣ କରିବେ । ପୃଥିବୀ ପ୍ରତ୍ୟାବର୍ତ୍ତନ ଲାଗି ପୂର୍ବ ନିର୍ଦ୍ଧାରିତ ସମୟ ଅନୁସାରେ, ଡ୍ରାଗନ୍ ଗ୍ରେସ୍ ମହାକାଶଯାନକୁ ଅନ୍ତର୍ଜାତୀୟ ମହାକାଶ ଷ୍ଟେସନ ସହିତ ସଂଯୋଗ କରୁଥିବା ଏହାର ହ୍ୟାଚ୍ ଅପରାହ୍ଣ ୨:୩୭ଟାରେ ବନ୍ଦ ହୋଇଯାଇଥିଲା । ଏହାପରେ ସେମାନେ ମହାକାଶ ସୁଟ୍ ପିନ୍ଧିସାରି ନିଜ ସିଟ୍‌ରେ ବସିଥିଲେ। ଏହାପରେ କ୍ରୁ ସଦସ୍ୟମାନେ ଅପରାହ୍ଣ ୪:୩୫ଟାରେ କକ୍ଷପଥ ପରୀକ୍ଷାଗାରରୁ ଅନଡକ୍ ପ୍ରକ୍ରିୟା (ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନରୁ ମହାକାଶଯାନ ଅଲଗା ହେବା ପ୍ରକ୍ରିୟା) ଆରମ୍ଭ ହୋଇଥିବାବେଳେ ଠିକ୍ ୪.୪୫ଟାରେ ଅନଡକିଂ ସଫଳ ହୋଇଥିଲା । ଅର୍ଥାତ ସ୍ପେଶ ଷ୍ଟେସନରୁ ସଫଳତାର ସହିତ ଶୁଭାଂଶୁ ଶୁକ୍ଲା ଓ ଅନ୍ୟ ମହାକାଶଚାରୀଙ୍କୁ ବହନ କରିଥିବା ମହାକାଶ ଯାନ ଅଲଗା ହୋଇଥିଲା । ମିଶନ ପାଇଲଟ୍ ଶୁଭାଂଶୁ ଶୁକ୍ଲା, କମାଣ୍ଡର ପେଗି ହ୍ୱିଟସନ୍, ଏବଂ ମିଶନ ବିଶେଷଜ୍ଞ ପୋଲାଣ୍ଡର ସ୍ଲାଓସ୍ ଉଜନାନ୍ସ୍କି-ୱିସନିୱ୍ସ୍କି ଏବଂ ହଙ୍ଗେରୀର ଟିବୋର୍ କାପୁ ସ୍ପେଶଏକ୍ସର ଡ୍ରାଗନ୍ ଗ୍ରେସ୍ ମହାକାଶଯାନରେ ପୃଥିବୀ ଅଭିମୁଖେ ୨୨.୫ ଘଣ୍ଟାର ଯାତ୍ରା ଆରମ୍ଭ କରିସାରିଛନ୍ତି। ସ୍ପେଶଏକ୍ସ ନିଶ୍ଚିତ କରିଛି ଯେ ମହାକାଶ ଷ୍ଟେସନରୁ ଦୂରକୁ ଯିବା ପାଇଁ ଡ୍ରାଗନ ସ୍ପେଶକ୍ରାଫ୍ଟ ଡିପାର୍ଚର ବର୍ଣ୍ଣର ଏକ ଶୃଙ୍ଖଳା ପ୍ରଦର୍ଶନ କରିବ। ପ୍ରତ୍ୟାବର୍ତ୍ତନ ଯାତ୍ରାରେ ଡ୍ରାଗନ୍ କ୍ୟାପସୁଲ୍ ପାଇଁ ଅନେକ ଇଞ୍ଜିନ୍ ବର୍ଣ୍ଣ ସାମିଲ ହୋଇଛି, ଯେଉଁଥିରେ ଏହାର ଶୂନ୍ୟରୁ ବାହାରିବା ଏବଂ ପୃଥିବୀର ବାୟୁମଣ୍ଡଳକୁ ପୁନଃପ୍ରବେଶ ସମୟରେ ୧୬୦୦°ଡିଗ୍ରୀ ସେଲସିୟସ ପର୍ଯ୍ୟନ୍ତ ତାପମାତ୍ରା ସହ୍ୟ କରିବ । ଅବତରଣକୁ ଦୁଇଟି ପର୍ଯ୍ୟାୟରେ ନିୟୋଜିତ ପାରାଚୁଟ୍ ସହିତ ନିୟନ୍ତ୍ରିତ କରାଯିବ ।

# ଚିନ୍ତାରେ ପାକିସ୍ତାନ ଚୀନ ଉପରାଷ୍ଟ୍ରପତିଙ୍କୁ ଭେଟିଲେ ଜୟଶଙ୍କର



**ବେଜିଂ,୧୪।୭:** ଚୀନ ଗସ୍ତରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର ବେଜିଂରେ ଉପରାଷ୍ଟ୍ରପତି ହାନ ଝେଙ୍ଗଙ୍କୁ ଭେଟିଛନ୍ତି। ଏସସିଓ ଅଧ୍ୟକ୍ଷତା କରୁଥିବାରୁ ଚୀନକୁ ସମର୍ଥନ କରିଛନ୍ତି । ଉଭୟ ଦେଶ ଦ୍ୱିପାକ୍ଷିକ ସମ୍ପର୍କରେ ଉନ୍ନତି ପାଇଁ ଲକ୍ଷ୍ୟ ରହିଛି । ଗସ୍ତ ବେଳେ ଉଭୟ ଦେଶ ମଧ୍ୟରେ ଆଲୋଚନା ସକାରାତ୍ମକ ହେବ ବୋଲି ଜୟଶଙ୍କର ଆଶାବ୍ୟକ୍ତ କରିଛନ୍ତି । ପାଞ୍ଚ ବର୍ଷ ପରେ ଚୀନ ଗସ୍ତରେ ଯାଇଛନ୍ତି ଜୟଶଙ୍କର । ତିଆନଜିନ ସହରରେ ସାଂଘାଇ କୋଅପରେସନ ଅର୍ଗାନାଇଜେସନ-ଏସସିଓ ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଯୋଗ ଦେବେ । ଏହି ଅବସରରେ ସେ ଚୀନର ବୈଦେଶିକ ମନ୍ତ୍ରୀ ୱାଙ୍ଗ ଇଙ୍କ ସହ ଜୟଶଙ୍କର ଦ୍ୱିପାକ୍ଷିକ ଆଲୋଚନା କରିବେ । ଭାରତ-ଚୀନ ସମ୍ପର୍କକୁ ସୁଧାରିବା ଉପରେ ଆଲୋଚନା ହେବ ।ଜୟଶଙ୍କର କହିଛନ୍ତି ଯେ, ଏବେ ଅନ୍ତରାଷ୍ଟ୍ରୀୟ ସ୍ଥିତି ଜଟିଳ ରହିଛି। ପଡୋଶୀ ଦେଶ ଏବଂ ପ୍ରମୁଖ ଅର୍ଥବ୍ୟବସ୍ଥା ହୋଇଥିବା ଯୋଗୁଁ ଭାରତ ଏବଂ ଚୀନ ମଧ୍ୟରେ ପାରସ୍ପରିକ ବିଚାର ଆଦାନ-ପ୍ରଦାନ ଖୁବ୍ ଗୁରୁତ୍ୱପୂର୍ଣ୍ଣ। ସେହିପରି ଭାରତ-ପାକ ଉତ୍ତେଜନା, ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ପ୍ରସଙ୍ଗ ମୁଖ୍ୟ ଫୋକସ ରହିବ। ସେହିପରି ଭାରତ ଓ ଚୀନ ମଧ୍ୟରେ ବାଣିଜ୍ୟ, ସୀମା ପରିଚାଳନା ଓ ସିଧାସଳଖ ବିମାନ ଚଳାଚଳ ପୁନଃ ଆରମ୍ଭ ଭଳି ବିଷୟରେ ଆଲୋଚନାକୁ ଗୁରୁତ୍ୱ ଦେବ । ଚଳିତ ବର୍ଷ ଅଗଷ୍ଟ କିମ୍ବା ସେପ୍ଟେମ୍ବର ମାସରେ ଚୀନରେ ହେବାକୁ ଥିବା ଏସ୍‌ସିଓ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଯୋଗ ଦେବାର ସମ୍ଭାବନା ରହିଛି। ତେଣୁ ଏହାପୂର୍ବରୁ ଦ୍ୱିପାକ୍ଷିକ ସମ୍ପର୍କ ସ୍ୱାଭାବିକ କରିବା ପାଇଁ ପ୍ରସ୍ତୁତ ରୋଡମ୍ୟାପ ଉପରେ ଗୁରୁତ୍ୱ ଦିଆଯାଉଛି। ଏଲଏସିର ଲଦାଖ ସେକ୍ଟରରେ ଦୁଇ ଦେଶର ସେନା ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ଚୁକ୍ତି ପରେ ୨୦୨୪ ଅକ୍ଟୋବରରେ ଡେମଚୋକ ଓ ଦେପସାଙ୍ଗରେ ସୈନ୍ୟ ଅପସାରଣ ହେଉଛି ।

## ଗଗନଯାନ ମିଶନରେ ଇସ୍ରୋର ସଫଳତା

# ଏସ୍‌ଏମ୍‌ପିଏସ୍‌ର ସଫଳ ପରୀକ୍ଷଣ




**ହାଇଦ୍ରାବାଦ,୧୪।୭ :** ଗୋଟିଏ ପଟେ ଗଗନ ଯାତ୍ରୀ ଶୁଭାଂଶୁ ଶୁକ୍ଲା ଅନ୍ତର୍ଜାତୀୟ ସ୍ପେଶ ଷ୍ଟେସନ (ଆଇଏସ୍‌ଏସ୍)ରେ ଥିବାବେଳେ ଅନ୍ୟପଟେ ଇସ୍ରୋ ଭାରତର ପ୍ରଥମ ମାନବ ମିଶନ 'ଗଗନଯାନ' ପାଇଁ ଆଉ ଏକ ସଫଳତା ହାସଲ କରିଛି । ଗଗନ ଯାନ ସର୍ଭିସ୍ ମଡ୍ୟୁଲ୍ ପ୍ରପଲ୍ସନ୍ ସିଷ୍ଟମ୍ (ଏସ୍‌ଏମ୍‌ପିଏସ୍) ପାଇଁ ଯୋଗ୍ୟତା ପରୀକ୍ଷା ସଫଳତାର ସହ ସମାପ୍ତ କରିଛି ବୋଲି ଇସ୍ରୋ ଶନିବାର କହିଛି। ଏହି ସଫଳ ପରୀକ୍ଷଣ ଦ୍ୱାରା ଇସ୍ରୋ ଗଗନ ଯାନ ମିଶନ ଲଞ୍ଚର ଆଉ ପାଦେ ନିକଟତର ହୋଇଛି ।

ଶୁକ୍ରବାର ଦିନ ୩୫୦ ସେକେଣ୍ଡ ପାଇଁ ଏସ୍‌ଏମ୍‌ପିଏସ୍‌ର ଏକ ପୂର୍ଣ୍ଣ-ଅବଧିର ହଟ୍ ପରୀକ୍ଷଣ ସହିତ ଇସ୍ରୋ ପ୍ରପଲସନ ସିଷ୍ଟମ ଲାଗି ଯୋଗ୍ୟତା ପରୀକ୍ଷଣ କାର୍ଯ୍ୟକ୍ରମ ସମାପ୍ତ କରିଛି । ଏହାପୂର୍ବରୁ ଚଳିତ ମାସ ଆରମ୍ଭରେ ମହେନ୍ଦ୍ରଗିରିରେ ଆଇଏସ୍‌ଆର୍‌ଓର ପ୍ରପଲସନ ସିଷ୍ଟମ ପାଇଁ ଦୁଇଟି ସଫଳ ହଟ୍ ପରୀକ୍ଷଣ କରାଯାଇଥିଲା । ଏବେ ତାମିଲନାଡୁର ସମାନ ସୁବିଧାରେ ଗଗନଯାନ ସର୍ଭିସ୍ ମଡ୍ୟୁଲ୍ ପ୍ରପଲ୍ସନ୍ ସିଷ୍ଟମ୍ ପାଇଁ ପୂର୍ଣ୍ଣ-ଅବଧି ପରୀକ୍ଷଣ ମଧ୍ୟ କରାଯାଇଥିଲା। ଆଇଏସ୍‌ଆର୍‌ଓ କହିଛି ଯେ ପୂର୍ବ-ପରୀକ୍ଷଣ ପୂର୍ବାନୁମାନ ଅନୁଯାୟୀ ହଟ୍ ଟେଷ୍ଟ ସମୟରେ ପ୍ରପଲ୍ସନ୍ ସିଷ୍ଟମର ସାମଗ୍ରିକ କାର୍ଯ୍ୟଦକ୍ଷତା ସ୍ୱାଭାବିକ ଥିଲା ।

# ଦିଲ୍ଲୀର ୨ଟି ସ୍କୁଲକୁ ବୋମା ଧମକ

**ନୂଆଦିଲ୍ଲୀ,୧୪।୭:** ରାଜଧାନୀରି ଦୁଇଟି ପ୍ରମୁଖ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ବୋମା ଧମକ ମିଳିବା ପରେ ଛାତ୍ରଛାତ୍ରୀ ଏବଂ ସ୍କୁଲ କର୍ତ୍ତୃପକ୍ଷ ଭୟଭୀତ ହୋଇପଡିଛନ୍ତି । ସୂଚନା ମିଳିବା ପରେ ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଖୋଜାଖୋଜି ଆରମ୍ଭ କରିଛି । ଖବର ମୁତାବକ, ଚାଣକ୍ୟପୁରୀ ଏବଂ ଦ୍ୱାରକା ଅଞ୍ଚଳରେ ଥିବା ଦୁଇଟି ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି । ଚାଣକ୍ୟପୁରୀ ସ୍ଥିତ ଏକ ନେଭି ସ୍କୁଲ ଏବଂ ଦ୍ୱାରକା ସ୍ଥିତ ଏକ ସିଆରପିଏଫ ସ୍କୁଲକୁ ବୋମାରେ ଉଡ଼ାଇବାକୁ ଧମକ ମିଳିଛି। ଧମକ ସକାଳ ୭.୩୦ ମିନିଟରେ ଆସିଛି। ଦିଲ୍ଲୀ ପୋଲିସ ୮.୩୦ରେ ସୂଚନା ପାଇ ପିସିଆର କଲ୍ ମାଧ୍ୟମରେ ଦେଇଛି । ସ୍କୁଲ ପରିସରରେ ଦିଲ୍ଲୀ ପୋଲିସର ବୋମା ସ୍କ୍ୱାର୍ଡ, ଡଗ୍ ସ୍କ୍ୱାର୍ଡ, ସାଇବର ଏକ୍ସପର୍ଟ ଟିମ୍ ଏବଂ ସ୍ପେଶାଲ ଷ୍ଟାଫ ଟିମ୍ ଉପସ୍ଥିତ ରହିଛି । ତେବେ ସ୍କୁଲରୁ



ଏଯାଏଁ କୌଣସି ସନ୍ଦିଗ୍ଧ ଜିନିଷ ମିଳିନାହିଁ । ସୂଚନାଯୋଗ୍ୟ, ଚଳିତବର୍ଷ ଆରମ୍ଭରୁ ଦିଲ୍ଲୀ-ଏନସିଆର ଦୁଇ ସ୍କୁଲକୁ ବୋମା ଧମକ ମିଳିଥିଲା । ଇମେଲ ଜରିଆରେ ବୋମା ଧମକ ମିଳିଥିବା ଜଣାପଡିଛି । ନୋଏଡାର ଶିବ ନାଦର ସ୍କୁଲ ଏବଂ ଦିଲ୍ଲୀର ଏଲକନ୍ ସ୍କୁଲରେ ବୋମା ଧମକ ମିଳିଥିଲା। ଏହାପରେ ପ୍ରଶାସନ ଏବଂ ଛାତ୍ରଙ୍କୁ ଘରକୁ ପଠାଇଦିଆଯାଇଥିଲା ।

# ହରିୟାଣା, ଗୋଆରେ ନୂଆ ରାଜ୍ୟପାଳ



**ନୂଆଦିଲ୍ଲୀ,୧୪।୭:** ଦେଶର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିୟାଣା ଏବଂ ଗୋଆରେ ନୂତନ ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ଏହା ବ୍ୟତୀତ ଲଦାଖରେ ଜଣେ ନୂତନ ଉପରାଜ୍ୟପାଳଙ୍କୁ ନିଯୁକ୍ତ କରାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପ୍ରଫେସର ଅଶିମ କୁମାର ଘୋଷଙ୍କୁ ହରିୟାଣାର ରାଜ୍ୟପାଳ ଏବଂ ପି. ଅଶୋକ ଗଜପତି ରାଜୁଙ୍କୁ ଗୋଆର ରାଜ୍ୟପାଳ ନିଯୁକ୍ତ କରିଛନ୍ତି। ସେହିପରି କବିନ୍ଦର ଗୁପ୍ତାଙ୍କୁ ଲଦାଖର ଉପରାଜ୍ୟପାଳ ନିଯୁକ୍ତ କରାଯାଇଛି।


ବରିଷ୍ଠ ଶିକ୍ଷାଗତ ଭୂମିକା ଗ୍ରହଣ କରୁଥିବା ଅଶିମ କୁମାର ଘୋଷଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହରିୟାଣାର ରାଜ୍ୟପାଳ ଭାବରେ ନିଯୁକ୍ତ କରିଛନ୍ତି। ତାଙ୍କର ଉଚ୍ଚଶିକ୍ଷା କ୍ଷେତ୍ରରେ ବହୁତ ପ୍ରଶାସନିକ ଅଭିଜ୍ଞତା ଅଛି, ଯାହା ଏବେ ହରିୟାଣାକୁ ଲାଭ ଦେବ। ସେ ଖୁବ ଶୀଘ୍ର ରାଜ୍ୟପାଳ ଭାବରେ ଦାୟିତ୍ୱ ଗ୍ରହଣ କରିବେ।

ଟିଡିପିର ବରିଷ୍ଠ ନେତା ଏବଂ ଆନ୍ଧ୍ର ପ୍ରଦେଶ ମୁଖ୍ୟମନ୍ତ୍ରୀ ଚନ୍ଦ୍ରବାବୁ ନାଇଡୁଙ୍କ ଘନିଷ୍ଠ ଅଶୋକ ଗଜପତି ରାଜୁଙ୍କୁ ଗୋଆର ନୂତନ ରାଜ୍ୟପାଳ କରାଯାଇଛି। ସେ ଭାରତ ସରକାରଙ୍କ କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ମଧ୍ୟ ପରିଚାଳନା କରିଛନ୍ତି। ତାଙ୍କର ଦଶନ୍ଧି ଧରି ଚାଲିଥିବା ରାଜନୈତିକ କ୍ୟାରିୟରରେ, ସେ ଆନ୍ଧ୍ର ପ୍ରଦେଶ ଏବଂ କେନ୍ଦ୍ର ଉଭୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି।

# ନୂହରେ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ସେବା ବନ୍ଦ

**ଚଣ୍ଡିଗଡ଼,୧୪।୭:** ବ୍ରଜ ମଣ୍ଡଳ ଜଳାଭିଷେକ ଯାତ୍ରା ପୂର୍ବରୁ, ହରିୟାଣା ସରକାର ସମଗ୍ର ନୂହ ଜିଲ୍ଲାରେ ସୁରକ୍ଷା ବ୍ୟବସ୍ଥା ବୃଦ୍ଧି କରିଛନ୍ତି। ଆଇନ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସହରରେ ଆଗାମୀ ୨୪ ଘଣ୍ଟା ପାଇଁ ଇଣ୍ଟରନେଟ୍ ଏବଂ ଏସଏମଏସ ସେବାକୁ ସ୍ଥଗିତ ରଖିଛନ୍ତି । ଏହା ବ୍ୟତୀତ, ଯାତ୍ରାକୁ ଦୃଷ୍ଟିରେ ରଖି ଜିଲ୍ଲାର ସ୍କୁଲଗୁଡ଼ିକୁ ଜୁଲାଇ ୧୪ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଥିଲା। ହରିୟାଣାର ନୂହରେ ପ୍ରତ୍ୟେକ ବର୍ଷ ଭଳି ଏହି ବର୍ଷ ମଧ୍ୟ ଶ୍ରାବଣ ମାସର ପ୍ରଥମ ସୋମବାର ପାଇଁ ବ୍ରଜମଣ୍ଡଳ ଯାତ୍ରା ଆୟୋଜନ କରାଯାଉଛି । ଏହି ଆୟୋଜିତ ଯାତ୍ରା ନୂହର ନଲ୍ହରେଶ୍ୱର ମହାଦେବ ମନ୍ଦିରଠାରୁ ଆରମ୍ଭ କରି ପୁହ୍ନାନାର ଶୃଙ୍ଗେଶ୍ୱର ମନ୍ଦିର ପର୍ଯ୍ୟନ୍ତ କରାଯିବ। ଏହି ଯାତ୍ରାକୁ ଦୃଷ୍ଟିରେ ରଖି ଏଥି ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛି। ନୂହ ଜିଲ୍ଲାରେ ଇଣ୍ଟରନେଟ୍ ସେବା ଏବଂ ବଲ୍କ ଏସେମେସ ସେବାକୁ ବନ୍ଦ କରିଦିଆଯାଇଛି । କାରଣ ୨ ବର୍ଷ ପୂର୍ବରୁ ଜଳାଭିଷେକ ସମୟରେ ଆକ୍ରମଣ ହୋଇଥିଲା। ଫଳରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଥିଲା । ଅପ୍ରୀତିକରଣ ଘଟଣାଠାରୁ ବଞ୍ଚିବା ପାଇଁ ପ୍ରଶାସନ କଡ଼ା ସୁରକ୍ଷା ବ୍ୟବସ୍ଥା କରିଛି ।

# କେରଳରେ ନିପାହ ଭାଇରସରେ ଆଉ ଜଣଙ୍କ ମୃତ୍ୟୁ !




**ଥିରୁଅନନ୍ତପୁରମ,୧୪।୭:** କେରଳରେ ନିପାହ ଭାଇରସର ଆଉ ଏକ ସମ୍ଭାବ୍ୟ ମାମଲା ଚିନ୍ତା ବଢ଼ାଇଛି। ପଲକ୍କଡ଼ ଜିଲ୍ଲାର ୫୭ ବର୍ଷୀୟ ଜଣେ ବ୍ୟକ୍ତିଙ୍କର ଜୁଲାଇ ୧୨ ତାରିଖରେ ମୃତ୍ୟୁ ଘଟିଥିଲା। ଆଶଙ୍କା କରାଯାଉଛି କି, ସେ ନିପାହ ଭାଇରସରେ ସଂକ୍ରମିତ ଥିଲେ । ଏହାକୁ ଦୃଷ୍ଟିରେ ରଖି ସରକାର ନିକଟ ସମ୍ପର୍କରେ ଆସିଥିବା ଲୋକଙ୍କୁ ଚିହ୍ନଟ କରିବା ସହିତ ଅଞ୍ଚଳରେ ନିଜର ରଖିବା ଆରମ୍ଭ କରି ଦେଇଛନ୍ତି। ରାଜ୍ୟର ସ୍ୱାସ୍ଥ୍ୟ ମନ୍ତ୍ରୀ ବୀଣା ଜର୍ଜ କହିଛନ୍ତି କି, ମୃତ ବ୍ୟକ୍ତିଙ୍କର ଚିକିତ୍ସା ପଲକ୍କଡ଼ ଜିଲ୍ଲାର ଏକ ଘରୋଇ ହସ୍ପିଟାଲରେ ଚାଲିଥିଲା। ତାଙ୍କ ନମୁନାଗୁଡ଼ିକର ଯାଞ୍ଚ ମଞ୍ଜେରି ମେଡିକାଲ କଲେଜରେ କରାଯାଇଥିଲା, ଯେଉଁଠାରେ ନିପାହ ଭାଇରସ୍ ସଂକ୍ରମଣର ପ୍ରାଥମିକ ସଙ୍କେତ ମିଳିଛି। ସରକାର ଏବେ ପୁଣେସ୍ଥିତ ରାଷ୍ଟ୍ରୀୟ ବିଷାଣୁ ବିଜ୍ଞାନ ସଂସ୍ଥାନ (ଏନଆଇଭି)ରୁ ନିଶ୍ଚିତ ରିପୋର୍ଟକୁ ଅପେକ୍ଷା କରିଛନ୍ତି। ବର୍ତ୍ତମାନ ସମୟରେ କେରଳରେ ନିପାହ ଭାଇରସରେ ସମ୍ଭାବ୍ୟ ମୃତ୍ୟୁର ଏହା ଦ୍ୱିତୀୟ ଘଟଣା । ଏହା ପୂର୍ବରୁ ମଲପ୍ପୁରମର ଜଣେ ବାସିନ୍ଦାଙ୍କର ନିକଟରେ ସଂକ୍ରମଣରେ ମୃତ୍ୟୁ ଘଟିଥିଲା। ଯେତେବେଳେ କି, ପଲକ୍କଡ଼ ଜିଲ୍ଲାର ଅନ୍ୟ ଜଣେ ରୋଗୀ ଏବେ ବି ହସ୍ପିଟାଲରେ ଚିକିତ୍ସାଧୀନ ଅଛନ୍ତି। ସେପଟେ ନୂଆ ମାମଲାକୁ ଦୃଷ୍ଟିରେ ରଖି ସରକାର ଅଞ୍ଚଳରେ କଡ଼ା ନଜର ରଖିବା ଆରମ୍ଭ କରିଦେଇଛନ୍ତି। ସମ୍ଭାବ୍ୟ ସଂକ୍ରମିତଙ୍କ ସମ୍ପର୍କରେ ଆସିଥିବା ୪୬ ଲୋକଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇଛି । ଏହି ଲୋକମାନଙ୍କୁ ଚିହ୍ନଟ କରିବା ପାଇଁ ସିସିଟିଭି ଫୁଟେଜ୍ ଏବଂ ମୋବାଇଲ୍ ଟାୱାର ଲୋକେସନର ଡାଟା ମଧ୍ୟ ବ୍ୟବହାର କରାଯାଉଛି । ସ୍ୱାସ୍ଥ୍ୟ ମନ୍ତ୍ରୀ ଛଅଟି ଜିଲ୍ଲା- ପଲକ୍କଡ଼, ମଲପ୍ପୁରମ୍, କୋଝିକୋଡ, କନ୍ନୁର, ୱାୟନାଡ଼ ଏବଂ ତ୍ରିଶୁରର ହସ୍ପିଟାଲଗୁଡ଼ିକୁ ନିପାହ ଭାଇରସ୍ ପାଇଁ ଆଲର୍ଟ ଜାରି କରିଛନ୍ତି।

## ପାଣି ସଂଗ୍ରହ କରୁଥିବା ପିଲାମାନଙ୍କ ଉପରେ ମିଶାଇଲ୍ ଆକ୍ରମଣ

# ୮ ଶିଶୁ ସମେତ ୪୩ ଜଣଙ୍କ ମୃତ୍ୟୁ




**ତେଲ୍ ଆଭିଭ,୧୪।୭:** ରବିବାର ଗାଜା ଷ୍ଟ୍ରିପର ଏକ ଶରଣାର୍ଥୀ ଶିବିରରେ ପାଣି ସଂଗ୍ରହ କରୁଥିବା ପିଲାମାନଙ୍କ ଉପରେ ଇସ୍ରାଏଲ ଦ୍ୱାରା କରାଯାଇଥିବା ମିଶାଇଲ୍ ଆକ୍ରମଣରେ ଅନେକ ଲୋକ ପ୍ରାଣ ହରାଇଛନ୍ତି। ମୃତ୍ୟୁବରଣ କରିଥିବା ଲୋକଙ୍କ ମଧ୍ୟରୁ ଅଧିକାଂଶ ଶିଶୁ ଥିଲେ। ଇସ୍ରାଏଲୀ ସେନା ଏହି ଆକ୍ରମଣକୁ ମାନବିକ ଦୁଃଖଦ ବୋଲି କହି ସ୍ପଷ୍ଟ କରିଛି ଯେ ଏହା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଘଟିଛି, ଆମର ଟାର୍ଗେଟ ଅନ୍ୟ କୌଣସି ସ୍ଥାନରେ ଥିଲା । ଆମେ ଏହା ଉଦ୍ଦେଶ୍ୟମୂଳକ ଭାବରେ କରିନାହୁଁ । ଜରୁରୀକାଳୀନ ସେବା ଅଧିକାରୀମାନେ କହିଛନ୍ତି ଯେ ଇସ୍ରାଏଲୀ ମିଶାଇଲ୍ ଦ୍ୱାରା ଆଠ ଜଣ ଶିଶୁ ସମେତ ଅତି କମରେ ୧୦ ଜଣଙ୍କର ମୃତ୍ୟୁ ହୋଇଛି ଏବଂ ୧୭ ଜଣ ଆହତ ମଧ୍ୟ ହୋଇଛନ୍ତି ।

ସୂଚନାଯୋଗ୍ୟ ଯେ, ଗାଜା ଗତ କିଛି ସପ୍ତାହ ଧରି ଗୁରୁତର ଜଳ ସଙ୍କଟର ସମ୍ମୁଖୀନ ହେଉଛି । ଇନ୍ଧନ ଅଭାବ ଯୋଗୁଁ ସ୍ୱେରେଜ ବ୍ୟବସ୍ଥା ମଧ୍ୟ ବନ୍ଦ ହୋଇଯାଇଛି, ଯାହା ଫଳରେ ଲୋକମାନେ ସାର୍ବଜନୀନ ଜଳ ବଣ୍ଟନ କେନ୍ଦ୍ର ଉପରେ ନିର୍ଭରଶୀଳ ହୋଇ ପାଣି ସମସ୍ୟାର ସମ୍ମୁଖୀନ ହେଉଛନ୍ତି ।

ଗାଜାର ନାଗରିକ ପ୍ରତିରକ୍ଷା ଏଜେନ୍ସିର ମୁଖପାତ୍ର ମହମୁଦ ବାସଲ କହିଛନ୍ତି ଯେ ରବିବାର ଇସ୍ରାଏଲର ସଦ୍ୟତମ ଆକ୍ରମଣରେ ଅତି କମରେ ୪୩ ଜଣଙ୍କର ମୃତ୍ୟୁ ହୋଇଛି, ଯେଉଁଥିରେ ଗାଜା ସହରର ଏକ ବଜାରରେ ୧୧ ଜଣଙ୍କର ମୃତ୍ୟୁ ହୋଇଛି । କେନ୍ଦ୍ରୀୟ ଗାଜାର ନୁସେରାତ ଶରଣାର୍ଥୀ ଶିବିରରେ ଏକ ଜଳ ବଣ୍ଟନ କେନ୍ଦ୍ର ଉପରେ ଡ୍ରୋନ ଆକ୍ରମଣରେ ଦଶ ଜଣଙ୍କର ମୃତ୍ୟୁ ମଧ୍ୟ ହୋଇଛି । ନୁସେରାତରେ ଏକ ଘର ଭାଙ୍ଗିବା ପରେ ଖାଲେଦ ରାୟାନ କହିଛନ୍ତି ଯେ, "ଆମେ ଦୁଇଟି ବଡ଼ ବିସ୍ଫୋରଣ ଶୁଣି ଉଠିଲୁ... ଆମର ପଡ଼ୋଶୀ ଏବଂ ସେମାନଙ୍କ ପିଲାମାନେ ଭଗ୍ନାଂଶ ତଳେ ପୋତି ହୋଇଯାଇଥିଲେ।" ଅନ୍ୟ ଜଣେ ବାସିନ୍ଦା, ମହମୁଦ ଅଲ-ଶାମି, ଯୁଦ୍ଧ ସମାପ୍ତ କରିବାକୁ ଆଲୋଚନାକାରୀମାନଙ୍କୁ ଆହ୍ୱାନ କରି କହିଛନ୍ତି, "ଆମ ସହିତ ଯାହା ଘଟିଲା ତାହା ସମଗ୍ର ମାନବତା ଇତିହାସରେ ପୂର୍ବରୁ କେବେ ଘଟିନଥିଲା। ଏହି ସମୟରେ, ଦକ୍ଷିଣ ଗାଜାରେ, ଉପକୂଳବର୍ତ୍ତୀ ଅଲ-ମାୱାସି ଅଞ୍ଚଳରେ ବିସ୍ଥାପିତ ପାଲେଷ୍ଟାଇନୀମାନଙ୍କୁ ଆଶ୍ରୟ ଦେଉଥିବା ଏକ ତମ୍ବୁ ଉପରେ ଇସ୍ରାଏଲୀ ଜେଟ୍ ଆକ୍ରମଣ କରିବାରୁ ତିନି ଜଣ ଲୋକ ପ୍ରାଣ ହରାଇଥିଲେ, ଜଣେ ନାଗରିକ ପ୍ରତିରକ୍ଷା ମୁଖପାତ୍ର କହିଛନ୍ତି । ଶନିବାର ଦିନ, ଡାକ୍ତରମାନେ ରିପୋର୍ଟ କରିଛନ୍ତି ଯେ ଆମେରିକା-ସମର୍ଥିତ ସହାୟତା ବଣ୍ଟନ ବ୍ୟବସ୍ଥା ପାଖରେ ଏକ ନୂତନ ଗଣ ଗୁଳିକାଣ୍ଡରେ ଇସ୍ରାଏଲୀ ସୈନିକମାନେ ଗୁଳି ଚଳାଇବାରୁ ଖାଦ୍ୟ ସହାୟତା ପାଇବାକୁ ଚେଷ୍ଟା କରୁଥିବା ୧୭ ଜଣ ଲୋକ ପ୍ରାଣ ହରାଇଛନ୍ତି । ଶନିବାର ଦିନ, ଜାତିସଂଘର ସାତଟି ଏଜେନ୍ସି ଚେତାବନୀ ଦେଇଛନ୍ତି ଯେ ଇନ୍ଧନ ଅଭାବ "ଜଟିଳ ସ୍ତରକୁ ପହଞ୍ଚିଛି", ଯାହା ସାହାଯ୍ୟ କାର୍ଯ୍ୟ, ହସ୍ପିଟାଲ ସେବା ଏବଂ ପୂର୍ବରୁ ଥିବା ଖାଦ୍ୟ ସୁରକ୍ଷାକୁ ବିପଦରେ ପକାଇଛି ।

କିନ୍ତୁ ଇସ୍ରାଏଲୀ ସେନା ଦାବି କରିଛି ଯେ ଏହାର ସୈନ୍ୟମାନେ କେବଳ ଚେତାବନୀ ଗୁଳି ଚଳାଇଥିଲେ ଏବଂ ଘଟଣାର ସମୀକ୍ଷାରୁ କୌଣସି ମୃତାହତର ପ୍ରମାଣ ମିଳିଲା ନାହିଁ। ଇସ୍ରାଏଲୀ ସେନା ରବିବାର ଏକ ବିବୃତ୍ତିରେ କହିଛି ଯେ ଗତ ୨୪ ଘଣ୍ଟା ମଧ୍ୟରେ ଯୁଦ୍ଧ ବିମାନଗୁଡ଼ିକ "ଗାଜା ଷ୍ଟ୍ରିପରେ ୧୫୦ରୁ ଅଧିକ ଆତଙ୍କବାଦୀ ଲକ୍ଷ୍ୟସ୍ଥଳ ଉପରେ ଆକ୍ରମଣ କରିଛି" । ଏଥି ସହ କୁହାଯାଇଛି ଯେ ଏହି ଲକ୍ଷ୍ୟସ୍ଥଳଗୁଡ଼ିକରେ ଆତଙ୍କବାଦୀ ଶିବିର, ଅସ୍ତ୍ରଶସ୍ତ୍ର ସଂରକ୍ଷଣ ସ୍ଥାନ ଏବଂ ଟ୍ୟାଙ୍କ ପ୍ରତିରୋଧୀ ଏବଂ ସ୍ନାଇପର ସ୍ଥିତି ସାମିଲ୍ ।

# ନିଲାମ ହେବ ମଙ୍ଗଳ ଗ୍ରହରୁ ଆସିଥିବା ୨୫ କେଜିର ଉଲ୍‌କାପିଣ୍ଡ




**ନୂଆଦିଲ୍ଲୀ,୧୪।୭:** ନିଲାମ ହେବାକୁ ଯାଉଛି ପୃଥିବୀରେ ମିଳିଥିବା ମଙ୍ଗଳ ଗ୍ରହର ଉଲକାପିଣ୍ଡ । ଲୋହିତ ଗ୍ରହରୁ ପ୍ରାୟ ୧୪ କୋଟି ମାଇଲ୍ ଦୂର ଅତିକ୍ରମ କରି ପୃଥିବୀ ପୃଷ୍ଠରେ ପଡ଼ିଥିବା ଏହି ଉଲକାପିଣ୍ଡକୁ ନେଇ ଚର୍ଚ୍ଚା ଲାଗି ରହିଛି । ନଭେମ୍ବର ୨୦୨୩ରେ ନାଇଜରର ଦୂରବର୍ତ୍ତୀ ଅଞ୍ଚଳ ଆଗାଡେଜ୍‌ରେ ପଡ଼ିଥିଲା ଏହି ଉଲକାପିଣ୍ଡ । ମଙ୍ଗଳ ଗ୍ରହରେ ବିଶାଳ ଗ୍ରହାଣୁ ଧକ୍କାରେ ସୃଷ୍ଟି ହୋଇଥିବା ଏହି ଉଲକାପିଣ୍ଡ ପୃଥିବୀ ପୃଷ୍ଠରେ ପଡ଼ିଥିଲା । ଏଭଳି ମଙ୍ଗଳ ଗ୍ରହରୁ ଆସିଥିବା ଅନେକ ପଥର ରହିଛି। କିନ୍ତୁ ସେଥିମଧ୍ୟରୁ ଏନ୍‌ଡବ୍ଲ୍ୟୁଏ ୧୬୭୮୮ ସବୁଠାରୁ ବଡ଼ ବୋଲି କୁହାଯାଉଛି । ଏହାକୁ ସୋଥେବୀ ଦ୍ୱାରା ନ୍ୟୁୟର୍କରେ ନିଲାମ ପାଇଁ ରଖାଯାଇଛି । ଜୁଲାଇ ୧୬ରେ ଏହାର ନିଲାମ ହେବାକୁ ଥିବା ବେଳେ ଏଥିପାଇଁ ୨ ମିଲିୟନ ଡଲାରରୁ ୪ ମିଲିୟନ ଡଲାର ମିଳିପାରେ ।

# ଘନସୋଲି ଏବଂ ଶିଲଫାଟା ମଧ୍ୟରେ ଚାଲିବ ବୁଲେଟ୍ ଟ୍ରେନ୍



ଖୋଲିଲା ସମୁଦ୍ର ତଳ ସୁଡ଼ଙ୍ଗର ପ୍ରଥମ ଅଂଶ

**ମୁମ୍ବାଇ, ୧୪।୭:** ବୁଲେଟ୍ ଟ୍ରେନ୍ ପ୍ରକଳ୍ପ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅତିକ୍ରମ କରିଛି ଭାରତ। ଏହି ପ୍ରକଳ୍ପ ଅଧୀନରେ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ (ବିକେସି) ଏବଂ ଥାଣେ ମଧ୍ୟରେ ୨୧ କିଲୋମିଟର ଲମ୍ବା ସମୁଦ୍ର ସୁଡ଼ଙ୍ଗର ପ୍ରଥମ ଅଂଶ ଖୋଲିବା କାର୍ଯ୍ୟ ସମାପ୍ତ ହୋଇଛି। ସମ୍ପ୍ରତି, ଏହି ପ୍ରକଳ୍ପ ଅଧୀନରେ ୩୧୦ କିଲୋମିଟର ଲମ୍ବା ସ୍ୱତନ୍ତ୍ର ସେତୁ ଭାୟାଡକ୍ଟ ନିର୍ମାଣ ମଧ୍ୟ ସମାପ୍ତ ହୋଇଛି। ଟ୍ରାକ୍ ବିଛାଇବା, ଓଭରହେଡ୍ ପାୱାର କେବୁଲ୍, ଷ୍ଟେସନ ଏବଂ ସେତୁ ନିର୍ମାଣ ଆଦି କାର୍ଯ୍ୟ ଦ୍ରୁତ ଗତିରେ ଚାଲିଛି। ମହାରାଷ୍ଟ୍ରରେ ଏହି ପ୍ରକଳ୍ପ ସମ୍ପର୍କିତ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ପାଇଛି। ଏହା ସହିତ ପରିଚାଳନା ଏବଂ ନିୟନ୍ତ୍ରଣ ପ୍ରଣାଳୀ କ୍ରୟ କାର୍ଯ୍ୟ ମଧ୍ୟ ଭଲ ଭାବରେ ଚାଲିଛି। ଜାପାନର ଶିଙ୍କାନସେନ କମ୍ପାନି ଏବେ ଇ-୫ ଟ୍ରେନ ଚଳାଉଛି। ପରବର୍ତ୍ତୀ ପିଢିର ଟ୍ରେନ ହେଉଛି ଇ-୧୦। ଜାପାନ ଏବଂ ଭାରତ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ସହଭାଗୀତା ଅଧୀନରେ, ଜାପାନ ସରକାର ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ ପ୍ରକଳ୍ପରେ ଇ-୧୦ ଶିଙ୍କାନସେନ ଟ୍ରେନ ଚଳାଇବାକୁ ରାଜି ହୋଇଛନ୍ତି। ଉଲ୍ଲେଖନୀୟ ଯେ ଇ-୧୦ ଟ୍ରେନଗୁଡ଼ିକ ଏକକାଳୀନ ଭାରତ ଏବଂ ଜାପାନରେ ଚଳାଚଳ ଆରମ୍ଭ କରିବେ। ବୁଲେଟ୍ ଟ୍ରେନ୍ ପ୍ରକଳ୍ପର ସମଗ୍ର ୫୦୮ କିଲୋମିଟର ଲମ୍ବା କରିଡରକୁ ଜାପାନୀ ଶିଙ୍କାନସେନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ବିକଶିତ କରାଯାଉଛି। ଏହା ଗତି, ସୁରକ୍ଷା ଏବଂ ନିର୍ଭରଯୋଗ୍ୟତାର ନୂତନ ମାନଦଣ୍ଡ ସ୍ଥାପନ କରିବ।

ଲର୍ଡ୍ସ ଟେଷ୍ଟରେ ଭାରତର ବ୍ୟାଟିଂ ଫେଲ୍

# ୨୨ ରନ୍‌ରେ ଜିତିଲା ଇଂଲଣ୍ଡ



**ଲର୍ଡ୍ସ,୧୪।୭(ସଂଚାର ବ୍ୟୁରୋ):** ଚଳିତ ଟେଷ୍ଟ୍ ସିରିଜ୍‌ରେ ଘରୋଇ ଇଂଲଣ୍ଡ ୨-୧ରେ ଅଗ୍ରଣୀ ଲାଭ କରିଛି। ପୂର୍ବରୁ ଦ୍ୱିତୀୟ ଟେଷ୍ଟରେ ଚମତ୍କାର ବିଜୟ ସହ ସିରିଜ୍‌କୁ ବରାବର କରିଥିବା ଭାରତ ଆଜି ତା'ର ଦ୍ୱିତୀୟ ଇନିଂସରେ ବ୍ୟାଟିଂ ଫେଲ୍‌ର ଶିକାର ହୋଇ ମାତ୍ର ୧୭୦ ରନ୍‌ରେ ଅଲ୍‌ଆଉଟ୍ ହେବା ଫଳରେ ଇଂଲଣ୍ଡ ମ୍ୟାଚ୍‌କୁ ୨୨ ରନ୍‌ରେ ଜିତିନେଇଛି। ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଇଂଲିଶ୍ ଦଳର ଅଧିନାୟକ ବେନ୍ ଷ୍ଟୋକ୍ସ ପ୍ଲେୟର୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି।୧୯୩ ରନ୍‌ର ବିଜୟ ଲକ୍ଷ୍ୟ ପାଇଥିବା ଭାରତ ଗତକାଲି ମାତ୍ର ୫୮ ରନ୍‌ରେ ୪ ୱିକେଟ୍ ହରାଇଥିଲା। ଆଜି ଏହିଠାରୁ ଅପରାଜିତ ବ୍ୟାଟ୍ସମ୍ୟାନ୍ ଓପନର ଲୋକେଶ ରାହୁଲ୍ ଓ ଋଷଭ ପନ୍ତ୍ ବ୍ୟାଟିଂ ଆରମ୍ଭ କରିଥିଲେ। ତେବେ ଇଂଲଣ୍ଡ ବୋଲର୍‌ମାନେ କ୍ରମାଗତ ଭାବେ ସଫଳତା ହାସଲ ପୂର୍ବକ ଦଳର ବିଜୟ ଏକରକମ ପକ୍କା କରିଥିଲେ। ଅବଶ୍ୟ ଶେଷ ଭାଗରେ ରବୀନ୍ଦ୍ର ଜାଡେଜା ଦ୍ୱିତୀୟ ଇନିଂସରେ ବି ଅର୍ଦ୍ଧଶତକ ହାସଲ କରି କିଛି ସମୟ ସଂଘର୍ଷ କରିଥିଲେ ମଧ୍ୟ ଶେଷରେ ଇଂଲଣ୍ଡ ବାଜିମାତ୍ କରିଥିଲା। ଭାରତ ପକ୍ଷରୁ ଜାଡେଜା ସର୍ବାଧିକ ୬୧ ରନ୍ କରିଥିବା ବେଳେ ରାହୁଲ୍ ୩୯ ଓ ନୀତୀଶ କୁମାର ୧୩ ରନ୍ କରିଥିଲେ। ଅନ୍ୟ କେହି ବିଶେଷ ସହଯୋଗ ଦେଇପାରିନଥିଲେ। ଇଂଲଣ୍ଡ ପକ୍ଷରୁ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର୍ ୩ଟି ଲେଖାଏଁ, ବ୍ରାଇଡନ୍ କାର୍ସ ୨ଟି ଏବଂ କ୍ରିସ୍ ଓକ୍ସ ଓ ଶୋଏବ୍ ବଶୀର ଗୋଟିଏ ଲେଖାଏଁ ୱିକେଟ୍ ଅକ୍ତିଆର କରିଥିଲେ।

# ବିବାହର ୭ବର୍ଷ ପରେ ଅଲଗା ହେଲେ ସାଇନା-କଶ୍ୟପ

**ନୂଆଦିଲ୍ଲୀ, ୧୪।୭:** ସମାନ ଚିନ୍ତାଧାରା, ସମାନ ବୃତ୍ତି, ସମାନ ବାଟ ଏବଂ ଏକାଠି ବିତାଇଥିବା ଅନେକ ବର୍ଷ - ଏସବୁ ଯେକୌଣସି ସମ୍ପର୍କକୁ ଦୃଢ଼ କରିବା ପାଇଁ ଯଥେଷ୍ଟ ବୋଲି କୁହାଯାଏ। କିନ୍ତୁ ଯେତେବେଳେ ଆମେ ବ୍ୟାଡମିଣ୍ଟନ ତାରକା ସାଇନା ନେହୱାଲ ଏବଂ ପାରୁପଲ୍ଲୀ କଶ୍ୟପଙ୍କ ଭଳି ଦମ୍ପତିଙ୍କୁ ଅଲଗା ହେଉଥିବାର ଦେଖୁ, ସେତେବେଳେ ମନରେ ନିଶ୍ଚିତ ଭାବରେ ପ୍ରଶ୍ନ ଉଠେ। ସାଇନା ଏବଂ କଶ୍ୟପ ଅନେକ ବର୍ଷ ଧରି ପରସ୍ପରକୁ ଡେଟ୍ କରିଥିଲେ, ଏକାଠି ଟୁର୍ଣ୍ଣାମେଣ୍ଟ



ଖେଳିଥିଲେ ଏବଂ ତା'ପରେ ୨୦୧୮ରେ ବିବାହ କରିଥିଲେ। ଉଭୟ ନିଜ ନିଜ କ୍ୟାରିୟରର ଶିଖରରେ ବଡ଼ ସଫଳତା ହାସଲ କରିଛନ୍ତି। ଏତେ ସବୁ ଏକାଠି ହାସଲ କରିବା ପରେ ଏବେ ଦୁହେଁ ଅଲଗା ହେବା ଖବର ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି। ଉଭୟ ପାରସ୍ପରିକ ସହମତିରେ ଛାଡପତ୍ର ନେଇଥିବା ଖବର ସାମ୍ନାକୁ ଆସିବା ପରେ ସେମାନଙ୍କ ପ୍ରଶଂସକଙ୍କ ହୃଦୟ ଭାଙ୍ଗିଯାଇଛି। ଇନଷ୍ଟାଗ୍ରାମ ଜରିଆରେ ସାଇନା ଏହି ସୂଚନା ଦେଇଛନ୍ତି। ସେ ଲେଖିଛନ୍ତି, 'ଜୀବନ ବେଳେବେଳେ ଆମକୁ ଭିନ୍ନ ଦିଗରେ ନେଇଯାଏ। ବହୁତ ବିଚାର ବିମର୍ଶ ପରେ, କଶ୍ୟପ ପାରୁପଲ୍ଲୀ ଏବଂ ମୁଁ ଅଲଗା ହେବାକୁ ନିଷ୍ପତ୍ତି ନେଇଛୁ। ଆମେ ନିଜ ପାଇଁ ଏବଂ ପରସ୍ପର ପାଇଁ ଶାନ୍ତି, ବିକାଶ ଏବଂ ବିଶ୍ରାମ ବାଛିଛୁ। ଭଲ ସ୍ମୃତି ପାଇଁ ମୁଁ କୃତଜ୍ଞ ଏବଂ ଆଗକୁ ବଢ଼ିବା ପାଇଁ କେବଳ ମଙ୍ଗଳ କାମନା କରୁଛି। ଏହି ସମୟରେ ଆମର ଗୋପନୀୟତାକୁ ବୁଝିବା ଏବଂ ସମ୍ମାନ ଦେବା ପାଇଁ ଆପଣଙ୍କୁ ଧନ୍ୟବାଦ।' ସାଇନା ଏଭଳି ପୋଷ୍ଟ କରିଥିଲେ ବି କଶ୍ୟପ ଏପର୍ଯ୍ୟନ୍ତ କୌଣସି ବିବୃତି ଜାରି କରିନାହାଁନ୍ତି।

# ରାଜ୍ୟ ସ୍କୁଲ୍ ଓପନ୍ ଚେସ୍: ବିନିତ ବିଜେତା



**ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ):** ଓଡ଼ିଶା ରାଜ୍ୟ ଚେସ୍ ସଂଘ (ଓସ୍କା) ଏବଂ ବିଜେଇଏମ୍ ସ୍କୁଲ୍-୧ ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ତୃତୀୟ ରାଜ୍ୟ ସ୍କୁଲ୍ ଓପନ୍ ଚେସ୍ ପ୍ରତିଯୋଗିତାରେ ବିନିତ ନାୟକ ୫ରୁ ୫ ପଏଣ୍ଟ ସହ ବିଜେତା ହୋଇଛନ୍ତି। ସତ୍ୟମ ସ୍ୱରୂପ ସାହୁ, ପ୍ରାଂଶୁ ଦାଶ, ଆଦ୍ୟ ଅଦ୍ୱିତ ଦାସ, ଆରିଶ ନନ୍ଦ ଗୋସ୍ୱାମୀ (ପ୍ରତ୍ୟେକ ୪ ପଏଣ୍ଟ) ଯଥାକ୍ରମେ ଦ୍ୱିତୀୟରୁ ପଞ୍ଚମ ସ୍ଥାନରେ ରହି ପୁରସ୍କୃତ ହୋଇଥିଲେ। ଅଥର୍ବ ସିଂହ, ମୃତ୍ୟୁଞ୍ଜୟ ବିଶ୍ୱାସ, ସାତ୍ତ୍ୱିକ ମିଶ୍ର, ହିମାଂଶୁ ଶେଖର ସାହୁ, ଜେଭି ଶିବମ, ସ୍ୱସ୍ତି ଷଡ଼ଙ୍ଗୀ ପ୍ରମୁଖ ବିଭିନ୍ନ ବୟସ ବର୍ଗରେ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ବିଜେଇଏମ୍ ସ୍କୁଲ୍-୧ର ଅଧକ୍ଷା ସନ୍ଧ୍ୟା ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ପ୍ରଦାନ କରିଥିଲେ। ଓସ୍କା ନିର୍ଦ୍ଦେଶକ ଦେବାଶିଷ ପାଣିଗ୍ରାହୀ, କ୍ରୀଡ଼ା ମୁଖ୍ୟ ସରୋଜ କୁମାର ସାହୁ, ପିଇଟି ରଂଜନ କୁମାର ସିଂହ ଅନ୍ୟତମ ଅତିଥି ଥିଲେ। ପୂର୍ବରୁ ଉପାଧକ୍ଷା ପଲ୍ଲବୀ ମହାପାତ୍ର ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ।

# ସିନ୍ନର ଜିତିଲେ ୱିମ୍ବଲଡନ୍ ଓପନ୍



**ପ୍ୟାରିସ୍, ୧୪।୭:** ମହିଳା ଏକକ ଭଳି ପୁରୁଷ ଏକକରେ ମଧ୍ୟ ୱିମ୍ବଲଡନ୍ ଓପନ୍‌କୁ ମିଳିଛି ନୂଆ ବିଜେତା। ରବିବାର ବହୁ ପ୍ରତୀକ୍ଷିତ ପୁରୁଷ ଏକକ ଫାଇନାଲ୍‌ରେ ୨୩ ବର୍ଷୀୟ ଇଟାଲୀୟ ତାରକା ୟାନିକ୍ ସିନ୍ନର ଦୁଇ ଥର ବିଜେତା ତଥା ୨୨ବର୍ଷୀୟ ସ୍ପେନ୍‌ର କାର୍ଲୋସ୍ ଆଲକାରାଜଙ୍କୁ ୪-୬, ୬-୪, ୬-୪, ୬-୪ ସେଟ୍‌ରେ ପରାସ୍ତ କରି ଅଲ୍‌ଇଂଲଣ୍ଡ ଲନ୍‌ରେ ପ୍ରଥମ ଥର ଟ୍ରଫି ଧରିବାର ଗୌରବ ଅର୍ଜନ କରିଛନ୍ତି। ପ୍ରଥମ ଓ ଦ୍ୱିତୀୟ ସିଡ୍‌ଙ୍କ ମଧ୍ୟରେ ହୋଇଥିବା ଏହି ମହାଲଢ଼େଇର ପ୍ରଥମ ସେଟ୍‌କୁ ସିନ୍ନର ହାରିଯାଇଥିଲେ। ତେବେ ପରବର୍ତ୍ତୀ ତିନିଟି ସେଟ୍‌କୁ ସମାନ ୨ ପଏଣ୍ଟ ବ୍ୟବଧାନରେ ଜିତି ଇତିହାସ ରଚିଥିଲେ। ୱିମ୍ବଲଡନ୍ ଓପନ୍ ଜିତିବାରେ ସେ ମଧ୍ୟ ପ୍ରଥମ ଇଟାଲୀୟ ଏବଂ ୧୯୬୮ରେ ଓପନ୍ ଏରା ଆରମ୍ଭ ହେବା ପରଠାରୁ ୨୩ତମ ଖେଳାଳି ହୋଇଥିଲେ। ଅନ୍ୟପକ୍ଷରେ ଗତ ଦୁଇ ବର୍ଷ ଏଠାରେ ବିଜେତା ହୋଇଥିବା ଆଲ୍‌କାରାଜ ୱିମ୍ବଲଡନ୍ ଓପନ୍‌ରେ ଲଗାତାର ୧୮ ବିଜୟ ପରେ ପ୍ରଥମ ପରାଜୟ ବରଣ କରି ଉପବିଜେତାରେ ସନ୍ତୁଷ୍ଟ ରହିଥିଲେ। ଏହା ପୂର୍ବରୁ ପୋଲାଣ୍ଡର ଇଗା ସ୍ୱିତେକ ମହିଳା ବର୍ଗରେ ଆମେରିକାର ଅମଣ୍ଡା ଆନିସସିମୋଭାଙ୍କୁ ୬-୦, ୬-୦ ସିଧାସଳଖ ସେଟ୍‌ରେ ପରାସ୍ତ କରି ପ୍ରଥମ ଥର ବିଜେତା ହୋଇଥିଲେ। ସେ ମଧ୍ୟ ୱିମ୍ବଲଡନ୍ ଓପନ୍ ଜିତିବାରେ ପୋଲାଣ୍ଡର ପ୍ରଥମ ଖେଳାଳି ହେବାର ରେକର୍ଡ କରିଥିଲେ।



# ହରିକ୍ରିଷ୍ଣନ୍ ଭାରତର ୮୭ତମ ଗ୍ରାଣ୍ଡମାଷ୍ଟର୍

**ଚେନ୍ନାଇ, ୧୪।୭:** ଭାରତର ୮୭ତମ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଅର୍ଜନ କରିଛନ୍ତି ୨୪ ବର୍ଷୀୟ ତାଲିମନାଡୁ ଖେଳାଳି ହରିକ୍ରିଷ୍ଣନ୍ ଏ' ରା। ଫ୍ରାନ୍ସରେ ଅନୁଷ୍ଠିତ ଲା' ପ୍ରାଗ୍ନ ଅନ୍ତର୍ଜାତୀୟ ଚେସ୍ ଫେଷ୍ଟିଭାଲ୍‌ରେ ନିଜ ତୃତୀୟ ତଥା ଅନ୍ତିମ ଜିଏମ୍ ନର୍ମ ଅର୍ଜନ କରିବା ସହ ଗ୍ରାଣ୍ଡମାଷ୍ଟର୍ ଟାଇଟଲ୍ ଔପଚାରିକତା ପୂର୍ଣ୍ଣ କରିଛନ୍ତି। କିଛି ବର୍ଷ ତଳେ ସେ ନିଜ ପ୍ରଥମ ଜିଏମ୍ ନର୍ମ ପାଇଥିବାବେଳେ ଦ୍ୱିତୀୟଟି ସ୍ପେନ୍‌ର ଆଣ୍ଡୁଜାର ଓପନ୍‌ରେ ଅର୍ଜନ କରିଥିଲେ। ୨୦୨୨ରେ ଚେନ୍ନାଇର ଚେସ୍ ଥୁଲିରରେ ଥିବା ଏକାଡେମୀରେ ଯୋଗ ଦେଇ ଗ୍ରାଣ୍ଡମାଷ୍ଟର୍ ଶ୍ୟାମ ସୁନ୍ଦର ମୋହନରାଜଙ୍କଠାରୁ ପ୍ରଶିକ୍ଷଣ ନେଇ ଦ୍ରୁତ ଅଗ୍ରଗତି କରିଥିଲେ। ୟୁରୋପ ଗସ୍ତରେ କ୍ରମାଗତ ୧୦ଟି ଟୁର୍ଣ୍ଣାମେଣ୍ଟ୍ ଖେଳିଥିବା ହରିକ୍ରିଷ୍ଣନ୍ ସେଠାକୁ ଯିବା ପୂର୍ବରୁ ପ୍ରତିଶ୍ରୁତି ଦେଇଥିଲେ ଗ୍ରାଣ୍ଡମାଷ୍ଟର୍ ହେଲେ ହିଁ ସ୍ୱଦେଶ ଫେରିବି। ଏହା କହିଛନ୍ତି ତାଙ୍କ ପ୍ରଶିକ୍ଷକ ମୋହନରାଜ। ହରିକ୍ରିଷ୍ଣନଙ୍କ ମା' ଜଣେ ଚେସ୍ ଆର୍ବିଟର ହୋଇଥିବାରୁ ସେ ତାଙ୍କଠାରୁ ପ୍ରେରଣା ପାଇଥିବା ବିଶ୍ୱାସ କରାଯାଉଛି।

# ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ଲକ୍ଷ୍ମୀ, ସ୍ୱାଧୀନଙ୍କ ଚମକ



**ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ):** ମହାରାଷ୍ଟ୍ରର ପୁଣେଠାରେ ଆୟୋଜିତ ଇଣ୍ଡିଆନ୍ ଓପନ୍ ଆଥଲେଟିକ୍ସ ମିଟ୍‌ରେ ଓଡ଼ିଆ ଝିଅ ଲକ୍ଷ୍ମୀପ୍ରିୟାଙ୍କ ଚମକ ଦେଖିବାକୁ ମିଳିଛି। ମହିଳା ୮୦୦ ମିଟରରେ ୨ ମିନିଟ୍ ୧୩.୭୧ ସେକେଣ୍ଡ ସମୟ ସହ ଏହି ବର୍ଗର ପ୍ରଥମ ସ୍ଥାନ ଅଧିକାର କରିଛନ୍ତି ସେ। ସେହିଭଳି ଓଡ଼ିଶା ରିଲାଏନ୍ସ ଆଥଲେଟିକ୍ସ ଏଚ୍‌ପିସିର ପ୍ରଶୀକ୍ଷାର୍ଥୀ ସରୁଣ ପାୟାସିଂହ ଲମ୍ବ ଡିଆଁ, ଅଭିନାଶ ସାହୁ ୧୦୦ ମିଟର ଏବଂ ସ୍ୱାଧୀନ କୁମାର ମାଝୀ ଉଚ୍ଚ ଡିଆଁରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ଅନ୍ୟତମ ପ୍ରଶୀକ୍ଷାର୍ଥୀ ରମଣଦୀପ କୌର ମହିଳା ୪୦୦ ମିଟର ବାଧାଦୌଡ଼ର ଦ୍ୱିତୀୟ ସ୍ଥାନରେ ରହି ରୌପ୍ୟ ପଦକ ହାସଲ କରିଛନ୍ତି। ଶନିବାର ଅମିୟ ମଲ୍ଲିକ ଓଡ଼ିଶା ପାଇଁ ୧୦୦ ମିଟର୍ ସ୍ୱର୍ଣ୍ଣ ପଦକ ଜିତିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଢ଼ିବ...

ସ୍ଥିତିରେ ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ଭିତରକୁ ଯିବାକୁ ବାରଣ କରାଯାଇଛି। ଏହାଛଡ଼ା ଉପକୂଳ ଅଞ୍ଚଳରେ ବର୍ଷା ସହ ଘଣ୍ଟା ପ୍ରତି ୩୦ କିମି ବେଗରେ ପବନ ବହିବାର ମଧ୍ୟ ସମ୍ଭାବନା ରହିଛି। ଏଥିପାଇଁ ସ୍ଥାନୀୟ ପ୍ରଶାସନ ଓ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସଜାଗ ରହିବା ସହ କୌଣସି ପ୍ରକାର ପ୍ରତିକୂଳ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବାର ଆବଶ୍ୟକତା ରହିଛି।

ପୂର୍ବରୁ ଏକ ଡବଲ ଲଘୁଚାପ ନେଇ ସମ୍ଭାବନା ପ୍ରକଟ କରାଯାଇଥିଲା। ଆଗାମୀ ୨୪ ଘଣ୍ଟାରେ ସୃଷ୍ଟି ହେବ ଲଘୁଚାପ। ଉତ୍ତର ମଧ୍ୟପ୍ରଦେଶର ମଧ୍ୟ ଭାଗ ଓ ତା'ର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଗୋଟିଏ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଅନ୍ୟ ଏକ ଘୂର୍ଣ୍ଣିବଳୟ ଉତ୍ତର ବଙ୍ଗୋପସାଗର ଉପରେ ରହିଛି। ଏହାର ପ୍ରଭାବରେ ରାଜ୍ୟରେ ପୁଣି ପ୍ରବଳ ବର୍ଷା ସମ୍ଭାବନା ରହିଛି । ଆଗାମୀ ୨୪ ଘଣ୍ଟାରେ ପ୍ରବଳରୁ ଅତିପ୍ରବଳ ବର୍ଷା ପାଇଁ ୩ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି। ପ୍ରବଳ ବର୍ଷା ସହ ବିଜୁଳି ଘଡ଼ଘଡ଼ି ଓ ଘଣ୍ଟା ପ୍ରତି ୩୦ରୁ ୪୦ କିମି ବେଗରେ ପବନ ପାଇଁ ୧୪ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଛି । ଆସନ୍ତାକାଲି ପ୍ରବଳରୁ ଅତିପ୍ରବଳ ବର୍ଷା ସହ ବିଜୁଳି ଓ ଘଡ଼ଘଡ଼ି ପାଇଁ ୬ ଜିଲ୍ଲା ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ସମ୍ବଲପୁର, ଝାରସୁଗୁଡ଼ା ଓ ବରଗଡ଼କୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ପ୍ରବଳ ବର୍ଷା ପାଇଁ ୧୦ ଜିଲ୍ଲାକୁ ୟେଲୋ ଆଲର୍ଟ ଜାରି ହୋଇଥିବା ଜଣାପଡ଼ିଛି।

## ଡାକ୍ତରୀ...

କଲ୍ୟାଣ କାର୍ଯ୍ୟକଳାପ ହେଉ, ଏହି ପ୍ରତିଷ୍ଠାନ ସବୁ କ୍ଷେତ୍ରରେ ଅନେକ ପ୍ରଶଂସା ଅର୍ଜନ କରିଛି। ଏହା ଓଡ଼ିଶା ସହ ପଶ୍ଚିମବଙ୍ଗ, ଛତିଶଗଡ଼, ଝାଡ଼ଖଣ୍ଡ ଭଳି ପଡ଼ୋଶୀ ରାଜ୍ୟ ଏବଂ ଅନ୍ୟ ରାଜ୍ୟର ଲୋକଙ୍କ ହୃଦୟ ଜିତିପାରିଛି। ଶଲ୍ୟ ଚିକିତ୍ସା ଉପକରଣ ଓ ପ୍ରତିରୋପଣ ପୁନଃ ପ୍ରକ୍ରିୟାକରଣରେ ଉଚ୍ଚ ମାନଦଣ୍ଡ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏସିଆ ସେଫ୍ ସର୍ଜିକାଲ ଇମ୍ପ୍ଲାଣ୍ଟ କନସୋର୍ଟିୟମ୍ କ୍ୟୁଆଇପି ପୁରସ୍କାର ପ୍ରଦାନ କରି ଏମ୍ସ ଭୁବନେଶ୍ୱରର ଉତ୍କର୍ଷତାକୁ ସ୍ୱୀକୃତି ପ୍ରଦାନ କରିବା ବିଷୟରେ ରାଷ୍ଟ୍ରପତି ଖୁସିର ସହ ଉଲ୍ଲେଖ କରିଥିଲେ। ସେ କହିଥିଲେ, ଏହି ପ୍ରତିଷ୍ଠାନ ଲଗାତାର ପାଞ୍ଚ ବର୍ଷ ଧରି ଅସାଧାରଣ ସ୍ୱଚ୍ଛତା ଏବଂ ଅନନ୍ୟ ହସ୍ପିଟାଲ ସେବା ପାଇଁ ଜାତୀୟ କାୟାକଳ୍ପ ପୁରସ୍କାର ମଧ୍ୟ ପାଇଛି। ରାଷ୍ଟ୍ରପତି କହିଥିଲେ ଯେ ଦେଶର ବିଭିନ୍ନ ସ୍ଥାନରେ ପ୍ରତିଷ୍ଠିତ ଏମ୍ସଗୁଡ଼ିକ ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନ ଏବଂ ଅଭିଜ୍ଞ ଡାକ୍ତରଙ୍କ ମାଧ୍ୟମରେ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। ଏହି ପ୍ରତିଷ୍ଠାନଗୁଡ଼ିକରେ ଲୋକମାନେ କମ ମୂଲ୍ୟରେ ଗୁଣାତ୍ମକ ଚିକିତ୍ସା ସୁବିଧା ପାଉଛନ୍ତି। ଏମ୍ସର ସଫଳତା ଯୋଗୁଁ ଭାରତ ବିଶ୍ୱରେ ଏକ ଅଗ୍ରଣୀ ସ୍ୱାସ୍ଥ୍ୟସେବା ଗନ୍ତବ୍ୟସ୍ଥଳ ହେବ ବୋଲି ସେ ବିଶ୍ୱାସ ପ୍ରକଟ କରିଥିଲେ। ସେ କହିଥିଲେ ଯେ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଗବେଷଣା ଉପଚାରକୁ ଅଧିକ ସହଜ କରିଛି। ଅନେକ ମହାମାରୀର ପ୍ରକୋପ ହ୍ରାସ ପାଇଛି। ବସନ୍ତ, କୁଷ୍ଠ, ପୋଲିଓ, ଯକ୍ଷ୍ମା ଆଦି ରୋଗର ବୋଝ ଆଉ ପୂର୍ବ ପରି ନାହିଁ। ଏଥିପାଇଁ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ଓ ସାମାଜିକ କର୍ମୀ ଏବଂ ସରକାର ପ୍ରଶଂସାର ପାତ୍ର। ମାନସିକ ଅବସାଦ ଆଜିର ସମାଜରେ ଏକ ବଡ଼ ସମସ୍ୟା ପାଲଟିଛି। ଅବସାଦର ଚିକିତ୍ସା ପାଇଁ ଔଷଧ ବ୍ୟତୀତ ସଚେତନତା ମଧ୍ୟ ଜରୁରୀ। ଜୀବନଶୈଳୀରେ ପରିବର୍ତ୍ତନ ଦ୍ୱାରା ମାନସିକ ଶାନ୍ତି ମିଳିପାରିବ। ଯୋଗ ଏବଂ ପ୍ରାଣାୟାମ ମାନସିକ ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ହୋଇପାରିବ। ସୁସ୍ଥ ଜୀବନଶୈଳୀର ଲାଭ ବିଷୟରେ ଲୋକମାନଙ୍କୁ ସଚେତନ କରିବା ଲାଗି ସେ ଚିକିତ୍ସକମାନଙ୍କୁ ନିବେଦନ କରିଥିଲେ।

ଆଉ ଏକ ଜୀବନଶୈଳୀଜନିତ ରୋଗ ରୂପେ ମେଦବହୁଳତା ମଧ୍ୟ ଏକ ଚିନ୍ତାର କାରଣ ପାଲଟିଛି ବୋଲି ରାଷ୍ଟ୍ରପତି କହିଥିଲେ। ଶୃଙ୍ଖଳିତ ଜୀବନଯାପନ, ଖାଦ୍ୟାଭ୍ୟାସରେ ସୁଧାର ଏବଂ ନିୟମିତ ବ୍ୟାୟାମ ଜରିଆରେ ଏହି ରୋଗରୁ ମୁକ୍ତି ପାଇବା ସମ୍ଭବ। ଏ ପ୍ରସଙ୍ଗରେ ସମାଜରେ ସଚେତନତା ସୃଷ୍ଟି କରିବା ଲାଗି ସେ ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। ରାଷ୍ଟ୍ରପତି ସ୍ଥାନୀୟ ସମସ୍ୟା ସମାଧାନ ଲାଗି ଡାକ୍ତରମାନଙ୍କୁ ପରାମର୍ଶ ଦେଇ ରାଷ୍ଟ୍ରପତି କହିଥିଲେ ଯେ ଆଦିବାସୀ ସମାଜରେ ଦୁଇଟି ରୋଗର ଅଧିକ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ସେଥିମଧ୍ୟରୁ ଗୋଟିଏ ହେଉଛି ଜାପାନିଜ୍ ଏନସେଫାଲାଇଟିସ୍ ଏବଂ ଅନ୍ୟଟି ହେଉଛି ସିକଲ୍ ସେଲ ଏନିମିଆ। ସରକାର ଏହି ଦୁଇଟି ରୋଗର ନିରାକରଣ କ୍ଷେତ୍ରରେ ଅନେକ ପଦକ୍ଷେପ ନେଇଛନ୍ତି। ଏସବୁ ରୋଗର ଚିକିତ୍ସା ପାଇଁ ଡାକ୍ତରମାନେ ଯଥାସମ୍ଭବ ଅଧିକରୁ ଅଧିକ ଗବେଷଣା କରିବା ଉଚିତ୍ ବୋଲି ରାଷ୍ଟ୍ରପତି କହିଥିଲେ।

## ଡାକ୍ତରୀ ଶିକ୍ଷାର...

ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଏହି ଅବସରରେ ମେଡିକାଲ ଛାତ୍ରଛାତ୍ରୀଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏମ୍ସ ଭୁବନେଶ୍ୱର ଦେଶର ଏକ ପ୍ରମୁଖ ଶିକ୍ଷାନୁଷ୍ଠାନ। ଏହାର ଛାତ୍ରଛାତ୍ରୀଙ୍କ ଉପରେ ଦେଶର ଭବିଷ୍ୟତ ନିର୍ଭର କରୁଛନ୍ତି। ମେଡିକାଲ ଗ୍ରାଜୁଏଟ ଲୋକଙ୍କୁ ଉତ୍ତମ ସେବା ସହ ସେମାନଙ୍କ ଗବେଷଣା ଦେଶକୁ ନୂଆ ଦିଗନ୍ତ ଦେବ ଏବଂ ସେମାନଙ୍କ କରୁଣା ଲୋକଙ୍କ ହୃଦୟ ଜିତିବ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟି ଯୋଗୁଁ ଏମ୍ସ ଭୁବନେଶ୍ୱର ଏଭିତରେ ବହୁ ଅଗ୍ରଗତି କରିଛି। ସ୍ୱାସ୍ଥ୍ୟ ସେବାରେ ଡିଜିଟାଲ ରୂପାନ୍ତରଣ ଏକ ନୂଆ ଦିଗନ୍ତ ସୃଷ୍ଟି କରିଛି। ପ୍ରଧାନମନ୍ତ୍ରୀଙ୍କ ଡିଜିଟାଲ ଭାରତର ଲକ୍ଷ୍ୟରେ ସାମିଲ ହୋଇ ଏମ୍ସ ଭୁବନେଶ୍ୱରରେ ଆରମ୍ଭ ହୋଇଛି ଇ-ପେମେଣ୍ଟ ବ୍ୟବସ୍ଥା। ଯାହାଦ୍ୱାରା ସ୍ୱାସ୍ଥ୍ୟସେବା ଲୋକଙ୍କ ନିକଟତର ହୋଇପାରିଛି। ପ୍ରଧାନମନ୍ତ୍ରୀ ଦେଶରୁ ରକ୍ତହୀନତା ଦୂର କରିବାକୁ ଆହ୍ୱାନ ଦେଇଥିବା ବେଳେ ଏମ୍ସ ଭୁବନେଶ୍ୱର ଏଦିଗରେ ସେଣ୍ଟର ଅଫ ଏକ୍ସିଲେନ୍ସର ମାନ୍ୟତା ପାଇଛି। ଏଥିସହିତ ପ୍ରଧାନମନ୍ତ୍ରୀ ସବୁବେଳେ ଆଞ୍ଚଳିକ ଭାଷାରେ ଡାକ୍ତରୀ ପାଠପଢ଼ାକୁ ଗୁରୁତ୍ୱ ଦେଉଛନ୍ତି। ଏବେ ଓଡିଶାରେ ରାଜ୍ୟ ସରକାର ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନଆରୋଗ୍ୟ ଯୋଜନା ସହ ଗୋପବନ୍ଧୁ ଜନଆରୋଗ୍ୟ ଯୋଜନା ଲାଗୁ କରୁଛନ୍ତି। ଏହାଦ୍ୱାରା ପ୍ରାୟ ସାଢେ ତିନି କୋଟି ଲୋକ ମାଗଣାରେ ଘରୋଇ ହସ୍ପିଟାଲରେ ଚିକିତ୍ସା ସୁବିଧା ପାଇପାରୁଛନ୍ତି। ଧିରେ ଧିରେ ସାଧାରଣ ଲୋକ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅନେକ ଜଟିଳ ରୋଗର ସମ୍ମୁଖୀନ ହେଉଛନ୍ତି। ଏକ୍ଷେତ୍ରରେ ଦକ୍ଷ ଡାକ୍ତରଙ୍କ ଅନେକ ଗୁରୁତ୍ୱ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କର୍ତ୍ତବ୍ୟ...

ଗରିମାମୟ ଉପସ୍ଥିତିରେ ସ୍ନାତକୋତ୍ତର ଡାକ୍ତର ଏବଂ ଶିକ୍ଷା ସମୁଦାୟଙ୍କୁ ସମ୍ବୋଧିତ କରି ଏହି ପରାମର୍ଶ ଦେଇଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଦୁଇ ଦଶନ୍ଧି ପୂର୍ବରୁ ଭାରତରତ୍ନ ସ୍ୱର୍ଗତଃ ଅଟଳ ବିହାରୀ ବାଜପେୟୀଙ୍କ ଦ୍ୱାରା ପ୍ରତିଷ୍ଠିତ ଏମ୍ସ ଭୁବନେଶ୍ୱର ମେଡିକାଲ୍ ଶିକ୍ଷା ଓ ଗବେଷଣା ପ୍ରଦାନ କ୍ଷେତ୍ରରେ ଉତ୍କର୍ଷତାର ଏକ 'ବଟବୃକ୍ଷ'ରେ ପରିଣତ ହୋଇଛି। ଏହା ଅନେକଙ୍କ ସ୍ୱପ୍ନକୁ ପୂରଣ କରିବା ସହ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରୁଛି। ପ୍ରଧାନମନ୍ତ୍ରୀ ସର୍ବଦା ଗୁରୁତ୍ୱାରୋପ କରିଆସିଛନ୍ତି ଯେ ଉତ୍ତମ ସ୍ୱାସ୍ଥ୍ୟ; ପ୍ରଗତି ଏବଂ ସମୃଦ୍ଧିର ମୂଳଦୁଆ। ଜାତୀୟ ବିକାଶରେ ଆମର ସ୍ୱାସ୍ଥ୍ୟସେବା ବୃତ୍ତିଗତଧାରୀମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ବିଶେଷକରି ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟକୁ ସାକାର କରିବା ଦିଗରେ ଏହି ବର୍ଗର ବୃତ୍ତିଧାରୀଙ୍କ ବଡ଼ ଅବଦାନ ରହିବ। ଶିକ୍ଷା ପ୍ରତିଷ୍ଠାନର ଗୁଣବତ୍ତା ଓ ବିବିଧତା ସହ ଭୁବନେଶ୍ୱର ଏକ ବିଶ୍ୱସ୍ତରୀୟ ମେଡି-ଟେକ୍ ହବ୍ ଭାବରେ ଉଭା ହେବାର ସମ୍ଭାବନା ରଖିଛି । ସ୍ଥାନୀୟ ଏବଂ ବିଶ୍ୱସ୍ତରୀୟ ଚ୍ୟାଲେଞ୍ଜର ମୁକାବିଲା ପାଇଁ ନୂତନ ଚିକିତ୍ସା ପ୍ରଯୁକ୍ତିବିଦ୍ୟା ନିର୍ମାଣ କରିବା ଦିଗରେ ସହଯୋଗୀର ଦାୟିତ୍ୱ ନେବାକୁ ସେ ଆଶା ବ୍ୟକ୍ତ କରିଛନ୍ତି।

## ପୀଡ଼ିତାଙ୍କୁ...

ଜଣାଇବା ସହ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ଏମ୍ସ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରିଛନ୍ତି । ରାଷ୍ଟ୍ରପତିଙ୍କ ସହ ମୁଖ୍ୟମନ୍ତ୍ରୀ, ରାଜ୍ୟପାଳ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ଏଫଏମ୍ କଲେଜ ଛାତ୍ରୀଙ୍କ ଆତ୍ମାହୁତି ଉଦ୍ୟମ ଘଟଣାରେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ବିସ୍ତୃତ ରିପୋର୍ଟ ମାଗିଛନ୍ତି ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି। କେଉଁ ପରିସ୍ଥିତିରେ ଏଭଳି ଅଘଟଣ ଘଟିଲା ବୋଲି ରାଜ୍ୟପାଳ ଜାଣିବାକୁ ଚାହିଁଛନ୍ତି। ଏଥିସହ ଘଟଣାରେ ଅଦ୍ୟାବଧି ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ସୂଚନା ଦେବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପକ୍ଷରେ ଏହି ଘଟଣାରେ ଆଜି ଏଫଏମ କଲେଜ ଅଧ୍ୟକ୍ଷ ଦିଲ୍ଲୀପ ଘୋଷଙ୍କୁ ସହଦେବ ଖୁଣ୍ଟା ପୁଲିସ ଗିରଫ କରିଛି। ପୂର୍ବରୁ ଉଚ୍ଚଶିକ୍ଷା ବିଭାଗ ତାଙ୍କୁ ନିଲମ୍ବିତ କରିଥିଲା। ଅଧ୍ୟକ୍ଷ ଶ୍ରୀ ଘୋଷଙ୍କୁ ଗିରଫ କରିବା ପାଇଁ ପୂର୍ବରୁ ପୀଡ଼ିତାଙ୍କ ପରିବାର ଲୋକେ ଦାବି କରିଆସୁଥିଲେ। ପୂର୍ବରୁ ଏଜୁକେସନ୍ ବିଭାଗ ମୁଖ୍ୟ ସମୀର ସାହୁଙ୍କୁ ଘଟଣାଦିନ ହିଁ ଗିରଫ କରାଯାଇଥିଲା। ସେପଟେ ଛାତ୍ରୀ ଆତ୍ମହତ୍ୟା ଉଦ୍ୟମ ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ଫକୀରମୋହନ ବିଶ୍ୱବିଦ୍ୟାଳୟ କୁଳପତି ସନ୍ତୋଷ ତ୍ରିପାଠୀ। ସେ କହିଛନ୍ତି ଯେ ଘଟଣାରେ ପ୍ରଶାସନିକ ତଦନ୍ତରେ ବିଳମ୍ବ ହୋଇଥିବାରୁ ଆଜି ଏପରି ଅଘଟଣ ଘଟିଛି। ଘଟଣାରେ ଅଧ୍ୟକ୍ଷ ତୁରନ୍ତ ପଦକ୍ଷେପ ନେବାର ଆବଶ୍ୟକତା ଥିଲା। ଏପରି ଏକ ସମ୍ବେଦନଶୀଳ ମାମଲାରେ ଅଧ୍ୟକ୍ଷ ୪୮ ଘଣ୍ଟା ଭିତରେ ତଦନ୍ତ ରିପୋର୍ଟ ମାଗିବାର ଥିଲା। ଯଦି ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଇଥାଆନ୍ତା, ତା'ହେଲେ ଆଜି ଏପରି ଘଟଣା ଘଟିନଥାନ୍ତା ବୋଲି କୁଳପତି ଶ୍ରୀ ତ୍ରିପାଠୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତିଯେ ଗତବର୍ଷ ବି ସମ୍ପୃକ୍ତ ଅଧ୍ୟାପକଙ୍କ ନାଁରେ ଏପରି କିଛି ଅଭିଯୋଗ ଆସିଥିଲା ବୋଲି କେତେକ ଗଣମାଧ୍ୟମରେ ପ୍ରକାଶ ପାଇଛି। ଯଦି ଏହା ସତ୍ୟ ହୋଇଥାଏ, ତା'ହେଲେ ସାଂଘାତିକ। କାରଣ ବର୍ଷେ ଭିତରେ ସେହି ଅଧ୍ୟାପକଙ୍କ ନାଁରେ ଦ୍ୱିତୀୟ ଥର ସମାନ ଅଭିଯୋଗ ଆସିଲା। ୬ ମାସ ଧରି ଅଭିଯୋଗ ହୋଇଆସୁଥିବା ବେଳେ ଲିଖିତ ଅଭିଯୋଗ ମଧ୍ୟ ହୋଇଥିଲା। ତେଣୁ ବୁଝାସୁଝା ପରିସ୍ଥିତିରେ ଆଉ ତାହା ନଥିଲା। ତୁରନ୍ତ ଆକ୍ସନ ନେବା ଦରକାର ଥିଲା ବୋଲି କୁଳପତି ସନ୍ତୋଷ ତ୍ରିପାଠୀ କହିଛନ୍ତି। ଅନ୍ୟପକ୍ଷରେ ପୀଡ଼ିତାଙ୍କ ମା' ସାଂଘାତିକ ଅଭିଯୋଗ ଆଣିଛନ୍ତି। ସେ କହିଛନ୍ତି ଯେ ସିସିଟିଭିରେ ଦେଖିଲୁ ନିଆଁ ଜଳୁଛି, ଝିଅ ମୋର ଦୌଡ଼ି ଦୌଡ଼ି ଆସିଲା। ତେଣୁ ମୁଁ ଭାବୁଛି ସାର୍ ତା' ଦେହରେ ନିଆଁ ଲଗାଇ ଦେଇଛନ୍ତି। ଅଧ୍ୟକ୍ଷ ଓ ବିଭାଗୀୟ ମୁଖ୍ୟ ପେଟ୍ରୋଲ ଢାଳି ନିଆଁ ଲଗାଇ ମୋ ଝିଅକୁ ମାରିବାକୁ ଚେଷ୍ଟା କରିଛନ୍ତି। ତେଣୁ ଆମେ ଚାହୁଁଛୁ ସେମାନଙ୍କୁ ଫାଶିଦଣ୍ଡ ମିଳୁ। ମୋ ଝିଅକୁ ଫେଭର ମାଗିବା କଥା ବହୁ ବିଳମ୍ବରେ ଜାଣିଲୁ ବୋଲି ସେ କହିଛନ୍ତି। ଏଥିସହ ଏହି ଘଟଣାରେ ଜାତୀୟ ମାନବାଧିକାର କମିଶନ (ଏନ୍‌ଏଚ୍‌ଆର୍‌ସି) ବାଲେଶ୍ୱର ଜିଲ୍ଲାପାଳ ଓ ମୁଖ୍ୟ ଚିକିତ୍ସା ଅଧିକାରୀ ପୀଡ଼ିତାଙ୍କୁ ସଠିକ ଚିକିତ୍ସା ଦେବା ସହ ଏ ସମ୍ପର୍କରେ କ'ଣ ପଦକ୍ଷେପ ନିଆଯାଉଛି, ସେ ସମ୍ପର୍କରେ ଅବଗତ କରାଇବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ବାଲେଶ୍ୱର ଏସପି ଏହି ଘଟଣାର ତଦନ୍ତ କରିବା ସହ ଯେତେଶୀଘ୍ର ସମ୍ଭବ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଏ ସଂକ୍ରାନ୍ତ ସମସ୍ତ ଦଲିଲ୍ ୧୫ ଦିନ ଭିତରେ ରିପୋର୍ଟ କମିଶନ୍‌ଙ୍କ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଆହୁରି ପବ୍ଲିକ ଅଥରିଟିମାନଙ୍କ ଦ୍ୱାରା ଏ ସମ୍ବନ୍ଧରେ କୌଣସି ତଥ୍ୟ ଦେବା ପାଇଁ କମିଶନଙ୍କ ୱେବସାଇଟ କିମ୍ବା ସ୍ପିଡ୍ ପୋଷ୍ଟ ମାଧ୍ୟମରେ ଦେବାକୁ ବି କୁହାଯାଇଛି। ହ୍ୟୁମାନ ରାଇଟ୍ସ ଫ୍ରଣ୍ଟ ଅଫ ଇଣ୍ଡିଆ ଅଧ୍ୟକ୍ଷ ମନୋଜ ଜେନାଙ୍କ ଅଭିଯୋଗ ଆଧାରରେ କମିଶନ୍ ଏହି ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି।

## ଉତ୍ତମ...

ନେବ। ରାଜନୀତି କରିବାର ବେଳ ନୁହେଁ, ଉତ୍ତମ ଚିକିତ୍ସା ଯୋଗାଇବା ଆମର ପ୍ରାଥମିକତା। ଏଥିସହ ୨ରୁ ୩ଟି ଘଟଣା ଯୋଡ଼ି ହୋଇ ରହିଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ପ୍ରଶାସନିକ ପକ୍ଷ, ଆଇନ ପକ୍ଷ ଓ ମୁଁ ଯେହେତୁ କେନ୍ଦ୍ର ଶିକ୍ଷା ବିଭାଗ ଦାୟିତ୍ୱରେ ଅଛି, ମୁଁ ମଧ୍ୟ ନିଜକୁ ଗୋଟେ ପକ୍ଷଭୁକ୍ତ କରୁଛି ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ସେପଟେ ଛାତ୍ରୀଙ୍କ ଶରୀରର ୯୫ ପ୍ରତିଶତ ପୋଡ଼ିଯାଇଥିବାରୁ ତାଙ୍କୁ ଏମ୍ସରେ ସ୍ୱତନ୍ତ୍ର ଡାକ୍ତରୀ ଦଳ ଚିକିତ୍ସା ଜାରି ରଖିଛନ୍ତି। ତାଙ୍କ ଅବସ୍ଥା ଏବେ ବି ସଙ୍କଟାପନ୍ନ ଥିବା ସୂଚନା ମିଳିଛି। ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସର ବିଶେଷଜ୍ଞଙ୍କ ମତାମତ ଲୋଡ଼ାଯାଇଛି। କିଡନୀ କାମ କରୁନଥିବାରୁ ପରିସ୍ରା ମଧ୍ୟ ହେଉନାହିଁ। ୯୮ ପ୍ରତିଶତ ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି ପୀଡ଼ିତା।

## ୨୪ ଘଣ୍ଟାରେ...

କର୍ମକ୍ଷେତ୍ରରେ ହେଉଥିବା ଯୌନ ଉତ୍ପୀଡ଼ନ ସମ୍ବନ୍ଧରେ ସଚେତନତା ଓ ନିବାରଣ ପାଇଁ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟମାନଙ୍କରେ ତୁରନ୍ତ କର୍ମଶାଳା ଆୟୋଜନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି। ଏନେଇ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଓ ମହାବିଦ୍ୟାଳୟର ଅଧ୍ୟକ୍ଷମାନଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଚିଠି କରାଯାଇଥିବା ଜଣାପଡ଼ିଛି।

## ବିକ୍ରି...

ସବୁ ଅନୁଷ୍ଠାନ ଏବେ ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଛନ୍ତି। ଏକଥା ଜାଣିବା ପରେ ଗ୍ରାମବାସୀଙ୍କ ପାଦ ତଳୁ ମାଟି ଖସିଯାଇଛି।

କୁହାଯାଉଛି, ଆଜିକୁ ପ୍ରାୟ ୧୦୦ ବର୍ଷ ପୂର୍ବରୁ ଏକ ଘରୋଇ ଜମି ଉପରେ ଗଢ଼ି ଉଠିଥିଲା ଡାକ୍ତର ବାଞ୍ଜାରୀ ଗାଁ। ଜମିଦାର ଏମ୍. ଚନ୍ଦ୍ରଶେଖର ରାଓଙ୍କ ନାଁରେ ଥିବା ପ୍ରାୟ ୪୨ ଏକର ଜମି ଉପରେ କିଛି ପରିବାର ପିଢ଼ି ପରେ ପିଢ଼ି ରହି ଆସୁଛନ୍ତି। ପ୍ରାୟ ୩ ପୁରୁଷ ଧରି ରହିବା ଭିତରେ ଗାଁର ଲୋକସଂଖ୍ୟା ବି ବଢ଼ିଛି। ଗାଁର ପ୍ରାୟ ସମସ୍ତଙ୍କୁ ମିଳି ସାରିଛି ଆବାସ ଯୋଜନାରେ ଘର। ସବୁ ସରକାରୀ ବ୍ୟବସ୍ଥା ଏବଂ ସୁବିଧା ସୁଯୋଗ ବି ଉପଭୋଗ କରୁଛନ୍ତି ଗାଁ ଲୋକେ। କିନ୍ତୁ ପୁରା ଗାଁଟି ଥିବା ୪୨ ଏକ ଜମିର ମାଲିକାନା ରହିଛି ଚନ୍ଦ୍ରଶେଖରଙ୍କ ନାଁରେ। ଯାହାକୁ ତାଙ୍କ ପରିବାର ଲୋକେ ଏବେ ଅନ୍ୟ ଜଣଙ୍କୁ ବିକ୍ରି କରିଦେଇଛନ୍ତି। ହେଲେ ଗାଁ ବିକ୍ରି ପରେ ଗ୍ରାମବାସୀ ଗାଁ ଛାଡ଼ିବାକୁ ନାରାଜ୍। ଯାହାକୁ ନେଇ ଏବେ ଅଡୁଆରେ ପଡ଼ିଛି ପ୍ରଶାସନ। ଜିଲ୍ଲାପାଳ କହିଛନ୍ତି, କ୍ରେତା ଯେତେବେଳେ ପଟ୍ଟା ପାଇଁ ଆବେଦନ କରିବେ, ସେତେବେଳେ ମ୍ୟୁଟେସନ୍ ନିୟମ ଅନୁସାରେ ପଦକ୍ଷେପ ନିଆଯିବ।

## ରଥଯାତ୍ରାରେ...

ଭାବାବେଗକୁ ଦେଖି ଦୁଃଖ ପ୍ରକାଶ କରିଛି ବୈଦେଶିକ ମନ୍ତ୍ରଣାଳୟ। ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାକୁ ଏକ 'ଘୃଣ୍ୟ' ଏବଂ 'ଦୁଃଖଦ' କାର୍ଯ୍ୟ ବୋଲି କହିଛି। ଏଭଳି ଉଦ୍ୟମ ମହୋତ୍ସବକୁ ଭଣ୍ଡୁର ପାଇଁ ଏକ ଉଦ୍ୟମ ବୋଲି ବୈଦିଶିକ ବ୍ୟାପାର ମନ୍ତ୍ରଣାଳୟ କହିଛି। ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି, ଟୋରଣ୍ଟୋରେ ରଥଯାତ୍ରା ସମୟରେ ବିଭ୍ରାଟ ସମ୍ପର୍କରେ ଆମେ ରିପୋର୍ଟ ଦେଖିଛୁ। ଏପରି ଘୃଣ୍ୟ କାର୍ଯ୍ୟ ଦୁଃଖଦ ଏବଂ ଉତ୍ସବର ଆତ୍ମା ବିରୁଦ୍ଧରେ, ଯାହା ଏକତା, ଅନ୍ତର୍ଭୁକ୍ତି ଏବଂ ସାମାଜିକ ସଦ୍‌ଭାବକୁ ପ୍ରୋତ୍ସାହିତ କରିବାକୁ ଚେଷ୍ଟା କରୁଛି।

## ବଦଳିବ...

ମୁଖ୍ୟମାନେ ନିୟମିତ ଏଏସଓ ଓ ଏସଓମାନଙ୍କ କାର୍ଯ୍ୟଦକ୍ଷତାର ସମୀକ୍ଷା କରି ସମସ୍ତଙ୍କୁ ସମାନ କାମ ନ୍ୟାୟରେ କାର୍ଯ୍ୟ ବାଣ୍ଟିବାକୁ ନିର୍ଦ୍ଦେଶ ଦିଆଯାଇଛି। କେତେକ କ୍ଷେତ୍ରରେ ସଚିବଙ୍କ ପାଖକୁ ଛଅ ସ୍ତର ଦେଇ ଫାଇଲ ଆସୁଛି। ଏତେ ଲମ୍ବା ପ୍ରକ୍ରିୟାରେ ଫାଇଲ ଆସିବା ଦ୍ୱାରା ସରକାରୀ କାର୍ଯ୍ୟ ବିଳମ୍ବ ହେଉଛି। ତେଣୁ ତ୍ୱରିତ ନିଷ୍ପତ୍ତି ପାଇଁ ସଚିବଙ୍କ ପାଖକୁ ଫାଇଲ ସର୍ବାଧିକ ତିନୋଟି ସ୍ତର ଦେଇ ଆସିବା ଉଚିତ ବୋଲି କୁହାଯାଇଛି। ତେଣୁ ଏଏସଓ ବା ଏସଓମାନେ ଫାଇଲ ପ୍ରସ୍ତୁତ କରିବା ପରେ ଏହା ଡେସ୍କ ଅଫିସର, ଯୁଗ୍ମ ସଚିବ ବା ଅତିରିକ୍ତ ସଚିବଙ୍କ ବାଟ ଦେଇ ବିଭାଗୀୟ ସଚିବଙ୍କ ପାଖରେ ପହଞ୍ଚିବା ଦରକାର। ଏଥିପାଇଁ ଓଏସଓ୍ୱାସ ସିଷ୍ଟମରେ ବିଭାଗୀୟ ମୁଖ୍ୟମାନେ ଆବଶ୍ୟକ ସଂଶୋଧନ କରିବାକୁ ପରାମର୍ଶ ଦିଆଯାଇଛି। ତଦନୁଯାୟୀ ଓକାକକୁ ଆସନ୍ତା ୨୫ ତାରିଖ ସୁଦ୍ଧା ନୂଆ ମ୍ୟାପିଂ ବାବଦରେ ଅବଗତ କରି ୩୧ରୁ ନୂଆ ବ୍ୟବସ୍ଥାରେ କାମ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଟ୍ରକ...

ଡ୍ରାଇଭରଙ୍କ କହିବା ମୁତାବକ, ସାମ୍ନା ପଟରୁ ଆସୁଥିବା କାରକୁ ଧକ୍କା ଦେବାକୁ ରୋକିବାକୁ ଯାଇ ଆମ୍ବ ବୋଝେଇ ଟ୍ରକ ଓଲଟିପଡିଥିଲା । ଦୁର୍ଘଟଣା ବେଳେ ଆମ୍ବ ଉପରେ ଶ୍ରମିକ ବସିଥିଲେ । ଆଉ ୩୦ରୁ ୪୦ ଟନ ଆମ୍ବ ସେମାନଙ୍କ ଉପରେ ଲଦି ହୋଇପଡିଥିଲା। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଜେସିବି ସହାୟତାରେ ଉଦ୍ଧାର କାର୍ଯ୍ୟ କରିଥିଲେ। ଘଟଣାରେ ୯ ଜଣ ଶ୍ରମିକଙ୍କ ଜୀବନ ଚାଲିଯାଇଥିଲା ଏବଂ ୧୦ ଜଣ ଶ୍ରମିକ ଆହତ ହୋଇ ହସପିଟାଲରେ ଚିକିତ୍ସିତ ହେଉଛନ୍ତି। ଏହି ଘଟଣାରେ ପୂର୍ବତନ ମୁଖ୍ୟମନ୍ତ୍ରୀ ୱାଇଏସ ଜଗନ ମୋହନ ରେଡ୍ଡୀ ଶୋକ ବ୍ୟକ୍ତ କରିବା ସହିତ ଆହତଙ୍କୁ ଚିକିତ୍ସା ଏବଂ ମୃତକଙ୍କ ପରିବାରକୁ ସହାୟତା ରାଶି ଦେବାକୁ ଦାବି କରିଛନ୍ତି ।

### ଅନ୍ତ୍ୟୋଦୟ ଗୃହ ଯୋଜନା

# ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ



**ନାଉଗାଁ,୧୪।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକରେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ହୋଇଥିବା ନେଇ ସୋମବାର ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣିରେ ଅଭିଯୋଗ କରାଯାଇଛି। ସରକାରଙ୍କ ନିୟମାନୁସାରେ ଏହି ଯୋଜନାରେ ଅସହାୟ, ବିଧବା, ଛାଡପତ୍ର, ବିକଳାଙ୍ଗ ଆଦିଙ୍କୁ ଅଗ୍ରାଧିକାର ଭାବେ ପ୍ରଦାନ କରାଯିବ। କିନ୍ତୁ ଏହି ବ୍ଲକରେ ଚଳିତ ବର୍ଷ ପ୍ରଦାନ କରାଯାଇଥିବା ଗୃହ ତାଲିକାରେ ଯେଉଁମାନଙ୍କର ପରିବାରର ସଦସ୍ୟମାନେ ପୂର୍ବରୁ ଗୃହ ଯୋଜନାରେ ସାମିଲ ହୋଇଥିଲେ ସେମାନଙ୍କୁ ସାମିଲ କରାଯାଇଥିବା ଜଣାଯାଇଛି। କେବଳ ସେତିକି ନୁହେଁ ତାଲିକା ପ୍ରସ୍ତୁତିର ଅନିୟମିତତା ଯୋଗୁଁ ଅନେକ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବାଦ୍ ପଡ଼ିଥିବା ସାମାଜିକ କର୍ମୀ ରାଜେଶ ପ୍ରଧାନ ଅଭିଯୋଗ କରିଛନ୍ତି।

ସେହିପରି ତିରୁଣା ପଞ୍ଚାୟତର ନରଣପୁର ଗ୍ରାମର ଲୋନି ରାୟ ଓ ମାନିଲତା ରାୟ ଗୃହ ଯୋଜନାକୁ ନେଇ ସମାନ ଅଭିଯୋଗ ଆଣିଛନ୍ତି। ଦୀର୍ଘଦିନ ହେବ ଗୃହ ଯୋଜନାରେ ଆବେଦନ କରୁଥିଲେ ମଧ ସେମାନଙ୍କୁ ଗୃହ ପ୍ରଦାନ କରାଯାଉନାହିଁ। ଝାଟି, ମାଟି ଚାଳ ଛପର ଘରେ ସେମାନେ ପଡ଼ି ରହିଥିବା ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରିଛନ୍ତି।

ଗୋଟିଏ ପଟେ ଗୃହ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ଅଭିଯୋଗ ହୋଇଥିବା ବେଳେ ଅନ୍ୟପଟରେ ଆସନ୍ତାକାଲି ତଥା ମଙ୍ଗଳବାର ବିଧାୟକ ଅମରେନ୍ଦ୍ର ଦାସଙ୍କ ଦ୍ୱାରା ବ୍ଲକ କାର୍ଯ୍ୟାଳୟରେ ପରିସରରେ ୨୪୯ଜଣଙ୍କୁ ଗୃହ ଯୋଜନାରେ ସାମିଲ ହୋଇଥିବା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯିବ ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି।




### ମାହାଙ୍ଗା ତହସିଲ କାର୍ଯ୍ୟାଳୟ

## କେବେ ଏସ୍‌ଓ ପଦବୀ ସୃଷ୍ଟି ?

**ମାହାଙ୍ଗା,୧୪।୭ (ସଂଚାର ବ୍ୟୁରୋ):** ୧୯୮୮ ମସିହାରୁ ସାଲେପୁର ତହସିଲରୁ ବିଭାଜିତ ହୋଇ ମାହାଙ୍ଗାରେ ତହସିଲ ନୂତନ ଭାବେ ଖୋଲିଥିଲା। ଏପର୍ଯ୍ୟନ୍ତ ଏହି କାର୍ଯ୍ୟାଳୟରେ ସେକ୍ସନ ଅଫିସର ପଦବୀ ଅନୁମୋଦିତ ହୋଇ ନାହିଁ। ପରନ୍ତୁ ୨୦୦୮ ମସିହାରେ ନିଶ୍ଚିନ୍ତକୋଇଲିରେ ନୂତନ ତହସିଲ କାର୍ଯ୍ୟାଳୟ ଗଠିତ ହୋଇଥିଲା। କିନ୍ତୁ ଏହି କାର୍ଯ୍ୟାଳୟରେ ଏସ୍‌ଓ ପଦବୀ ରହିଛି। ଏଠାରେ ପ୍ରଶ୍ନ ଉଠୁଛି ୧୯୮୮ ମସିହାରୁ ନୂତନ ଭାବେ ମାହାଙ୍ଗାରେ ତହସିଲ କାର୍ଯ୍ୟାଳୟ ଖୋଲିଥିଲା ବେଳେ ଏପର୍ଯ୍ୟନ୍ତ କେଉଁ କାରଣ ପାଇଁ ଏସ୍.ଓ ପଦବୀ ଅନୁମୋଦିତ ହୋଇ ନାହିଁ। ଏହି କାର୍ଯ୍ୟାଳୟରେ ଅନେକ କର୍ମଚାରୀ ପଦବୀ ଖାଲି ପଡ଼ିଥିବା ବେଳେ ଏହା କେବେ ପୂରଣ ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷରେ ମାହାଙ୍ଗା ତହସିଲ କାର୍ଯ୍ୟାଳୟରୁ ୧୯ ଜଣ କର୍ମଚାରୀଙ୍କୁ ଅନ୍ୟତ୍ର ବଦଳି କରାଯାଇଥିଲା ବେଳେ ୧୩ ଜଣ କର୍ମଚାରୀ ନୂତନ ଭାବେ ଯୋଗଦେଇଛନ୍ତି। ମାହାଙ୍ଗା ବ୍ଲକ ତହସିଲ ଅଧିନରେ ୩୭ ଗୋଟି ପଞ୍ଚାୟତ ୧୭ ଟି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ରହିଛି। ୬ ଟି ପଦବୀ ଖାଲି ରହିଛି। ଏଣୁ ରାଜ୍ୟ ସରକାର ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ମାହାଙ୍ଗା ତହସିଲ କାର୍ଯ୍ୟାଳୟରେ ନୂତନ ଏସ୍.ଓ ପଦବୀ ସୃଷ୍ଟି କରିବା ସହିତ ଖାଲି ପଡ଼ିଥିବା ପଦବୀ ଗୁଡ଼ିକୁ ପୂରଣ କରିବା ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜମିଜମା ବିବାଦରେ ହାଇକୋର୍ଟ ଅଧିବକ୍ତାଙ୍କୁ ଆକ୍ରମଣ, ଦୁଇଜଣଙ୍କ ବିରୋଧରେ ଏତଲା



**ବାଲେଶ୍ୱର,୧୪।୭ (ସଂଚାର ବ୍ୟୁରୋ):** ରେମୁଣା ଥାନା ଅନ୍ତର୍ଗତ ମୁଖରା ଗାଁରେ ହାଇକୋର୍ଟ ଓକିଲ ତଥା ଭାରତ ସରକାରଙ୍କ ନୋଟାରୀ ପ୍ରବୀର କୁମାର ଦାସଙ୍କୁ ଦୁର୍ବୃତ୍ତମାନେ ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଗତ ରବିବାର ଦିନ ଶ୍ରୀ ଦାସ ଜେନାବରାଇ ମୌଜା ଅନ୍ତର୍ଗତ କମଳା ପୋଖରୀ ପାଖରେ ନିଜ ଜମିରେ ବାଉଁଶ ବୁଦା ସଫା କରାଉଥିବା ସମୟରେ ତାଙ୍କ ଉପରକୁ ଆକ୍ରମଣ କରାଯାଇଛି। ଉକ୍ତ ଗାଁର ଜୟଚନ୍ଦ୍ର ବେହେରା ଓରଫ ବାଙ୍ଗରା ଏବଂ ତାଙ୍କ ପୁଅ ସଞ୍ଜୟ ବେହେରା ଓରଫ ବାଣ୍ଟୁ ଶ୍ରୀ ଦାସଙ୍କୁ ଜୀବନରୁ ମାରିଦେବା ପାଇଁ ଚେଷ୍ଟା କରିଥିବା ରେମୁଣା ଥାନାରେ ଅଭିଯୋଗ ହୋଇଛି । ଆକ୍ରମଣ ଫଳରେ ପ୍ରବୀରଙ୍କ ଜଙ୍ଘ ଏବଂ ଗୋଡ଼ରେ ଗୁରୁତର ଆଘାତ ଲାଗିଛି। ବାଣ୍ଟୁ-ବାଙ୍ଗରା ଜୋଡ଼ିଙ୍କ ପୂର୍ବରୁ ମଧ ଏଭଳି ଅନେକ ଅପରାଧୀକ କାର୍ଯ୍ୟକଳାପର ନଜିର ରହିଛି। ଜମିଜମା ମାମଲାରେ ଜଣେ ମହିଳାଙ୍କୁ ଆକ୍ରମଣ କରିବା ଘଟଣାରେ ପୂର୍ବରୁ ବାଙ୍ଗରା ଜେଲ୍ ମଧ ଯାଇସାରିଛି। ଏହି ଆକ୍ରମଣ ପରେ ଶ୍ରୀ ଦାସ ବର୍ତ୍ତମାନ ଚିକିତ୍ସାଧୀନ ଅବସ୍ଥାରେ ଅଛନ୍ତି। ଶ୍ରୀ ଦାସ ଜଣେ ବରିଷ୍ଠ ଆଇନଜୀବୀ ହେବା ସହ ଭୁବନେଶ୍ୱରରୁ ପ୍ରକାଶିତ ଏକ ଖବରକାଗଜର ପ୍ରତିଷ୍ଠାତା ସମ୍ପାଦକ ମଧ ଅଛନ୍ତି। ଏଭଳି ଏକ ବ୍ୟକ୍ତିଙ୍କୁ ଅପରାଧୀମାନଙ୍କ ଆକ୍ରମଣକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି। ଏହି ଘଟଣାକୁ ନେଇ ପୁଲିସ ତ୍ୱରିତ୍ ପଦକ୍ଷେପ ଗ୍ରହଣ କରିବାକୁ ସ୍ଥାନୀୟ ଲୋକ ଦାବି କରିଛନ୍ତି।

## ବିଦ୍ୟୁତ ଶଟସର୍କିଟରେ ଶ୍ରମିକଙ୍କ ମୃତ୍ୟୁ

**କାକଟପୁର/ଅସ୍ତରଙ୍ଗ,୧୪।୭ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଛୁରିଆନା ପଞ୍ଚାୟତ ଆଇସିଣିଆ ଗ୍ରାମରେ କାମ କରୁଥିବା ବେଳେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ସୁନ୍ଦରଗଡ଼ ଜିଲ୍ଲା ଅଞ୍ଚଳର ଶ୍ରମିକ ଶିବ ଲାଲ ଜୋଜଙ୍କ ମୃତ୍ୟୁ ହୋଇଛି। ମୃତ୍ୟୁର କାରଣ ଖୋଜୁଛି ପୁଲିସ। ଖବର ମୁତାବକ ସୁନ୍ଦରଗଡ଼ ଜିଲ୍ଲା ବିଶ୍ରା ଥାନା ଅନ୍ତର୍ଗତ କୁରୁମୋଇ ଅଞ୍ଚଳର ୨୩ବର୍ଷୀୟ ଯୁବକ ଦୀର୍ଘ ଦିନ ହେବ ଅସ୍ତରଙ୍ଗ ଥାନା ଅଂଚଳରେ ରହି ଶ୍ରମିକ ଭାବେ କାମ କରିଥାନ୍ତି। ସୋମବାର ଅପରାହ୍ନ ସମୟରେ ଜିଲୁ ରଞ୍ଜନ ବିଶ୍ୱାଳଙ୍କର ବିଲରେ ୨୩ବର୍ଷୀୟ ଶ୍ରମିକ ଶିବ ଲାଲ ଜୋଜ କାମ କରୁଥିବା ବେଳେ ବିଲରେ ପାଣି ମଡ଼ାଇବା ପାଇଁ ମଟର ଲଗାଇବା ସମୟରେ ସଟ ସର୍କିଟରେ ଆଘାତ ହେବାରୁ ଘଟଣା ସ୍ଥଳରେ ଅଚେତ ହେବାରୁ ସମ୍ପର୍କୀୟ ଭାଇ ଓ ସ୍ଥାନିୟ ଲୋକେ ନିକଟସ୍ଥ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। କିନ୍ତୁ ଡାକ୍ତର ଶିବ ଲାଲକୁ ମୃତ ଘୋଷଣା କରିଥିଲେ। ପରେ ସମ୍ପର୍କୀୟ ଭାଇ ଜୁଲିଆନ ଜୋଜ ଅସ୍ତରଙ୍ଗ ଥାନାରେ ଲିଖିତ ଅଭିଯୋଗ ଦେଇଛନ୍ତି। ଘଟଣା ସ୍ଥଳରେ ପୋଲିସ ମୃତ୍ୟୁ ଦେହକୁ ଜବତ କରିବା ସହ ଅସ୍ତରଙ୍ଗ ଥାନା ଉପନିରୀକ୍ଷକ ଅନିରୁଦ୍ଧ ଜାଲ୍ଲୀ ଘଟଣାର ତଦନ୍ତ କରୁଥିବା ବେଳେ କିପରି ପ୍ରକୃତରେ ମୃତ୍ୟୁ ହେଲା ପୋଲିସ ତାର ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ମୃତ୍ୟୁ କାରଣ ଖୋଜୁଛି। ଏ ନେଇ ଅସ୍ତରଙ୍ଗ ଥାନାରେ ଏକ ଅପମୃତ୍ୟୁ ମାମଲା ୭/୨୫ରେ ମାମଲା ରୁଜୁ କରିଥିବା ବେଳେ ସୋମବାର ସନ୍ଧ୍ୟା ସମୟରେ ଶବ ବ୍ୟବଚ୍ଛେଦ ପାଇଁ ଚାରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପଠାଯାଇଛି।

● ଅସାମାଜିକ ଯୁବକଙ୍କ ଉନ୍ମତ କାଣ୍ଡ

## ରାତ୍ର ଜଗୁଆଳଙ୍କୁ ମାଡ଼ ଓ ବିଡିଓଙ୍କୁ ଅଶାଳୀନ ବ୍ୟବହାର

**ମାର୍ଶାଘାଇ,୧୪।୭ (ସଂଚାର ବ୍ୟୁରୋ):** ମାର୍ଶାଘାଇ ବ୍ଲକ ପରିସରରେ ଅସାମାଜିକ ଯୁବକଙ୍କ ଉନ୍ମତ କାଣ୍ଡ ଦେଖିବାକୁ ମିଳିଛି। ଦୁଇଜଣ ଯୁବକ ବ୍ଲକ୍ ଅଫିସ୍ ମଧରେ ପଶି ଉକ୍ତ କାର୍ଯ୍ୟାଳୟ ରେ ନିଯୁକ୍ତ ରାତ୍ର ଜଗୁଆଳ କୁ ମାଡ଼ ମାରିବା ସହ ଅସଭ୍ୟ ଭାଷା ପ୍ରୟୋଗ କରିଥିବା ନେଇ ସୋମବାର ଏନେଇ ମାର୍ଶାଘାଇ ଥାନା ରେ ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗରେ ଦର୍ଶାଯାଇଛି କି ମାର୍ଶାଘାଇ ଅଞ୍ଚଳର ଅଶ୍ୱିନୀ ଅମିତାଭ ନାୟକ ଏବଂ ବିଷ୍ଣୁ ରଥ ନାମକ ଦୁଇ ଜଣ ବ୍ୟକ୍ତି ବ୍ଲକ୍ କାର୍ଯ୍ୟଳୟ ପରିସର ମଧରେ ପ୍ରବେଶ କରିଥିଲେ। ସମୟ ପାଖାପାଖି ୧ ଟା ୩୦ ମଧରେ ରାତ୍ର ଜଗୁଆଳଙ୍କୁ ପ୍ରଥମେ ଗାଳି ଗୁଲଜ କରିବା ସହ ମାଡ଼ ମଧ ମାରିଥିଲେ । ଏହା ସହ ବିଡ଼ିଓ ଙ୍କୁ ମଧ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବାକୁ ପଛାଇନଥିଲେ । ଏନେଇ ଅଭିଯୋଗ ପରେ ମାର୍ଶାଘାଇ ପୁଲିସ ଯୁଇ ଜଣଙ୍କୁ ଅଟକ ରଖିଥିବା ଜଣାପଡିଛି ।

● ବୋହୁକୁ ପେଟ୍ରୋଲ ଢାଳି ମାରିଦେବା ଉଦ୍ୟମ

## ଶଶୁର, ଦିଅର ବିରୋଧରେ ଅଭିଯୋଗ



**କେନ୍ଦ୍ରାପଡ଼ା,୧୪।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସଦରଥାନା ଅନ୍ତର୍ଗତ ବାରିମୂଳ ଖଣ୍ଡାସାହି ଗ୍ରାମର ଜଣେ ମହିଳାଙ୍କ ଉପରେ ପେଟ୍ରୋଲ ଢାଳି ହତ୍ୟା କରାଯିବା ଉଦ୍ୟମ ହୋଇଛି । କିନ୍ତୁ ପିଡିତା ଅଳ୍ପକେ ବି ଯାଇଛନ୍ତି। ଏହାସହ ସଂପୃକ୍ତ ମହିଳାଙ୍କୁ ଶ୍ୱଶୁର ଓ ଦିଅରମାନେ ମାଡମାରି କ୍ଷତାକ୍ତ କରିଛନ୍ତି । ଏନେଇ ପିଡିତା ସଦର ଥାନାରେ ଅଭିଯୋଗ କରିଥିଲେ ମଧ ପୋଲିସ ଏହାକୁ ଗୁରୁତ୍ୱ ଦେଉନାହିଁ । ତେଣୁ ବାଧ ହୋଇ ପିଡିତା ଏସମ୍ପର୍କରେ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା କହିଛନ୍ତି । ଜିଲ୍ଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ ଅଭିଯୋଗପତ୍ର ଗ୍ରହଣ କରିଥିଲେ । ଏଥିସହ ଅଭିଯୋଗର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକଙ୍କୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମଲ୍ଲିକ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି ।

### ଟ୍ରାଫିକ୍ ନିୟନ୍ତ୍ରଣ ସହ ଲୋକଙ୍କ ସୁରକ୍ଷା ଉପରେ ଗୁରୁତ୍ୱ

## ବ୍ରହ୍ମପୁରରେ ବାଇକ ପାଟ୍ରୋଲିଂ ବ୍ୟବସ୍ଥା ଆରମ୍ଭ



**ବ୍ରହ୍ମପୁର,୧୪।୭ (ସଂଚାର ବ୍ୟୁରୋ):** ବ୍ରହ୍ମପୁରରେ ବାଇକ ପାଟ୍ରୋଲିଂ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି। ଆଜି ବ୍ରହ୍ମପୁର ଅରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଠାରେ ଦକ୍ଷିଣାଞ୍ଚଳ ଆଇଜି ନୀତି ଶେଖର ପତାକା ଦେଖାଇ ଏହାର ଶୁଭାରମ୍ଭ କରିଛନ୍ତି। ସହରରେ ଟ୍ରାଫିକ ସମସ୍ୟା ନିୟନ୍ତ୍ରଣ ଏବଂ ଲୋକଙ୍କ ସୁରକ୍ଷା ବୃଦ୍ଧି ପାଇଁ ପୋଲିସ୍ ପକ୍ଷରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଛି।

ପ୍ରଥମ ପର୍ଯ୍ୟାୟରେ ସାଇରନ୍, ମେଗାଫୋନ୍ ଏବଂ ବ୍ଲିଙ୍କର୍ ସହ ସଜ୍ଜିତ ୧୫ଟି ଦୁଇ ଚକିଆ ଯାନର ଶୁଭାରମ୍ଭ ହୋଇଛି। ଟ୍ରାଫିକ ଥାନା ପାଇଁ ୫ଟି ନିୟୋଜିତ କରାଯାଇଥିବା ବେଳେ ଟାଉନ, ଗୋଶାଣିନୂଆଗାଁ, ବୈଦ୍ୟନାଥପୁର, ବଡ ବଜାର, ନିମଖଣ୍ଡି ଭଳି ଥାନାକୁ ୨ଟି ଲେଖାଏଁ ବାଇକ ଆବଣ୍ଟିତ କରାଯାଇଛି। ଏହି ବାଇକ ପେଟ୍ରୋଲିଂ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଧ୍ୟାନ ଟ୍ରାଫିକ ନିୟନ୍ତ୍ରଣ ଓ ଜରୁରୀକାଳୀନ ମୁକାବିଲା ଉପରେ ରହିବ। ବାଇକରେ ପେଟ୍ରୋଲିଂ କରିବା ଦ୍ୱାରା ଟ୍ରାଫିକ ଭିଡ଼ ସ୍ଥାନ ଏବଂ ଦୁର୍ଘଟଣାସ୍ଥଳ ସହ ଚାରି ଚକିଆ ଯାନ ପ୍ରବଶେ କରିପାରୁନଥିବା ସ୍ଥଳକୁ ପୋଲିସ୍ କର୍ମଚାରୀ କମ୍ ସମୟରେ ପହଁଚିପାରିବେ। ଆଗକୁ ଅନ୍ୟ ଥାନା ମାନଙ୍କୁ ପ୍ରତ୍ୟେକ ଦୁଇଟି ଲେଖାଏଁ ପାଟ୍ରୋଲିଂ ବାଇକ ଯୋଗାଇ ଦିଆଯିବ ବୋଲି ପୋଲିସ୍ ପକ୍ଷରୁ କୁହାଯାଇଛି। ଏହି ଅବସରରେ ବ୍ରହ୍ମପୁର ଏସପି ସର୍ବଣା ବିବେକ୍ ଏମ୍,ଅତିରିକ୍ତ ଏସପି ଏବଂ ଡ଼ିଏସପି(ଡ଼ିପିଓ), ଟାଉନ ଓ ସଦର ଏସଡ଼ିପିଓ ସମେତ ବିଭିନ୍ନ ଥାନା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଚନ୍ଦାହାଣ୍ଡିରେ ଯୁଗ୍ମ ଜନଶୁଣାଣି ଶିବିର



**ନବରଙ୍ଗପୁର,୧୪।୭ (ସଂଚାର ବ୍ୟୁରୋ):** ଆଜି ନବରଙ୍ଗପୁର ଚନ୍ଦାହାଣ୍ଡି ପଂଚାୟତ ସମିତି ସମ୍ମିଳନୀ ଗୃହରେ ଅତିରିକ୍ତ ଜିଲାପାଳ ତପନ କୁମାର ଖୁଣ୍ଟିଆ ଏବଂ ଆରକ୍ଷୀ ଅଧିକ୍ଷକ ମଡକର୍ ସନ୍ଦୀପ ସମ୍ପତଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ, ଚନ୍ଦାହାଣ୍ଡି ବିଡିଓ, ତହସିଲଦାରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୪୫ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୩୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୧୦ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ସାମାଜିକ ସୁରକ୍ଷା ବିଭାଗ ତରଫରୁ ଚିହ୍ନଟ ୨୦ ଜଣ ଦିବ୍ୟାଙ୍ଗଙ୍କୁ ହୁଇଲ ଚେୟାର ଏବଂ ୧୪ ଜଣଙ୍କୁ ମଧୁବାବୁ ପେନସନ ଯୋଜନା ସହାୟତା ପ୍ରଦାନ କରାଯାଇଥିଲା।

## ବ୍ରାହ୍ମଣୀ ନଦୀ କୂଳ ଲଙ୍ଘିଲା ବନ୍ୟାଜଳ



**ଆଳି,୧୪।୭ (ସଂଚାର ବ୍ୟୁରୋ):** ରେଙ୍ଗାଲି ବ୍ୟାରେଜ୍ ଗେଟ ଖୋଲା ହେଲା ପରେ ବ୍ରାହ୍ମଣୀ ନଦୀରେ ଜଳ ସ୍ତର ବୃଦ୍ଧି ପାଇ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକ ରିଙ୍ଗବନ୍ଧ ବାହାରେ ଥିବା ପତ୍ରପୁରର ୨ଟି ୱାର୍ଡ ଓ ଗୋପାଳପୁର ଗୋଟିଏ ୱାର୍ଡ ବନ୍ୟା ଜଳ ପ୍ରବେଶ କରିବା ଫଳରେ ଉକ୍ତ ଅଞ୍ଚଳ ସମେତ ପ୍ରସିଦ୍ଧ ଦରଘା ବାହ୍ୟ ଜଗତରୁ ବିଚ୍ଛିନ୍ନ ହୋଇ ଯାଇଛି। ସେହିଭଳି କୋଳିଡିହ ପଞ୍ଚାୟତର ୭ଟି ଗ୍ରାମ ଦିନିଆରି, ଚନ୍ଦନନଗର, ବିଜୟ ନଗର, ଜାମୁଦଣ୍ଡା, ଇଛାପୁର, ତଅଁଳାଡିହା ଗ୍ରାମର ମୋଟ ୧୧ଟି ୱାର୍ଡର ପାଖାପାଖି ୩ ହଜାରରୁ ଉର୍ଦ୍ଧ୍ୱ ଲୋକ ବନ୍ୟା ଜଳ ଘେରରେ ରହିଛନ୍ତି। ବଡାମ୍ବିଳା ପଞ୍ଚାୟତର ଦଶିପୁର ଓ ସାହୁପଡା ତଳିଆ ଅଞ୍ଚଳ ବୁଡିଯିବା ସହ ଚାଷ ଜମି ସମ୍ପୁର୍ଣ୍ଣ ବୁଡି ଯିବା ଯୋଗୁ ଧାନଫସଲ ନଷ୍ଟ ହୋଇ ଯିବାର ସମ୍ଭାବନା ସୃଷ୍ଟି ହୋଇଛି। ନରେନ୍ଦ୍ରପୁର, ମାଣିକପାଟଣା, ପଦିନୀପାଳ ଓ ନୂଆପଡା ପଞ୍ଚାୟତର କିଛି ଅଞ୍ଚଳ ମଧ ବନ୍ୟା ଘେରକୁ ଆସି ଯାଇଛି। ପତ୍ରପୁର ନିକଟରେ ବ୍ରାହ୍ମଣୀ ନଦୀର ବିପଦ ସଂକେତ ୧୬ ଫୁଟ ଥିବା ବେଳେ ବର୍ତ୍ତମାନ ଏହା ସେହି ସଂକେତ ଅତିକ୍ରମ କରି ନ ଥିବା ତଟବନ୍ଧ ବିଭାଗ ସୁତ୍ରରୁ ସୂଚନା ମିଳିଛି। ଏହାକୁ ଆଖି ଆଗରେ ରଖି ଆଳି ପ୍ରଶାସନ ସମ୍ପୂର୍ଣ ଭାବେ ସଜାଗ ଥିବା ବେଳେ ବନ୍ୟା ପରିସ୍ଥିତି କୁ ମୁକାବିଲା କରିବା ନିମନ୍ତେ ଆଳି ର ଧୋୟା ଅଞ୍ଚଳ ସହ ଉପରୋକ୍ତ ଅଞ୍ଚଳ ଗୁଡିକରେ ତୀକ୍ଷ୍ଣ ନଜର ରଖାଯାଇଥିବା ନେଇ ଆଳି ବିଡିଓ ଅବିନାଶ ବିଶ୍ୱଜିତ ସେଠି ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ।

## ଭଗବତୀ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ



**ବାଲିଅନ୍ତା,୧୪।୭ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସରକଣା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଜି ଚାରାରୋପଣ ଏବଂ ଛାତ୍ରଛାତ୍ରୀଙ୍କୁ ଚାରା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସ୍କୁଲ ପରିଚାଳନା କମିଟି ସଭାପତି କାଳନ୍ଦୀ ମହାପାତ୍ର, ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ପାଣିଗ୍ରାହୀ, ବରିଷ୍ଠ ଶିକ୍ଷୟିତ୍ରୀ କଳ୍ପନା ମିଶ୍ର, ଭାଗିରଥି ସାହୁ ପ୍ରକୃତିବନ୍ଧୁ ରଞ୍ଜନ କୁମାର ମହାପାତ୍ର, ଦିନବନ୍ଧୁ ଭୋଇ, ସମାଜସେବୀ ପ୍ରଦୀପ କୁମାର ମହାନ୍ତି, ପରିବେଶବିତ ନିଶିକାନ୍ତ ପଣ୍ଡା ଓ ଯୁବନେତା ଜଗମୋହନ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପିଜୁଳି, ବଉଳ, ଅଁଳା ଏବଂ ଆମ୍ବ ଆଦି ଚାରା ରୋପଣ କରିଥିଲେ । ଅନ୍ୟମାନଙ୍କ ମଧରେ ଶିକ୍ଷୟିତ୍ରୀ ମମତା ସାହୁ, ମଧୁସ୍ମିତା ସାହୁ ଏବଂ ଦିତିକୃଷ୍ଣ ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ। ସେହିପରି ସରକଣା ସମବାୟ ସମିତି ନିକଟରେ ସମ୍ବାଦ ସାହିତ୍ୟ ଘର ପକ୍ଷରୁ ଆୟୋଜିତ ଆଉ ଏକ ସ୍ୱତନ୍ତ୍ର ଚାରାରୋପଣ କାର୍ଯ୍ୟକ୍ରମରେ ଉକ୍ତ ସମିତି ସଭାପତି ସୋମନାଥ ସ୍ୱାଇଁ ଏବଂ ସମ୍ପାଦକ ଦେବେନ୍ଦ୍ର କୁମାର ପୃଷ୍ଟି ଚାରାରୋପଣ କରିଥିଲେ । ପ୍ରକୃତିବନ୍ଧୁ ନିରଞ୍ଜନ ସେନାପତି ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଯୁଗ୍ମ ଜନଅଭିଯୋଗ ଶୁଣାଣିରେ ୮୯ ଅଭିଯୋଗ ପଞ୍ଜିକୃତ




**ନାଉଗାଁ,୧୪।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଜ୍ୟୋତି ଫେଡରେସନ ସମ୍ମିଳନୀ କକ୍ଷରେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନାଉଗାଁ ବ୍ଲକ ପ୍ରଶାସନ ପକ୍ଷରୁ ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଜିଲ୍ଲା ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଜନସାଧାରଣଙ୍କ ବିଭିନ୍ନ ଆପତି ଅଭିଯୋଗର ଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୮୯ଟି ଅଭିଯୋଗ ପଂଜିକୃତ ହୋଇଥିଲା। ସେଥିମଧ୍ୟରୁ ଗ୍ରାମ୍ୟ ଓ ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ ୧୫ଟି ଓ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୭୪ଟି ରହିଥିଲା। ବ୍ୟକ୍ତିଗତ ଅଭିଯୋଗ ମଧ୍ୟରୁ ଆବାସ ଯୋଜନା ସମ୍ପର୍କୀୟ ୨୦ଟି, ଜମିଜମା ସମସ୍ୟା ସମ୍ପର୍କୀୟ ୨୪ଟି, ରାସନ କାର୍ଡ ସମ୍ପର୍କିତ ୪ଟି, ଭତା ସମ୍ବନ୍ଧୀୟ ୬ଟି, ପୋଲିସ ସହାୟତା ୨ଟି ଏବଂ ଅନ୍ୟାନ୍ୟ ୧୭ଟି ଅଭିଯୋଗର ଶୁଣାଣି କରାଯାଇଥିଲା। ସେଥିମଧ୍ୟରୁ ୧ଟି ଅଭିଯୋଗ ତତ୍କାଳ ଫଇସଲା କରାଯାଇଥିଲା। ଅନ୍ୟ ଅଭିଯୋଗ ଗୁଡିକର ସମାଧାନ କରାଯିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାଯାଇଛି।

## ଛାତରୁ ଶିଉଳି ସଫା ବେଳେ ଗୋଡ଼ ଖସିଗଲା, କର୍ମଚାରୀ ଗୁରୁତର

**ବାଲିଅନ୍ତା,୧୪।୭ (ସଂଚାର ବ୍ୟୁରୋ):** ବାଲକାଟି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ କାର୍ଯ୍ୟରତ ପ୍ରଶାନ୍ତ ସାହୁ ନାମକ ଜଣେ କର୍ମଚାରୀ ଛାତ ଉପରେ ଶିଉଳି ସଫା କରିବାକୁ ଯାଇ ଗୋଡ଼ ଖସିଯିବାରୁ ଗୁରୁତର ଆହତ ହୋଇଛନ୍ତି । ପ୍ରଶାନ୍ତଙ୍କ ହାତ ପାପୁଲି ଭାଙ୍ଗିଯିବା ସହ ମୁଣ୍ଡ ଏବଂ ଶରୀରରେ ଗଭୀର ଆଘାତ ଲାଗିଛି । ଏବେ ପ୍ରଶାନ୍ତ ଚିକିତ୍ସାଧୀନ ଅଛନ୍ତି । ହେଲେ ଡାକ୍ତରଖାନା କାର୍ଯ୍ୟକର୍ତ୍ତା ସହ୍ୟାତା କରିବା ତ ଦୂରର କଥା ତାଙ୍କ ପ୍ରତି ସହାନୁଭୂତି ଟିକେ ପ୍ରଦର୍ଶନ କରିନଥିବା ଜଣାଯାଇଛି । ଏନେଇ ଅସନ୍ତୋଷ ପ୍ରକାଶ ପାଇଛି । ସୂଚନା ଅନୁସାରେ ଆଜି ପ୍ରଶାନ୍ତ କିଛି କର୍ମଚାରୀଙ୍କୁ ନେଇ ଛାତ ଉପର ଶିଉଳି କଣ୍ଟା ବ୍ରସ ଯୋଗେ ସଫା କରୁଥିଲେ ।

### ନାଗରିକ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧନା

## ତିନି ପ୍ରମୁଖ ବ୍ୟକ୍ତି ସମ୍ବର୍ଦ୍ଧିତ




**ବ୍ରହ୍ମପୁର,୧୪।୭ (ସଂଚାର ବ୍ୟୁରୋ):** ନିଜ ମାଟିର ସ୍ନେହ ଓ ମମତା ପ୍ରତ୍ୟେକ ନାଗରିକଙ୍କ ପାଖରେ ରହିବା ଆବଶ୍ୟକ । ଏଣୁ ସମସ୍ତେ ନିଜର ମାଁ, ମାଟି ଓ ମମତା ପାଇଁ ଆଗଭର ହୁଅନ୍ତୁ। ବ୍ରହ୍ମପୁର ସହରର ତିନି ପ୍ରମୁଖ ବ୍ୟକ୍ତିତ୍ୱଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଯୋଗ ଦେବା ଅବସରରେ ଏଭଳି କହିଛନ୍ତି ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ କୋଷାଧକ୍ଷ ରାଜେନ୍ଦ୍ର କୁମାର ଜେନା। ସହରର ଇଞ୍ଜିନିୟରିଙ୍ଗ୍ ସ୍କୁଲ ଛକ ନିକଟସ୍ଥ ରାଜସ୍ୱ ଡ଼ାକବଙ୍ଗଳାର ସଭା ଗୃହ ପରିସରରେ ଆୟୋଜିତ ସହରର ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତାଙ୍କ ପକ୍ଷରୁ ଏପରି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ନାଗରିକ ମଞ୍ଚର ସଂଯୋଜକ ମିହିର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅତିଥି ରୂପେ ପ୍ରେସ କ୍ଲବ ବ୍ରହ୍ମପୁରର ସଭାପତି ଅଶୋକ କୁମାର ବ୍ରହ୍ମା , ଗଞ୍ଜାମ ଓକିଲ ସଂଘର ସଭାପତି ମନୋଜ ପଟ୍ଟନାୟକ , ଓଡିଶା ନାଟକ ସମାରୋହ ସମିତିର ସଭାପତି ଅନିଲ କୁମାର ପାତ୍ର, ୟୁନିଅନ୍ କ୍ଲବର ନବନିର୍ବାଚିତ ସଭାପତି ଭି.ସନ୍ତୋଷ କୁମାର, ମହାନ ସଂଘ-ବ୍ରହ୍ମପୁରର ସଭାପତି ସୁଶାନ୍ତ ସାବତ ପ୍ରମୁଖ ମଞ୍ଚାସୀନ ରହିଥିଲେ।

ଏହି ଅବସରରେ ଆୟୋଜିତ ନାଗରିକ ସମ୍ବର୍ଦ୍ଧନା ଉତ୍ସବରେ ଲୋକ ସେବକ ମଣ୍ଡଳର ରାଷ୍ଟ୍ରୀୟ କୋଷାଧକ୍ଷ ତଥା ସମାଜର ପ୍ରକାଶକ ଓ ମୁଦ୍ରାକାର ରାଜେନ୍ଦ୍ର କୁମାର ଜେନା, ବରିଷ୍ଠ ସାମ୍ବାଦିକ ତଥା ଓଡିଶାବାର୍ତ୍ତାର ସଂପାଦକ ମନୋଜକାନ୍ତ ଦାଶ ଏବଂ ଅବସରପ୍ରାପ୍ତ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ଅଧିକାରୀ ତଥା ନାଟ୍ୟକାର ରବି ନାରାୟଣ ବେହେରାଙ୍କୁ ବ୍ରହ୍ମପୁର ନାଗରିକ ମଞ୍ଚ ସମେତ ସହରର ବିଭିନ୍ନ ସାମାଜିକ ଅନୁଷ୍ଠାନ, ସେଚ୍ଛାସେବୀ ଅନୁଷ୍ଠାନ, ବୁଦ୍ଧିଜୀବୀ, ନାଟ୍ୟକାର, ସାମ୍ବାଦିକ, ସାହିତ୍ୟିକ ଓ ବରିଷ୍ଠ ନାଗରିକଙ୍କ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ସାପ କାମୁଡ଼ାରେ ମହିଳା ଗୁରୁତର



**ଆଳି,୧୪।୭ (ସଂଚାର ବ୍ୟୁରୋ):** ଆଳି ଥାନା ଅନ୍ତର୍ଗତ ମେଣ୍ଟପୁର ଗ୍ରାମପଂଚାୟତ ଅଧୀନ ପଦନପୁର ଗ୍ରାମ ର ଜଣେ ମହିଳା ଘରୋଇ କାର୍ଯ୍ୟ ନିମନ୍ତେ ବାଡ଼ି କୁ ଯାଇଥିବା ବେଳେ ତାଙ୍କୁ ସେଠାରେ ଏକ ବିଷଧର ସାପ କାମୁଡି ଦେବା ଫଳରେ ସେ ଗୁରୁତର ଆହତ ହୋଇ ମେଡିକାଲ ରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି । ମିଳିଥିବା ସୂଚନାରୁ ପ୍ରକାଶ ଯେ ଆଳି ଥାନା ଅଧୀନ ପଦନପୁର ଗ୍ରାମର ଏସକେ ନାଶିର ଉଦ୍ଦିନଙ୍କ ପତ୍ନୀ ଫିରୋଜ଼ା ବିବି(୫୫) ଆଜି ଅପରାହ୍ନରେ ନିଜସ୍ୱ କାର୍ଯ୍ୟ ପାଇଁ ଘର ବାଡ଼ି ପଟକୁ ଯାଇଥିଲେ । କାର୍ଯ୍ୟ କରିବା ସମୟରେ ହଠାତ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା । ସାପ କାମୁଡ଼ି ଦେବା ପରେ ତୁରନ୍ତ ତାଙ୍କୁ ପ୍ରଥମେ ଆଳି ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଅଣାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ତାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ଚିକିତ୍ସାଳୟ କୁ ସ୍ଥାନାନ୍ତର କରାଯାଇଥିଲା ।

## ଖୋର୍ଦ୍ଧା ଆଇଟିବିପି କ୍ୟାମ୍ପସରେ କେନ୍ଦ୍ରୀୟ ବିଦ୍ୟାଳୟ ଉଦ୍‌ଘାଟିତ

# ଦକ୍ଷ ଛାତ୍ରଛାତ୍ରୀ ତିଆରି କରିବ ବିଦ୍ୟାଳୟ: ଧର୍ମେନ୍ଦ୍ର

**ଖୋର୍ଦ୍ଧା,୧୪।୭(ସଂଚାର ବ୍ୟୁରୋ):** କେନ୍ଦ୍ରୀୟ ବିଦ୍ୟାଳୟଗୁଡ଼ିକ କେବଳ ଛାତ୍ରଛାତ୍ରୀଙ୍କ ଜ୍ଞାନର ବିକାଶ ଉପରେ ଗୁରୁତ୍ୱ ଦେବ ନାହିଁ ବରଂ ଏକବିଂଶ ଶତାବ୍ଦୀର ପ୍ରମୁଖ ଦକ୍ଷତା ସହିତ ଭବିଷ୍ୟତର ସର୍ବୋତ୍ତମ ବ୍ୟକ୍ତି ସୃଷ୍ଟି କରିବା ଦିଗରେ ସହାୟକ ହେବ ବୋଲି

- ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ, ୩୦ କୋଟି ଖର୍ଚ୍ଚ ହେବ
- ଏନ୍‌ସିପି ଭାରତର ସ୍ୱାଧୀନ ମାନସିକତାର ବିକାଶ କରିବ
- ପିଲାଙ୍କୁ ମାତୃଭାଷାରେ ଶିକ୍ଷା ଜରୁରୀ

ସୋମବାର ଖୋର୍ଦ୍ଧାସ୍ଥିତ ଆଇଟିବିପି କ୍ୟାମ୍ପସ ପରିସରରେ ସ୍ଥାୟୀ କେନ୍ଦ୍ରୀୟ ବିଦ୍ୟାଳୟର କ୍ୟାମ୍ପସ ସ୍ଥାପନ ପାଇଁ ଭୂମିପୂଜନ କରିବା ସହ ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ସେ କହିଛନ୍ତି ଯେ ଆଇଟିବିପି କ୍ୟାମ୍ପସ ପରିସରରେ କେନ୍ଦ୍ରୀୟ ବିଦ୍ୟାଳୟ ଖୋଲାଯିବାର ସ୍ୱପ୍ନ ପୂରଣ ହୋଇଛି। ୩୦ କୋଟି ଟଙ୍କା ଖର୍ଚ୍ଚରେ କେନ୍ଦ୍ରୀୟ ବିଦ୍ୟାଳୟ ପାଇଁ ସ୍ଥାୟୀ କ୍ୟାମ୍ପସ ନିର୍ମାଣ ହେବ। ସ୍ୱଳ୍ପ ଦିନ ମଧ୍ୟରେ ଏହି ଅସ୍ଥାୟୀ କ୍ୟାମ୍ପସରେ ଛାତ୍ରଛାତ୍ରୀଙ୍କ ନାମଲେଖା ଆରମ୍ଭ ହେବ। ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯିବ। ଏହି ଶିକ୍ଷାନୁଷ୍ଠାନ ଦ୍ୱାରା ଆଇଟିବିପି କଲୋନୀରେ ରହୁଥିବା ଛାତ୍ରଛାତ୍ରୀମାନଙ୍କ ସହ ପାଖାପାଖି ଅଞ୍ଚଳର ଗରିବ ପିଲାମାନେ ମଧ୍ୟ ଉପକୃତ ହେବେ। ଖୋର୍ଦ୍ଧା ଜିଲ୍ଲାରେ ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଏହା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପହାର। ଏହି ବିଦ୍ୟାଳୟ ଏକ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବ। ଓଡ଼ିଶାରେ ଅନୁମୋଦିତ ନୂଆ ଆଠଟି କେନ୍ଦ୍ରୀୟ ବିଦ୍ୟାଳୟକୁ ମିଶାଇଲେ ରାଜ୍ୟରେ ମୋଟ ୭୫ଟି କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନା ହୋଇଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ପୂର୍ବରୁ ଦେଶକୁ ଦୀର୍ଘ ସମୟ ପରାଧୀନ କରି ରଖିବା ପାଇଁ ବ୍ରିଟିଶ ତଥା ଟି.ବି. ମାକାଉଲେ ଭାରତରେ ଯେଉଁ ଶିକ୍ଷା ନୀତି ପ୍ରସ୍ତୁତ କରିଥିଲେ ତାହା କେବଳ ଭାରତକୁ ନୀଚ କରିବାର ଏକ ପ୍ରକ୍ରିୟା ଥିଲା। ତେବେ ଏହି ଶିକ୍ଷା ନୀତିର ବିକଳ୍ପରେ ଦୀର୍ଘ ୩୪ ବର୍ଷ ପରେ ୨୦୨୦ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଳ୍ପନାରେ ନୂଆ ଜାତୀୟ ଶିକ୍ଷା ନୀତି କ୍ରିୟାନ୍ୱୟନ ହୋଇଛି। ଯେଉଁ ନୂଆ ଶିକ୍ଷା ନୀତିର ଉଦ୍ଦେଶ୍ୟ ରହିଛି, ମାକାଉଲେଙ୍କ ପରାଧୀନ ମାନସିକତାକୁ ବଦଳାଇ



ଭାରତର ସ୍ୱାଧୀନ ମାନସିକତାକୁ ବିକାଶ କରିବା। ଛାତ୍ରଛାତ୍ରୀଙ୍କ ମଧ୍ୟରେ ରାଷ୍ଟ୍ର ପତି ଆନୁଗତ୍ୟକୁ ଜାଗ୍ରତ କରାଇବା। ଅପରପକ୍ଷରେ ଜାତୀୟ ଶିକ୍ଷା ନୀତିରେ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ପିଲାମାନେ ପାଠପଢ଼ାର ପ୍ରାରମ୍ଭିକ ସମୟରେ ନିଜ ମାତୃଭାଷାରେ ପାଠ ପଢ଼ିଲେ ସେମାନଙ୍କର ମୌଳିକ ଚିନ୍ତନର ପରିପ୍ରକାଶ ହୋଇଥାଏ। ମାତୃଭାଷାରେ ପାଠ ପଢ଼ିଲେ ହିଁ ଡ଼. ଏପିଜେ ଅବଦୁଲ କଲାମଙ୍କ ଭଳି ବ୍ୟକ୍ତିମାନେ ତିଆରି ହେବେ। ପିଲାମାନଙ୍କୁ ସାହସୀ, ଆତ୍ମବିଶ୍ୱାସୀ ଏବଂ ଆତ୍ମନିର୍ଭର କରିବା ପାଇଁ ହେଲେ ମାତୃଭାଷାରେ ଶିକ୍ଷା ଦେବା ପାଇଁ ପଡ଼ିବ।

ଆମ ସାମ୍ନାରେ ଦୁଇଟି ବଡ଼ ଲକ୍ଷ୍ୟ ରହିଛି। ୨୦୩୬ ସୁଦ୍ଧା ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ପଡ଼ିବ। ଏଥିପାଇଁ ଆମକୁ ମାତୃଭାଷାରେ ଶିକ୍ଷା ପ୍ରଦାନ କରିବାକୁ ଦେବ । ଡିଗ୍ରୀ ଅପେକ୍ଷା ଦକ୍ଷତା ବୃଦ୍ଧିକୁ ଗୁରୁତ୍ୱ ଦେବାକୁ ହେବ। ଦକ୍ଷତା ବୃଦ୍ଧିର ଅର୍ଥ ବ୍ୟବସାୟ କରିବା ନୁହେଁ ବରଂ ଡ୍ରୋନ୍ ବନାଇବା ସହ ଶିକ୍ଷାରେ ଏଆଇ ଭଳି ଅଗ୍ରଣୀ ଟେକ୍ନୋଲୋଜିର ବ୍ୟବହାରକୁ ପ୍ରାଥମିକତା ଦେବାକୁ ପଡ଼ିବ। ଓଡ଼ିଆ ଯୁବକ ଚାକିରି ଖୋଜିବ ନାହିଁ, ଚାକିରିଦାତା ପାଇଁ ଲକ୍ଷ୍ୟ ରଖିବାକୁ ପଡ଼ିବ। ତେବେ ଯାଇଁ ଆମର ଏହି ଲକ୍ଷ୍ୟ ହାସଲ ହୋଇପାରିବ। ଆଜି ସେ ଦିଗରେ ଆମେ ଗୋଟିଏ ପାଦ ଆଗକୁ ବଢ଼ିଲେ ବୋଲି ସେ କହିଛନ୍ତି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ ଓଡ଼ିଶା ଇତିହାସରେ ଖୋର୍ଦ୍ଧାର ବିଶେଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ରହିଆସିଛି। ଓଡ଼ିଆ ଭାଷା, ଶିକ୍ଷା ଓ ସାହିତ୍ୟ ସହ ଖୋର୍ଦ୍ଧାର ଅନନ୍ୟ ସମ୍ପର୍କ ରହିଛି। ଖୋର୍ଦ୍ଧାର ବୀରତ୍ୱକୁ ଶବ୍ଦରେ ନୁହେଁ ଅଭିବ୍ୟକ୍ତି ମାଧ୍ୟମରେ ଅନୁଭବ କରାଯାଇପାରେ। ସ୍ୱାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁଙ୍କଠାରୁ ଆରମ୍ଭ କରି ପ୍ରାଣନାଥ ପଟ୍ଟନାୟକଙ୍କ ଭଳି ବ୍ୟକ୍ତିମାନେ ଖୋର୍ଦ୍ଧାର ଟେକ ରଖିଛନ୍ତି। ଏହି ଜିଲ୍ଲା ଶିକ୍ଷା, ସାହିତ୍ୟ, ରାଜନୀତି, ପ୍ରଶାସନ ଓ ସାମାଜିକ କ୍ଷେତ୍ରରେ ଅନେକ ଦକ୍ଷ ବ୍ୟକ୍ତିମାନଙ୍କୁ ତିଆରି କରିଛି, ଯେଉଁମାନେ ରାଜ୍ୟ ଓ ଦେଶ ବାହାରେ ନିଜର ସ୍ୱତନ୍ତ୍ର ପରିଚୟ ତିଆରି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ଆଇଟିବିପି ଖୋର୍ଦ୍ଧା ପରିସରରେ ଶହୀଦ ସ୍ମାରକରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଓ ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ ଉପସ୍ଥିତ ଥିଲେ।

## ସରିଲା ଟେଣ୍ଡର ପ୍ରକ୍ରିୟା: ଏଥର ଆସିବ ୪୩୨ ଆମ୍ବୁଲାନ୍ସ



**ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ) :** ୧୦୮ ଆମ୍ବୁଲାନ୍ସ ପାଇଁ ସୋମବାର ଟେଣ୍ଡର ପ୍ରକ୍ରିୟା ସରିଛି।ତେବେ କାଗଜପତ୍ର ପାଇଁ ଆଉ ସପ୍ତାହେ ଲାଗିବ। ଟେଣ୍ଡର ସରିବାର ୬୦ ଦିନରେ ୪୩୨ ଆମ୍ବୁଲାନ୍ସ ଆସିବ। ଏନେଇ ୧୦୮ ଆମ୍ବୁଲାନ୍ସ ଓଡ଼ିଶା ମୁଖ୍ୟ ସବ୍ୟସାଚୀ ବିଶ୍ୱାଳ ସୂଚନା ଦେଇଛନ୍ତି।

## ଓଡ଼ିଶା ହାଇକୋର୍ଟ ଆସିବେ ନୂଆ ବିଚାରପତି

### ୨୦ରେ ପହଞ୍ଚିବ ବିଚାରପତିଙ୍କ ସଂଖ୍ୟା

**କଟକ,୧୪।୭ (ସଂଚାର ବ୍ୟୁରୋ) :** ଓଡ଼ିଶା ହାଇକୋର୍ଟ ଆସିବେ ନୂଆ ବିଚାରପତି। ଜଷ୍ଟିସ ମାନସ ରଞ୍ଜନ ପାଠକଙ୍କ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଥିବା ଜଣାପଡିଛି। ଗୌହାଟୀ ହାଇକୋର୍ଟ ବିଚାରପତି ଥିବା ଜଷ୍ଟିସ ପାଠକ ଖୁବଶୀଘ୍ର ଆସି ଓଡ଼ିଶା ହାଇକୋର୍ଟରେ ଯୋଗଦେବେ । ଜଷ୍ଟିସ ପାଠକଙ୍କ ଯୋଗଦାନ ପରେ ଓଡ଼ିଶା ହାଇକୋର୍ଟରେ



ବିଚାରପତିଙ୍କ ସଂଖ୍ୟା ୨୦ ରେ ପହଞ୍ଚିବ । ୧୯୬୫ ମସିହା ଅଗଷ୍ଟ ୨୮ ରେ ଗୌହାଟୀରେ ଜନ୍ମଗ୍ରହଣ କରିଥିଲେ ଜଷ୍ଟିସ ପାଠକ । କେନ୍ଦ୍ରୀୟ ବିଦ୍ୟାଳୟରୁ ହାଇସ୍କୁଲ ଓ ଯୁକ୍ତ ଦୁଇ ଶିକ୍ଷା ସମାପ୍ତ ପରେ ସେଣ୍ଟ ଜୋସେଫ କଲେଜ ବାଙ୍ଗାଲୋରରୁ ସ୍ନାତକ ଓ ଗୌହାଟୀ ବିଶ୍ୱବିଦ୍ୟାଳୟରୁ ଏଲଏଲବି ଡିଗ୍ରୀ ହାସଲ କରିଥିଲେ । ୧୯୯୦ ସେପ୍ଟେମ୍ବର ୧୨ ରେ ବାର କାଉନସିଲରେ ନାମ ପଞ୍ଜିକରଣ କରି ଗୌହାଟୀ ହାଇକୋର୍ଟରେ ପ୍ରାକ୍ଟିସ ଆରମ୍ଭ କରିଥିଲେ । ଷ୍ଟାଣ୍ଡିଙ୍ଗ କାଉନସେଲ ଭାବେ କାର୍ଯ୍ୟ କରିବା ପରେ ୨୦୧୩ ମେ ୨୨ ତାରିଖରେ ଗୌହାଟୀ ହାଇକୋର୍ଟର ଅତିରିକ୍ତ ବିଚାରପତି ଭାବେ ଯୋଗ ଦେଇଥିଲେ । ଏହାପରେ ୨୦୧୮ ନଭେମ୍ବର ୧୨ ତାରିଖରୁ ସ୍ଥାୟୀ ବିଚାରପତି ଭାବେ ଶପଥ ଗ୍ରହଣ କରି ଆଜି ପର୍ଯ୍ୟନ୍ତ ଗୌହାଟୀ ହାଇକୋର୍ଟରେ କାର୍ଯ୍ୟ କରି ଆସୁଛନ୍ତି ।

## ଗ୍ରୀଡ଼କୋ କାର୍ଯ୍ୟ ଓ ପ୍ରକଳ୍ପର ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଗ୍ରୀଡ଼କୋର ସମସ୍ତ ପ୍ରୋଜେକ୍ଟର ସମୀକ୍ଷା କରିଛନ୍ତି। ରାଜ୍ୟର ଶକ୍ତି ଭିତ୍ତିଭୂମିକୁ ସୁଦୃଢ଼ କରି ପ୍ରଧାନମନ୍ତ୍ରୀ ମୋଦିଙ୍କ ନେତୃତ୍ୱରେ ସବୁଜ ଲକ୍ଷ୍ୟକୁ ହାସଲ କରିବା ଦିଗରେ ଓଡ଼ିଶା ଅଗ୍ରସର ହେଉଛି। ଗ୍ରୀଡ଼କୋ ଦ୍ୱାରା ସମୁଦାୟ ୧୦ ହଜାର ୯୬୦ ମେଗାୱାଟର ପ୍ରକଳ୍ପ ବିକଶିତ ହେଉଛି। ସେଥିରେ, ୭୫୦୦ ମେଗାୱାଟ ସୋଲାର୍ ପ୍ରକଳ୍ପ, ୨୦୦୦ ମେଗାୱାଟ ପବନଶକ୍ତି ପ୍ରକଳ୍ପ, ୧୨୦୦ ମେଗାୱାଟ ପମ୍ପଡ଼ ଷ୍ଟୋରେଜ ପ୍ରୋଜେକ୍ଟ ଓ ଅନ୍ୟାନ୍ୟ କ୍ଷୁଦ୍ର ଜଳବିଦ୍ୟୁତ ପ୍ରକଳ୍ପ ରହିଛି। ପ୍ରକଳ୍ପଗୁଡିକର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହ ବିଳମ୍ବର କାରଣଗୁଡିକୁ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଅନୁଧ୍ୟାନ କରିଛନ୍ତି ଏବଂ ବିଭାଗୀୟ ଅଧିକାରୀ ସହ କଥା ହୋଇ



ଏହାକୁ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦେଇଛନ୍ତି। ପୂର୍ବରୁ କରାଯାଇଥିବା ସମୀକ୍ଷା, ବିଶେଷକରି ପ୍ରକଳ୍ପର କାର୍ଯ୍ୟକାରୀ କରିବାରେ ବିଳମ୍ବ ହେଉଥିବା କାରଣ ଯଥା ପରିବେଶଗତ ମଞ୍ଜୁରୀ ଆଦିକୁ ନେଇ ଗତ ଦିଲ୍ଲୀ ଗସ୍ତ ସମୟରେ କେନ୍ଦ୍ର ସରକାରଙ୍କ ନିକଟରେ ଉପସ୍ଥାପନ କରି ସମାଧାନ କରିଛନ୍ତି ଉପମୁଖ୍ୟମନ୍ତ୍ରୀ। ଉପରୋକ୍ତ ସମୀକ୍ଷା ବୈଠକରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ଏମଡି ଗ୍ରୀଡ୍‌କୋ ଡ. ସତ୍ୟପ୍ରିୟ ରଥ, ବିତ୍ତ ପରାମର୍ଶଦାତା ତଥା ସ୍ୱତନ୍ତ୍ର ଶାସନ ସଚିବ ଦେବୀଦତ୍ତ ତ୍ରିପାଠୀ, ଅତିରିକ୍ତ ଶାସନ ସଚିବ, ଆଇଏଏସ ନିବେଦିତା ମିଶ୍ର, ଗ୍ରୀଡ୍‌କୋ, ଓରେଡ଼ା, ଶକ୍ତି ବିଭାଗ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଭୋପାଳ ଗସ୍ତରେ ବାଚସ୍ପତି, ସମୀକ୍ଷା ବୈଠକରେ ଯୋଗଦେଲେ

# ଗଣତାନ୍ତ୍ରିକ ବ୍ୟବସ୍ଥାରେ ବିଧାନସଭା କମିଟି ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ):** ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢ଼ୀ ଦୁଇଦିନିଆ ଭୋପାଳ ଗସ୍ତରେ ଯାଇ ସେଠାରେ 'ବିଧାନସଭାରେ କମିଟି ବ୍ୟବସ୍ଥାର କାର୍ଯ୍ୟକାରିତା ଓ ଏହାକୁ କିପରି ଅଧିକ ପ୍ରଭାବୀ କରାଯାଇପାରିବ' ସମ୍ପର୍କିତ ସମୀକ୍ଷା ବୈଠକରେ ଯୋଗଦେଇଛନ୍ତି। ମଧ୍ୟପ୍ରଦେଶ ବିଧାନସଭାର ବାଚସ୍ପତି ନରେନ୍ଦ୍ର ସିଂ ତୋମାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ବାଚସ୍ପତି ସମ୍ମିଳନୀରେ ପଶ୍ଚିମବଙ୍ଗ, ରାଜସ୍ଥାନ, ଉତ୍ତରପ୍ରଦେଶ, ସିକିମ୍, ହିମାଚଳ ପ୍ରଦେଶ ସମେତ ଓଡ଼ିଶା ଭଳି ୭ଟି ରାଜ୍ୟର ବାଚସ୍ପତି ଯୋଗଦେଇଛନ୍ତି।

ମଧ୍ୟପ୍ରଦେଶର ରାଜଧାନୀ ଭୋପାଳର ବିଧାନସଭାଠାରେ ଆୟୋଜିତ ଏହି ସମ୍ମିଳନୀ ଅବସରରେ ଯୋଗଦେଇ ବାଚସ୍ପତି ଶ୍ରୀମତୀ ପାଢ଼ୀ କହିଲେ ଯେ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ବିଧାନସଭା କମିଟିର ଭୂମିକା



ଗୁରୁତ୍ୱପୂର୍ଣ୍ଣ। ବିଧାନସଭାର କମିଟିଗୁଡ଼ିକ ଶାସନ ବ୍ୟବସ୍ଥାର ସଠିକ୍ କାର୍ଯ୍ୟକାରିତାକୁ ସମ୍ପୂର୍ଣ୍ଣ ଭାବେ ତର୍ଜମା କରୁଥିବା ବେଳେ ରାଜ୍ୟର ଉନ୍ନୟନ କାର୍ଯ୍ୟର ସମୀକ୍ଷା କରିଥାଆନ୍ତି ଓ ଅନ୍ୟ ପକ୍ଷରେ ସରକାରୀ ନୀତିନିୟମର ସଠିକ ପାଳନ ବ୍ୟବସ୍ଥାର ଯାଞ୍ଚ କରିବା ସହ ବ୍ୟତିକ୍ରମ କ୍ଷେତ୍ରରେ ସୁଚିନ୍ତିତ ପରାମର୍ଶ ମାଧ୍ୟମରେ ସେଥିରେ ସୁଧାର ଆଣିବାରେ ସହାୟକ ହୋଇଥାଆନ୍ତି। କମିଟି ସବୁ ନିୟମିତ ଓ ନିରନ୍ତର ଭାବେ ରାଜ୍ୟର ବିଭିନ୍ନ ଜିଲ୍ଲା ଗସ୍ତ କରି ଯୋଜନାର ସଠିକ୍ ରୂପାୟନ ଦିଗ ପ୍ରତି ଦୃଷ୍ଟି ଦେଇଥାଆନ୍ତି।

ଓଡ଼ିଶାରେ ୪ଟି ଆର୍ଥିକ କମିଟି, ଆକାଉଣ୍ଟ କମିଟି, ଏଷ୍ଟିମେଟ୍ କମିଟି, ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟି, ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ କମିଟି ସମେତ ୧୦ଟି ସ୍ଥାୟୀ କମିଟି, ୧୨ଟି ହାଉସ୍ କମିଟି, ୫ଟି ଆଇନ ଅନୁଯାୟୀ ଗଠିତ କମିଟି ଓ ଆମେନିଟିଜ୍ କମିଟି ସମେତ ଆଡ୍-ହକ୍ କମିଟି ସକ୍ରିୟ ଭାବେ କାର୍ଯ୍ୟ କରୁଛି। ୨୦୨୪ରେ ଆରମ୍ଭ ହୋଇଥିବା ୧୭ତମ ବିଧାନସଭାରେ ଏକ କ୍ୟାଲେଣ୍ଡର ବର୍ଷରେ ୬୨ ଦିନ ଅଧିବେଶନ ଅନୁଷ୍ଠିତ ହୋଇ ରେକର୍ଡ ସ୍ଥାପନ ହୋଇଥିବା ବେଳେ ୨୦୨୫ ଏପ୍ରିଲ୍ ୨ ତାରିଖରେ ନିରନ୍ତର ଭାବେ ୧୨ ଘଣ୍ଟା ୨୫ ମିନିଟ୍ ଧରି ଚର୍ଚ୍ଚା ପରେ 'ଓଡ଼ିଶା ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍-୨୦୨୪' ପାସ୍ ହୋଇଥିଲା। ରାତିସାରା ଚାଲୁ ରହିଥିବା ଏହି ଆଲୋଚନା ଆମ ବିଧାନ ବ୍ୟବସ୍ଥାର ଦୃଢ଼ତାକୁ ପ୍ରମାଣିତ କରେ। ଓଡ଼ିଶା ବିଧାନସଭାର କମିଟି ବ୍ୟବସ୍ଥା ଖୁବ୍ ପ୍ରଭାବଶାଳୀ ଭାବେ କାର୍ଯ୍ୟ କରୁଥିବା ବେଳେ ଆଗାମୀ ଦିନରେ ଏହା କିପରି ଅଧିକ ସକ୍ରିୟ ଓ ତ୍ୱରାନ୍ୱିତ ହୋଇ ଜନସାଧାରଣଙ୍କ ଆସ୍ଥାଭାଜନ ହୋଇପାରିବ, ସେଥିପ୍ରତି ଆମେ ପ୍ରତିଶ୍ରୁତିବଦ୍ଧ ବୋଲି ବାଚସ୍ପତି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିଥିଲେ। ଓଡ଼ିଶା ବିଧାନସଭାର ଗବେଷଣା ଅଧିକାରୀ ପ୍ରଶାନ୍ତ ଦାସ ମଧ୍ୟ ବାଚସ୍ପତିଙ୍କ ସହ ଭୋପାଳ ଗସ୍ତରେ ଥିଲେ।

### ● ମିଳିଲା ଉଦ୍ଧାର ମୃତକଙ୍କ ପରିଚୟ

# ବାହା ହେବାକୁ ରାଜି ନ ହେବାରୁ ବାପା-ମା'ଙ୍କ ଆତ୍ମହତ୍ୟା

**ବ୍ରହ୍ମପୁର,୧୪।୭(ସଂଚାର ବ୍ୟୁରୋ):** ବିବାହ ପାଇଁ ପୁଅ ରାଜି ନ ହେବାରୁ ବାପା-ମା' ଜୀବନ ହାରିବା ପରି ଚରମ ନିଷ୍ପତ୍ତି ନେଇଛନ୍ତି। ଗଞ୍ଜାମ ଜିଲ୍ଲା ଦିଗପହଣ୍ଡି ଥାନାଞ୍ଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ଦୁଇ ଦିନ ତଳେ ବ୍ରହ୍ମପୁର ରେଳ ଷ୍ଟେସନ ନିକଟରୁ ଜଣେ ପୁରୁଷ ଓ ଜଣେ ମହିଳାଙ୍କ ମୃତଦେହ ରେଳବାଇ ଥାନା ପୁଲିସ ଉଦ୍ଧାର କରିଥିଲା। ସେତେବେଳେ ସେମାନଙ୍କ ପରିଚୟ ନେଇ କିଛି ଜଣାପଡ଼ିନଥିଲା। ଏନେଇ ଛାନ୍‌ଭିନ୍ ପରେ ଆଜି ଉଭୟଙ୍କ ପରିଚୟ ମିଳିଛି ଓ ସେମାନେ ସ୍ୱାମୀ-ସ୍ତ୍ରୀ ବୋଲି ଜଣାପଡ଼ିଛି। ଏଥିସହ ସେମାନଙ୍କ ଆତ୍ମହତ୍ୟାର କାରଣ ମଧ୍ୟ ସାମ୍ନାକୁ ଆସିଛି, ଯାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ମିଳିଥିବା ସୂଚନାନୁସାରେ,



ସେମାନେ ଲକ୍ଷ୍ମୀନାରାୟଣପୁରର ଏମ୍ ରଞ୍ଜନ ଦୋରାଙ୍କ ବାପା-ମା'। ବାପା ଏମ୍ ସୁଦର୍ଶନ ଦୋରା ଓ ମା' ଏମ୍. କୁମାରୀ ଦୋରା ପୁଅକୁ ବିବାହ କରିବା ସକାଶେ କହିଥିଲେ। କିନ୍ତୁ ପୁଅ ରଞ୍ଜନ ଯୋଗୀ ହେବା ପାଇଁ ଦୀକ୍ଷା ନେଇଥିବାରୁ ଏଥିରେ ରାଜି ହୋଇନଥିଲେ ଓ ବିବାହ କରିବେ ନାହିଁ ବୋଲି ସିଧା ସିଧା ମନା କରିଦେଇଥିଲେ। ଏହାକୁ ନେଇ ପରିବାରରେ ଅଶାନ୍ତି ଲାଗି ରହୁଥିଲା। ତେବେ ପୁଅକୁ ବିବାହ ପାଇଁ ରାଜି କରାଇବାରେ ବିଫଳ ହେବାରୁ ଉଭୟ ସୁଦର୍ଶନ ଓ କୁମାରୀ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ। ଏହି ଘଟଣାରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ଅନେକ ଏହାକୁ ସହଜରେ ବିଶ୍ୱାସ କରିପାରୁନାହାନ୍ତି।

## ବାଇକ ଧକ୍କାରେ ଦୁଇ ମୃତ

**ବ୍ରହ୍ମପୁର,୧୪।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପୋଲସରା ଥାନା ଚିରିକିପଡ଼ା ଶାସନ ବାଲୁଙ୍କେଶ୍ୱର ଛକ ନିକଟରେ ଏକ ଭୟଙ୍କର ଦୁର୍ଘଟଣା ଘଟିଛି। ସିଂହାସନି ମନ୍ଦିର ତୋରଣ ସହ ଏକ ବାଇକ ପିଟି ହୋଇଯିବା ଫଳରେ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକମାନେ ପଙ୍କଳବଡି ମଙ୍ଗଳପୁର ଗାଁର ଦୀପକ ନାୟକ ଓ ଆରତ ନାୟକ ବୋଲି ଜଣାପଡ଼ିଛି। ସୂଚନାନୁଯାୟୀ, ରବିବାର ରାତିରେ ଉଭୟ ଚିରିକିପଡ଼ା ଶାସନ ଗାଁରୁ ଫେରୁଥିଲେ। ତେବେ ବାଇକ୍ ଚାଳକ ଭାରସାମ୍ୟ ହରାଇବା ଫଳରେ ଏହା ସିଂହାସନି ମନ୍ଦିର ତୋରଣ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ଦୁଇ ସମ୍ପର୍କୀୟ ଭାଇ ରାସ୍ତା ଉପରେ ଛିଟିକି ପଡ଼ିଥିଲେ। ସ୍ଥାନୀୟ ଲୋକେ ତୁରନ୍ତ ପୋଲସରା ପୁଲିସକୁ ଖବର ଦେଇଥିଲେ। ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଉଦ୍ଧାର କରି ନିକଟସ୍ଥ ମେଡିକାଲରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

### କଙ୍ଗାରୁ କୋର୍ଟ ପ୍ରସଙ୍ଗ

## କଡ଼ା ଦଣ୍ଡ ନେଇ ଆଇନମନ୍ତ୍ରୀଙ୍କ ଚେତାବନୀ



**ଭୁବନେଶ୍ୱର, ୧୪।୭ (ସଂଚାର ବ୍ୟୁରୋ) :** ରାଜ୍ୟରେ ହେଉଥିବା କଙ୍ଗାରୁ କୋର୍ଟକୁ ନେଇ ଆଇନମନ୍ତ୍ରୀ ସୋମବାର ବଡ଼ ବୟାନ ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି, ଯୁବତୀଯୁବକଙ୍କୁ କଙ୍ଗାରୁ କୋର୍ଟକୁ ଟାଣିବା ଅତ୍ୟନ୍ତ ଅନୈତିକ କାମ। ଏହା ଏକ ଘୃଣ୍ୟ ପ୍ରଥା, ଆଇନ ହାତକୁ ନେଲେ ଦଣ୍ଡିତ ହେବେ। କଙ୍ଗାରୁ କୋର୍ଟରେ ନିର୍ଯାତନାକୁ ନେଇ ସରକାରଙ୍କ ସ୍ପଷ୍ଟ ଆଇନ ଅଛି। ଗାଁର କିଛି ପ୍ରଭାବଶାଳୀ ଲୋକ ଏଭଳି କାମ କରୁଥିବା ମନ୍ତ୍ରୀ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ରାୟଗଡ଼ା ଜିଲା କଲ୍ୟାଣସିଂହପୁର ବ୍ଲକର ସିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗ୍ରାମରେ ସମ୍ପର୍କୀୟ ପିଉସୀ ଓ ପୁତୁରାଙ୍କ ପ୍ରେମସମ୍ପର୍କକୁ ନେଇ ଗାଁ ଲୋକେ ବୈଠକ କରିଥିଲେ। ପରେ ପ୍ରେମୀଯୁଗଳଙ୍କୁ ଚାଷଜମିରେ ହଳ କରାଇ ଗ୍ରାମବାସୀ ଦଣ୍ଡିତ କରିଥିଲେ। ଏହାଛଡ଼ା କୋରାପୁଟରେ ମଧ୍ୟ ଜନୈକ ଯୁବକଯୁବତୀଙ୍କୁ ପ୍ରେମ ବିବାହ ମାମଲାରେ ଦଣ୍ଡିତ କରିବାକୁ ଯାଇ ଗ୍ରାମବାସୀ ରାସ୍ତାରେ ସେମାନଙ୍କ ବେକରେ ଜୁଆଳି ପକାଇବା ଦୃଶ୍ୟ ଭାଇରାଲ୍ ହୋଇଛି। ଏପରି ଘଟଣା ଏବେ ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଥିବା ବେଳେ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି।

### ଶ୍ରୀମନ୍ଦିର ଦୁଆରେ ଅଘଟଣ

## ମରଣାନ୍ତକ ଆକ୍ରମଣରେ ଅଟୋଚାଳକ ଗୁରୁତର

**ପୁରୀ,୧୪।୭(ସଂଚାର ବ୍ୟୁରୋ):** ପୁଣି ଅଶାନ୍ତ ହୋଇଛି ଶ୍ରୀକ୍ଷେତ୍ର। ଶ୍ରୀମନ୍ଦିର ଉତ୍ତରଦ୍ୱାର ସତ୍ୟନାରାୟଣ ମନ୍ଦିର ନିକଟରେ ଅଟୋଚାଳକଙ୍କୁ ହାଣି କେତେକ ଦୁର୍ବୃତ୍ତ ରକ୍ତାକ୍ତ କରିଛନ୍ତି। ସିଂହଦ୍ୱାର ପୁଲିସ ପହଞ୍ଚି ଉକ୍ତ ଅଟୋ ଚାଳକଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରିବା ସହ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛି। ଏଥିସହ ପୁଲିସ୍ ମାମଲାର ତଦନ୍ତ ମଧ୍ୟ ଆରମ୍ଭ କରିଛି। ମିଳିଥିବା ସୂଚନାନୁସାରେ, ଆଜି ପୂର୍ବାହ୍ନ ୮ଟା ସମୟରେ ଘରୁ ବାହାରି ଯାଉଥିବା ସମୟରେ ଶ୍ରୀମନ୍ଦିର ଉତ୍ତର ଦ୍ୱାର ନିକଟସ୍ଥ ସତ୍ୟନାରାୟଣ ମନ୍ଦିର ନିକଟରେ କେତେକ ଦୁର୍ବୃତ୍ତ ଉକ୍ତ ଅଟୋ ଚାଳକଙ୍କୁ ଅଟକାଇବା ସହ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ପରେ ତାଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଫିଙ୍ଗି ଉକ୍ତ ଦୁର୍ବୃତ୍ତମାନେ ଚାଲିଯାଇଥିଲେ। ଖବର ପାଇ ସିଂହଦ୍ୱାର ପୁଲିସ ପହଞ୍ଚି ଆହତ ଅଟୋ ଚାଳକଙ୍କୁ ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲା। ପ୍ରାଥମିକ ତଦନ୍ତ ଅନୁସାରେ, ଆହତ ଅଟୋ ଚାଳକ ରଘୁନାଥ ରାଉତ ହୋଇଥିବା ବେଳେ ସେ ମିଳିତ ଅଟୋ ମହାମଞ୍ଚର କୋଷାଧ୍ୟକ୍ଷ ଭାବେ କାର୍ଯ୍ୟ କରୁଥିଲେ। ଦୁର୍ବୃତ୍ତମାନେ ତାଙ୍କୁ କିଛି ଦିନ ତଳେ ଲକ୍ଷେ ଟଙ୍କା ଦାଦାବଟି ମାଗିଥିଲେ। କିନ୍ତୁ ରଘୁନାଥ ଏଥିପ୍ରତି କର୍ଣ୍ଣପାତ କରିନଥିବାରୁ ଏଥିରେ ଉତ୍ତ୍ୟକ୍ତ ହୋଇ ଉକ୍ତ ଦୁର୍ବୃତ୍ତମାନେ ଆଜି ଏପରି କାଣ୍ଡ ଘଟାଇଛନ୍ତି। ଅନ୍ୟପକ୍ଷରେ ରଘୁନାଥଙ୍କୁ ପ୍ରଥମେ ପୁରୀ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ମେଡିକାଲ୍‌କୁ ସ୍ଥାନାନ୍ତର କରାଯାଇଛି। ତେବେ ଏପରି ଏକ ଆକ୍ରମଣ ପରେ ପୁରୀରେ ସାଧାରଣ ଲୋକେ କେତେ ସୁରକ୍ଷିତ ତାହାକୁ ନେଇ ପ୍ରଶ୍ନ ଉଠିଛି। ବିଶେଷକରି ଶ୍ରୀମନ୍ଦିର ଆଖପାଖରେ ସୁରକ୍ଷା ଦାୟିତ୍ୱରେ ଅନେକ ସୁରକ୍ଷାକର୍ମୀ ମୁତୟନ ଥିଲେ ମଧ୍ୟ ଅପରାଧୀମାନେ ବିନା ଭୟରେ ମରଣାନ୍ତକ ଆକ୍ରମଣ କରିବାକୁ ବି ପଛାଉନାହାନ୍ତି। ଏହା ସୁରକ୍ଷାକର୍ମୀଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଆକ୍ରମଣ ଘଟଣାକୁ ପାଖାପାଖି ୨୪ ଘଣ୍ଟା ପୂରିଯାଇଥିଲେ ମଧ୍ୟ ତଦନ୍ତ ଜାରି ରଖିଥିବା ପୁଲିସ୍ ଉକ୍ତ ଦୁର୍ବୃତ୍ତଙ୍କ ସମ୍ପର୍କରେ କିଛି ବି ସୁରାକ୍ ପାଇପାରିନାହିଁ।

## ଯୌତୁକ ନିଆଁରେ ଜଳିଲେ ଆରତୀ

**ଗଞ୍ଜାମ,୧୪।୭(ସଂଚାର ବ୍ୟୁରୋ):** ଯୌତୁକ ନିଆଁରେ ଜଳିଲେ ଆରତୀ । ଗଞ୍ଜାମ ଜିଲ୍ଲା ଖଲ୍ଲିକୋଟ ଥାନା କନ୍ହେଇପୁର ଗାଁରେ ଅଭାବନୀୟ ଘଟଣା । ଗାଁର ଆକାଶ ପରିଡ଼ାଙ୍କ ପତ୍ନୀ ଆରତୀଙ୍କୁ ହତ୍ୟା ଉଦ୍ୟମ ହୋଇଛି। ଆରତୀଙ୍କୁ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଖଲ୍ଲିକୋଟ ମେଡ଼ିକାଲରେ ଭର୍ତ୍ତି କରାଯାଇଛି । ସୂଚନା ଅନୁସାରେ ଆକାଶ ପରିଡ଼ାଙ୍କୁ ଦୁଇ ବର୍ଷ ପୂର୍ବେ ପ୍ରେମ ବିବାହ କରିଥିଲେ ଆରତୀ । ଯୌତୁକ ପାଇଁ ଝିଅକୁ ବିଭିନ୍ନ ସମୟରେ ଶାଶୁ ଘର ଲୋକ ନିର୍ଯାତନା ଦେଉଥିବା ନେଇ ଆରତୀଙ୍କ ବାପା ଅଭିଯୋଗ କରିଛନ୍ତି। ଗତକାଲି ରାତିରେ ଶାଶୁ ବୋହୂ ଭିତର ବଚସା ହୋଇଥିଲ । ଆଜି ସକାଳେ ଆରତୀର ଦିଅର ପ୍ରକାଶ ଓ ଶାଶୂ ଉଭୟ ମିଶି ଆରତୀ ଉପରେ ପେଟ୍ରୋଲ ଢାଳି ନିଆଁ ଲଗେଇ ଥିବା ଆରତୀଙ୍କ ବାପା ଅଭିଯୋଗ କରିଛନ୍ତି । ଆରତୀଙ୍କ ଶରୀରର ୪୦% ପୋଡିଯାଇଛି । ମେଡ଼ିକାଲରେ ପହଞ୍ଚି ପୋଲିସ ତଦନ୍ତ କରୁଛି ।




# 'ଟ୍ରେନିଂ ଅଫ୍ ଟ୍ରେନର୍ସ' କାର୍ଯ୍ୟକ୍ରମ: ୩୪ ପ୍ରଶିକ୍ଷକଙ୍କୁ ତାଲିମ

**ଭୁବନେଶ୍ୱର,୧୪।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ଦ୍ୱାରା ଭୁବନେଶ୍ୱରସ୍ଥିତ ବିଶ୍ୱ ଦକ୍ଷତା କେନ୍ଦ୍ରଠାରେ 'ଟ୍ରେନିଂ ଅଫ୍ ଟ୍ରେନର୍ସ (ଟିଓଟି) କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ବିଶ୍ୱ ଦକ୍ଷତା କେନ୍ଦ୍ରର ଏକାଡେମୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିହାରର ବିଭିନ୍ନ ସରକାରୀ ଆଇଟିଆଇର ପ୍ରଶିକ୍ଷକମାନେ ଭାଗନେଇ ଅତ୍ୟାଧୁନିକ 'ଶିକ୍ଷାଦାନ ଓ ମୂଲ୍ୟାଙ୍କନ' ବିଷୟରେ ତାଲିମ ନେଇଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ର ଓ ବିହାର ଦକ୍ଷତା ମିଶନ ମଧ୍ୟରେ ହୋଇଥିବା ଏମଓୟୁ ଆଧାରରେ ଏହି କାର୍ଯ୍ୟକ୍ରମ ଦୁଇ ସପ୍ତାହ ଧରି ଚାଲିଥିଲା। ଏଥିରେ ୩୪ ଜଣ ପ୍ରଶିକ୍ଷକ ଯୋଗଦେଇଥିଲେ। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ସେମାନଙ୍କୁ ସାର୍ଟିଫିକେଟ୍ ପ୍ରଦାନ କରାଯାଇଥିଲା। ଏଥିରେ ଦକ୍ଷତା ବିକାଶ ପ୍ରାଧିକରଣ ତଥା ବିଶ୍ୱ ଦକ୍ଷତା କେନ୍ଦ୍ରର ସିଇଓ ରଶ୍ମିତା ପଣ୍ଡା ଯୋଗଦେଇ ପ୍ରଶିକ୍ଷକମାନଙ୍କୁ ଉତ୍ସାହିତ କରିଥିଲେ। ପ୍ରଶିକ୍ଷକମାନଙ୍କ ଦକ୍ଷତା ବୃଦ୍ଧି ଦିଗରେ ଏଭଳି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ। ଓଡ଼ିଶା ଓ ବିହାର ରାଜ୍ୟର ମିଳିତ ସହଯୋଗରେ ଏଭଳି ଦକ୍ଷତା ବିକାଶ କାର୍ଯ୍ୟକ୍ରମ ପାଇଁ ବିଶ୍ୱ ଦକ୍ଷତା କେନ୍ଦ୍ର ସବୁବେଳେ ପ୍ରସ୍ତୁତ ଅଛି ବୋଲି ସେ କହିଥିଲେ। ବିଶ୍ୱ ଦକ୍ଷତା କେନ୍ଦ୍ର- ଭାରତର ଏକ ପ୍ରମୁଖ ଦକ୍ଷତା ବିକାଶ କେନ୍ଦ୍ର। ରାଜ୍ୟ ସରକାରଙ୍କ




'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ ଅଧୀନରେ ସ୍ଥାପିତ ଏହି କେନ୍ଦ୍ର ଓଡ଼ିଶାର ଯୁବପିଢ଼ିଙ୍କ ଦକ୍ଷତାକୁ ଶାଣିତ କରିବା ସହ ସେମାନଙ୍କୁ ଶିଳ୍ପ ଉପଯୋଗୀ ତାଲିମ ପ୍ରଦାନ କରୁଛି। ତା'ଛଡ଼ା ଏହି କେନ୍ଦ୍ର 'ହବ୍ ଆଣ୍ଡ ସ୍ପୋକ୍' ମଡେଲରେ କାମ କରୁଛି। ଫଳରେ ରାଜ୍ୟର ସରକାର ଆଇଟିଆଇ ଓ ପଲିଟେକନିକ୍ କଲେଜର ପ୍ରଶିକ୍ଷକମାନଙ୍କୁ ଅତ୍ୟାଧୁନିକ ପାଠ୍ୟକ୍ରମ ବିଷୟରେ ଅବଗତ କରିବା ପାଇଁ ବିଭିନ୍ନ ସମୟରେ 'ଟିଓଟି' କାର୍ଯ୍ୟକ୍ରମ କରାଯାଉଛି।

ଏବେ ବିହାରର ବିଭିନ୍ନ ଜିଲ୍ଲାରୁ ସରକାରୀ ଆଇଟିଆଇର ପ୍ରଶିକ୍ଷକମାନେ ଆସି ବିଶ୍ୱ ଦକ୍ଷତା କେନ୍ଦ୍ରରେ ତାଲିମ ନେବା ଫଳରେ ଏହି କେନ୍ଦ୍ର ଆଉ ଏକ ଉଚ୍ଚତାକୁ ଯାଇପାରିଛି। କାର୍ଯ୍ୟକ୍ରମରେ ଯୋଗ ଦେଇ ବିଶ୍ୱ ଦକ୍ଷତା କେନ୍ଦ୍ରର ଅଧ୍ୟକ୍ଷ ଟି ଥମ୍ବିରାଜା କହିଛନ୍ତି ଯେ ଦକ୍ଷତା ବିକାଶ ତାଲିମ କ୍ଷେତ୍ରରେ ବିଶ୍ୱ ଦକ୍ଷତା କେନ୍ଦ୍ର ଆଜି ସାରା ଦେଶରେ ଏକ ବିଶେଷ ପରିଚୟ ପାଇଛି। ଅନ୍ତର୍ଜାତୀୟ ସ୍ତରର ଢାଞ୍ଚାରେ ଏଠାରେ ଦିଆଯାଉଥିବା ତାଲିମ ରାଜ୍ୟ ବାହାରର ପ୍ରଶିକ୍ଷକଙ୍କ ପାଇଁ ଆକର୍ଷଣ ସାଜିଛି। ଏହାଦ୍ୱାରା ଭାରତରେ ଦକ୍ଷତା ବିକାଶ କ୍ଷେତ୍ରରେ ଯେଉଁ ଅନୁକୂଳ ପରିବେଶ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି, ତାହା ସାକାର ହୋଇପାରିବ। 'ଟ୍ରେନିଂ ଅଫ୍ ଟ୍ରେନର' କାର୍ଯ୍ୟକ୍ରମ ବିଷୟରେ ବିଶ୍ୱ ଦକ୍ଷତା କେନ୍ଦ୍ର ଏକାଡେମୀର ଉପନିର୍ଦ୍ଦେଶକ ଆଶୁତୋଷ ନୟନଦେ କହିଛନ୍ତି ଯେ ବର୍ତ୍ତମାନର ଶିଳ୍ପ ଦୁନିଆକୁ ଦୃଷ୍ଟିରେ ରଖି ପ୍ରଶିକ୍ଷକମାନଙ୍କୁ ଆମେ ଉନ୍ନତ ମାନର ତାଲିମ ପ୍ରଦାନ କରୁଛୁ। ଶିକ୍ଷାର୍ଥୀ କୈନ୍ଦ୍ରିକ ଶିକ୍ଷାଦାନ ପଦ୍ଧତି ପାଇଁ ଉପଯୁକ୍ତ ଯୋଜନା ପ୍ରସ୍ତୁତି ସହ ବିଷୟବସ୍ତୁ ବିଶ୍ଳେଷଣ ଉପରେ ଗୁରୁତ୍ୱ ଦିଆଯାଉଛି। ଏହି କାର୍ଯ୍ୟକ୍ରମରେ ବିଶ୍ୱ ଦକ୍ଷତା କେନ୍ଦ୍ରର ସିଓଓ ପିନାକୀ ପଟ୍ଟନାୟକ, ମୁଖ୍ୟ କୌଶଳ ଅଧିକାରୀ ବ୍ରୁସ୍ ପୋହ ଏବଂ ଉପାଧ୍ୟକ୍ଷା ଜିତାମିତ୍ର ଶତପଥୀଙ୍କ ସହ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଖୋଲିବ ଡ୍ରୋନ୍ ପରୀକ୍ଷଣ କେନ୍ଦ୍ର

**ଭୁବନେଶ୍ୱର, ୧୪ା୭(ସଂଚାର ବ୍ୟୁରୋ):** ଡ୍ରୋନ୍ ବିକାଶ କରିବାରେ ରାଜ୍ୟର ଷ୍ଟାର୍ଟଅପ୍‌ଗୁଡ଼ିକ ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ବେଳେ ଏହି କ୍ଷେତ୍ରରେ ସେଭଳି ସଂସ୍ଥାଗୁଡ଼ିକୁ ସାହାଯ୍ୟ କରିବା ଲାଗି ରାଜ୍ୟ ସରକାର ଏକ ଡ୍ରୋନ୍ ପରୀକ୍ଷଣ, ତାଲିମ ଓ ପ୍ରସାର କେନ୍ଦ୍ର ଖୋଲିବାକୁ

## ରଙ୍ଗେଇଲୁଣ୍ଡା ବିମାନବନ୍ଦରରେ ସ୍ଥାପନ କରାଯିବ

ଯାଉଛନ୍ତି। ବ୍ରହ୍ମପୁରର ଗୋପାଳପୁର ଅଧୀନସ୍ଥ ରଙ୍ଗେଇଲୁଣ୍ଡା ବିମାନବନ୍ଦରରେ ଏହି ବ୍ୟବସ୍ଥା ସ୍ଥାପନ କରିବା ଯୋଜନା ରହିଛି। ଭାରତ ସରକାରଙ୍କ ଅଧୀନରେ ପରିଚାଳିତ ହେଉଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ)ର ରହିଥିବା ସମସ୍ତ ନିୟମକୁ ପାଳନ କରି ଏହି ପରୀକ୍ଷଣ ଓ ତାଲିମ କେନ୍ଦ୍ର ସ୍ଥାପନ କରାଯିବ। ରାଜ୍ୟ



ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏଥିପାଇଁ ଟେଣ୍ଡର ଆହ୍ୱାନ କରାଯାଇଛି। ଡ୍ରୋନ୍ ପରୀକ୍ଷଣ ଓ ତାଲିମ ବ୍ୟବସ୍ଥା ଲାଗି ଲିଜ୍‌ରେ ଜମି ପ୍ରଦାନ କରିବାକୁ ରିକ୍ୱେଷ୍ଟ ଫର୍ ପ୍ରୋପୋଜାଲ୍ (ଆର୍‌ପିଏଫ୍) ଆହ୍ୱାନ କରାଯାଇଛି। ଡ୍ରୋନ୍ ନିର୍ମାଣ କରୁଥିବା ଅସଲି ଉପକରଣ ନିର୍ମାତା (ୟୁଏଭି) ଓ ଆର୍‌ପିଟିଓମାନେ ଏଥିପାଇଁ ଆବେଦନ କରିପାରିବେ। ଚଳିତ ମାସ ଶେଷ ସୁଦ୍ଧା ଆବେଦନ ପଠାଇବା ଲାଗି ସେମାନଙ୍କୁ ବିଭାଗ ପକ୍ଷରୁ କୁହାଯାଇଛି।

ରାଜ୍ୟରେ ଡ୍ରୋନ୍ ପରୀକ୍ଷଣ, ତାଲିମ ଓ ପ୍ରସାର ପାଇଁ ବିଭିନ୍ନ ଘରୋଇ କେନ୍ଦ୍ର ରହିଛି। ସିଭି ରମଣ ଗ୍ଲୋବାଲ୍ ବିଶ୍ୱବିଦ୍ୟାଳୟ, ସ୍କାଏ ସ୍କିଲ୍ ଏକାଡେମି, ଟ୍ରେନିଂ ହବ୍ ଲ୍ୟାବ୍, ୟୁଡିଆର୍ ଟେକ୍ନୋଲୋଜି ଓ ଆଇଜି ଡ୍ରୋନ୍ସ ପକ୍ଷରୁ ବିଭିନ୍ନ କେନ୍ଦ୍ର ସ୍ଥାପନ କରାଯାଇଛି। ଆଇଜି ଡ୍ରୋନ୍ସ ପକ୍ଷରୁ କଳାହାଣ୍ଡିରେ ଦକ୍ଷତା ବିକାଶ ଓ ନିଯୁକ୍ତି ପାଇଁ ଏକ ଉତ୍କର୍ଷ କେନ୍ଦ୍ର ସ୍ଥାପନ କରାଯାଇଛି।

# ପୂର୍ବାଞ୍ଚଳର ଔଦ୍ୟୋଗିକ ହବ୍ ପାଲଟିବ ଓଡ଼ିଶା

ଭୁବନେଶ୍ୱର,୧୪ା୭: ୨୦୪୭ ବେଳକୁ ରାଜ୍ୟର ମୋଟ ଘରୋଇ ଉତ୍ପାଦ ୧.୫ ଟ୍ରିଲିୟନ ଡଲାର ଛୁଆଁଇବା ଲକ୍ଷ୍ୟ ଦିଗରେ ଓଡ଼ିଶା ଅଗ୍ରସର। ଅଭିବୃଦ୍ଧିକୁ ବଳ ଦେବାରେ ଷ୍ଟାର୍ଟଅପ କ୍ଷେତ୍ରରେ ବ୍ୟାପକ ସମ୍ଭାବନା ରହିଛି। ଏହି ଆଧାରରେ ନବସୃଜନ ଏବଂ ଔଦ୍ୟୋଗିକତା ପରିବ୍ୟବସ୍ଥାକୁ ଆହୁରି ଦୃଢ଼ କରିବେ ରାଜ୍ୟ ସରକାର। ଓଡ଼ିଶାକୁ ଦେଶର ପୂର୍ବ ଭାଗରେ ଔଦ୍ୟୋଗିତା ହବ୍ ଭାବେ ବିକଶିତ କରିବାକୁ ଭିଜନ ଡକ୍ୟୁମେଣ୍ଟ ୨୦୩୬-୪୭ରେ ଲକ୍ଷ୍ୟ ରଖାଯାଇଛି।

ଏହା ଦ୍ୱାରା ନୂଆ ଉଦ୍ଭାବନ ଏବଂ ଔଦ୍ୟୋଗିତା ସଂସ୍କୃତିକୁ ପ୍ରୋତ୍ସାହିତ କରାଯିବ। ଷ୍ଟାର୍ଟଅପ୍ ଗୁଡ଼ିକ ନୂଆ ନିଯୁକ୍ତି ଯୋଡ଼ିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ୨୦୧୬ରେ ଷ୍ଟାର୍ଟଅପ୍ ଓଡ଼ିଶା କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ଏହା ପରଠୁ ଷ୍ଟାର୍ଟଅପ୍ ଇକୋସିଷ୍ଟମ ଦୃଢ଼ୀକରଣ କ୍ଷେତ୍ରରେ ରାଜ୍ୟ ବେଶ ପ୍ରଶଂସା ସାଉଣ୍ଟିଛି। ଏହା ସହ ଆଗକୁ ଦୃଢ଼ ନିବେଶକ ନେଟୱର୍କ, ସ୍ୱତନ୍ତ୍ର ମେଣ୍ଟରଶିପ ପ୍ଲାଟଫର୍ମ ଦ୍ୱାରା ରାଜ୍ୟ ପ୍ରମୁଖ ଷ୍ଟାର୍ଟଅପ୍ ଡେଷ୍ଟିନେସନ ପାଲଟିବ ବୋଲି ଭିଜନ ଡକ୍ୟୁମେଣ୍ଟରେ ନକ୍ସା ଅଙ୍କାଯାଇଛି। ରାଜ୍ୟକୁ ଟପ୍ ୫ ଷ୍ଟାର୍ଟଅପ୍ ଇକୋସିଷ୍ଟମ ମଧ୍ୟରେ ସାମିଲ କରାଯିବ।

**ଭିଜନ ଡକ୍ୟୁମେଣ୍ଟ ୨୦୩୬-୪୭**

**ଟପ୍-୫ ଷ୍ଟାର୍ଟଅପ୍ ଇକୋସିଷ୍ଟମରେ ସାମିଲ ହେବ**

ରାଜ୍ୟରେ ଅନ୍ତତଃ ପକ୍ଷେ ୫ରୁ ୮ଟି ୟୁନିକର୍ଣ୍ଣ ସୃଷ୍ଟି ଦିଗରେ କାର୍ଯ୍ୟକ୍ରମ ଆସିବ। ୨୦୩୬ ବେଳକୁ ଷ୍ଟାର୍ଟଅପ ଗୁଡ଼ିକ ୧୦% ନିଯୁକ୍ତି ଅଂଶ ହାସଲ କରିବାକୁ ଯୋଜନା ରଖାଯାଇଛି। ଏହି ଅବଧିରେ ୩୩% ମହିଳା ନେତୃତ୍ୱାଧୀନ ଷ୍ଟାର୍ଟଅପ ସୃଷ୍ଟି କରିବ ରାଜ୍ୟ। ଯାହା ୨୦୪୭ ବେଳକୁ ୫୦% ଛୁଇଁବ। ଏ ଦିଗରେ ରାଜ୍ୟ ସରକାର ଗ୍ଲୋବାଲ ଇନୋଭେସନ ଏବଂ ଷ୍ଟାର୍ଟଅପ୍ ସିଟି କାର୍ଯ୍ୟକ୍ରମ ଗ୍ରହଣ କରିବେ। ଭୁବନେଶ୍ୱର-କଟକ-ପୁରୀ-ପାରାଦୀପ ଅର୍ଥନୈତିକ ଅଞ୍ଚଳ (ବିସିପିପିଇଆର୍) ପୂର୍ବଭାଗର ପ୍ରମୁଖ ଷ୍ଟାର୍ଟଅପ୍ ହବ୍ ଭାବେ ବିକଶିତ କରାଯିବ। ଏସବୁ ଅଞ୍ଚଳରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ନବସୃଜନ କ୍ଲଷ୍ଟର ସ୍ଥାପନ ହେବ। ଏହି ଅନୁସାରେ ନୀତିଗତ ପଦକ୍ଷେପ ମଧ୍ୟ ଆସିବ। ରାଜ୍ୟ ସରକାର କର୍ପୋରେଟ ସହଭାଗିତାରେ ଷ୍ଟାର୍ଟଅପ୍‌କୁ ସହାୟତା ଲାଗି ବିଶେଷ ପାଣ୍ଠି ଏବଂ ଇନୋଭେସନ ଆଲାଏନ୍ସ ଗଠନ କରିବେ। ୧୫ ଜିଲାରେ ମାର୍କି ଇନକ୍ୟୁବେଟର ପାର୍କ ଆସିବ। ଷ୍ଟାର୍ଟଅପ୍ ଗୁଡ଼ିକ ଲାଗି ବଜାର ସୁବିଧାକୁ ଉନ୍ନତ କରାଯିବ। ଏହାକୁ ନଜରରେ ରଖି ରାଜ୍ୟ ସରକାର ଆଗାମୀ ୨୪ ମାସରେ ଓଡ଼ିଶା ଷ୍ଟାର୍ଟଅପ୍ ଗ୍ରୋଥ୍ ଫଣ୍ଡ ଗଠନ କରିବେ। ସେହିଭଳି ମଡେଲ ଇନକ୍ୟୁବେଟର ପାର୍କ ସ୍ଥାପନା ହେବ। ଷ୍ଟାର୍ଟ ଅପ୍ ଗୁଡ଼ିକର ସଂଖ୍ୟା ଏବଂ ନାନୋ ୟୁନିକର୍ଣ୍ଣ କାର୍ଯ୍ୟକ୍ରମକୁ ସରକାର ତ୍ୱରାନ୍ୱିତ କରିବେ।

## ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ ଛାୟା ଜାତିସଂଘ କାର୍ଯ୍ୟକ୍ରମ




ଭୁବନେଶ୍ୱର, ୧୪ା୭: ଏଏସ୍‌ବିଏମ୍ ବିଶ୍ୱବିଦ୍ୟାଳୟରେ କଳିଙ୍ଗ ଇଣ୍ଟରନ୍ୟାସନାଲ୍ ଛାୟା ଜାତିସଂଘ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଦେଶର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା କୁଳାଧକ୍ଷ ପ୍ରଫେସର ଡ. ବିଶ୍ୱଜିତ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ତର୍ଜାତୀୟ ନୀତି ନିର୍ଧାରଣ ଓ ନେତୃତ୍ୱରେ ଯୁବବର୍ଗଙ୍କ ଯୋଗଦାନ ଉପରେ ସେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଛାୟା ବିଭାଗରେ ପ୍ରତିଯୋଗୀମାନେ ଅଂଶଗ୍ରହଣ କରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କୂଟନୈତିକ ତର୍କ, ଆଲୋଚନା ଓ ଉପସ୍ଥାପନା ଉପରେ ଚିଠା ପ୍ରସ୍ତାବ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମ ସମାପନ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ରଞ୍ଜନ କୁମାର ବଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ଓ ଟ୍ରଫି ଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶିକା ପ୍ରଫେସର ଡ. ସ୍ମାରକୀ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ସଞ୍ଚାଳନ କରାଯାଇଥିଲା।

## ରୁଷରୁ ତେଲ କିଣା ୧୧ ମାସରେ ସର୍ବାଧିକ

ନୂଆଦିଲ୍ଲୀ, ୧୪ା୭: ୨୦୨୫ ଜୁନ୍‌ରେ ରୁଷ୍‌ରୁ ଭାରତର ଅଶୋଧିତ ତେଲ ଆମଦାନୀ ଗତ ୧୧ ମାସ ମଧ୍ୟରେ ସର୍ବାଧିକ ସ୍ତରରେ ପହଞ୍ଚିଛି। ଇସ୍ରାଏଲ ଓ ଇରାନ ମଧ୍ୟରେ ଉତ୍ତେଜନା ଦେଖାଦେବା ପରେ ଭାରତୀୟ ତୈଳ କମ୍ପାନିଗୁଡ଼ିକ ସେମାନଙ୍କ ଗଚ୍ଛିତ ତେଲ ପରିମାଣ ବୃଦ୍ଧି କରିବାକୁ ଯାଇ ଅଧିକ ଅଶୋଧିତ ତେଲ ଆମଦାନୀ କରିଛନ୍ତି। ଏଥିପାଇଁ ରୁଷ୍‌ରୁ ଅଶୋଧିତ ତେଲ ଆମଦାନୀ ବଢ଼ିଛି। ଜୁନ୍ ମାସରେ ରୁଷ୍‌ରୁ ଦୈନିକ ଅଶୋଧିତ ତେଲ ଆମଦାନୀ ୨.୦୮ ନିୟୁତ ବ୍ୟାରେଲ୍‌କୁ ବୃଦ୍ଧି ପାଇଛି। ୨୦୨୪ ଜୁଲାଇ ମାସ ପରେ ଏହା ସର୍ବାଧିକ ବୋଲି କେପ୍‌ଲର୍‌ର ଜାହାଜ ଟ୍ରାକିଂ ତଥ୍ୟରୁ ଏହା ଜଣାଯାଇଛି। ଭାରତ ଏହାର ମୋଟ ଅଶୋଧିତ ତେଲ ଚାହିଦାର ୮୫ ପ୍ରତିଶତରୁ ଅଧିକ ଆମଦାନୀ ଜରିଆରେ ପୂରଣ କରିଥାଏ। ପୂର୍ବରୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକରୁ ଭାରତ ଅଧିକ ଅଶୋଧିତ ତେଲ ଆମଦାନୀ କରୁଥିଲା। କିନ୍ତୁ ୨୦୨୨ରେ ୟୁକ୍ରେନ-ରୁଷ୍ ଯୁଦ୍ଧ ଆରମ୍ଭ ହେବା ପରେ ରୁଷ୍ କମ୍ ମୂଲ୍ୟରେ ଅଶୋଧିତ ତେଲ ବିକ୍ରି କରିବା ଆରମ୍ଭ କରିଛି। ଆଉ ଏହାର ଲାଭ ଭାରତ ନେଉଛି। ଫଳରେ ଗତ ୩ ବର୍ଷ ହେଲା ଭାରତ ରୁଷ୍‌ରୁ ସବୁଠୁ ଅଧିକ ଅଶୋଧିତ ତେଲ ଆମଦାନୀ କରୁଛି। ଭାରତ ଏହାର ମୋଟ ଅଶୋଧିତ ତୈଳ ଆମଦାନୀର ପ୍ରାୟ ୪୦ ପ୍ରତିଶତ ରୁଷ୍‌ରୁ ଆଣୁଛି। ଏହା ପଛକୁ ଇରାକରୁ ୧୮.୫ ପ୍ରତିଶତ, ସାଉଦି ଆରବରୁ ୧୨.୧ ପ୍ରତିଶତ ଏବଂ ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରୁ ୧୦.୨ ପ୍ରତିଶତ ଅଶୋଧିତ ତେଲ ଆମଦାନୀ କରୁଛି। ଏମାନେ ଯଥାକ୍ରମେ ଦ୍ୱିତୀୟରୁ ଚତୁର୍ଥ ସ୍ଥାନ ମଧ୍ୟରେ ରହିଛନ୍ତି। ଏମାନଙ୍କ ପଛକୁ ଯୁକ୍ତରାଷ୍ଟ୍ର ଆମେରିକା ପଞ୍ଚମ ସ୍ଥାନରେ ରହିଛି। ଏହି ଦେଶରୁ ଭାରତ ଏହାର ମୋଟ ଆମଦାନୀର ୬.୩ ପ୍ରତିଶତ ଅଶୋଧିତ ତେଲ ଆଣୁଛି। ସେଣ୍ଟର ଫର୍ ରିସର୍ଚ୍ଚ ଅନ୍ ଏନର୍ଜି ଆଣ୍ଡ କ୍ଲିନ ଏୟାର (ସିଆର୍‌ଇଏ)ର ତଥ୍ୟ ମୁତାବକ, ଜୁନ ମାସରେ ରୁଷରୁ ଚୀନ ସର୍ବାଧିକ ୪୭ ପ୍ରତିଶତ ଅଶୋଧିତ ତେଲ କିଣିଛି। ଏହା ପଛକୁ ଭାରତ ୩୮ ପ୍ରତିଶତ, ୟୁରୋପୀୟ ସଂଘ ୬ ପ୍ରତିଶତ ଏବଂ ତୁର୍କୀ ୬ ପ୍ରତିଶତ ଅଶୋଧିତ ତେଲ କିଣିଥିବା ଜଣାଯାଇଛି।

# ରେଳଡ଼ବା, ଇଞ୍ଜିନରେ ଲାଗିବ ସିସିଟିଭି

**ନୂଆଦିଲ୍ଲୀ, ୧୪ା୭(ସଂଚାର ବ୍ୟୁରୋ):** ଯାତ୍ରୀମାନଙ୍କ ସୁରକ୍ଷାରେ ଉନ୍ନତି ଆଣିବା ଲାଗି ସମସ୍ତ ଡବାରେ ସିସିଟିଭି ଲଗାଇବାକୁ ରେଳବାଇ ନିଷ୍ପତ୍ତି ନେଇଛି। ପ୍ରାରମ୍ଭିକ ପରୀକ୍ଷଣ ସଫଳ ହେବା ପରେ ୭୪ ହଜାର ଡବା ଓ ୧୫ ହଜାର ଇଞ୍ଜିନରେ ରେଳବାଇ ସିସିଟିଭି ଲଗାଇବ। ପ୍ରତି ଡବାରେ ଚାରିଟି ଏବଂ ଇଞ୍ଜିନରେ ୬ଟି ଲେଖାଏଁ ସିସିଟିଭି ଲଗାଇବ। ସେଥିରୁ ଟ୍ରେନ୍ ୧୦୦ କିମି ବେଗରେ ଦୌଡ଼ୁଥିବା ବେଳେ ଏବଂ କମ୍ ଆଲୋକ ଭଳି ସ୍ଥିତିରେ ମଧ ଉନ୍ନତ ମାନର ଫୁଟେଜ୍ ହାସଲ କରାଯାଇପାରିବ। ଯାତ୍ରୀମାନଙ୍କ ବ୍ୟକ୍ତିଗତ ଗୋପନୀୟତାର ସୁରକ୍ଷା ପାଇଁ ସିସିଟିଭିଗୁଡ଼ିକୁ ସାଧାରଣ ଚଳପ୍ରଚଳ ସ୍ଥାନ ଯଥା କବାଟ ପାଖରେ ଲଗାଯିବ। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓ ରେଳ ରାଷ୍ଟ୍ରମନ୍ତ୍ରୀ ରବ୍‌ନୀତ ସିଂହ ବିଟ୍ଟୁ ସିସିଟିଭି ସ୍ଥାପନ ଅଗ୍ରଗତିର ସମୀକ୍ଷା କରିଛନ୍ତି। ବୈଠକରୁ ଜଣାପଡ଼ିଛି ଯେ ରେଳ ଡବାରେ ସାମ୍ନା ଓ ପଛ ପାର୍ଶ୍ୱରେ ଏବଂ ଇଞ୍ଜିନର ଉଭୟ ପାର୍ଶ୍ୱରେ ସିସିଟିଭି ଲାଗିବ। ଉଭୟ ଡୋମ୍ କ୍ୟାମେରା ଓ ଡେସ୍କ କ୍ୟାମେରାକୁ ବ୍ୟବହାର କରାଯିବ। ସିସିଟିଭିର ଉପଯୁକ୍ତ ବ୍ୟବହାର ଲାଗି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବହାର କରିବା ଉପରେ ଧ୍ୟାନ ଦେବାକୁ ରେଳମନ୍ତ୍ରୀ ଶ୍ରୀ ବୈଷ୍ଣବ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି। ସିସିଟିଭି ଲାଗିବା ପରେ ଟ୍ରେନ୍‌ରେ ଅସାଧୁ ତତ୍ତ୍ୱ ଓ ଗ୍ୟାଙ୍ଗ ହୋଇ ଯାତ୍ରୀମାନଙ୍କୁ ହଇରାଣ କରୁଥିବା ତତ୍ତ୍ୱମାନଙ୍କ ଉପରେ ନଜର ରଖାଯାଇପାରିବ। ସେହି ଧରଣର ଘଟଣା ଆଗାମୀ ଦିନରେ କମ୍ ହେବ।




# କୁଆଡ଼େ ଗଲା ଭାରତୀୟ ଟିକ୍‌ଟକ୍, ଚାଟ୍‌ଜିପିଟି ?

ନୂଆଦିଲ୍ଲୀ, ୧୪ା୭: ଜାପାନ ଓ ଜର୍ମାନୀଙ୍କୁ ଅତିକ୍ରମ କରି ଭାରତ ଖୁବ୍‌ଶୀଘ୍ର ବିଶ୍ୱର ଚତୁର୍ଥ ବୃହତ୍ ଅର୍ଥନୈତିକ ମହାଶକ୍ତି ହେବାକୁ ଯାଉଛି। କିନ୍ତୁ ବିଶ୍ୱସ୍ତରୀୟ ନବସୃଜନ ଆଣିବାରେ ଭାରତ ବହୁ ପଛରେ ରହିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ କହିଛନ୍ତି। ସେ ଜଣାଇଛନ୍ତି ଯେ ଭାରତରେ ଗୋଟିଏ ବି କମ୍ପାନି ନାହିଁ ଯାହା ସାରା ବିଶ୍ୱରେ ତାହାର ନବସୃଜନ



## ନବସୃଜନ ଉପରେ ଧ୍ୟାନ ଦେବାକୁ ରାଜନଙ୍କ ପରାମର୍ଶ

ପାଇଁ ପରିଚିତ। ଏଠାରେ ନିଣ୍ଟେଣ୍ଡୋ, ସୋନି, ଟୟୋଟା, ମର୍ସିଡିସ୍, ପୋର୍ଶା କିମ୍ବା ଏସ୍‌ଏପି ଧରଣର ଗୋଟିଏ ବି କମ୍ପାନି ନାହିଁ। ଉଚ୍ଚ ଶୁଳ୍କ ମାଧ୍ୟମରେ ସୁରକ୍ଷା ଦେବା ସତ୍ତ୍ୱେ ଗୋଟିଏ ବି ଭାରତୀୟ କାର୍ ମଡେଲ୍ ବିଶ୍ୱ ସ୍ତରରେ ବିପୁଳ ପରିମାଣରେ ବିକ୍ରି ହୋଇନଥିବା ସେ କହିଛନ୍ତି। କୁଆଡ଼େ ଗଲା ଭାରତୀୟ ଟିକ୍‌ଟକ୍, ଡିପ୍‌ସିକ୍ ଓ ଚାଟ୍‌ଜିପିଟି ବୋଲି ସେ ପ୍ରଶ୍ନ କରିଛନ୍ତି। ଭାରତୀୟ ସଂସ୍ଥାଗୁଡ଼ିକ ଦେଶ ଭିତରେ ବିଶାଳ ହୋଇଥିବା ବେଳେ ବିଦେଶରେ ଅତି ଛୋଟ। ସେମାନେ ରିସ୍କ ନେବାକୁ ଚାହୁଁନାହାନ୍ତି। ସରକାରଙ୍କ ପକ୍ଷରୁ ପ୍ରତିଯୋଗିତାରେ ସେମାନଙ୍କୁ ସୁରକ୍ଷା ଦିଆଯାଉଛି। ଯେତିକି ହେଉଛି, ସେତିକିରେ ଦେଶର ଗ୍ରାହକମାନେ ସନ୍ତୁଷ୍ଟ। ନବସୃଜନ କାହିଁକି କରିବା? ଭାରତୀୟ ସଂସ୍ଥାଗୁଡ଼ିକ ସେଭଳି ଭାବୁଛନ୍ତି। ଭାରତୀୟ ଫାର୍ମା କମ୍ପାନିଗୁଡ଼ିକର ସାରା ବିଶ୍ୱରେ ଉପସ୍ଥିତି ଥିଲେ ମଧ କେବଳ ଜେନେରିକ୍ ଉତ୍ପାଦରେ ସେମାନେ ସୀମିତ ରହିଯାଇଥିବା ରାଜନ କହିଛନ୍ତି। ଭାରତ ବୁଢ଼ା ହେବା ପୂର୍ବରୁ ଧନୀ ଦେଶରେ ପରିଣତ ହେବାକୁ ହେଲେ ନବସୃଜନ ଜରିଆରେ ଅଭିବୃଦ୍ଧି ବଢ଼ାଇବାକୁ ହେବ। ନବସୃଜନ ଉପରେ ଧ୍ୟାନ ଦେଲେ ଭାରତୀୟ ବ୍ରାଣ୍ଡ ଦୁନିଆର ଘରେ ଘରେ ପରିଚିତ ହୋଇପାରିବ ବୋଲି ସେ କହିଛନ୍ତି।


# ମଧ୍ୟପ୍ରାଚ୍ୟ ଉତ୍ତେଜନା କମିଲେ ସୁନା ଶସ୍ତା ହେବ



ନୂଆଦିଲ୍ଲୀ, ୧୪ା୭(ସଂଚାର ବ୍ୟୁରୋ): ସୁନାର ବର୍ଦ୍ଧିତ ଦରକୁ ନେଇ ଚିନ୍ତିତ ଥିବା ଗ୍ରାହକମାନଙ୍କ ଲାଗି ଏକ ଆଶ୍ୱସନାଭରା ଖବର। ମଧ୍ୟପ୍ରାଚ୍ୟରେ ଦେଖାଦେଇଥିବା ଉତ୍ତେଜନା ପ୍ରଶମିତ ହେଲେ ସୁନା ଦରରେ ହ୍ରାସ ଘଟିବ ବୋଲି ବିଶ୍ୱ ସୁନା ପରିଷଦ ପୂର୍ବାନୁମାନ କରିଛି। ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କ ସୁନା କିଣା କମାଇଥିବା ବେଳେ ଖୁଚୁରା ନିବେଶ ଚାହିଦା ମଧ କମ୍ ହୋଇଛି। ତାହାର ପ୍ରଭାବରେ ମଧ୍ୟବର୍ତ୍ତୀକାଳୀନ ସମୟରେ ସୁନା ମୂଲ୍ୟ କମିବା ଆଶା କରାଯାଉଛି। ଏବେ ସୁନାର ୧୦ ଗ୍ରାମ ପିଛା ଦାମ୍ ୯୭,୫୧୧ ଟଙ୍କା ଭଳି ଉଚ୍ଚ ସ୍ତରରେ ରହିଛି। ୨୦୨୨ ନଭେମ୍ବର ପରଠାରୁ ସୁନା ଦର ପ୍ରାୟ ଦ୍ୱିଗୁଣିତ ହୋଇଛି। ତାହା ଆଉନ୍ସ ପିଛା ୧୪୨୯ ଡଲାରରୁ ବୃଦ୍ଧି ପାଇ ୩୨୮୭ ଡଲାରରେ ପହଞ୍ଚିଛି। ଅର୍ଥାତ ବାର୍ଷିକ ୩୦ ପ୍ରତିଶତ ହାରରେ ସୁନା ଦର ବଢ଼ିଛି। ୨୦୨୨ ପରଠାରୁ ଭୂରାଜନୈତିକ ସଙ୍କଟ ଅଧିକ ଜଟିଳ ହୋଇଥିଲା। ସେଥିପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଓ ନିବେଶକମାନେ ସୁନାରେ ନିବେଶ ବଢ଼ାଇଥିଲେ। ସୁଧ ହାର ଓ ମୁଦ୍ରାସ୍ଫୀତି ଉଚ୍ଚା ରହିବା ସ୍ଥିତି ଆହୁରି ଜଟିଳ କରିଥିଲା। ସୁନା ଦରରେ ବୃଦ୍ଧି ଅବ୍ୟାହତ ରହିଥିବାରୁ ନିବେଶକମାନେ ସେଥିରେ ରହିଥିବା ସମ୍ଭାବ୍ୟ ବିପଦକୁ ନେଇ ଚିନ୍ତିତ ହେବା ଆରମ୍ଭ କରିଛନ୍ତି।

# ଆୟକର ରିଫଣ୍ଡରେ ୪୭୪% ବୃଦ୍ଧି

ନୂଆଦିଲ୍ଲୀ, ୧୪ା୭: ଗତ ୧୧ ବର୍ଷରେ ଆୟକର ରିଫଣ୍ଡରେ ୪୭୪ ପ୍ରତିଶତର ବୃଦ୍ଧି ଘଟିଛି। ଏଥି ସହିତ ରିଫଣ୍ଡ ରାଶି ଜାରି କରିବା ଲାଗି ଲାଗୁଥିବା ଦିନ ମଧ କମ୍ ହୋଇଛି। ୨୦୧୩ରେ ରିଫଣ୍ଡ ରାଶି ଦେବା ଲାଗି ୯୩ ଦିନ ସମୟ ଲାଗୁଥିଲା। ୨୦୨୪ରେ ତାହା ୧୭ ଦିନକୁ ହ୍ରାସ ପାଇଛି। ଉପା ସରକାରଙ୍କ ଅମଳରେ ୨୦୧୩-୧୪ରେ ଆୟକର ବିଭାଗ ୮୩,୦୦୮ କୋଟି ଟଙ୍କାର ରିଫଣ୍ଡ ଜାରି କରିଥିଲା। ମୋଦୀ ସରକାରଙ୍କ ଅମଳରେ ୨୦୨୪-୨୫ରେ ୪.୭୭ ଲକ୍ଷ କୋଟି ଟଙ୍କାର ରିଫଣ୍ଡ ଦିଆଯାଇଛି। ଅର୍ଥାତ୍ ୧୧ ବର୍ଷ ଭିତରେ ରିଫଣ୍ଡ ରାଶି ୪୭୪ ପ୍ରତିଶତ ବଢ଼ିଛି। ୨୦୧୩-୧୪ରେ ମୋଟ୍ ପ୍ରତ୍ୟକ୍ଷ ଟିକସ ସଂଗ୍ରହ ୭.୨୨ ଲକ୍ଷ କୋଟି ଟଙ୍କା ଥିଲା। ୨୦୨୪-୨୫ରେ ତାହା ୨୭.୦୩ ଲକ୍ଷ କୋଟି ଟଙ୍କାକୁ ବଢ଼ିଛି। ଆୟକର ରିଟର୍ଣ୍ଣ ଦାଖଲ ସଂଖ୍ୟାରେ ମଧ ୧୩୩ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୩ରେ ୩.୮ କୋଟି ଆୟକର ରିଟର୍ଣ୍ଣ ଦାଖଲ ହୋଇଥିଲା। ୨୦୨୪ରେ ତାହା ୮.୮୯ କୋଟିକୁ ବୃଦ୍ଧି ପାଇଛି। ଡିଜିଟାଲ୍ ଭିତ୍ତିଭୂମି ଉନ୍ନତ ହେବା ପରେ ଟିକସ ରିଫଣ୍ଡ ବଢ଼ିଥିବା ବେଳେ ସେହି ରାଶି ଜାରି କରିବା ଲାଗି ଆବଶ୍ୟକ ହେଉଥିବା ଦିନ କମ୍ ହୋଇଛି।




## ଆଜିର ସୁନା ଦର



ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା, ୯୯, ୮୮୦ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୯୧ ,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୯, ୮୮୦ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୧ ହଜାର୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୯,୮୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୦୦,୦୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୧,୭୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୯,୮୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୧ ହଜାର ୫୫୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୯, ୮୮୦ ଓ ୯୧ ହଜାର ୫୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୧୫ ,୦୦୦ ଟଙ୍କା ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୫୧ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି। ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ପଇସା ରହିଛି।

# ଅଧାରେ ପଡ଼ିରହିଛି କୃଷ୍ଣମୁହାଣ ଆଡ଼ିବନ୍ଧ କାମ

- ବିନା ଗାର୍ଡୱେଲ୍‌ରେ ଚାଲିଛି କାମ
- ନିମ୍ନମାନର କାମକୁ ନେଇ ଚାଷୀ ଅସନ୍ତୋଷ



**ବଲାଙ୍ଗିର,୧୪।୭ (ସଂଚାର ବ୍ୟୁରୋ):** ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହା-ସାଲେପାଲି ରାସ୍ତା ସାଲେପାଲି ଗ୍ରାମ ନିକଟରେ ପ୍ରବାହିତ କନ୍ୟେଧନଯୋର କୃଷ୍ଣମୁହାଣରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଚାଲିଥିବା ଲକ୍ଷଲକ୍ଷ ଟଙ୍କାର ଆଡିବନ୍ଧ କାମ ନିମ୍ନମାନର ହୋଇଥିବା ନେଇ ସ୍ଥାନୀୟ ଚାଷୀ ଅଭିଯୋଗ କରିଥିଲେ। ପୂର୍ବରୁ ହୋଇଥିବା କାମ ବର୍ଷାରେ ଧୋଇହୋଇ ଯାଇଥିବାରୁ ଜଳ ସମ୍ପାଦ ବିଭାଗ ପୁଣିଥରେ କାମ ଆରମ୍ଭ କରିଛି। ଅଗଷ୍ଟ ୮ ତାରିଖ ଭିତରେ କାମ ଶେଷ କରିବାକୁ ଠିକାଦାର ଜଳ ସମ୍ପଦ ବିଭଗ ସହ ଚୁକ୍ତି କରିଛନ୍ତି। କିନ୍ତୁ ଏପଟେ କାମ ଅଧାହୋଇ ପଡ଼ିଥିବା ବେଳେ କାମ ଶେଷ ହୋଇଥିବା ନେଇ ସୂଚନା ଫଳକରେ ଲେଖା ହେଲାଣି। ଯାହାକୁ ନେଇ ସନ୍ଦେହ ଦେଖାଦେଇଛି। ମୁହାଣର ଦୁଇ ପଟରେ ପଥର ପେଚିଙ୍ଗ ହେବା ବଦଳରେ ଗୋଟିଏ ପଟରେ ଅଳ୍ପ ପଥର ଲଗାଯାଇଛି। ଏପରିକି ଲାଗିଥିବା ପଥର ବହୁତ ହାଲୁକା ହୋଇଥିବାରୁ ବଡବର୍ଷା ହେଲେ ତାହା ଧୋଇଯିବାର ଆଶଙ୍କା ଦେଖାଦେଇଛି। ଏହି ଆଡିବନ୍ଧ ପାଇଁ ଲଗାଯାଇଥିବା ସୂଚନା ଫଳକ ଅନୁସାରେ ଆର୍ଥିକ ବର୍ଷ ୨୦୨୪-୨୫ରେ କୃଷ୍ଣମୁହାଣ ଯୋର ଦୁଇ ପାର୍ଶ୍ୱରେ ବନ୍ୟା ନିୟନ୍ତ୍ରଣ ଆଡିବନ୍ଧ ନିର୍ମାଣ ପାଇଁ ୩୩ଲକ୍ଷ ୩୨ହଜାର ୫୭୩ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟାଦେଶ ଅନୁସାରେ ୩/୨/୨୦୨୫ ରୁ ୨/୮/୨୦୨୫ ତାରିଖ ମଧ୍ୟରେ ଏହି କାମ ଶେଷହେବ ବୋଲି ଉଲ୍ଲେଖ ଅଛି। ପ୍ରକାଶ ଯେ, ବର୍ଷା ପାଣି କୃଷ୍ଣମୁହାଣର ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୨୦ଜଣ ଚାଷୀଙ୍କ ଚାଷଜମି ନଷ୍ଟ ହେଉଥିଲା। ଏହାସହ ଶାଖାନଦୀର ପାଣି ମୂଲ୍ୟବାନ ଗଛ ବି ଉପାଡି ଦେଉଥିଲା। କ୍ଷତିଗ୍ରସ୍ତ ଚାଷୀ ଗାର୍ଡୱେଲ୍ ସହ ସେତୁର ଉଭୟ ପାର୍ଶ୍ୱରେ ପଥରପେକିଙ୍ଗ କରିବା ପାଇଁ ଦାବି କରିଥିଲେ। ଦାବିର ଗୁରୁତ୍ୱକୁ ନେଇ ଟଙ୍କା ମଞ୍ଜୁର ହୋଇ କାମ ଆରମ୍ଭ ହୋଇଥିଲା କିନ୍ତୁ ୩୩ ଲକ୍ଷର କାମକୁ ଦେଖିଲେ କିଭଳି କାମ ହୋଇଛି ତହା ବେଶ୍ ଜଣାପଡୁଛି ବୋଲି ସ୍ଥାନୀୟ ଚାଷୀ ପ୍ରକାଶ କରିବା ସହ ଏହାର ଏକ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଦାବି କରିଛନ୍ତି। ଏନେଇ ବିଭାଗୀୟ ଅଧିକାରୀ ଶ୍ରୀ ବେହେରାଙ୍କୁ ପଚାରିବାରୁ କାମ ଚାଲିଥିଲା ମଝିରେ ପଥର ମିଳିଲା ନାହିଁ ତେଣୁ କାମ ବନ୍ଦ ରିହିଲା ଏବେ ଗତକାଲି ଠାରୁ ଠିକାଦାର କାମ ଆରମ୍ଭ କରି ପଥର ପେକିଙ୍ଗ କରୁଛନ୍ତି। ବହୁ ଶୀଘ୍ର କାମ ସରିବ ବୋଲି ପ୍ରତିକ୍ରିୟା ରଖିଥିଲେ।

## ପ୍ରସ୍ତାବିତ ଠିପିଖୋଲା ମଦ ଦୋକାନକୁ ସରପଞ୍ଚଙ୍କ ବିରୋଧ



**କଳିଙ୍ଗନଗର,୧୪।୭ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ଗ୍ରାମ ପଞ୍ଚାୟତ ରେ ସ୍ଥାନାନ୍ତର ହୋଇ ଏକ ନୂଆ ଠିପି ଖୋଲା ମଦ ଦୋକାନ ହେବାକୁ ନେଇ ମଙ୍ଗଳ ପୁର ସରପଞ୍ଚ ବାବୁଲି ନାଟିଆଙ୍କ ପାଖକୁ ଅବକାରୀ ବିଭାଗ ପକ୍ଷ ଏକ ଚିଠି ଆସିଥିଲା, ଏହାକୁ ଲୋକପ୍ରିୟ ସରପଞ୍ଚ ଘୋର ବିରୋଧ କରିଥିବା ଦେଖିବାକୁ ମିଳିଛି, ଖବର ମତେ ଜିଲ୍ଲା ଅବକାରୀ ବିଭାଗ ତରଫରୁ ଏକ ପତ୍ର ସଂଖ୍ୟା ୧୭୬୩ ତାରିଖ ୩୦ /୦୬/୨୫ ରେ ସରପଞ୍ଚ ପ୍ରାପ୍ତ କରିଥିଲେ, ଯେଉଁଥିରେ ଲେଖା ଥିଲା ଯାଜପୁର ରୋଡ଼ ରେ ଥିବା ଘୁଙ୍ଗୁର ଠିପିଖୋଲା ମଦ ଦୋକାନ ନୂଆଗାଁ ମୌଜା ର ପ୍ଲଟ ନମ୍ବର ୯୪/୧୦୧୧ ଓ ଖାତା ନମ୍ବର ୨୩୮/୨୬୨ ରେ ହେବା ପାଇଁ ପ୍ରସ୍ତାବିତ ହୋଇଛି, ସରପଞ୍ଚ ଙ୍କ ଅଭିଯୋଗ ହେଲା ଏହି ପଞ୍ଚାୟତ ର ଅଧିକାଂଶ ଲୋକ ଦିନ ମଜୁରିଆ, କୃଷକ ଓ ସରଳ, ପଞ୍ଚାୟତ ର ପ୍ରବେଶ ପଥ ରେ ଯଦି ଏ ମଦ ଦୋକାନ ଟି ହୁଏ ବିଦ୍ୟାଳୟ ଓ କଲେଜ କୁ ଛାତ୍ର ଛାତ୍ରୀ ମାନେ ସେହି ରାସ୍ତା ଦେଇ ଯାତାୟାତ କରୁଛନ୍ତି, ସବୁ ସମୟରେ ଏହି ଛକ ଟି ଭିଡ଼ ରହୁଛି ତେଣୁ ଏହା ସମସ୍ତଙ୍କ ଉପରେ କୁ ପ୍ରଭାବ ପକାଇବ ଓ ଦୁର୍ଘଟଣା, ଗଣ୍ଡଗୋଳ ବୃଦ୍ଧି ପାଇବ, ଏହାକୁ ନେଇ ସରପଞ୍ଚ ଏକ ଗ୍ରାମ ସଭା କରି ସମସ୍ତଙ୍କ ନିଷ୍ପତି କ୍ରମେ ଜିଲ୍ଲପାଳ ସାକ୍ଷାତ କରି ଏହି ଠିପି ଖୋଲା ମଦ ଦୋକାନ ଟିକୁ ନ ଖୋଲିବା ପାଇଁ ଲିଖିତ ଅଭିଯୋଗ ଦେଇଛନ୍ତି, ସରପଞ୍ଚ ଙ୍କର ଏପରି କାର୍ଯ୍ୟକୁ ସମସ୍ତେ ପ୍ରଶଂସା କରି ସାଧୁବାଦ ଜଣାଇଛନ୍ତି।

## ନାଗରିକ ମଞ୍ଚ ପକ୍ଷରୁ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ



**ବରଗଡ଼,୧୪।୭ (ସଂଚାର ବ୍ୟୁରୋ):** ପରିବେଶ ସୁରକ୍ଷା ଜୀବନ ରକ୍ଷା ନାରା ଦେଇ ବରଗଡ଼ ସହରରେ ସାମୁହିକ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ବରଗଡ଼ ନାଗରିକ ମଞ୍ଚ ପକ୍ଷରୁ ଆୟୋଜିତ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ରେ ବିଭିନ୍ନ ସାମାଜିକ ସଂଗଠନ, ରାଜନୈତିକ ଦଳ ର ପ୍ରତିନିଧି, ସରକାରୀ ଅଧିକାରୀ, ବୁଦ୍ଧିଜୀବୀ, ଯୁବ ସଂଗଠନ, ମହିଳା ସମିତି ର ପ୍ରତିନିଧି ମାନେ ଯୋଗଦାନ କରି ଏହି କାର୍ଯ୍ୟକ୍ରମ କୁ ସଫଳ କରିଥିଲେ। ବରଗଡ଼ ପୁରୁଣା କଚେରୀ ପ୍ରାଙ୍ଗଣ, ମୁଖ୍ୟ ରାସ୍ତା କଡ଼, ଜର୍ଜ ହାଇସ୍କୁଲ ପଡ଼ିଆ ରେ ବିଭିନ୍ନ କିସମର ଚାରା ରୋପଣ କରାଯାଇଥିଲା। ପୂର୍ବରୁ ପରିବେଶ ସୁରକ୍ଷା ଓ ସାମୁହିକ ବୃକ୍ଷ ରୋପଣ ସମ୍ପର୍କିତ ଆଲୋଚନା ଚକ୍ର ରେ ବରଗଡ଼ ର ସମସ୍ତ ଙ୍କୁ ନେଇ ବୃକ୍ଷ ରୋପଣ କରିବା କୁ ନିଷ୍ପତ୍ତି ହୋଇଥିଲା। ସେହିକ୍ରମେ ରବିବାର ଦିନ ପ୍ରକୃତି ପ୍ରେମୀ ମାନେ ଆସି ବୃକ୍ଷ ଲଗାଇବା ସହ ନାଗରିକ ମଞ୍ଚ ର ସଭାପତି ଭୀଷ୍ମଦେବ ସରଫ ଙ୍କ ଜନ୍ମଦିନ ଥିବାରୁ ତାଙ୍କୁ ସମସ୍ତେ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମ ରେ ପୌରା ଅଧ୍ୟାକ୍ଷା କଳ୍ପନା ମାଝୀ, ଆସିଷ୍ଟାଣ୍ଟ କଲେକ୍ଟର ପଣ୍ଡା ସାର, ବିଜେପି ଜିଲ୍ଲା ସଭାପତି ଅରୂପା ସାହୁ, କଂଗ୍ରେସ ଜିଲ୍ଲା ସଭାପତି ହରଦୀପ ସିଂ, ଭରତ ମହାନ୍ତି, ବୀରେନ୍ଦ୍ର ପ୍ରଧାନ, ଆଇନ ଜୀବୀ ରମେଶ ପତି, କିରଣ ମିଶ୍ର, ସୁଶୀଲ ଶତପଥୀ, ଅନୁପ ଶତପଥୀ, ବିରବଲ ମହାକୁଡ଼, ବିକାଶ ଅଗ୍ରୱାଲ, ପୁରନ୍ଦର ଭୋସାଗର ଓ ବିଭିନ୍ନ ସଂଗଠନ ର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ କୁ ସଫଳ କରି ଥିଲେ।

## ଶ୍ରାବଣ ପ୍ରଥମ ସୋମବାର: ବାଲୁଙ୍କେଶ୍ୱରରେ କାଉଡ଼ିଆଙ୍କ ଜଳାଭିଷେକ



**ହିଞ୍ଜିଳିକାଟୁ,୧୪।୭ (ସଂଚାର ବ୍ୟୁରୋ):** ଶ୍ରାବଣ ମାସର ପ୍ରଥମ ସୋମବାର ଉପଲକ୍ଷେ ହିଞ୍ଜିଳିକାଟୁ ନୂଆଗଡ଼ ସ୍ଥିତ ବାଲୁଙ୍କେଶ୍ୱର ପୀଠରେ ବୋଲବମ୍‌ହରହର୍ ବମ୍ ଧ୍ୱନିରେ ପ୍ରକମ୍ପିତ ହୋଇଛି ଶୈବପୀଠ। ମହାଦେବଙ୍କୁ ଜଳାଭିଷେକ କରିବା ପାଇଁ ସକାଳୁ ସକାଳୁ ଶୈବ ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ସହର ସ୍ଥିତ ନୂଆଗଡ଼ ଓ ରେଗିଡ଼ି ସାହିର ବୋଲବମ ସଂଘର ସମସ୍ତ ଭକ୍ତ ମାନେ ରବିବାର ରାତିରୁ ନଦୀକୁ ଯାଇ ପୂଜାର୍ଚ୍ଚନା କରି ପାଣି ଭାର ଉଠାଇ ଖାଲି ପାଦରେ ଚାଲିଚାଲି ବାହାରିଥିଲେ ହିଞ୍ଜିଳିକାଟୁର ନୂଆଗଡ଼ ସ୍ଥିତ ବାଲୁଙ୍କେଶ୍ୱର ପୀଠକୁ। ସକାଳୁ ସକାଳୁ ମନ୍ଦିରରେ ପହଂଚି ସମସ୍ତ କାଉଡ଼ିଆ ମାନେ ଧାଡିରେ ଯାଇ ନିଜ ମନସ୍କାମନା କରି ବାଲୁଙ୍କେଶ୍ୱର ପୀଠରେ ଜଳାଭିଷେକ କରିଥିଲେ। ବହୁ କାଉଡ଼ିଆ ନୃତ୍ୟଗୀତର ତାଳେତାଳେ ଚାଲିଚାଲି ଆସୁଥିବାର ଦେଖିବାକୁ ମିଳିଥିଲା। ଗହଳିକୁ ଦୃଷ୍ଟିରେ ରଖି ବାଲୁଙ୍କେଶ୍ୱର ମନ୍ଦିର ପକ୍ଷରୁ କାଉଡ଼ିଆଙ୍କ ନିମନ୍ତେ ଧାଡ଼ି ବ୍ୟବସ୍ଥା, ପିଇବା ପାଣି, ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଇଥିଲା।

## ଜିଲ୍ଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର



**ବରଗଡ଼,୧୪।୭ (ସଂଚାର ବ୍ୟୁରୋ):** ପଦ୍ମପୁର ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲ୍ଲାପାଳ ଶ୍ରୀ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ଶ୍ରୀ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ଲଲାଟ କୁମାର ଲୁହା, ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କୁଣାଲ ମୋତିରାମ ଚହ୍ୱାନ, ପଦ୍ମପୁର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶ୍ରୀ ମନୋଜ ଦେବତା, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଶ୍ରୀ କୁବେର ମହନ୍ତ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ଶ୍ରୀ ପାଣ୍ଡବ ଶବର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ। ସୂଚନାଯୋଗ୍ୟକି, ଉକ୍ତ ଶିବିରରେ ଜଳସେଚନ, ବିଦ୍ୟୁତ୍ ଯୋଗାଣ, ପାନୀୟ ଜଳ ଯୋଗାଣ, ରାସନ କାର୍ଡ, ବାର୍ଦ୍ଧକ୍ୟ ଏବଂ ବିକଳାଙ୍ଗ ଭତ୍ତା, ରାସ୍ତା ନିର୍ମାଣ, କୃଷି ଆଦି ସମସ୍ୟା ଅଧାରିତ ସମୁଦାୟ ୪୬ ଗୋଟି ଅଭିଯୋଗ ମଧ୍ୟରୁ ୩୩ ଗୋଟି ବ୍ୟକ୍ତିଗତ, ୧୩ ଗୋଟି ସାମୁହିକ ଅଭିଯୋଗ ଏବଂ ୧ ଗୋଟି ରେଡକ୍ରସ୍ ଅଭିଯୋଗର ଶୁଣାଣି କରି ସମସ୍ତ ସମସ୍ୟା ଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଭେଟିଲେ ସରପଞ୍ଚ ସଂଘ୍ କାର୍ଯ୍ୟକର୍ତ୍ତା

**ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ସରପଞ୍ଚ ସଂଘ କର୍ମକର୍ତ୍ତା ସଭାନେତ୍ରୀ ଶ୍ରୀୟା କର୍ମୀ ଙ୍କ ନେତୃତ୍ୱରେ ବୀରମହାରାଜପୁର ପଞ୍ଚାୟତ ସମିତି ସଭାଗୃହରେ ହେଉଥିବା ଜିଲ୍ଲାପାଳ ଙ୍କ ଅଭିଯୋଗ ପ୍ରକୋଷ୍ଠରେ ଜିଲ୍ଲା ମାଜିଷ୍ଟ୍ରେଟ ଅନ୍ୟା ଦାସ ଓ ଜିଲ୍ଲା ପୋଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାଏକ ଙ୍କୁ ଭେଟି ଡୁଙ୍ଗୁରିପାଲି ବ୍ଲକ୍ ରାମ ପୁର ଥାନା ଅନ୍ତର୍ଗତ ଗଜବନ୍ଧ୍ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ଙ୍କ ଅମାନୁଷିକ ହତ୍ୟାକାଣ୍ଡ ଆସାମୀ ଙ୍କୁ କଠୋର ଆଇନର ଦଣ୍ଡବିଧାନ ଓ ତାଙ୍କ ଧର୍ମପତ୍ନୀ ତଥା ସରପଞ୍ଚ ବାସନ୍ତୀ ଖେତି ଙ୍କ ପାରିବାର ବର୍ଗଙ୍କୁ ସୁରକ୍ଷା ଦାବୀ କରିଥିଲେ। ଗତ ବର୍ଷ ଜୁଲାଇ ୨୪ ତାରିଖରେ ଦିନ ଡୁଙ୍ଗୁରିପାଲି ବ୍ଲକ୍ ଇଚ୍ଛାପୁର ଗ୍ରାମପଞ୍ଚାୟତ ସରପଞ୍ଚ ପ୍ରଶାନ୍ତ ସାହୁ ଙ୍କୁ ବ୍ଲକ୍ ପରିସରରେ ସ୍ପଷ୍ଟ ଦିବାଲୋକରେ ମରଣାନ୍ତକ ଆକ୍ରମଣ ଓ ଗତ ୧୦ ତାରିଖ ରେ ପୂର୍ବତନ ସରପଞ୍ଚ ବଲ୍ଲଭ ଖେତିଙ୍କୁ ନିର୍ମମ ହତ୍ୟା କୁ ଦୃଷ୍ଟିରେ ରଖି ଜିଲ୍ଲା ର ସମସ୍ତ ତୃଣମୂଳ ସ୍ତର ନିର୍ବାଚିତ ସରପଞ୍ଚ ଓ ପରିବାର ବର୍ଗ ଙ୍କ ସୁରକ୍ଷା ଦାବି କରିଥିଲେ। ପୋଲିସ ଆରକ୍ଷୀ ଅଧିକ୍ଷକ ନାରାୟଣ ନାୟକ ପ୍ରତିନିଧି ମଣ୍ଡଳୀ ଙ୍କ ଦାବୀ ର ଗୁରୁତ୍ୱ ଉପଲବଧ କରି ପୋଲିସ ଆବଶ୍ୟକୀୟ ସାହଯୋଗର ନିର୍ଭର ପ୍ରତିଶ୍ରୁତି ପ୍ରଦାନ କରିଥିଲେ। ସ୍ୱର୍ଗତ ବଲ୍ଲଭ କ୍ଷେତି ଙ୍କ ହତ୍ୟା ଅନୁସନ୍ଧାନ ସଠିକ୍ ଭାବରେ କରାଯାଇ ଆସାମୀ ଙ୍କୁ ଗିରଫ କରାଯାଇଥିବା ସମ୍ପର୍କରେ ଅବଗତ କରିଥିଲେ। ପ୍ରତିନିଧି ମଣ୍ଡଳୀ ରେ ସଂଘ ଉପସଭାନେତ୍ରି ଅନୁଷୟା ପଧାନ, ସଂପାଦକ ସୂର୍ଯ୍ୟ ନନ୍ଦ, କୋଷାଧ୍ୟକ୍ଷ ଜୟଶ୍ରୀ ଦେହୁରୀ, ଉପଦେଷ୍ଟା ସରପଞ୍ଚ ମହେନ୍ଦ୍ର ଜଗଦଲା, ବନିତା ସେଠୀ ଓ ଅନ୍ୟ ମାନେ ଉପସ୍ଥିତ ଥିଲେ।

# ଅନ୍ଧାରରେ କାଉଡ଼ୋଳା ବସଷ୍ଟପ

## ରାତିରେ ସୁରକ୍ଷିତ ମଣୁନାହାଁନ୍ତି ଯାତ୍ରୀ



**ଭବାନୀପାଟଣା,୧୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାଉଡୋଲା ବସଷ୍ଟାଣ୍ଡ ଜାତୀୟ ରାଜପଥ ୨୬ ରେ ରହିଥିବା ବେଳେ ଏହିଠାରୁ ଦୁରସ୍ଥାନ କୁ ଯାତ୍ରା କରିବା ପାଇଁ ପ୍ରତିଦିନ ସନ୍ଧ୍ୟାରେ ଅନେକ ଯାତ୍ରୀ ବସ କୁ ଅପେକ୍ଷା କରି ରହୁଥିବା ଦେଖିବାକୁ ମିଳେ, ତେବେ ବସଷ୍ଟାଣ୍ଡରେ ଥିବା ହାଇମ୍ୟାକ୍ସ ଲାଇଟ ଦୀର୍ଘମାସ ହେବ ମରାମତି ଅଭାବ ରୁ ଅଚଳ ହୋଇପଡ଼ିଛି, ଫଳରେ ସନ୍ଧ୍ୟା ପରେ ଏଠାରେ ଅନ୍ଧାର ରାଜୁତି କରୁଛି। ଅନ୍ଧାରରେ ଚୋରୀ ଡକାୟତି, ମଦ୍ୟପ, ଏମିତିକି ବୁଲା କୁକୁରଙ୍କ ଭୟ ରହିଛି। ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ଯୋଜନାରେ ଗ୍ରାମାଞ୍ଚଳରେ ଥିବା ମୁଖ୍ୟ ସ୍ଥାନ ଗୁଡିକରେ ଆଲୋକିତ କରିବା ପାଇଁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରୁଥିବା ବେଳେ, ସ୍ଥାନୀୟ ପଞ୍ଚାୟତ କର୍ମଚାରୀ, ଠିକାଦାର ଓ ଲାଭଖୋର ଅଧିକାରି ମାନଙ୍କ ଅବହେଳା ପାଇଁ ଅନେକ ଲାଇଟ କିଛିମାସ ଜଳିବା ପରେ ଅଚଳ ହୋଇ ପଡୁଛି, ତେବେ ଦାୟିତ୍ୱରେ ଥିବା ସ୍ଥାନୀୟ ପଞ୍ଚାୟତ କର୍ତ୍ତୃପକ୍ଷ ଏଦିଗରେ କୌଣସି ଦୃଷ୍ଟି ନଦେବାରୁ ଜନ ସାଧାରଣ ମାନେ ଅସୁବିଧା ର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। କାଉଡୋଲା ବସଷ୍ଟପ୍ ଜାତୀୟ ରାଜପଥ ୨୬ ଦେଇ ଯାଇଥିବାରୁ ଭୁବନେଶ୍ୱର, ବିଶାଖାପାଟଣା, ହାଇଦ୍ରାବାଦ, ଜୟପୁର, ମାଲକାନଗିରି, ସମ୍ବଲପୁର, ରାଉରକେଲା ଭଳି ସହର କୁ ପ୍ରତିଦିନ ଅନେକ ଯାତ୍ରୀ ଏଠାରେ ଅପେକ୍ଷା କରିଥାନ୍ତି। ତେବେ ଦୁର୍ଭାଗ୍ୟ ବିଷୟ ଯେ, ଏହି କାଉଡୋଲା ବସଷ୍ଟପ ବ୍ଲକର ଏକ ମୁଖ୍ୟ ସ୍ଥାନ ହୋଇଥିଲେ ସତ୍ତ୍ୱେ ଅଚଳ ଲାଇଟ ମରାମତି ପାଇଁ କାହାରି ନଜର ପଡୁନାହିଁ। ଏନେଇ ବାରମ୍ବାର ସ୍ଥାନୀୟ ପଞ୍ଚାୟତ କୁ ଗ୍ରାମବାସୀ ମାନେ ଅଭିଯୋଗ ସତ୍ତ୍ୱେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି। ଏଦିଗରେ ବ୍ଲକ ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ କାଉଡୋଲା ବସଷ୍ଟପକୁ ଆଲୋକିତ କରିବା ପାଇଁ ଅଞ୍ଚଳବାସୀ ସମେତ ଯାତ୍ରୀମାନେ ଦାବୀ କରିଛନ୍ତି। ଏନେଇ କୋକସରା ଗୋଷ୍ଠି ଉନ୍ନୟନ ଅଧିକାରୀ ଡ଼ . ହିମାଞ୍ଚଳ ମାଝୀ ଙ୍କୁ ପଚାରିବାରୁ ତୁରନ୍ତ ଏହି ସମସ୍ୟା ଉପରେ ଧ୍ୟାନ ଦିଆଯିବ ବୋଲି କହିଛନ୍ତି। ତେବେ କେବେ ବସଷ୍ଟାଣ୍ଡରେ ଲାଇଟ ଜଳିବ ଓ ଯାତ୍ରୀ ନିଜକୁ ସୁରକ୍ଷିତ ମଣିବେ ତାହା ଦେଖିବାକୁ ବାକି ରହିଲା।

## ତହସିଲ କର୍ମଚାରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର



**ବୈଶିଙ୍ଗା, ୧୪।୭ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବେତନଟୀ ଥାନା ଅର୍ନ୍ତଗତ ମୁଖ୍ୟ ବଜାର ଧର୍ମଶାଳା ସମ୍ମୁଖ ବାସଭବନରୁ ସୋମବାର ସକାଳୁ ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମିଳିଥିବା ସୂଚନା ମୁତାବକ ବେତନଟୀର ବିଶ୍ୱଜିତ ପରିଡା ବେତନଟୀ ତହସିଲ ଅଫିସରେ ଆଉଟ୍ ସୋର୍ସିଙ୍ଗ କର୍ମଚାରୀ ଭାବେ କାର୍ଯ୍ୟରତ। ରବିବାର ସନ୍ଧ୍ୟାରେ ଘରକୁ ଫେରି ନିଜ ରୁମରେ କବାଟ ବନ୍ଦକରି ଶୋଇଥିଲେ। ସୋମବାର ସକାଳେ ଉଠିବାରେ ବିଳମ୍ବ ହେବାରୁ ଅଫିସ ଯିବା ସମୟ ହୋଇଯାଉଥିବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ମାତ୍ର ବିଶ୍ୱଜିତ କବାଟ ଖୋଲିନଥିଲେ କି କୌଣସି ଉତ୍ତର ଦେଇନଥିଲେ। ଘର ଲୋକେ ବାରମ୍ବାର ଡାକିବା ସତ୍ତ୍ୱେ ବିଶ୍ୱଜିତ କବାଟ ନଖୋଲିବାରୁ ପଡୋଶୀଙ୍କୁ ଡାକି କବାଟ ଭାଙ୍ଗି ଦେଇଥିଲେ। ହେଲେ ଘର ଭିତରେ ବିଶ୍ୱଜିତଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ବିଶ୍ୱଜିତ ସୋଫା କଭରରେ ଫାଶୀ ଦେଇ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସେ ବେତନଟୀ ତହସିଲରେ ଆଉଟ୍ ସୋର୍ସିଙ୍ଗ ପ୍ରକ୍ରିୟାରେ ନିଯୁକ୍ତି ପାଇଥିବା ବେଳେ ତାଙ୍କ ମୃତ୍ୟୁ ଘଟଣାକୁ ନେଇ ବିଭିନ୍ନ କଥା ଶୁଣିବାକୁ ମିଳୁଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପରିବା ଦର ଆକାଶଛୁଆଁ

## ଦିନ ମଜୁରିଆ ଅବସ୍ଥା କହିଲେ ନ ସରେ



**କଣାସ,୧୪।୭ (ସଂଚାର ବ୍ୟୁରୋ):** କଣାସ ଅଞ୍ଚଳରେ ବନ୍ୟାଜଳ ଆସିବାରୁ ପରିବା ଫସଲ ବୁଡି ନଷ୍ଟ ହୋଇଯାଇଥିବା ବେଳେ ବାହାରୁ ଆସୁଥିବା ପରିବା ଦର ଆକାଶ ଛୁଆଁ ହୋଇଥିବାରୁ ମଧ୍ୟବର୍ତ୍ତୀ ଓ ଦିନ ମଜୁରିଆ ଶ୍ରେଣୀର ଲୋକମାନେ ନାହିଁ ନ ଥିବା ଅସୁବିଧାର ସମୁଖିନ ହେଉଛନ୍ତି। ବାଇଗଣ କେଜି ୧୦୦ଟଙ୍କା, ପୋଟଳ ୮୦ଟଙ୍କା, ଜହ୍ନି ୭୦ଟଙ୍କା, ଭେଣ୍ଡି ୬୦ଟଙ୍କା, ସଜନାଛୁଇଁ ୧୨୦ଟଙ୍କା, ଲଙ୍କା ୨୦୦ଟଙ୍କା, ରସୁଣ ୧୫୦ଟଙ୍କା, ଅଦା ୧୫୦ଟଙ୍କା, ଫୁଲକୋବି ଗୋଟା ପ୍ରତି ୮୦ଟଙ୍କା, ଟମାଟ ୪୦ଟଙ୍କା, ପିଆଜ ୩୦ଟଙ୍କା, କଖାରୁ ୩୦ଟଙ୍କା, ଆଳୁ ୨୦ଟଙ୍କାରେ ବିକ୍ରି ହେଉଥିବାରୁ ଗରିବ ଲୋକମାନେ ୧କେଜି ଜାଗାରେ ୨୫୦ଗ୍ରାମ ପରିବାର ନେଇ କାର୍ଯ୍ୟ ଚଳାଉଛନ୍ତି। ପରିବାଦୋକାନି ହାତବାନ୍ଧି ବସିଥିବା ଫଟୋ ଇ-ମେଲ୍‌ରେ ପଠାଗଲା।

## ତ୍ରିବେଣୀ ଘାଟରେ କାଉଡ଼ିଆଙ୍କ ପୂଜାର୍ଚ୍ଚନା

**କଣାସ,୧୪।୭ (ସଂଚାର ବ୍ୟୁରୋ):** ଶ୍ରାବଣମାସର ପ୍ରଥମ ସୋମବାର ପାଇଁ କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟା, ଲୁଣା, ଭାର୍ଗବୀନଦୀର ସଂଗମସ୍ଥଳ ବଡଗୋଠ ଠାରେ ତ୍ରିବେଣୀ ସଂଗମସ୍ଥଳରେ ପ୍ରଥମ ସୋମବାର ପାଇଁ କାଉଡିଆମାନେ ଆଜି ପୂଜା ଅର୍ଚ୍ଚନା କରିବା ସହିତ ପାଣିଭାର ଧରି ପୁରୀ ଲୋକନାଥ ଦେବ, ଓଲର ଇନ୍ଦିରଶ୍ୱର ଦେବ, ଗଡିଶ୍ୱର ଦେବ ଏବଂ ନିଜ ନିଜ ଗ୍ରାମରେ ଥିବା ଶୈବପୀଠକୁ କାଉଡିଆମାନେ ପାଣିଭାର ଧରି ଶିବାଙ୍କ ନାମ ଉଚାରଣ କରି ଲମ୍ବାଧାଡିରେ ଆଜି ଯାଉଥିବା ଦେଖିବାକୁ ମିଳିଛି।

## ଦେବଗିରିରେ ଶ୍ରାବଣ ପ୍ରଥମ ସୋମବାର

**ନର୍ଲା, ୧୪।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ମଠରେ ଶ୍ରାବଣ ପ୍ରଥମ ସୋମବାର ଦିନ ଶ୍ରଦ୍ଧାଳୁ ଓ ଭକ୍ତଙ୍କ ଭିଡ ପରିଳକ୍ଷିତ ହେଇଛି। ପ୍ରାଚୀନ ମହାକାନ୍ତାର ସଭ୍ୟତାର ଧାର୍ମିକ ପିଠସ୍ଥଳୀ ଦେବଗିରି ଐତିହାସିକ, ପ୍ରତ୍ନତାତ୍ତ୍ୱିକ ଓ ପୌରାଣିକ ବିଭବରେ ପରିପୂର୍ଣ୍ଣ। ଭବାନୀପାଟଣା ଠାରୁ ୩୦ କିମି ଦୂରରେ ଥିବା ଏହି ସ୍ଥାନ ପ୍ରାକୃତିର ମନୋରମ ପରିବେଶ ମଧ୍ୟରେ ରହିଥିବାରୁ ବର୍ଷ ତମାମ ପର୍ଯ୍ୟଟକଙ୍କ ସୁଅ ଛୁଟିବାରେ ଲାଗିଥାଏ। ଓଡ଼ିଶା ହିନ୍ଦୁ ଦେବୋତ୍ତର ବିଭାଗ ଅଧୀନରେ ଥିବା ଦେବଗିରି ମଠରେ ମହାଶିବରାତ୍ରୀ, ରଥଯାତ୍ରା, ନବରାତ୍ର, ଗଣେଶ ଚତୁର୍ଥୀ ଓ ଜନ୍ମାଷ୍ଟମୀ ଆଦି ମୁଖ୍ୟ ପର୍ବପର୍ବାଣୀ ପାଳିତ ହେଉଥିବାବେଳେ ଶ୍ରାବଣ ମାସର ପ୍ରତ୍ୟେକ ସୋମବାର ମଧ୍ୟ ପ୍ରବଳ ଭକ୍ତ ସମାଗମ ହୋଇଥାଏ। ଆଜି ଚଳିତବର୍ଷ ଶ୍ରାବଣର ପ୍ରଥମ ସୋମବାର ହୋଇଥିବାରୁ ଦୂର ଦୂରାନ୍ତରୁ ମହାଦେବଙ୍କ ଦର୍ଶନ କରିବାକୁ ଶ୍ରଦ୍ଧାଳୁମାନେ ଛୁଟି ଆସିଥିଲେ। ବୋଲବମ ଭକ୍ତ ଓ ଶ୍ରଦ୍ଧାଳୁମାନେ



ଭକ୍ତି ସହକାରେ ପବିତ୍ର ପାଣି ନେଇ ଦେବଗିରି ଗୁମ୍ଫା ମଧ୍ୟସ୍ଥ କାଶି ବିଶ୍ୱନାଥ ମହାଦେବଙ୍କୁ ଜଳାଭିଷେକ କରିଥିଲେ। ମଠର ମ୍ୟାନେଜିଂ ଟ୍ରଷ୍ଟି ସୁନୀଲ କୁମାର ଧଙ୍ଗଡ଼ାମାଝୀଙ୍କ ତତ୍ତ୍ୱାବଧାନରେ ସେବାୟତ ଓ ପୂଜକ ପୂଜାକାର୍ଯ୍ୟ ସମ୍ପାଦନ କରିଥିବାବେଳେ ଟ୍ରଷ୍ଟ ବୋର୍ଡ଼ ସଦସ୍ୟମାନେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ନର୍ଲା ପୋଲିସ ମୁତୟନ ହୋଇଥିଲେ।

## ଜିଲ୍ଲାସ୍ତରୀୟ ସନ୍ତରଣ ପ୍ରତିଯୋଗିତା ଅନୁଷ୍ଠିତ

**ସୁବର୍ଣ୍ଣପୁର,୧୪।୭ (ସଂଚାର ବ୍ୟୁରୋ):** ୪ତମ ଜିଲ୍ଲା ସ୍ତରୀୟ ସନ୍ତରଣ ପ୍ରତିଯୋଗିତା -୨୦୨୫ ରାମେଶ୍ୱର ଷ୍ଟାଡିୟମ୍ ପରିସରରେ ଥିବା ବିଜୁ ପଟ୍ଟନାୟକ ସନ୍ତରଣଗାର ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ସନ୍ତରଣକରୀ ମାନେ ଉଭୟ ଜୁନିଅର ଓ ସବ ଜୁନିଅର ବିଭାଗ ନିମନ୍ତେ ଆଗାମୀ ରାଜ୍ୟରେ ହେବାକୁ ଥିବା ସନ୍ତରଣ ପ୍ରତିଯୋଗିତା ପାଇଁ ଅଂଶ ଗ୍ରହଣ କରିଥିଲେ। ପ୍ରତିଯୋଗିତା ରେ ୧୦୫ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ। ୭୦ ଜଣ ପୁଅ ଓ ୩୫ ଜଣ ଝିଅ ଅଂଶ ଗ୍ରହଣ କରିଥିଲା ବେଳେ ଶେଷରେ କୁନି କୁନି ସନ୍ତରଣକାରୀ ମାନଙ୍କୁ ପୁରସ୍କୃତ କରି ଉତ୍ସାହିତ କରାଯାଇଥିଲା। ଏହି ପ୍ରତିଯୋଗିତା କୁ ଜିଲ୍ଲା ସନ୍ତରଣ ସଂଘ ସଭାପତି ଜୟନାରାୟଣ ମେଣ୍ଡିଲୀ ଙ୍କ ଉପସ୍ଥିତିରେ ଏବଂ ସନ୍ତରଣଗାର ର ମୁଖ୍ୟ କୋଚ ସଞ୍ଜୟ କୁମାର ପାଣ୍ଡେ ସହକୋଚ ନିମାଇଁ ଚରଣ ବାଘ, ଦିଗାମ୍ବର ଶତପଥୀ, ବିଦ୍ୟାଧର ମିଶ୍ର, ବିଶ୍ୱ ରଞ୍ଜନ ଦଳାଇ, ପ୍ରକାଶ ମେହେର, ମନୋରଞ୍ଜନ ମିଶ୍ର, ଭକ୍ତି ରଞ୍ଜନ ଦଳାଇ, ସ୍ୱର୍ଣ୍ଣପ୍ରଭା ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟୁତ ଆଘାତରେ ଯୁବକ ମୃତ୍ୟୁ

- ରାଜପଥରେ ଶବ ରଖି ରାସ୍ତା ଅବରୋଧ, ଶବ ଉଠାଇନେଲା ପୁଲିସ



**ଭବାନୀପାଟଣା,୧୪।୭ (ସଂଚାର ବ୍ୟୁରୋ):** ବିଦ୍ୟୁତ ଆଘାତ ରେ ଆସି ଜଣେ ଯୁବକ ଙ୍କ ମୃତ୍ୟୁ ପରେ ପରିବାର ଲୋକେ ଓ ଗ୍ରାମବାସୀ ମାନେ କଳାହାଣ୍ଡି ଜିଲ୍ଲା କୋକସରା ଥାନା ଅନ୍ତର୍ଗତ କୁସୁମଖୁଣ୍ଟି ନିକଟରେ ଜାତୀୟ ରାଜପଥ ୨୬ କୁ ରବିବାର ସନ୍ଧ୍ୟା ୬ଟା ଠାରୁ ଅବରୋଧ କରିବା ସହ ମୃତକ ଯୁବକ ଙ୍କ ପରିବାର କୁ କ୍ଷତିପୂରଣ ପ୍ରଦାନ ଦାବି କରିଥିଲେ। ସୂଚନା ମତେ କୁସୁମଖୁଣ୍ଟି ଗ୍ରାମର ପଦ୍ମନ ବେହେରା ଙ୍କ ପୁଅ ଦୁଃଖିଧନ ବେହେରା (୩୨) ସ୍ଥାନୀୟ ଗ୍ରାମ ର ଜନୈକ ଲୋକଙ୍କ ଙ୍କ ଘର ବିଦ୍ୟୁତ ସଂଯୋଗ ସଜାଡ଼ିବାକୁ ଆସି ବିଦ୍ୟୁତ ପୋଲ ନିକଟରେ ସଂଯୋଗ କରୁଥିବା ବେଳେ ବିଦ୍ୟୁତ ଆଘାତ ରେ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମୃତ୍ୟୁ ପରେ ମୃତକ ଯୁବକ ଙ୍କ ପରିବାର ଲୋକେ ସନ୍ଧ୍ୟା ୬ ଘଣ୍ଟା ରୁ କ୍ଷତିପୂରଣ ଦାବି ରେ ଜାତୀୟ ରାଜପଥ ୨୬ କୁ କୁସୁମଖୁଣ୍ଟି ନିକଟରେ ଅବରୋଧ କରିଥିଲେ। ରାସ୍ତା ଅବରୋଧ ଖବର ପାଇ ଘଟଣାସ୍ଥଳରେ କୋକସରା ପୋଲିସ ଆଇଆଇସି ସ୍ନିଗ୍ଧା ରାଣି ସୁନା ସମେତ ମୋଟେର ଫାଣ୍ଡିପୋଲିସ ଟିମ ଓ କୋକସରା ତହସିଲଦାର ପହଞ୍ଚି ରାସ୍ତା ଅବରୋଧ ରେ ବସିଥିବା ପରିଜନ ଙ୍କ ସହ ଆଲୋଚନା କରିଥିଲେ।ତେବେ କ୍ଷତିପୂରଣ ଜିଦ ରେ ପରିବାର ଲୋକେ ରାସ୍ତା ଅବରୋଧ ରେ ଅଡ଼ି ବସିଥିଲେ, ଫଳରେ ଭବାନୀପାଟଣା ଜୟପୁର ମଧ୍ୟରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ସରକାରୀ ନିୟମ ମୁତାବକ କ୍ଷତିପୂରଣ ଯୋଗାଇ ଦିଆଯିବା ନେଇ କହିବା ସତ୍ତ୍ୱେ ମଧ୍ୟ ରାଜି ନହେବାରୁ ପୋଲିସ ଫୋର୍ସ ବଳ ପୂର୍ବକ ଶବ କୁ ରାସ୍ତା ରୁ ଉଠାଇ ନେଇଥିଲେ।

## ଭଉଣୀଙ୍କୁ ହତ୍ୟା ଅଭିଯୋଗରେ ଭାଇକୁ ଜେଲଦଣ୍ଡ

**ବାରିପଦା,୧୪।୭ (ସଂଚାର ବ୍ୟୁରୋ):** ଏକ ହତ୍ୟା ମାମଲାର ବିଚାର କରି ମାନ୍ୟବର ଅତିରିକ୍ତ ଜିଲ୍ଲା ଓ ଦୌରାଜଜ (ପ୍ରଥମ) ସତ୍ୟନାରାୟଣ ପାତ୍ର ଅଭିଯୁକ୍ତ ହତ୍ୟାକାରୀ ମୟୁରଭଞ୍ଜ ଜିଲ୍ଲା ବାଙ୍ଗରିପୋଷୀ ଥାନା ଅନ୍ତର୍ଗତ ବ୍ରାହ୍ମଣୀ ଗାଁ ର ଭୁଦାନ ହେମ୍ବ୍ରମ (୪୫) କୁ ଭାରତୀୟ ପିଙ୍ଗଳ କୋର୍ଡ ଦଫା ୩୦୪ ପାର୍ଟ (୨) ଅନୁଯାୟୀ ପାଞ୍ଚ ବର୍ଷ ସଶ୍ରମ କାରାଦଣ୍ଡ ସମେତ କୋଡିଏ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଏକ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଏଥି ସହିତ ଆଦାୟ ଜୋରିମନା ଅର୍ଥ କୁ ମୃତକ ଙ୍କ ପରିବାର ବର୍ଗ କୁ ଦେବା ପାଇଁ ରାୟରେ ଉଲେଖ କରାଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ୨୦୨୩ ମସିହା ମାର୍ଚ୍ଚ ୨୧ ତାରିଖ ଦିନ ଅଭିଯୁକ୍ତ ଭୁଦାନ ହେମ୍ବ୍ରମ ଏବଂ ତାର ସ୍ତ୍ରୀ ମାଳତି ହେମ୍ବ୍ରମ ଉକ୍ତ ଥାନା ଅନ୍ତର୍ଗତ ବେଗୁନିଆବନ୍ଧକୁ ଭୁଦାନ ର ବଡ଼ ଭଉଣୀ ଜାବା ବାସ୍କେ ଘର ଗାଁ କୁ ଯାଇଥିଲେ।





# ପର୍ଯ୍ୟଟନର ନୂଆ ସମ୍ଭାବନା

# ଦରଗୁଡ଼ିଶିଳା

**ପ୍ରକୃତି ଓ ପରିବେଶକୁ ଭଲପାଉଥିବା ପର୍ଯ୍ୟଟକଙ୍କ ପାଇଁ କେନ୍ଦୁଝର ଜିଲ୍ଲାର ଦରଗୁଡିଶୀଳା ଏକ ଆକର୍ଷଣୀୟ ସ୍ଥାନ। ଯଦି ଆପଣ ସହରର ପ୍ରଦୂଷିତ ପରିବେଶଠାରୁ ଦୂରକୁ ଯାଇ କିଛି ସମୟ ପ୍ରକୃତି କୋଳରେ କଟାଇବାକୁ ଚାହୁଁଥାଆନ୍ତି ତେବେ ଦରଗୁଡିଶୀଳାରେ ପହଞ୍ଚିଲେ ନିଶ୍ଚୟ ଆନନ୍ଦ ଅନୁଭବ କରିବେ। ସେଠାକାର ମନୋରମ ପ୍ରାକୃତିକ ଶୋଭା କୌଣସି ଏକ ବଲିଉଡ୍ ସିନେମାରେ ପ୍ରଦର୍ଶିତ ଦୃଶ୍ୟ ପରି ମନେ ହେବ।**

## କ'ଣ ଦେଖିବେ ?

କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକର କାଦବାହାଳୀ ଗାଁର ଗୋଟିଏ ଛୋଟିଆ ଶାଖା ଗାଁ ବା ପଡାଗ୍ରାମ ହେଉଛି ଦରଗୁଡିଶିଳା। ଏହି ଗାଁଟି ଘଞ୍ଚ ଜଙ୍ଗଲ ଭିତରେ ରହିଛି। ପୁଣି ଏହି ଜଙ୍ଗଲ ଭିତର ଦେଇ ବହି ଯାଇଛି ବୈତରଣୀ ନଦୀ। ଆଉ ବୈତରଣୀ ନଦୀର ଜଙ୍ଗଲ ଦେଇ ଦରଗୁଡିଶିଳା ଅତିକ୍ରମ କଲା ବେଳେ ଏକାଧିକ ବୃକ୍ଷରାଜିକୁ ଛୁଇଁ ଅତିକ୍ରମ କରିଛି। ସବୁଜିମା ଓ ନୀଳ ଜଳରାଶିର ସମନ୍ୱୟ ସୃଷ୍ଟି କରିଛି ଅତ୍ୟନ୍ତ ମନୋରମ ଦୃଶ୍ୟ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ଦରଗୁଡ଼ିଶିଳାରେ ବୈତରଣୀ ସ୍ରୋତସ୍ୱିନୀ କିନ୍ତୁ ଜଳର ଗଭୀରତା କମ୍। ତେଣୁ ଚଟାଣ ପଥରରେ ବୈତରଣୀର ପାଣି ଧକ୍କା ଖାଇ ଯେଉଁ କୁଳୁକୁଳୁ ଶବ୍ଦ ସୃଷ୍ଟି କରେ, ତାହା ମଧ ପର୍ଯ୍ୟଟକଙ୍କୁ ବିମୁଗ୍ଧ କରିବ।



## କେଉଁମାନେ ଓ କାହିଁକି ପସନ୍ଦ କରନ୍ତି ?

ବିଶେଷ କରି ଯେଉଁମାନେ ସହରର କୋଳାହଳ ଭିତରେ ରହି ନିରୋଳାରେ ମୁକ୍ତ ପରିବେଶ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରିବାକୁ ଚାହୁଁଛନ୍ତି, ସେମାନଙ୍କ ପାଇଁ ଦରଗୁଡିଶିଳା ପ୍ରକୃଷ୍ଟ ସ୍ଥାନ। ଏଠାରେ ସେମାନ ବଣଭୋଜି ସହିତ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ପାଖରୁ ଅନୁଭବ କରି ପାରିବେ। ଏଥିସହ ସେଠାରେ ବିଭିନ୍ନ ପ୍ରଜାତିର ପକ୍ଷୀଙ୍କ ସମାଗମ ମଧ ହୋଇଥାଏ। ତେଣୁ ପକ୍ଷୀପ୍ରେମୀଙ୍କ ଲାଗି ଦରଗୁଡ଼ିଶିଳା ଦର୍ଶନୀୟ। ସେହିପରି ପ୍ରାକୃତିକ ଦୃଶ୍ୟକୁ କ୍ୟାମେରା ଲେନ୍ସରେ କଏଦ୍ କରୁଥିବା ଫଟୋଗ୍ରାଫରଙ୍କୁ ସେଠାରେ ଖୋରାକ ମିଳିବ।

## କେମିତି ଯିବେ ?

ରାଜଧାନୀ ଭୁବନେଶ୍ୱରରୁ ଏହି ପର୍ଯ୍ୟଟନସ୍ଥଳୀ ପାଖାପାଖି ୧୯୦ କିମି ଦୂରରେ ରହିଛି। ଭୁବନେଶ୍ୱରରୁ କାରଯୋଗେ ଆସୁଥିବା ପର୍ଯ୍ୟଟକମାନେ କୋଳିମାଟି ନିକଟସ୍ଥ କୁମଡ ଛକଠାରୁ ଡାହାଣକୁ ପ୍ରାୟ ୧୮ କିଲୋମିଟର ଗଲେ ଦରଗୁଡିଶିଳା ପଡେ। ଏଠାକୁ ଯିବା ପାଇଁ ଯଦିଓ ସବୁଦିନିଆ ରାସ୍ତା ନାହିଁ, ମାତ୍ର ପର୍ଯ୍ୟଟନ ଋତୁରେ ଏଠାକୁ ଯାଇ ହେବ ଏବଂ ସେଠାରେ ବଣଭୋଜି କରିହେବ। ଏଠାରେ ଯେଉଁମାନେ ବଣଁଭୋଜି କରିଥାନ୍ତି, ସାଧାରଣତଃ ନିଜ ସହିତ ସମସ୍ତ ଭୋଜି ସାମଗ୍ରୀ ସାଥିରେ ନେଇଥାନ୍ତି ଏବଂ ସେଠାରୁ କାଠ ସଂଗ୍ରହ କରି ଭୋଜି କରିଥାନ୍ତି। ଦରଗୁଡ଼ିଶିଳାକୁ ଏପର୍ଯ୍ୟନ୍ତ ଏକ ପର୍ଯ୍ୟଟନସ୍ଥଳୀ ଭାବେ ବିକଶିତ କରିବା ଲାଗି କୌଣସି ଉଦ୍ୟମ ହୋଇନାହିଁ। ପର୍ଯ୍ୟଟକଙ୍କ ବିଶ୍ରାମ ଓ ଶୌଚାଦି ଲାଗି ବ୍ୟବସ୍ଥା ମଧ ନାହିଁ। ଏକ ଅଳ୍ପଆଲୋଚିତ ସ୍ଥଳୀ ହୋଇଥିବାରୁ ପ୍ରଶାସନ ତତ୍ପରତା ପ୍ରକାଶ କରିନାହିଁ।

# ଚା'

ଚା'- ଓଠର ଶୋଷ ନା ମନର ଉଷୁମ ଅବସୋସ। ଚା'ରେ ଚହଲି ଯାଏ ଶୀତ, ଚା' ପିଇ ବର୍ଷା ବି ଗାଏ ଗୀତ। କପେ ଚା'ରେ ଫୁର୍ତ୍ତି ହୋଇଯାଏ ମନ, ଉଭେଇ ଯାଏ ଅବସାଦ। ଗରମ ଚା' ଗ୍ଲାସରେ କେବେ ବୁଡିମରେ ଗୁମସୁମପଣ, ବତୁରିଯାଏ ଥକ୍କାପଣ। ଚା' କପର ଆଖି ଠାରରେ ପୁଣି ଅଟକିଯାଏ ଜୀବନ, ବ୍ରେକ୍ ମାରେ ବ୍ୟସ୍ତତା। ତତଲା ତସଲାରେ କ୍ଷୀର ଓ ଚିନିର ଚୋରା ପୀରତି ଖେଳ ଯେବେ ଟକମକ ଫୁଟେ ଆଉ କାଚ ଗ୍ଲାସ ହେଉ କି କାଗଜ ଗ୍ଲାସରେ ଢାଳି ହୋଇଯାଏ ସେବେ ପ୍ରତି କପରେ ଲେଖା ହୁଏ ନିଜକୁ ସିଝେଇ ଅନ୍ୟକୁ ସୁଖ ଦେବାର କବିତା। ନିଜକୁ ପୋଡି ଅନ୍ୟକୁ ପ୍ରୀତି ବାଣ୍ଟିବାର ଗପ। ଓଠକୁ ଛୁଇଁଯିବା ଚା'ର ଧର୍ମ ନା ଚା'କୁ ଓଠ ଖୋଜି ହେବା ଗୋଟେ ନିୟମ। ଚା'ର ଉଷୁମ ପ୍ରେମ ପାଇବାକୁ ଏହାକୁ ଆପଣ ଏକ ବଦଭ୍ୟାସ କହିପାରନ୍ତି କିମ୍ବା ଚା ଗ୍ଲାସର ଗରମ ଛୁଆଁ ପାଇବାକୁ ଏକ ନିତିଦିନିଆ ନିଶା ? ଚା' କିନ୍ତୁ ଓଠର ଆବଶ୍ୟକତା, ଟେନସନ ଫ୍ରିର ଫର୍ମୁଲା, ଦିନ ଆରମ୍ଭର ଉର୍ଜା, ହାଲିଆ ଦେହର ବୁଷ୍ଟର ଡୋଜ୍। ଯାହା କେବଳ ଖାଲି ଶୀତ ନୁହେଁ ସବୁ ଋତୁରେ ଖୋଜାପଡେ। କିନ୍ତୁ ହଁ ଶୀତ ଦିନେ ହାଡଭଙ୍ଗା ଶୀତକୁ ଚେତାବନୀ ଦେବାକୁ ଚା ସମସ୍ତଙ୍କ ହାତରେ ଥାଏ, ଦେହ ଥରିଗଲେ- ଥରିଲା ଓଠ ଚା ପାଖକୁ ଧାଇଁଯାଏ... ଶୀତର ସ୍ୱେଟର ଘୋଡିଥିବା ସହର ଆଉ ଚାଦରରେ ଢାଙ୍କି ହୋଇଥିବା ଗାଁ ବି ଏହି ଶୀତକୁ ଭୋଗିବାକୁ ଚା'ର ଉତ୍ସବ ପାଳେ। ସକାଳେ ସକାଳେ ସହରରେ କମ୍ବଳ ତଳୁ ବାହାରି ଆସି ଛକର ଚା ଦୋକାନରେ ଭିଡ ଜମାନ୍ତି ସହରିଆ। ରକମ ରକମର ଚା ପିଇ ଶୀତକୁ ନିଜନିଜ ଅନ୍ଦାଜରେ ଭୋଗନ୍ତି ସହରର ଲୋକେ। ରାଜଧାନୀ ଭୁବନେଶ୍ୱରରେ ସକାଳ ହେଉ କି ସଞ୍ଜ ଓଠ ଯେବେ ଉଷୁମ ଚା ଖୋଜେ ସେବେ ଏମାନଙ୍କ ଫୁଟନ୍ତା ଚା' କେଟିଲ ପାଖରେ ଜମେ ଲୋକଙ୍କ ଭିଡ... ଖାଲି ଭୁବନେଶ୍ୱର ନୁହେଁ ବାଲେଶ୍ୱରରେ ବି ଶୀତକୁ ଚା କପର ଚେଙ୍କ ଦେଇ ସହରରୁ ଭଗେଇ ଦିଅନ୍ତି ସହରିଆ। କପରୁ ଚା ଓଠ ଯେତେ ଯେତେ ପିଇଥାଏ, କବିର କବିତା ସେତେ ସେତେ ଚା' ଚିତ୍ର ଓ ଚରିତ୍ର ବଖାଣୁଥାଏ... ମାଲକାନଗିରିରେ ସଞ୍ଜ ନଇଁବା କ୍ଷଣି ଲୋକେ ଶୀତ ବସ୍ତ୍ର ପିନ୍ଧି ଶୀତକୁ ଧମକ ଦେବାଭଳି ଚା ତିଆରି କରିବାକୁ ଦୋକାନୀକୁ ବରାଦୀ ଦିଅନ୍ତି। ପିଲାଠୁ ବୁଢା ସମସ୍ତେ ଏଠି ଚା ପିଇବାକୁ ଗହଳି କରନ୍ତି। କୋରାପୁଟ ହେଉ କି ସୁନ୍ଦରଗଡ, ଫୁଲବାଣୀ ହେଉ କି ବାଲିଗୁଡା... ଶୀତକୁ ଭଗେଇବାକୁ ଯେତେ ନିଆଁ ଜାଳି ଭୟ ଦେଖାନ୍ତୁନା କାହିଁକି ଶୀତ କେଉଁ ଡରିବାର ଋତୁ ଯେ, ନିଆଁକୁ ବି ବେଖାତିର କରି ମଣିଷର ଦେହକୁ ଦିଏ ଥରାଇ। କିନ୍ତୁ ଶୀତକୁ କପେ ଗରମାଗରମ ଚା ପିଆଇ ଦେଲେ ଶୀତ ଛାଏଁ ଛାଡିଯାଏ ଆଉ ଗରମ ଚାର ଚକ୍ରବ୍ୟୁହରେ ପଡି ଅଭିମନ୍ୟୁ ପରି ଆହତ ହୁଏ... ବାହାରିବାର ବାଟ ନପାଇ ଶେଷରେ ସେହି ମୁହୂର୍ତ୍ତ ପାଇଁ ଶେଷ ନିଶ୍ୱାସ ତ୍ୟାଗ କରେ ଶୀତ...



# ସାତପଡ଼ାରେ ମିଳେ ନୈସର୍ଗିକ ଆନନ୍ଦ

ପୁରୀ ଜିଲ୍ଲାର ସାତପଡ଼ା।
ପୁରୀଠାରୁ ୫୦ କିଲୋମିଟର
ଭୁବନେଶ୍ୱର ବିମାନ ବନ୍ଦରଠରୁ ୧୨୦ କିଲୋମିଟର
ସାତପଡ଼ା ଯିବାକୁ ହେଲେ ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥରେ ୪୯ କିଲୋମିଟର ଯିବାକୁ ପଡ଼ିବ

ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟର ଗନ୍ତାଘର। ଏହା ଅନନ୍ୟ ପର୍ଯ୍ୟଟନ କ୍ଷେତ୍ର ଭାବେ ପର୍ଯ୍ୟଟନ ମାନଚିତ୍ରରେ। ଇରାୱାଡି ଡଲ୍‌ଫିନ୍ ସାତପଡ଼ାର ମୁଖ୍ୟ ଆକର୍ଷଣ। ସାତପଡ଼ା ଅର୍ଥ: ସାତ (୭) ପଡ଼ା (ଗ୍ରାମ)। ସ୍ଥାନୀୟ ଅଧିବାସୀ ସାଇକେଲ ଓ ଅଟୋରିକ୍ସା ଯୋଗେ ସାତପଡ଼ା ଭ୍ରମଣ କରିବାକୁ ଯାଇଥାନ୍ତି। ଦେଶବିଦେଶରୁ ଆସୁଥିବା ପର୍ଯଟକମାନେ ସାତପଡ଼ାର ଜଳରାଶିରେ ଡଲଫିନ୍‌ର ମଜା ନେବା ସହ ପର୍ଯ୍ୟଟନ ବିଭାଗର ରିସୋର୍ଟସ୍‌ର ଅନୁଭବ ଅନୁପମ। ଅତିଥି ଦେବୋ ଭବଃର ଆତିଥ୍ୟତା ଏଠାରେ ଆଣିଦେଇଥାଏ ଅସରନ୍ତି ଆନନ୍ଦ। ପ୍ରାକୃତିକ ଶୋଭାରାଜିରେ ପର୍ଯ୍ୟଟକ ବିମୋହିତ ହେବା ସହ ପ୍ରକୃତିର ଦିବ୍ୟ ଭାବନା ନେଇ ମନକୁ ତୃପ୍ତି ଲଭିଥାନ୍ତି। ବିଶେଷକରି ସାତପଡ଼ା ଜାତୀୟସ୍ତରରେ ସୁଖ୍ୟାତି ଆଣିଥିବାରୁ ଦେଶବିଦେଶର ପର୍ଯ୍ୟଟକଙ୍କ ସଂଖ୍ୟା ପ୍ରତିବର୍ଷ ଆଶାତିତ ଭାବେ ବଢୁଛି।





# ମନୋଲୋଭା ଉପତ୍ୟକା

# ସାପନାଳ

କନ୍ଧମାଳ ଜିଲ୍ଲାରେ ଏମିତି ଏକ ମନୋଲୋଭା ପର୍ଯ୍ୟଟନସ୍ଥଳ ରହିଛି ଯାହା ଆଜି ପର୍ଯ୍ୟନ୍ତ ଲୋକଲୋଚନକୁ ଆସିପାରି ନାହିଁ। ଏହି ସ୍ୱଳ୍ପଜ୍ଞାତ ମନୋରମ ପ୍ରାକୃତିକ ପର୍ଯ୍ୟଟନ ସ୍ଥଳଟିର ନାମ ହେଉଛି 'ସାପନାଳ'। କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ୍ ଅନ୍ତର୍ଗତ ସଲାଗୁଡ଼ା ଗ୍ରାମ ପଞ୍ଚାୟତର ଟାକାସିଂ ଗ୍ରାମ ଉପକଣ୍ଠରେ 'ସାପନାଳ' ପର୍ଯ୍ୟଟନସ୍ଥଳ ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳରେ 'ନିରବ ଉପତ୍ୟକା' ବୋଲି କହନ୍ତି। ସାପନାଳ ଏକ ପାହାଡ଼ୀ ନଈ। ଟାକାସିଂ ଗ୍ରାମ ସଂଲଗ୍ନ ପାହାଡ଼ ପାଦଦେଶର ପଥୁରିଆ ଶଯ୍ୟା ଦେଇ ନଦୀଟି ବହୁଥିବାର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆନମନା କରିଥାଏ। ଠିକ୍ ଟାକାସିଂ ଗ୍ରାମ ଉପକଣ୍ଠରେ ନଦୀଟି ପାହାଡ଼ ଉପରୁ ତୀବ୍ର ବେଗରେ ତଳକୁ ଭୀମ ଗର୍ଜନ କରି ଲମ୍ଫ ପ୍ରଦାନ କରି ଏକ ଜଳପ୍ରପାତ ସୃଷ୍ଟି କରିଛି। ବଡ଼ ବଡ଼ ପଥର ଖଣ୍ଡ ଦେଇ ସାପନାଳ ନଈଟି ବୁଲେଇ ବଙ୍କେଇ ବହୁଥିବା ବେଳେ ପ୍ରକୃତରେ ସାପଟିଏର ଭ୍ରମ ସୃଷ୍ଟି କରିଥାଏ। ଏହି ଜଳପ୍ରପାତର ଉଭୟ ପାର୍ଶ୍ୱରେ ଥିବା ପାହାଡ଼ ଓ ରାଶିରାଶି ଶାଳ ଜଙ୍ଗଲ ମନରେ ଉନ୍ମାଦନା ସୃଷ୍ଟି କରିଥାଏ। ସାପନାଳ ଜଳପ୍ରପାତକୁ ନେଇ ସ୍ଥାନୀୟ ଅଞ୍ଚଳରେ ଏକ ଲୋକକଥା ଶୁଣିବାକୁ ମିଳିଥାଏ। ଏଠାରେ ମୁଖ୍ୟତଃ କନ୍ଧ ସମ୍ପ୍ରଦାୟର ଆଦିବାସୀମାନେ ବସବାସ କରୁଥିଲେ। ଏକଦା ଜଣେ କନ୍ଧ ରମଣୀ ନିଜର ଶିଶୁପୁତ୍ରକୁ ତା' ପୋଷା କୁକୁର ମାର୍ଫତରେ ନଦୀ କୂଳରେ ଶୁଆଇଦେଇ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥିଲା। କନ୍ଧ ରମଣୀ ଜଙ୍ଗଲରୁ ମହୁଲ ଫୁଲ ସଂଗ୍ରହ କରୁଥାଏ ଏବଂ କୁକୁରଟି ଶିଶୁପୁତ୍ରକୁ ଜଗିଥାଏ। କିନ୍ତୁ ଏତିକି ବେଳେ ଅଜଗର ସାପଟିଏ କେଉଁଠୁ ଆସି ଉଭୟ ଶିଶୁପୁତ୍ର ଓ କୁକୁରକୁ ଗିଳି ପକାଇଲା। ଏହାପରେ ଅଜଗର ସାପଟି ନଦୀ ସୁଡ଼ଙ୍ଗ ଦେଇ କିଛିବାଟ ଆଗରେ ବାହାରିଲା। ସାପଟି ସୁଡ଼ଙ୍ଗ ଦେଇ ଯେଉଁଠାରେ ବାହାରିଲା ସେହି ସ୍ଥାନର ନାମ ହେଉଛି 'ସାପନାଳ'। ଏବେ ବି ନଦୀ ଶଯ୍ୟାରେ ଏକ ପଥର ସୁଡ଼ଙ୍ଗ ରହିଛି ଏବଂ ସାପ ଆକାରର ଏକ ଚିହ୍ନ ରହିଛି। ଅନ୍ୟ ମତରେ, ନଦୀଟି ସାପ ଭଳି ଭୀଷଣ ଅଙ୍କାବଙ୍କା ପଥରେ ଗତି କରୁଥିବାରୁ ଏହାର ନାମ ସାପନାଳ ହୋଇଛି। ସାପନାଳ ନଦୀଟି ପାଣ୍ଡୁଗଡ଼ା, ଗମେରବଡ଼ି, ତର୍କଡ଼ି, ଜକୁ ଆଦି ପାହାଡ଼ର ଛାତି ଚିରି ଅତି ତୀବ୍ର ବେଗରେ ସର୍ପିଳ ଗତିପଥରେ ଆଗକୁ ଆଗକୁ ମାଡ଼ି ଚାଲିଛି। ନଈର କୁଳୁକୁଳୁ ଶବ୍ଦ, ପାହାଡ଼ ଉପରୁ ଖସି ପଡୁଥିବା ଜଳପ୍ରପାତର ଭୀମଗର୍ଜନ ଶବ୍ଦ ଏବଂ ପ୍ରକୃତିର ଶାନ୍ତ ବାତାବରଣ ଏଠାକାର ପରିବେଶକୁ ଭିନ୍ନ ରୂପ ଦେଇଥାଏ।

## କେମିତି ପହଞ୍ଚିବେ ?

ରାଜଧାନୀ ଭୁବନେଶ୍ୱରରୁ କନ୍ଧମାଳ ଜିଲ୍ଲା ସଦର ମହକୁମା ଫୁଲବାଣୀର ଦୂରତା ୨୨୦ କିଲୋମିଟର। ଭୁବନେଶ୍ୱରରୁ ଫୁଲବାଣୀକୁ ରେଳସେବା ନ ଥିବା ବେଳେ ଭଲ ବସ୍ ସେବା କିନ୍ତୁ ରହିଛି। ଫୁଲବାଣୀରୁ ବାଲିଗୁଡ଼ା ୮୫ କିଲୋମିଟର। ବାଲିଗୁଡ଼ାରେ ପହଞ୍ଚିବା ପରେ ଷ୍ଟେଟ୍ ବ୍ୟାଙ୍କ୍ ଛକରୁ ବାରଖମା ରାସ୍ତାରେ ୧୦ କିଲୋମିଟର ଗଲାପରେ ଆପଣ ବାରଖମା ବଜାରରେ ପହଞ୍ଚିବେ। ବାରଖମାରୁ ୫ କିଲୋମିଟର ଗଲାପରେ ସଲାଗୁଡ଼ା ପଞ୍ଚାୟତ ସଦର ମହକୁମାରରେ ପହଞ୍ଚିବେ। ସଲାଗୁଡ଼ାରୁ ୩ କିଲୋମିଟର ଜଙ୍ଗଲିଆ ଓ ପଥୁରିଆ ରାସ୍ତା ଦେଇ ଗଲେ ଆପଣ ସାପନାଳ ପ୍ରାକୃତିକ ପର୍ଯ୍ୟଟନସ୍ଥଳରେ ପହଞ୍ଚିଯାଇ ପାରିବେ।

## ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



ନାଳଗିରି,୧୪।୭(ସଂଚାର ବ୍ୟୁରୋ): ଔପଦା ବ୍ଲକ ଅଧୀନ କାଣ୍ଡଗଡ଼ି ପଞ୍ଚାୟତର କାନପୁରରୁ ନୟାପତଣା ଭାୟା ବେଲପଦା କାଣ୍ଡଗଡ଼ି ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ରାସ୍ତା ନିମ୍ନମାନର ହେବା ସହିତ କାମ ନସରୁଣୁ ସ୍ଥାନେ ସ୍ଥାନେ ଫାଟିବା ସହିତ ଭାଙ୍ଗିଥିବା ଦେଖିବାକୁ ମିଳିଛି। ଗ୍ରାମସଡ଼କ ଉନ୍ନୟନ ବିଭାଗ ଦ୍ୱାରା ୫କୋଟି ୫୨ଲକ୍ଷ ୨୧ହଜାର ଟଙ୍କା ଅନୁଦାନରେ ନିର୍ମିତ ଉକ୍ତ ରାସ୍ତାର ପାର୍ଶ୍ୱରେଥିବା ଗଡ଼ିଆ, ପୋଖରୀ ଆଦିରେ ନିର୍ମାଣ ହୋଇଥିବା ଗାର୍ଡୱାଲ ରାସ୍ତାର ଉଚ୍ଚତା ଠାରୁ କମ୍ ହୋଇଥିବା କାରଣରୁ ପାର୍ଶ୍ୱକରେ ପକା ଯାଇଥିବା ମାଟିସବୁ ବର୍ଷାରେ ଗଡ଼ିଆ ଭିତରକୁ ଚାଲିଯାଉଥିବା ଦେଖିବାକୁ ମିଳିଛି। ଏହାବାଦ କିଛି ବ୍ୟକ୍ତି ସରକାରୀ ରାସ୍ତାକଡ଼ ଜାଗାକୁ ଜବର ଦଖଲରେ ରଖିଥିବାବେଳେ ପ୍ରଶାସନ ଦ୍ୱାରା ଡିମାର୍କେସନ(ଚିହ୍ନଟ) କୁ ମଧ୍ୟ ଖାତିର କରିଛନ୍ତି ଏନେଇ ଗ୍ରାମବାସୀ ମାନେ ଯନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସନ୍ତୋଷଜନକ ଉତ୍ତର ମିଳିନଥିଲା। ତଦନ୍ତପାଇଁ ଆସିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ରାସ୍ତାକାମ ସରିବାକୁ ବସିଲାଣି ଅଥଚ ଯନ୍ତ୍ରୀଜଣକ ସାଇଟକୁ ଆସିନଥିବା ଦେଖିବାକୁ ମିଳିଛି ବୋଲି ଅଭିଯୋଗ ହୋଇଛି। ଫଳରେ ଅସାଧୁ ଉପାୟରେ ଠିକାଦାରଙ୍କ ମନମୁଖୀ କାର୍ଯ୍ୟ ନିର୍ମାଣରୁ ସ୍ଥାନେସ୍ଥାନେ ପକ୍କାରାସ୍ତା ଦବିଯିବା ସହିତ ପିଚୁ ଉଠିଯାଇଥିବା ଦେଖିବାକୁ ମିଳିଛି। ନବନିର୍ମିତ ପୋଲ ବି ଭୁଶୁଡ଼ିଯିବା ସମ୍ଭାବନାକୁ ଏଡାଇ ଦିଆଯାଇନପାରେ। ଏତଦବ୍ୟତୀତ ସ୍ଥାନେସ୍ଥାନେ ରାସ୍ତାର ବାଙ୍କକୁ ୯୦ ଡିଗ୍ରୀ କୋଣରେ କାମହୋଇଥିବା କାରଣରୁ ବେଳେ ବେଳେ ସ୍ଥାନୀୟ ଲୋକେ ଦୁର୍ଘଟଣାର ଶିକାର ମଧ୍ୟ ହେଉଛନ୍ତି।

### ବର୍ଷାରେ ଭାସିଗଲା କୁଚେଣ୍ଡି ନଦୀ କାଠ ପୋଲ

# ଚାନ୍ଦା କରି ସେତୁ ବାନ୍ଧିଲେ ଅଞ୍ଚଳବାସୀ

ଫୁଲବାଣୀ,୧୪।୭ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ର ଲୁଇସିଂ ପଞ୍ଚାୟତ ର ତଳ ଡାଙ୍ଗାଣାମ ନିକଟରେ ଥିବା କୁଚେଣ୍ଡି ନାଳ ର କାଠ ପୋଲ ଗତ ଲଗାଣ ବର୍ଷାରେ ଧୋଇ ହୋଇ ଯିବା ଫଳରେ ଅଞ୍ଚଳ ବାସୀ ଯାତାୟତ ର ଅସୁବିଧା ର ସମ୍ମୁଖୀନ ହେଉଥିଲେ। ପ୍ରତିବର୍ଷ ଏହି କୁଚେଣ୍ଡି ନଦୀ ରେ ଅଞ୍ଚଳ ବାସୀ କାଠ ପୋଲ ନିର୍ମାଣ କରୁଥିବା ବେଳେ ବର୍ଷା ଦିନ ଆସିଲେ କାଠ ପୋଲ ଭାସି ଯାଏ ପୁଣି ଥରେ ଅଞ୍ଚଳ ର ସମୂହ ଅଞ୍ଚଳ ର ଜନସାଧାରଣ ଯାତାୟତ ସମସ୍ୟା ଭୋଗୁଥିବା ବେଳେ ଅଧିକାଂଶ ସମୟରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥାଏ। ଚଳିତ ବର୍ଷ ଗତ ଲଗାଣ ବର୍ଷାରେ କାଠ ପୋଲ ଭାସିଯିବା ପରେ ଆଜି ପୁଣି ଥରେ



ତଳ ଡାଙ୍ଗାଣାମ, ଉପର ଡାଙ୍ଗାଣାମ, ଶାଗଜଲା, ପାନପଡର, କଟଡି ସିରା, ବାଗ ନୁରୀ, ଗୁଲୁ ପଦର, ପିଲି ପଦର, ବାତ ଜୁର, ବୁଗେର ମାସ୍କା, ଲାକା ସିପି, ଭଳି ୧୧ ରୁ ଉର୍ଦ୍ଧ୍ୱ ଗ୍ରାମର ଶତାଧିକ ଜନସାଧାରଣ ନିଜେ ଶ୍ରମ ଦାନ କରିବା ସହ ଚାନ୍ଦା କରି ଦିନ ତମାମ ଜଙ୍ଗଲ ରୁ କାଠ ସଂଗ୍ରହ କରି ପୁଣି ଥରେ କାଠ ପୋଲ ନିର୍ମାଣ କରିଛନ୍ତି। ୨ ଟି ୱାର୍ଡ ର ୨ ସହ ରୁ ଉର୍ଦ୍ଧ୍ୱ ଘର ରହିଥିବା ବେଳେ ଅଙ୍ଗନବାଡି କେନ୍ଦ୍ର ସହ ପ୍ରାଥମିକ ବିଦ୍ୟାଳୟ ମଧ୍ୟ ରହିଛି କାଠ ପୋଲ ନହେଲେ ଯାତାୟତ ପାଇଁ ସମସ୍ୟା ହେଉଥିବା ବେଳେ ବିଭିନ୍ନ ଆବଶ୍ୟକୀୟ କାମରେ ପଞ୍ଚାୟତ କାର୍ଯ୍ୟାଳୟ ହେଉ କି ବ୍ଲକ କାର୍ଯ୍ୟାଳୟ ହେଉ ଏମିତି କି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଠାରୁ ଉଚ୍ଚ ବିଦ୍ୟାଳୟ ପର୍ଯ୍ୟନ୍ତ ସମସ୍ତ ଛାତ୍ର ଛାତ୍ରୀ ମଧ୍ୟ ଏହି କାଠ ପୋଲ ଉପରେ ନିର୍ଭର କରି ଆସୁଛନ୍ତି। ଯାହାକୁ ନେଇଁ କୁଚେଣ୍ଡି ନଦୀରେ କାଠ ପୋଲ ଧୋଇଗଲେ ପୁଣି ଥରେ ଚାନ୍ଦା କରି ଶ୍ରମ ଦାନ କରି କାଠ ପୋଲ ନିର୍ମାଣ କରୁଥିବା କହିଛନ୍ତି କିଛି ଗ୍ରାମବାସୀ। ଦୀର୍ଘ ବର୍ଷରୁ ଏହି କୁଚେଣ୍ଡି ନଦୀରେ ପୋଲ ନିର୍ମାଣ ପାଇଁ ଅଞ୍ଚଳ ବାସୀ ଦାବୀ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ପାରିନାହିଁ। ତୁରନ୍ତ ଏହି ଅଞ୍ଚଳ ବାସୀଙ୍କ ସମସ୍ୟାକୁ ଦୃଷ୍ଟିରେ ରଖି କୁଚେଣ୍ଡି ନଦୀରେ ପୋଲ ନିର୍ମାଣ କରିବାକୁ ଜଳନ୍ଧର ମଲିକ, କିନ ମଲିକ, ଗାମ ମଲିକ, କୃଷ୍ଣ କହ୍ନର, ନାତର ଭୋଇ, ଙ୍କ ସହ ଅଞ୍ଚଳ ବାସୀ ଦାବୀ କରିଛନ୍ତି। ଅନ୍ୟ ପଟେ ଏହି କାଠ ପୋଲ ନିର୍ମାଣ କୁ ନେଇଁ ଗ୍ରାମ୍ୟ ନିର୍ମାଣ ବିଭାଗ ର ବିଭାଗୀୟ ଅଧିକାରୀ ସୁଶୀଳ ମହାନ୍ତି ଙ୍କୁ ପଚାରିବାରୁ ଏହି କୁଚେଣ୍ଡି ନାଳ ରେ ପୋଲ ନିର୍ମାଣ ପାଇଁ ଅନୁଦାନ ଆସିଛି ଏବଂ ଟେଣ୍ଡର ପରେ କାର୍ଯ୍ୟ ଆରମ୍ଭ କରାଯିବ ବୋଲି କହିଛନ୍ତି।

## ଛାତ୍ରୀଙ୍କ ଆଶୁ ଆରୋଗ୍ୟ କାମନା ଦୀପ ପ୍ରଜ୍ୱଳନ



ଭେଡେନ,୧୪।୭(ସଂଚାର ବ୍ୟୁରୋ): ଆଜି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ବରଗଡ଼ ଜିଲ୍ଲା ଭେଡେନ ନଗର ତରଫରୁ କାର୍ଯ୍ୟକର୍ତ୍ତା ମାନଙ୍କ ଦ୍ୱାରା ବାଲେଶ୍ୱର ଫକୀର ମୋହନ ସେନାପତି ସ୍ୱୟଂଶାସିତ ମହାବିଦ୍ୟାଳୟର ପୀଡିତା ଆମ ଭଉଣୀର ଆଶୁ ଆରୋଗ୍ୟ କାମନା କରିବାବା ସିଦ୍ଧେଶ୍ୱର ମନ୍ଦିର ରେ ଭଗବାନଙ୍କ ନିକଟରେ ଦ୍ୱୀପପ୍ରଜ୍ଜ୍ୱଳନ କରାଯାଇଥିଲା ଓ ଏଥିରେ ଓଡିଶା ପଶ୍ଚିମ ପ୍ରାନ୍ତର ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟ ମନୋଜ ପଞ୍ଚମ, ବରଗଡ଼ ଜିଲ୍ଲା ଜିଲ୍ଲା ସହ ସଂଯୋଜକ କ୍ରିସ ଅଗ୍ରୱାଲ, ଭେଡେନ ନଗର ସଭାପତି ରିଜୁ ବାଗ, ଜିଲ୍ଲା ଏସ ଏଫ ଏସ ସଂଯୋଜକ ଅନୁଭବ ପଞ୍ଚଭାୟା, ଜିଲ୍ଲା ସୋସିଆଲ ମିଡ଼ିଆ ସଂଯୋଜକ ଆଦର୍ଶ ଦାସ, ନଗର ଆରକେ ପ୍ରମୁଖ ନିହାରିକା ଲୁହା, ନଗର ଏସ୍ଏଫଡି ପ୍ରମୁଖ ଜିତେନ୍ଦ୍ରିୟ ମେଳି, ନଗର ସୋସିଆଲ ମିଡ଼ିଆ ପ୍ରମୁଖ ଆଲୋକ କର୍ମୀ, ଘଂଟେଶ୍ୱର ମେହେର, ଖିରଞ୍ଜନ୍ ନାୟକ, ପୂର୍ଣ୍ଣିମା କର୍ମକାର୍, ସିମୀ ନାଗ ଓ ଅନ୍ୟାନ୍ୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ଜଳାଶୟରୁ ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର

ବେତନଟୀ,୧୪।୭(ସଂଚାର ବ୍ୟୁରୋ): ଜଳାଶୟରୁ ନିଖୋଜ ଚାଷୀଙ୍କ ମୃତଦେହ ଉଦ୍ଧାର। ଧାନକ୍ଷେତରେ ସାର ସିଞ୍ଚନ କରିବା ପରେ ଘରକୁ ଫେରି ଗାଧୋଇବାକୁ ଯାଇଥିଲେ। କିନ୍ତୁ, ପରେ ଆଉ ଘରକୁ ଫେରିନଥିଲେ। ଆଜି ସକାଳେ ଘରପାଖ ଜଳାଶୟରୁ ଅଗ୍ନିଶମ ବାହିନୀ ତାଙ୍କ ମୃତଦେହ ଉଦ୍ଧାର କରିଛି। ମୃତକ ହେଉଛନ୍ତି ରେଣୁଗାଁ ଗ୍ରାମର ୬୦ ବର୍ଷୀୟ ଲକ୍ଷ୍ମୀଧର ମହାନ୍ତ। ଘଟଣା ରୁ ପ୍ରକାଶ ଲକ୍ଷ୍ମୀଧର ରବିବାର ଧାନକ୍ଷେତକୁ ସାର ସିଞ୍ଚନ କରିବାକୁ ଯାଇଥିଲେ। ଅପରାହ୍ନରେ ଘରକୁ ଫେରିବା ପରେ ଗାଧୋଇବାକୁ ବାହାରି ଯାଇଥିବା ବେଳେ ଆଉ ଘରକୁ ଫେରିନଥିଲେ। ଘରଲୋକେ ଆଖପାଖ ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ ସୁଦ୍ଧା ତାଙ୍କର କୌଣସି ସନ୍ଧାନ ମିଳିପାରିନଥିଲା। ବିଳମ୍ବିତ ରାତି ପର୍ଯ୍ୟନ୍ତ ମଧ୍ୟ ସେ ଘରକୁ ଫେରିନଥିଲେ। ଆଜି ସକାଳେ ଲକ୍ଷ୍ମୀଧରଙ୍କ ମୃତଦେହ ଘରପାଖ ଜଳାଶୟରେ ଭାସୁଥିବାର ଦେଖି ସ୍ଥାନୀୟ ଲୋକେ ପୁଲିସ ଓ ଅଗ୍ନିଶମ ବିଭାଗକୁ ଜଣାଥିଲେ। ଖବରପାଇ ଦମକଳବାହିନୀ ଘଟଣାସ୍ଥଳରେ ପହଞ୍ଚି ପାଣିରୁ ମୃତଦେହ ଉଦ୍ଧାର କରିବାପରେ ବେତନଟୀ ପୁଲିସ ୩୦/୨୫ ରେ ଏକ ଅପମୃତ୍ୟୁ ମାମଲା ରୁଜୁକରିଛି। ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

● ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

## ୮୮ ଅଭିଯୋଗ ଦରଖାସ୍ତ ଗ୍ରହଣ

ସୁବର୍ଣ୍ଣପୁର,୧୪।୭(ସଂଚାର ବ୍ୟୁରୋ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବୀରମହାରାଜପୁର ବ୍ଲକ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ଶ୍ରୀ ନାରାୟଣ ନାଏକ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ସର୍ବମୋଟ ୮୮ (ଆଠାଅଶି) ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୭୮ (ଅଠସ୍ତରି) ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୧୦ ( ଦଶ) ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। କେବଳ ୦୧ (ଏକ) ଗୋଟିଏ ଦରଖାସ୍ତ ରେଡକ୍ରସ ଓ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଚିକିତ୍ସା ନିମନ୍ତେ ଆର୍ଥିକ ସହାୟତା ନିମନ୍ତେ ଗ୍ରହଣ କରାଯାଇଥିବା ବେଳେ ଅନ୍ୟ ଅଭିଯୋଗ ଦରଖାସ୍ତ ଗୁଡ଼ିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗର ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

## ଡୁମାବାହାଲ ଗ୍ରାମରେ ଗ୍ରାମୀଣ ସ୍ୱଚ୍ଛ ସର୍ବେକ୍ଷଣ



ସୁନ୍ଦରଗଡ଼,୧୪।୭(ସଂଚାର ବ୍ୟୁରୋ): ସୋମବାର ଲେଫ୍ରିପରା ବ୍ଲକ ଅନ୍ତର୍ଗତ ଡୁମାବାହାଲ ଗ୍ରାମ ପଞ୍ଚାୟତର ଡୁମାବାହାଲ ଗ୍ରାମରେ ସ୍ୱଚ୍ଛ ସର୍ଭେକ୍ଷଣ ଗ୍ରାମୀଣ-୨୦୨୫ ଅନୁଷ୍ଠିତ ହୋଇଯାଇଛି। ସ୍ୱଚ୍ଛ ସର୍ବେକ୍ଷଣ ଗ୍ରାମୀଣ ହେଉଛି ଭାରତ ସରକାରଙ୍କ ସ୍ୱଚ୍ଛ ଭାରତ ମିଶନ (ଗ୍ରାମୀଣ) ଅନ୍ତର୍ଗତ ଏକ ବାର୍ଷିକ ସର୍ବେକ୍ଷଣ କାର୍ଯ୍ୟକ୍ରମ। ଏହାର ମୂଳ ଲକ୍ଷ୍ୟ ହେଉଛି ଗ୍ରାମୀଣ ସ୍ୱଚ୍ଛତା ସ୍ଥିତି ମୂଲ୍ୟାଙ୍କନ, ଖୋଲାରେ ଶୌଚ କରିବାରେ ରୋକଥାମ, ଏବଂ ଓଡିଏଫ (ଖୋଲା ସ୍ଥାନକୁ ଶୌଚମୁକ୍ତ)ଦ୍ୱାରା ଗ୍ରାମକୁ ସ୍ୱଚ୍ଛ ରଖିବା ଓ ସୁଦୃଢ଼ କରିବା। ଏହି ସର୍ଭେକ୍ଷଣ କାର୍ଯ୍ୟକ୍ରମରେ ନୂଆଦିଲ୍ଲୀର ଏକାଡେମିକ ଅଫ ମେନେଜିଙ୍ଗ ରିସାର୍ଚ ତରଫରୁ ବେଣୁଧର ମହାପାତ୍ର, ସୁମନ୍ତ ତିର୍କୀ ଓ ଜୟନ୍ତ ତିର୍କୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡୁମାବାହାଲ ଗ୍ରାମ ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର ସା, କାର୍ଯ୍ୟନିର୍ବାହ ଅଧିକାରୀ ପାଣ୍ଡବ ପଟେଲଙ୍କ ସହଯୋଗରେ ଲେଫ୍ରିପରା ବ୍ଲକ ସଂଯୋଜକ ରୋଶନ କୁମାର ଉପାଧ୍ୟାୟ ପରିଚାଳନା କରିଥିଲେ।

● ଖଣି ସୁରକ୍ଷା ସପ୍ତାହ ସମାରୋହ

## ୨୦୨୪ରେ କାଶିଆ ଓ ଟେନ୍ସା ମାଇନ୍ସକୁ ଏକାଧିକ ପୁରସ୍କାର ସହ ଜିନ୍ଦଲ ଷ୍ଟିଲର ଚମକତ୍କାର ପ୍ରଦର୍ଶନ




ଯୋଡ଼ା/ବଡ଼ବିଲ,୧୪।୭(ସଂଚାର ବ୍ୟୁରୋ): କାର୍ଯ୍ୟକ୍ଷେତ୍ରରେ ସର୍ବୋଚ୍ଚ ନିରାପତ୍ତା ପାଇଁ ସୁପରିଚିତ ଜିନ୍ଦଲ ଷ୍ଟିଲର କାଶିଆ ଓ ଟେନ୍ସା ମାଇନ୍ସକୁ ୪୨ତମ ଧାତୁ ସମ୍ପନ୍ନ ଖଣି ସୁରକ୍ଷା ସପ୍ତାହ ସମାରୋହ- ୨୦୨୪ରେ ଏକାଧିକ ପୁରସ୍କାର ମିଳିବା, ପୁଣି ଥରେ ସୁରକ୍ଷା ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି। ଖଣି ନିରାପତ୍ତା ନିର୍ଦ୍ଦେଶାଳୟ (ଡିଜିଏମଏସ) ପକ୍ଷରୁ ବଡ଼ବିଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦେଶର ମୋଟ ୧୧୩ଟି ଖଣି ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ଷେତ୍ରରେ ଉଚ୍ଚ ନିରାପତ୍ତା ମାନକକୁ ବଜାୟ ରଖିବା ଏବଂ ଏବଂ ନିରାପଦ କାର୍ଯ୍ୟ ପରିବେଶ ସୁନିଶ୍ଚିତ କରିବା ପାଇଁ ଜିନ୍ଦଲ ଷ୍ଟିଲର ନିରନ୍ତର ଉଦ୍ୟମକୁ ଏହି ପୁରସ୍କାର ଦ୍ୱାରା ସ୍ୱୀକୃତି ମିଳିଛି। ଏହି ସମ୍ମାନ କମ୍ପାନିର ମୂଲ୍ୟବୋଧକୁ ସଶକ୍ତ କରିବା ଏବଂ ନିୟମର ଅନୁପାଳନ ପ୍ରତି ପ୍ରତିବଦ୍ଧତାକୁ ଆହୁରି ମଜଭୁତ କରିଛି। ଗ୍ରୁପ୍ ଏ- ୨ରେ କାଶିଆ ମାଇନ୍ସକୁ ଏକାଧିକ ବର୍ଗରେ ପୁରସ୍କାର ମିଳିଛି। ସାମଗ୍ରିକ ପ୍ରଦର୍ଶନ ପାଇଁ ପ୍ରଥମ ପୁରସ୍କାର, ତାଲିମ, ସ୍ୱାସ୍ଥ୍ୟ ଓ କଲ୍ୟାଣ ବର୍ଗରେ ପ୍ରଥମ ପୁରସ୍କାର, ସାଧାରଣ ଧନ୍ଦାମୂଳକ ପ୍ରଶିକ୍ଷଣ କେନ୍ଦ୍ର ( କାଶିଆ ମାଇନ୍ସ ଅଧୀନ ଏମଡିଓ) ପାଇଁ ଦ୍ୱିତୀୟ ପୁରସ୍କାର ଏବଂ ସୁରକ୍ଷା ପରିଚାଳନା ଯୋଜନା, ନିରାପତ୍ତା ଓ ବୈଧାନିକ ନିୟମ ଅନୁପାଳନ ବର୍ଗରେ ମଧ୍ୟ ଦ୍ୱିତୀୟ ପୁରସ୍କାର ମିଳିଛି। ସେହିପରି ବୃତ୍ତିଗତ ସ୍ୱାସ୍ଥ୍ୟ କେନ୍ଦ୍ର ପାଇଁ ତୃତୀୟ ପୁରସ୍କାର ଏବଂ ଆଗୁଆ ସୂଚନା ବ୍ୟବସ୍ଥା, ଆପତକାଳୀନ ପ୍ରସ୍ତୁତି, ଆପତକାଳୀନ ଅଭ୍ୟାସ ବ୍ୟବସ୍ଥା ଓ ଦୁର୍ଘଟଣା ପରିସଂଖ୍ୟାନ ବର୍ଗରେ ମଧ୍ୟ ତୃତୀୟ ପୁରସ୍କାର ମିଳିଛି।

## ସାହିତ୍ୟ ପରିଷଦ ପକ୍ଷରୁ 'ବର୍ଷା କବିତା ଆସର'




ବ୍ରହ୍ମପୁର,୧୪।୭(ସଂଚାର ବ୍ୟୁରୋ): ସ୍ଥାନୀୟ ଗୋଇଲୁଣ୍ଡୀ ସ୍ଥିତ ଶ୍ରୀରାମ ମନ୍ଦିର ଠାରେ ବ୍ରହ୍ମପୁର ସାହିତ୍ୟ ପରିଷଦ ପକ୍ଷରୁ ' ବର୍ଷା ସାହିତ୍ୟ ଆସର ' ଅନୁଷ୍ଠିତ ହୋଇଯାଇଛି। ବର୍ଷା ସମାଜ ପାଇଁ ଆଶୀର୍ବାଦ, ବର୍ଷାରେ ସାରା ବିଶ୍ୱ ସବୁଜ ରଙ୍ଗରେ ସୁସଜ୍ଜିତ ହୋଇଥାଏ। ଏହି ଋତୁରେ ସାହିତ୍ୟିକ ମାନେ ବର୍ଷାକୁ ନେଇ ଅନେକ ସାହିତ୍ୟ ସୃଜନ କରନ୍ତି ଏବଂ କବି ମାନେ କାବ୍ୟ କବିତା ରଚନା କରି ସମାଜକୁ ସୁମଧୁର କରିଥାନ୍ତି ବୋଲି ବରିଷ୍ଠ ଲେଖକ ଡ ପ୍ରଫୁଲ୍ଲ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। କବି ଜ୍ୟୋସ୍ନା ରାଣୀ ଦେବୀ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ସାହିତ୍ୟ ଓ ବର୍ଷା ତଥା କବିତାର ଗଠନ ଓ କାଳଜୟୀ ସମ୍ପର୍କରେ ନିଜର ଅଭିଭାଷଣ ରଖିଥିଲେ। କବି ସୁଚେତା ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କବି ଓ ସମ୍ପାଦକ ବି ସତ୍ୟମ୍ ଆଚରି ସଂପାଦକୀୟ ପାଠ ସହ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିଥିଲେ। ବିଶିଷ୍ଟ କବି ସୁଶାନ୍ତ ଦାଶଙ୍କ ଦ୍ୱାରା ଅନୁଷ୍ଠିତ ଏହି ବର୍ଷା କବିତା ଆସରରେ ସଂଯୋଜିକା କବି ନିହରୀକା ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠଉତ୍ସବରେ କବି ଗଙ୍ଗାଧର ମହାକୁଡ଼, ପ୍ରମୋଦ କୁମାର ପଣ୍ଡା, ଏ ପ୍ରଶାନ୍ତ ଆଚାରୀ, କାଳୀ ପ୍ରସାଦ ରାଓ, ସୀତାରାମ ପତ୍ର, ମନ ମୋହନ ରଥ, ଅରୁଣ ମୋହନ ପାତ୍ର, ସନ୍ତୋଷ କୁମାର ଦାଶ, ଶରତ କୁମାର ଦାଶ, ତପନ ପଟ୍ଟନାୟକ, ମଧୁସ୍ମିତା ସାହୁ, ସହ ବହୁ କବି କବିତା ପାଠ କରିଥିଲେ। ବରିଷ୍ଠ କବି ପ୍ରଫୁଲ୍ଲ କୁମାର ତ୍ରିପାଠୀ ଧନ୍ୟବାଦ୍ ଅର୍ପଣ କରିଥିଲେ।

● ସାମ୍ବାଦିକଙ୍କ ହତ୍ୟା ଘଟଣା

## ପିଇଡବ୍ଲୁ ମିଡ଼ିଆ ଏସୋସିଏସନର ଦୃଢ଼ ନିନ୍ଦା

ଲାଞ୍ଜିଗଡ଼,୧୪।୭(ସଂଚାର ବ୍ୟୁରୋ): ମାଲକାନଗିରି ଜିଲ୍ଲାର ଜଣେ ଯୁବ ସାମ୍ବାଦିକ ନରେଶ କୁମାରଙ୍କୁ ଅଜଣା ଦୁର୍ବୃତ୍ତମାନେ ଆକ୍ରମଣ କରି ହତ୍ୟା ଘଟଣାକୁ ଦୃଢ଼ନିନ୍ଦା କରିଛି ଲାଞ୍ଜିଗଡ଼ ବ୍ଲକ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ସାମ୍ବାଦିକ ସଂଗଠନ।ଆଜି ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ତରଫରୁ ଏନେଇ ଏକ ଶୋକ ପ୍ରସ୍ତାବ ଆଗତ କରିବା ସହିତ ମୃତ ସାମ୍ବାଦିକଙ୍କ ହତ୍ୟାକାରୀଙ୍କୁ ଚିହ୍ନଟ କରି ଗିରଫ କରିବା ପାଇଁ ଦାବି କରାଯାଇଛି। ସେହିପରି ପରିବାରବର୍ଗଙ୍କୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ପାଇଁ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ ତରଫରୁ ଦାବି କରାଯାଇଛି। ଏପରିକି ଗ୍ରାମାଞ୍ଚଳରେ କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସୁରକ୍ଷା ଯୋଗାଇଦେବା ସହିତ ସାମ୍ବାଦିକ ମାନଙ୍କ ପାଇଁ ମୃତ୍ୟୁ ଓ ଆକସ୍ମିକ ମୃତ୍ୟୁ ଘଟଣାରେ ବୀମାରାଶି ବୃଦ୍ଧି କରିବାକୁ ଦାବି କରିଛି ଲାଞ୍ଜିଗଡ଼ ପିଇଡବ୍ଲୁ ମିଡ଼ିଆ ଏସୋସିଏସନ।

## ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ନଗର ସମ୍ମିଳନୀ

ବେତନଟୀ,୧୪।୭(ସଂଚାର ବ୍ୟୁରୋ): ବେତନଟୀ ସ୍ଥିତ ଦମୟନ୍ତୀ ମଣ୍ଡପ ରେ ବେତନଟୀ ନଗର ସମ୍ମୀଳନୀ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ କୁ ବିଦ୍ୟାର୍ଥୀ ପରିଷଦର ପୂର୍ବତନ ଜିଲ୍ଲା ସଂଯୋଜକ ସାଇରଞ୍ଜନ ଲେଙ୍କା ଙ୍କ ସଂଯୋଜନା ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବରେ ଯୁବ ସଂଗଠକ ଜୀବନ ପରିଡା ଉପସ୍ଥିତ ରହି ଉଦଘାଟନ କରିବା ସହ ଏବିଭିପି ର ଲକ୍ଷ ଓ ଆର୍ଦଶ ବିଷୟରେ ପରାମର୍ଶ ଦେଇଥିଲେ। ସର୍ବପ୍ରଥମେ ଭଉଣୀ ଶୌମ୍ୟଶ୍ରୀ କିପରି ସୁସ୍ଥ ହେବେ ସେ ନେଇ ତାଙ୍କର ଆଶୁ ଆରୋଗ୍ୟ ପାଇଁ ପ୍ରାର୍ଥନା କରିଥିଲେ। ଏହାପରେ ପୂର୍ବ କାର୍ଯ୍ୟକାରୀଣି



ଭଙ୍ଗହେବା ସହ ନୂତନ କାର୍ଯ୍ୟକାରିଣୀ ଘୋଷଣା ହୋଇଛି। ନୂତନ ନଗର ସଭାପତି ଭାବରେ ନରୋତ୍ତମ ମହାନ୍ତ, ସମ୍ପାଦକ ଭାବରେ ରାକେଶ କୁମାର ମହାନ୍ତ, ସହ ସମ୍ପାଦକ ଭାବରେ ରୋନାଲଣ୍ଡ ମହାନ୍ତି, ସ୍ୱସ୍ତିକ ସୁନ୍ଦର ଦାଶ, ଛାତ୍ରୀ ପ୍ରମୁଖ ଭାବରେ ତପସ୍ୱିନୀ ମହାନ୍ତ, ଏସ.ଏଫ.ଡି ପ୍ରମୁଖ ଭାବରେ ରାଜେଶ କୁମାର ବେହେରା ଓ ଛାତ୍ର ସେବା ପ୍ରମୁଖ ଭାବରେ ଜିତେନ୍ଦ୍ର ସେଠୀ ପ୍ରମୁଖ ଙ୍କୁ ଦ୍ୱାୟୀତ୍ୱ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ରେ ବୃକ୍ଷ ରୋପଣ ଓ ରକ୍ତଦାନ ଶିବିର ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଛି। ଏହି କାର୍ଯ୍ୟକ୍ରମ କୁ କେଶବ ନାଥ, ସଞ୍ଜୀବ ଜେନା, ଅଶୋକ ବେହେରା, ଅଭିଜିତ ନାୟକ, ସୌମ୍ୟ ରଞ୍ଜନ ନାୟକ, ଗୌରବ ନାଥ, ଭୈରବ ନାଥ, ଭାଗ୍ୟରଞ୍ଜନ ବେହେରା, ଉମାକାନ୍ତ ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲା ବେଳେ ବେତନଟୀ, ବଡ଼ସାହି, ବୈଶିଙ୍ଗା ମହାବିଦ୍ୟାଳୟ ର ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ସିଆରସିସିଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା



ବୈଶିଙ୍ଗା,୧୪।୭(ସଂଚାର ବ୍ୟୁରୋ): ବୈଶିଙ୍ଗା ଥାନା ଅନ୍ତର୍ଗତ ବାଛୁରୀପଡା କ୍ଲଷ୍ଟର ସିଆରସିସି ଶୈଳେନ୍ଦ୍ର କୁମାର ପଣ୍ଡାଙ୍କ କାର୍ଯ୍ୟକାଳ ଶେଷ ହୋଇଯିବା ପରେ ତାଙ୍କ ସମ୍ମାନ ଉଦ୍ଦେଶ୍ୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ପୁରୁଣିଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଗୋଷ୍ଠୀ ଶିକ୍ଷାଧିକାରୀ ବିପ୍ଳବ କର ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ପଣ୍ଡାଙ୍କ କର୍ମମୟ ଜୀବନର ଉଚ୍ଚ ପ୍ରଶଂସା କରିଥିଲେ । ଅନ୍ୟତମ ଅତିଥି ଭାବେ ସିଂହଡିହ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅତନୁ କୁମାର ପଣ୍ଡା, କେଶୁରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୃତ୍ତିବାସ ପଢ଼ିଆରୀ ଓ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲକ୍ଷ୍ମୀ ସାହୁ ମଞ୍ଚାସୀନ ରହି ବକ୍ତବ୍ୟ ପ୍ରଦାନ କରିଥିଲେ । ମଞ୍ଚାସୀନ ଅତିଥିମାନେ ପୂର୍ବତନ ସିଆରସିସି ଶୈଳେନ୍ଦ୍ର କୁମାର ପଣ୍ଡାଙ୍କୁ ଉତ୍ତରୀୟ ଓ ଫୁଲତୋଡା ଦେଇ ସମ୍ମାନିତ କରିଥିରେ । ଶିକ୍ଷକ ଚିତ୍ତରଞ୍ଜନ ସାହୁ, ମମତା ଦାସ, ଅନ୍ନପୂର୍ଣ୍ଣା ଦାଶବାବୁ, ରବୀନ୍ଦ୍ର ରାଉତ, ସୁବାସ ଜେନା ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତ ନିଜ ନିଜ ବକ୍ତବ୍ୟରେ ପୂର୍ବତନ ସିଆରସିସି ଶ୍ରୀ ପଣ୍ଡାଙ୍କ ସଚ୍ଚୋଟପଣିଆ, କର୍ତ୍ତବ୍ୟନିଷ୍ଠା, ସମୟାନୁବର୍ତ୍ତିତା, ସହଯୋଗୀ ମନୋଭାବର ପ୍ରଶଂସା କରିବା ସହିତ ତାଙ୍କ କାର୍ଯ୍ୟକାଳ ଅନ୍ତେ ଏକ ବିଶାଳ ଶୂନ୍ୟସ୍ଥାନ ସୃଷ୍ଟି ହେଲା ବୋଲି ମତବ୍ୟକ୍ତ କରିଥିଲେ । ହରିପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କର୍ତ୍ତିକ ଚନ୍ଦ୍ର ଦାସ କର୍ଯ୍ୟକ୍ରମରେ ସଭାପତିତ୍ୱ କରିଥିଲେ ।

## ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର

ବେତନଟୀ,୧୪।୭(ସଂଚାର ବ୍ୟୁରୋ): ବେତନଟୀ ମୁଖ୍ୟବଜାର ଧର୍ମଶାଳା ସମ୍ମୁଖସ୍ଥ ବାସଭବନରୁ ଜନୈକ ଯୁବକଙ୍କ ଝୁଲନ୍ତା ମୃତଦେହ ଆଜି ଉଦ୍ଧାର କରିଛି ବେତନଟୀ ପୁଲିସ। ମୃତକ ଜଣକ ହେଉଛନ୍ତି କମଳାକାନ୍ତ ପରିଡାଙ୍କ ୨୭ବର୍ଷୀୟ ପୁଅ ବିଶ୍ୱଜିତ ପରିଡା। ସୂଚନା ମୁତାବକ ବିଶ୍ୱଜିତ ରବିବାର ସନ୍ଧ୍ୟାରେ ଘରକୁ ଫେରି ନିଜ ରୁମରେ କବାଟ ବନ୍ଦକରି ଶୋଇଥିଲା। ଆଜି ସକାଳେ ଉଠିବାରେ ବିଳମ୍ବ ହେବାରୁ ଅଫିସ ଯିବା ସମୟ ହୋଇଯାଉଥିବାରୁ ପରିବାର ଲୋକେ କବାଟ ବାଡେଇଥିଲେ। ମାତ୍ର ବିଶ୍ୱଜିତ କବାଟ ଖୋଲିନଥିଲେ କୌଣସି ଉତ୍ତର ଦେଇନଥିଲେ। ବହୁବାର ଡାକିବା ସତ୍ତ୍ୱେ ବିଶ୍ୱଜିତ କୌଣସି ପ୍ରତିକ୍ରିୟା ନଦେବାରୁ ବ୍ୟସ୍ତ ବିବ୍ରତ ହୋଇ ଘରଲୋକେ ପାଖ ପଡୋଶୀ ଓ ସାଙ୍ଗସାଥୀଙ୍କୁ ଡାକିଥିଲେ। କବାଟ ଭାଙ୍ଗିବା ପରେ ଫ୍ୟାନରେ ବିଶ୍ୱଜିତଙ୍କ ଝୁଲନ୍ତା ମୃତଦେହ ଦେଖି ପୁଲିସକୁ ଖବର ଦେଇଥିଲେ।

## ଜାତୀୟ ରାଜପଥ ପାଲଟିଛି ଗୁହାଳ

କଳାହାଣ୍ଡି, ୧୪।୭(ସଂଚାର ବ୍ୟୁରୋ): ଧର୍ମଗଡ଼ ସହରରେ ବୁଲା ଗୋଲୁଗାଈ ବିପଦର କାରଣ ସାଜିଛନ୍ତି।ସବୁଆଡୁ ତୀବ୍ର ସମାଲୋଚନା ହେବାପରେ ବିଜ୍ଞାପିତ ପରିଷଦ ପ୍ରଶାସନ କିଛିମାସ ତଳେ ବୁଲାଗୋରୁଙ୍କୁ ନେଇ ଗୋଠ ତିଆରି କରି ଗାଈ ଗୋଠରେ ଛାଡ଼ିବା ଫଳରେ ଗୋରୁ ମାଲିକମାନେ ସାମାନ୍ୟ ସଞ୍ଜମ ହୋଇଥିଲେ। ପୁଣି ଏବେ ଢିଲା ଛାଡ଼ିଦେବାରୁ ଗୋରୁପଲ ରାସ୍ତା ଉପରେ ଗୋଠ ପକାଉଛନ୍ତି। ବିଶେଷକରି ବାଳିକା ଉଚ୍ଚବିଦ୍ୟାଳୟ ଛକ ରୁ ପୁରୁଣା ଗୋରୁବଜାର ଛକ ଭଳି ବ୍ୟସ୍ତବହୁଳ ଛକରେ ଗୋରୁପଲ ରାସ୍ତା ଉପରେ ଆରମରେ ଶୋଇ ରହୁଛନ୍ତି। ସେଠାରେ ହିଁ ରାଜପଥରେ ଟ୍ରାଫିକଜାମ୍ ହେଉଛି। କାନଫଟା ହର୍ଣରେ ସାଧାରଣ ଲୋକ ବ୍ୟତିବ୍ୟସ୍ତ ହୋଇ ଯାଉଥିଲେ ମଧ୍ୟ ଏହା ରାସ୍ତା ଉପରେ ଶୋଇଥିବା ଗୋରୁଙ୍କ ପ୍ରତି କୌଣସି ଫରକ ପଡୁନାହିଁ। ମାଲିକମାନେ ନିଜ ଗୋରୁଗାଈଙ୍କୁ ନିୟନ୍ତ୍ରଣ କରୁ ନ ଥିବାରୁ



ସହରସାରା ଏଭଳି ଖୋଲା ଗୋଶାଳା ପାଲଟିଛି। ଦିନ ହେଉ କି ରାତି ଗୋରୁପଲ ଏଭଳି ଭାବେ ରାସ୍ତା ଉପରେ ଗୋଠ କରିବା ଚିନ୍ତାର କାରଣ ପାଲଟିଛି। ସହର ମଧ୍ୟରେ ଚାରିଛକ, ଖେଳପଡ଼ିଆ ଛକ, ତିନି ଛକ ଓ ପୁରୁଣା ଗୋରୁବଜାର ଛକ ଓ ବସଷ୍ଟାଣ୍ଡ ନିକଟରେ ପ୍ରତିରାତିରେ ଗୋରୁପଲ ରାସ୍ତା ଉପରେ ଶୋଇ ରହୁଥିବାରୁ ଭୁବନେଶ୍ୱର, କଟକରୁ ଆସୁଥିବା ବଡ ବଡ଼ ବସ୍ ଗୁଡିକ ସମସ୍ୟାରେ ପଡୁଛନ୍ତି। ବସ୍‌ର ହେଲପରମାନେ ଆସି ଗୋରୁଙ୍କୁ ରାସ୍ତା ଉପରୁ ହଟାଇବାକୁ ଉଦ୍ୟମ କଲେ ସେମାନଙ୍କୁ ମାରିବାକୁ ଗୋଡାଉଛନ୍ତି ଏହି ଗୋରୁପଲ। ଗୋଡ ଲମ୍ବାଇ ଏହି ଗୋରୁମାନେ ଶୋଇ ରହୁଥିବାରୁ ରାତିରେ ଭାରୀଯାନ ଚକ ତଳେ ଚାପିହୋଇ ଗୋଡ ମଧ୍ୟ ହରାଇଛନ୍ତି। ତଥାପି ମାଲିକମାନେ ଏଥିପ୍ରତି ଗୁରୁତ୍ୱ ଦେଉନାହାନ୍ତି। ସକାଳୁ ଗାଈମାନଙ୍କ ଠାରୁ କ୍ଷୀର ସଂଗ୍ରହ କରିବାପରେ ବାଛୁରିଙ୍କୁ ଘରେ ରଖି ଗାଈ ମାନଙ୍କୁ ଖୋଲାରେ ଛାଡି ଦେଉଛନ୍ତି। ଧର୍ମଗଡ଼ ସହରାଞ୍ଚଳରେ ଅନିୟନ୍ତ୍ରିତ ଭାବେ ବୁଲୁଥିବା ଗୋରୁଗାଈଙ୍କୁ ନିୟନ୍ତ୍ରଣ କରିବା ପାଇଁ ବିଜ୍ଞାପିତ ଅଞ୍ଚଳ ପରିଷଦ ପ୍ରଶାସନ କୌଣସି ଠୋସ୍ ପଦକ୍ଷେପ ନେଇନାହିଁ। ଫଳରେ ଗାଈଗୋରୁ ରାସ୍ତାକଡ଼ରେ ପଡ଼ିଥିବା ଜରି, ପଚାସଢ଼ା ପରିବା ଖାଇ ବିଭିନ୍ନ ରୋଗରେ ପଡୁଛନ୍ତି।

## ୫ ଓଭର ଲୋଡ଼ିଂ ପାଉଁଶ ବୋଝେଇ ଗାଡ଼ିରୁ ୪,୧୩ ଲକ୍ଷ ଫାଇନ ଆଦାୟ




ସୁନ୍ଦରଗଡ଼,୧୪।୭ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ଜିଲ୍ଲା କୁଣ୍ଡୁକେଲା ନିକଟରୁ ପାଞ୍ଚଟି ଓଭର ଲୋଡ଼ିଂ ପାଉଁଶ ବୋଝେଇ ଟ୍ରକରୁ ୪ ଲକ୍ଷ ୧୩ ହଜାର ୬୦ ଟଙ୍କା ଆଦାୟ କରାଯାଇଥିବା ସୁନ୍ଦରଗଡ଼ ଜିଲ୍ଲା ଆଞ୍ଚଳିକ ପରିବହନ ପକ୍ଷରୁ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ଝାରସୁଗୁଡ଼ା ବେଦାନ୍ତରୁ ନିର୍ଗତ ବିଷାକ୍ତ ପାଉଁଶକୁ ଶହ ଶହ ହାଇୱା ଗାଡ଼ିରେ ପ୍ରତ୍ୟେକ ଦିନ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ପକାଇ ଦିଆଯାଉଛି। ଏହାକୁ ନେଇ ଅନେକ ସମୟରେ ଲୋକଙ୍କ ମଧ୍ୟରେ ଆକ୍ରୋଶ ଦିନକୁ ଦିନ ବଢ଼ିବାରେ ଲାଗିଛି। ସୁନ୍ଦରଗଡ଼ କୁଣ୍ଡୁକେଲା ଅଞ୍ଚଳରେ ପାଉଁଶ ପଡୁଥିବା ଖବର ପାଇ ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଟ୍ରାଫିକ ଇନ୍ସପେକ୍ଟର ମୁକେଶ କୁମାର ମିଶ୍ର ପହଞ୍ଚି ୫ଟି ଟ୍ରକକୁ ଓଭର ଲୋଡିଂ ବାବଦକୁ ୪ ଲକ୍ଷ ୧୩ ହଜାର ୬୦ ଟଙ୍କା ଫାଇନ୍ କରିବା ସହ ଟ୍ରକ ଗୁଡ଼ିକୁ ସିଜ୍ କରିଛନ୍ତି। ସୂଚନା ଥାଉ କି ପ୍ରତ୍ୟେକ ଦିନ ଝାରସୁଗୁଡ଼ା ବେଦାନ୍ତରୁ ବାହାରୁ ଥିବା ବିଷାକ୍ତ ପାଉଁଶ ସୁନ୍ଦରଗଡ଼ ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଶହଶହ ଗାଡି ପାଉଁଶ ଆଣି ସରକାରୀ ଓ ବେସରକାରୀ ଜମିରେ ପକାଉଛନ୍ତି ଆଉ ଏ ବିଷୟରେ ପ୍ରଶାସନ ପାଖରେ କିଛି ଖବର ନାହିଁ। କିଛି ଦିନ ପୂର୍ବେ ଭସ୍ମା ଥାନା ଅନ୍ତର୍ଗତ ନିଆଳିପାଲି ଅଞ୍ଚଳରୁ ୧୭ ଟି ପାଉଁଶ ବୋଝେଇ ଗାଡ଼ିରୁ ୭ ଲକ୍ଷରୁ ଅଧିକ ଟଙ୍କା ଫାଇନ ଆଦାୟ କରିଥିଲା ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ। ଯେତେବେଳେ ବି ପାଉଁଶ ବୋଝେଇ ଗାଡିକୁ ଯାଞ୍ଚ କରା ଯାଉଛି କୌଣସି ଗାଡିର ଓଜନ ସ୍ଲିପ ନାହିଁ।